Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୦ ଶ
ଖ ୧୧ ସଂଖ୍ୟା

ତା ୧୭ ତଣ ମାହେ ମାର୍ଚ ସନ ୧୮୯୫ ଇସ୍ବୀ । ମୁ । ଶ ୪ ଇ ଚୈତ୍ର ସନ ୧୩୦୨ ସାଲ ଶନିବାର ।

ଅଗ୍ରିମ ବାର୍ଷିକମୂଲ୍ୟ ଟ ୩
ପଶ୍ଚାଦେୟ ଟ ୬

## ବିଜ୍ଞାପନ

ଓଡ଼ିଆ
ସନ ୧୮୯୫।୯୬ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପୂର୍ବ-ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।

ବଡ଼ ଖଣ୍ଡ ଟ ୦।୵ ଡାକମାସୁଲ ଟ ୦/
ଛୋଟ ଖଣ୍ଡ ଟ ୦/ ଡାକମାସୁଲ ଟ ୦୵

ବିଜୟନଗରର ମହାରାଜା ନଗରର ମହାରାଜା ମାନ୍ୟାଳ ଇଷ୍ଟ୍ରି ଭିକ୍ଟୋରିଆ ଜାଣ୍ଟୁବୋଷ୍ଟା-ହାସପାତାଲ ନାମକ ଚିକିତ୍ସାଳୟକୁ ଦଶସହସ୍ର ଟଙ୍କା ଦାନ କରିବାର ଅବଗତ ହୋଇ ଶ୍ରୀମତୀ ଭାରତେଶ୍ବରୀ ତାହାଙ୍କୁ ଧନ୍ୟବାଦ ଦେଇ ଅଛନ୍ତି ଏବଂ ସେହି ଉଚ୍ଚ ଦାନ ଶ୍ରୀମତୀ ଭାରତେଶ୍ବ-ରୀଙ୍କ ଜ୍ୟେଷ୍ଠ ପୁତ୍ରଙ୍କର ନବକୁମାର ଜନ୍ମହେବା ଘଟନା ଉପଲକ୍ଷରେ ଉତ୍ସର୍ଗିତ ହୋଇଥିବାରୁ ଅଧିକତର ଆନନ୍ଦିତ ହେବାର ପ୍ରକାଶ କରି-ଅଛନ୍ତି ।

---

ଏ ନଗରର ଦୋଳଯାତ୍ରା ଗତ ମଙ୍ଗଳବାର ଶେଷ ହେଲା । ପର୍ବର ସମାରୋହ ପୂର୍ବଠାରୁ ଊଣା ପଡ଼ିଥିଲେହେଁ ବର୍ତ୍ତମାନ ଖାଦ୍ୟଦ୍ରବ୍ୟର ମୂଲ୍ୟବୃଦ୍ଧି ଯୋଗୁ ଦେଶର ଟଙ୍କା ଊଣା ଥିବାରୁ ହୋଲିଆଙ୍କର ଆମୋଦ ବହୁତ ଅଧିକ ଦେଖା ଯାଇ ଥିଲା । ବହୁଲୋକମାନେ କଟକ ସହରବାସିଙ୍କ ଆ-ମନ୍ତ୍ରଣମତେ ଦୁଇସ୍ଥାନ ସେଠାରେ ସମ୍ମିଳିତ ହୋଇ ପ୍ରଥମତଃ ନାଟକାଭିନୟ ଓ ୨ୟ ସ୍ଥଳ ନୃତ୍ୟ-ଗୀତାଦିର ଦର୍ଶନ ଓ ଶ୍ରବଣଦ୍ବାରା ଆନନ୍ଦ ଉପଭୋଗ କରିଥିଲେ । କଟକ ସହରବାସି ଏଠାରେ ନ ଥିଲେ ଏ ନଗରବାସୀ ବହୁଲୋକମାନେ ପ୍ରାୟ କୌଣସି ପର୍ବର କଥା ଜାଣି ପାରୁ ନ ଥାନ୍ତେ

---

ବିଲାତର ଟାଇମସମ୍ବାଦରୁ ପ୍ରକାଶ ଯେ ବମ୍ବେଇର ଭୂତପୂର୍ବ ଗବର୍ଣ୍ଣର ଲର୍ଡ ହାରିସ ବା-ହାଦୁର ଚଳିତମାସ ତା ୭ ଦିନରେ ବିଲାତରେ ପହଞ୍ଚିଅଛନ୍ତି । ସେ ଅପଣା ପରିବାରଙ୍କ ରେଲ-ଷ୍ଟେସନରେ ଉପସ୍ଥିତ ହେବା କାଳରେ ସେଠା ଲୋକମାନେ ତାହାଙ୍କୁ ବହୁ ସମାଦର କରି ତାହାଙ୍କ ଘର ପର୍ଯ୍ୟନ୍ତ ନେଇଯାଇ ଅଭିନନ୍ଦନ-ପତ୍ର ପ୍ରଦାନ କରିଥିଲେ । ତହିଁ ଉତ୍ତରରେ ଲର୍ଡ ବାହାଦୁର କହିଲେ ଯେ ବମ୍ବେଇ ବାସିମାନେ ତାହାଙ୍କୁ ବିଦାୟକାଳରେ ଯେଉଁ ଅନୁରାଗ ପ୍ରକାଶ କରିଅଛନ୍ତି ତାହା ସେ କେବେ ପାସୋରିବେ ନାହିଁ ।

---

ବାମଣ୍ଡାର ରାଜା ସୁଢ଼ଳଦେବ କେ, ସି, ଆଇ, ଇ ଉପାଧି ପ୍ରାପ୍ତ ହୋଇଥିବାରୁ ଉପାଧି ବିତରଣ-ଦରବାରରେ ଉପସ୍ଥିତ ହେବା କାରଣ ଅପ-ଣାର ଜ୍ୟେଷ୍ଠପୁତ୍ର ଯୁବରାଜ ସଚ୍ଚିଦାନନ୍ଦ ଦେ-ବଙ୍କୁ ସଙ୍ଗେ ନେଇ କଲିକତା ଯାଇଥିଲେ । ସ୍ବୟଂ ବଡ଼ଲାଟ ମହୋଦୟ ଚଳିତମାସ ତା ୭ ଦିନରେ ଗବର୍ଣ୍ଣମେଣ୍ଟ ଗୃହରେ ଦରବାର କରି ଉପାଧି ବିତରଣ କରିଅଛନ୍ତି । ବାମଣ୍ଡାର ରାଜାଙ୍କ ଉ-ପାଧି ଲାଭରେ ଯେ ଆମ୍ଭମାନଙ୍କ ଦେଶର ଗୌ-ରବ ବୃଦ୍ଧି ହେଲା ଏଥିରେ ସନ୍ଦେହ ନାହିଁ । ଭରସା କରୁଁ ରାଜା ମହୋଦୟ ଅଦ୍ଭୁତ ଗୌ-ରବାନ୍ୱିତ ହେବେ ଏବଂ ଓଡ଼ିଶାର ଅନ୍ୟାନ୍ୟ ରାଜାମାନେ ଏହାଙ୍କ ଅନୁକରଣ କରି ଉଚ୍ଚସମ୍ମାନ-ଲାଭର ଚେଷ୍ଟା କରିବେ ।

---

ଚୀନ ଜାପାନ ଯୁଦ୍ଧ ପୂର୍ବ ପ୍ରାୟ ଲାଗିରହି ଅଛି । ଏବଂ ଜାପାନମାନେ କ୍ରମାଗତ ଜୟ ଲାଭକରି ଅଗ୍ରସର ହେଉଅଛନ୍ତି । ସନ୍ଧିସମ୍ବନ୍ଧରେ ଏମନ୍ତ ପ୍ରକାଶ ପାଇଅଛି ଯେ ଚୀନଦୂତ ଲିହଙ୍ଗ ଚଙ୍ଗ ସନ୍ଧିପତ୍ର ଜାପାନ ଗବର୍ଣ୍ଣମେଣ୍ଟ ହସ୍ତେ ଅର୍ପଣ-ନିମିତ୍ତ ଲିଖନ କରି ଅଛନ୍ତି ଏବଂ ଦୂତ-ମହାଶୟ ଚୀନରୁ ହିରୋସିମାକୁ ଯାତ୍ରା କରି ଅଛନ୍ତି ।

ଜାପାନ ଅଂଶୁଗାଓରେଙ୍ଗ ନାମକ ସ୍ଥାନ ଅଧି-କାର କରିଅଛି । ହାଇଚଙ୍ଗ ନଗର ପୁନଃ ପ୍ରାପ୍ତ ହେବାକାରଣ ଚୀନ-ସେନା ଚେଷ୍ଟା କରିଥିଲେ ମାତ୍ର ଜାପାନସେନା ସେମାନଙ୍କୁ ହଟାଇ ଦେଲେ

Digitized by srujanika@gmail.com

ଅଛନ୍ତି । ଅଥଚ ଯୁଦ୍ଧରେ ଚୀନର ମୃତ୍ୟୁ ସଂଖ୍ୟା ହ ୨୦୦ ଣ ଏବଂ ଜାପାନର ହ ୨୬୦ ଣ ।

---

ସନ ୧୮୯୪ ସାଲରେ ସାଢ଼େ ଦୁଇକୋଟି ଟଙ୍କା ମୂଲ୍ୟର ରୂପା ଭାରତବର୍ଷକୁ ନିଟ ଆମଦାନୀ ହୋଇଥିଲା ଏବଂ ସେହିବର୍ଷ ନିଟ ଦୁଇ କୋଟି ଟଙ୍କା ମୂଲ୍ୟର ସୁନା ଭାରତବର୍ଷରୁ ରପ୍ତାନୀ ହୋଇଥିଲା । ଏଥିରୁ ସ୍ଥୂଳରେ ଏହି ସିଦ୍ଧାନ୍ତ ହେଉଅଛି କି ଭାରତବାସିମାନେ ସେହି ପରିମାଣ ସୁନା ହାତରୁ ଛାଡ଼ିଦେଇ ତହିଁ ବଦଳରେ ରୂପା କିଣିଅଛନ୍ତି । ସାଧାରଣ ନିୟମରେ ସୁନାର ଆଦର ଏ ଦେଶରେ ସର୍ବଦା ଅଧିକ ଏବଂ ପ୍ରାଚୀନକାଳରୁ ପ୍ରଚଳିତ । ବର୍ତ୍ତମାନ ସୁନାର ମୂଲ୍ୟ ଅତ୍ୟନ୍ତ ଅଧିକ ଦେଖି ଲୋକେ ତାହା ବିକି ଦେଉଥିବାର ଜଣାଯାଏ । ଏହା ଦେଶର ଦାରିଦ୍ର୍ୟର ପରିଚୟ ଭିନ୍ନ ଆଉ କିଛି ନୁହେ । ସଙ୍ଗତି ଥିଲେ ସୁନା ପରି ଆଦରର ପଦାର୍ଥକୁ କେହିହେଁ ଛାଡ଼ନ୍ତେ ନାହିଁ ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦର ସହିତ ବାଙ୍ଗାଲୀର ସମ୍ପାଦକମାନଙ୍କରେ ପାଠକଙ୍କୁ ଜ୍ଞାତ କରୁଅଛୁ ଯେ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବି, ଦେଙ୍କ ଉଦ୍ୟମରେ ଭିନ୍ନ ଜିଲ୍ଲାରେ କୋଅପରେଟିଭ ଭାବରେ କୋଟିଏ ସମାଜ ସ୍ଥାପିତ ହୋଇଅଛି । ଏଥିର ଉଦ୍ଦେଶ୍ୟ ଉଦ୍ଧରଣ ବାଙ୍ଗାଲୀ ସମ୍ପାଦକମାନଙ୍କୁ ସ୍ଥାନାନ୍ତରରେ ଉଦ୍ଧୃତ ହେଲା । ବଳାତ୍କାରମନ୍ତ୍ରେ ବାଲେଶ୍ୱର ପର୍ଯ୍ୟନ୍ତରୁ ପ୍ରସିଦ୍ଧ । ତାହା ଦୂର କରି ସକଳଶ୍ରେଣୀର ଲୋକଙ୍କ ମଧ୍ୟରେ ସଦ୍ଭାବ ସ୍ଥାପନାଭିପ୍ରାୟରେ ମାଜିଷ୍ଟ୍ରେଟ ସାହେବଙ୍କ ମତରେ ଏହି ସମାଜ ସ୍ଥାପନର କଳ୍ପନା ଉଦୟ ହୋଇଥିଲା ସନ୍ଦେହ ନାହିଁ । ସମ୍ପ୍ରତି ତାହା କାର୍ଯ୍ୟରେ ପରିଣତ ହେବାରୁ ଆଶା ହେଉଅଛି ଯେ ଏହାଦ୍ୱାରା ଶାନ୍ତି ମଙ୍ଗଳ ଲାଭ ହେବ ଏବଂ ସକଳଶ୍ରେଣୀର ଲୋକେ ଏକତ୍ରରେ ବସି ପରସ୍ପର ସମାଜିକତା ବୃଦ୍ଧି ସଙ୍ଗେ ସଙ୍ଗେ ହିତକରକାର୍ଯ୍ୟ ମଧ୍ୟ କରିବାକୁ ସମର୍ଥ ହେବେ ।

---

ବର ଆନନ୍ଦେସାନ୍ତ ଯେ ବ ଏଥିପୂର୍ବେ ଭାରତବର୍ଷର ନାନା ସ୍ଥାନ ଭ୍ରମଣ କରି ହିନ୍ଦୁଧର୍ମର ସପକ୍ଷରେ ବକ୍ତୃତାମାନ ପ୍ରଦାନ କରିଥିଲେ ପୁନର୍ବାର ଏ ଦେଶକୁ ଅସି ବକ୍ତୃତା ପ୍ରଦାନ କରୁଅଛନ୍ତି । ପଞ୍ଜାବରେ ସେ ଯେଉଁ ଶୃଙ୍ଖଳିତ ବକ୍ତୃତା କରିଥିଲେ ସେଠା ସମ୍ବାଦପତ୍ରରେ ତହିଁର ବିଶେଷ ପ୍ରଶଂସା ପ୍ରକାଶିତ ହୋଇଅଛି । ଗତ ସପ୍ତାହରେ ସେ କଲିକତାର ପ୍ରଧାନ ସ୍ଥାନମାନଙ୍କରେ ଧର୍ମ ଓ ନୀତି ବିଷୟକ ବକ୍ତୃତାମାନ ପ୍ରଦାନ କରିଥିଲେ । ୪ ଟା ଠାରୁ ଗୃହପଣା ପର୍ଯ୍ୟନ୍ତ ଉଚ୍ଚ ଓ ମଧ୍ୟଶ୍ରେଣୀର ଟିକଟ ଦ୍ୱାରା ପ୍ରବେଶର ନିୟମ ହୋଇ ସୁଦ୍ଧା ଶ୍ରୋତାଙ୍କ ସଂଖ୍ୟା ଏକ ସ୍ଥାନରେ ଦୁଇ ସହସ୍ର ପର୍ଯ୍ୟନ୍ତ ହୋଇଥିଲା । ଏଥିରୁ ଜଣା ଯାଏ ଯେ ତାଙ୍କ ବକ୍ତୃତା ଶୁଣିବାକୁ ଲୋକଙ୍କର ସମ୍ପୂର୍ଣ୍ଣ ଆଗ୍ରହ ହୋଇଅଛି ଏବଂ ଆମ୍ଭେମାନେ ଆଶା କରୁ ଯେ ଏହି ଆଗ୍ରହ କ୍ଷଣିକ ନ ହୋଇ ଧର୍ମଚର୍ଚ୍ଚାର ପ୍ରବୃତ୍ତି ବଢ଼ାଇବ ।

---

ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ ଯେ ମାସିକ ଦୁଇଶତ ଏବଂ ତଦୂର୍ଦ୍ଧ୍ୱ ବେତନର ଯେ ସମସ୍ତ କାର୍ଯ୍ୟରେ ଦେଶୀୟ ଲୋକଙ୍କୁ ନିଯୁକ୍ତ କରିବାର ନିୟମ ଅଛି ସେ ସବୁ ପଦରେ ପ୍ରାଦେଶିକ ଶାସନକର୍ତ୍ତାମାନେ ଅଳ୍ପକାଳ ନିମନ୍ତେ ସ୍ୱଦେଶୀ ଅପରଲୋକଙ୍କୁ ଇଣ୍ଡିଆ ଗଭର୍ଣ୍ଣମେଣ୍ଟଙ୍କ ମଞ୍ଜୁରି ନ ନେଇ ନିଯୁକ୍ତ କରି ନ ପାରିବା ବିଷୟରେ ଅବସ୍ଥା ହୋଇଅଛନ୍ତି । କିନ୍ତୁ ଏଥିମଧ୍ୟରେ ବିଲାତସ୍ଥ ଭାରତୀୟ ସେକ୍ରେଟେରୀ ଆଦେଶ ଦେଇଅଛନ୍ତି କି ବିଶେଷ ପ୍ରୟୋଜନ ସ୍ଥଳେ ପ୍ରାଦେଶିକ ଶାସନକର୍ତ୍ତାମାନେ ସେ ସବୁ ପଦରେ ଇଉରୋପୀୟମାନଙ୍କୁ ଅଳ୍ପକାଳ ନିମନ୍ତେ ନିଯୁକ୍ତ କରିପାରିବେ । 'ବିଶେଷ ପ୍ରୟୋଜନ' ର ବିଚାର ଶାସନକର୍ତ୍ତାଙ୍କ ଇଚ୍ଛାଉପରେ ନିର୍ଭର କରେ ଏବଂ ତହିଁର ସୁବିଧା ନେଇବା ସହଜ ନୁହେ । ସୁତରାଂ ପ୍ରାଦେଶିକ ଶାସନକର୍ତ୍ତାଙ୍କ ଅନୁଗ୍ରହ ନ ହେଲେ ଦେଶୀୟ ଲୋକମାନେ ସକଳ ସ୍ଥଳରେ ସୁବିଧା ପାଇପାରିବେ ନାହିଁ ।

---

ବାଣିଜ୍ୟିକ ଲୋକମାନେ ଜେଲଖାନାକୁ ଦଣ୍ଡଭୋଗର ସ୍ଥାନ ଜ୍ଞାନ ନ କରି ବିଳାସର ସ୍ଥାନ ମନେ କରନ୍ତି ଏବଂ ଜେଲଖାନାକୁ ଯାଇ ନିଶ୍ଚିନ୍ତ ହୋଇ ମୁଠାଏ ଖାଇବାକୁ ପାଇବା ଆଶାରେ ସାମାନ୍ୟ ଦୋଷ ସଂକ୍ରାନ୍ତ ଜେଲରୁ ଚେଷ୍ଟା କରନ୍ତି । ସେଠା ଡେପୁଟି ଲୋକମାନଙ୍କର ଏ ପ୍ରବୃତ୍ତି ଦେଖି ପଞ୍ଜାବ ମାଜିଷ୍ଟ୍ରେଟଙ୍କଠାରେ ଆଦେଶ ପ୍ରଚାର କରୁ ଅଛନ୍ତି କି ଯେଉଁସ୍ଥଳେ ଲୋକମାନେ ଅର୍ଥଦଣ୍ଡ ଦେବାକୁ ଅକ୍ଷମ ଥିବାର ବିବେଚିତ ହେବେ ସେ ସ୍ଥଳେ ସେମାନଙ୍କ ଅପରାଧର ଗୁରୁତ୍ୱ ଦଣ୍ଡବିଧି ଅନୁସାରେ କରି ବେତ୍ରାଘାତ ଦଣ୍ଡର ବିଧାନ କରିବେ ଯେ ତାହା ହେଲେ ସେମାନେ ଜେଲଖାନାକୁ ଯିବା ଅଭିପ୍ରାୟରେ ଚେଷ୍ଟା କରିବାକୁ ପ୍ରବୃତ୍ତ ହେବେ ନାହିଁ । ଗରିବ ଲୋକମାନେ ଖାଇବାକୁ ନ ପାଇଲେ ଜେଲକୁ ଯିବାର ବାଟ ଦେଖନ୍ତି । ବେତ୍ରାଘାତ ଦଣ୍ଡଦ୍ୱାରା ଏମାନେ ନିରସ୍ତ ହେବେ କି ?

---

ଡା: କେଶର ମହାନ୍ତିଙ୍କ ଯେଉଁ କଲିକତା ହାଇକୋର୍ଟରେ ଯେଉଁ ଅପିଲ ହୋଇଥିଲା ଗତ ତା ୨ ଦିନରେ ତାହା ନିଷ୍ପତ୍ତି ହୋଇଅଛି । ହାଇକୋର୍ଟର ମାନ୍ୟବର ଜଜମାନେ ଏକ ଦୀର୍ଘ ନିଷ୍ପତ୍ତି ପ୍ରଦାନ କରିଅଛନ୍ତି । ତହିଁର ମର୍ମ ଏହି କି ମୃତ ମହନ୍ତ ମାଧବ ଗିରି ଯେଉଁ ଉଇଲ ଲେଖି ଦେଇ ଥିଲେ ଏବଂ ତହିଁରେ ଯଜ୍ଞେଶ୍ୱର ଗିରିଙ୍କୁ ମହନ୍ତ ନିଯୁକ୍ତ କରିଥିଲେ ସେହି ଉଇଲ ଜାଲ ଥିବା ବିଷୟର ପ୍ରମାଣ ଆଦୌ ବିଶ୍ୱାସଯୋଗ୍ୟ ନୁହେ । ସୁତରାଂ ଅପିଲ ଡିସମିସ ହେଲା ଏବଂ ଯଜ୍ଞେଶ୍ୱର ଗିରିଙ୍କୁ ପ୍ରୋବେଟ ଦସ୍ତାବିଜର ଆଦେଶ ହେଲା । ରେସପଣ୍ଡେଣ୍ଟମାନେ ଅପିଲାଣ୍ଟଙ୍କୁ ଖରଚ ଦେବେ ଓ ଖରଚର ଯେଉଁ ଅଂଶ ସେମାନଙ୍କଠାରୁ ଆଦାୟ ହେଉ ନ ପାରିବ ତାହା ମାହାଲରୁ ଆଦାୟ ହେବ । ଅପିଲାଣ୍ଟ ପକ୍ଷରେ ପାଲି ବାନର୍ଜ୍ଜୀ ଓ ମିତ୍ର ସାହେବମାନେ ବାରିଷ୍ଟର ଓ ପାଇକଣ ଉକିଲ ଥିଲେ । ସୁତରାଂ ଏମାନଙ୍କର ପରିଶ୍ରମ ସଫଳ ହୋଇଅଛି । ଅର୍ଥଶାସ୍ତ୍ର ହେ-ବେ.ଉଲ ସମ୍ପତ୍ତି ଆରବେଷ୍ଟରଙ୍କର ମାତ୍ର ସେତ ଗୋଲାନାଥ, ଯାହା ଉପରେ ଅନୁଗ୍ରହ ହେଲା ତାହାକୁ ଅପଣା ଉତ୍ତରରୁ ଦେଲେ ।

---

ଭାରତ ଗଭର୍ଣ୍ଣମେଣ୍ଟଙ୍କ ହୋମଡିମେଣ୍ଟର ସର ଆର୍ଚ୍ଚିବାଲ୍ଡ ମାକଡୋନେଲ ଯେ କ ଗତବର୍ଷ ଅଳ୍ପକାଳ ନିମନ୍ତେ ବଙ୍ଗଳାର ଏକ୍ଟିଂ ଲେଫ୍ଟନାଣ୍ଟ ହୋଇଥିଲେ ବର୍ତ୍ତମାନ ଉତ୍ତର ପଶ୍ଚିମାଞ୍ଚଳ ଲେଫ୍-ଟନାଣ୍ଟଗଭର୍ଣ୍ଣରଙ୍କ ପଦ ପ୍ରାପ୍ତ ହେବେ । ଏହି ସମୟରେ ସର ଏଣ୍ଟନି ମ୍ୟାକଡୋନେଲ ଅବସର ନେବାରୁ ସେହିପଦରେ ମନୋନୀତ ହୋଇଅଛନ୍ତି ଏବଂ ଶୀଘ୍ର ଉକ୍ତପଦର ଭାରଗ୍ରହଣ କରିବେ । ସର ଆର୍ଚ୍ଚିବାଲ୍ଡ ମେକଡୋନେଲ

ଜଣେ ସିଭିଲିଅନ ଅଟନ୍ତି । ସେ ପ୍ରାୟ ବତିଶବର୍ଷ-ହେଲା ଏଦେଶକୁ ଆସିଷ୍ଟାଣ୍ଟ କଲେକ୍ଟର ହୋଇ ଆସି କ୍ରମେ ଜଜ ମାଜିଷ୍ଟ୍ରେଟ ପର୍ଯ୍ୟନ୍ତ ଉନ୍ନତ ପାଇ ବିଶେଷ ଯୋଗ୍ୟତାର ପରିଚୟ ଦେବାରୁ ବଙ୍ଗୀୟ ଓ ଭାରତୀୟ ଗବର୍ଣ୍ଣମେଣ୍ଟଙ୍କର ସେକ୍ରେଟେରୀ ପଦରେ ଯଥା କ୍ରମରେ ନିଯୁକ୍ତ ହୋଇଥିଲେ ଏବଂ ମଧ୍ୟପ୍ରଦେଶର ଓ ବ୍ରହ୍ମାର ଚିଫକମିସନର ମଧ୍ୟ ହୋଇଥିଲେ । ବଙ୍ଗଳାର ଲେଫ୍‌ଟନାଣ୍ଟ ଗବର୍ଣ୍ଣର ପଦରେ ଏକ୍‌ଟିଂ ଥିବା ସମୟରେ ତାହାଙ୍କ କାର୍ଯ୍ୟ-ରେ ସର୍ବସାଧାରଣ ପ୍ରୀତ ହୋଇଥିଲେ । ଉତ୍ତର ପଶ୍ଚିମ ପ୍ରଦେଶ-ବାସିମାନେ ତାହାଙ୍କୁ ଶାସନକର୍ତ୍ତା ସ୍ୱରୂପ ଲାଭକରି ସୁଖୀ ହେବେ ସନ୍ଦେହ ନାହିଁ । ଆମ୍ଭେମାନେ ତାହାଙ୍କୁ ବଙ୍ଗଳାର ସ୍ଥାୟୀ ଲାଟପଦରେ ଦେଖିବାକୁ ଯାହା ଆଶା କରିଥିଲୁଁ ତାହା ବ୍ୟର୍ଥ ହେଲା ।

---

ଗୟାସ୍ଥିତ ବୌଦ୍ଧମନ୍ଦିରର ସତ୍ତ୍ୱାଧିକାର ଯୋଗ ନେଇକରି ହେଲା ହିନ୍ଦୁ ଓ ବୌଦ୍ଧଙ୍କ ମଧ୍ୟରେ ବିବାଦ ଲାଗିଅଛି । ଏ ମନ୍ଦିର ବହୁକାଳରୁ ହିନ୍ଦୁ ମହନ୍ତଙ୍କ ଅଧୀନରେ ଥିଲା । ବର୍ତ୍ତମାନ ବୌଦ୍ଧମାନେ ତାହାକୁ ଦାବି କରନ୍ତି । ଏଣ୍ଟ୍ରମଧ୍ୟରେ ଗୟା ମହାବୋଧିସଭାର ସମ୍ପାଦକ ଷ୍ଟେଟସମାନ ସମ୍ବାଦପତ୍ରରେ ଏହି ମର୍ମର ଏକ ତାରସମ୍ବାଦ ପ୍ରକାଶ କରି ଅଛନ୍ତି ଯେ ବୁଦ୍ଧଗୟାର ମହାବୋଧିମନ୍ଦିରରେ ବୌଦ୍ଧ ପୁରୋହିତମାନେ ଉପାସନା କରିବା ସମୟରେ କେତେଜଣ ମହନ୍ତ ସନ୍ନ୍ୟାସୀ ମୁସଲମାନ ଗୁଣ୍ଡରମାନଙ୍କ ସହିତ ଦଳବଦ୍ଧ ହୋଇ ସେହି ମନ୍ଦିରରେ ପ୍ରବେଶ ପୂର୍ବକ ପୁରୋହିତମାନଙ୍କୁ ଅପମାନ କରି ବୁଦ୍ଧଦେବଙ୍କ ପ୍ରତିମା ଉପାଡ଼ି ନେଇ ଯାଇ ଅଛନ୍ତି । ଏ ବିଷୟରେ ମାମଲା ଉପସ୍ଥିତ ହୋଇ ପୁଲିସ ଅନୁସନ୍ଧାନ ଲାଗିଅଛି ଏବଂ ଗୟାର କଲେକ୍ଟର ସାହେବ ମଧ୍ୟ ଯାଇ ଅଛନ୍ତି । ଆମ୍ଭେମାନେ ଆଶା କରୁଁ ଯେ ଏହି ସୂତ୍ରରେ ହିନ୍ଦୁ ଓ ବୌଦ୍ଧମାନଙ୍କର ବିବାଦ ନିର୍ଦ୍ଦିଷ୍ଟରୂପେ ନିଷ୍ପତ୍ତି ହୋଇ ଯିବ ଯେ ଭବିଷ୍ୟତରେ ଆଉ ଗଣ୍ଡଗୋଳ ଉଠିବ ନାହିଁ । ହିନ୍ଦୁ ବୌଦ୍ଧଙ୍କ ବିବାଦ ବନ୍ଧୁଭାବରେ ନିଷ୍ପତ୍ତି ହୋଇ ଯାଇଥିବା ସର୍ବୋତ୍ତମ ପ୍ରକଟାଉ ତାହା ପ୍ରତ୍ୟକ୍ଷ ହେଉ ନନ୍ତୁବେ ।

---

ଏ ଜିଲ୍ଲାର ଅନ୍ତର୍ଗତ କୁଆଁପାଳ ଗ୍ରାମନିବାସୀ ସମ୍ଭ୍ରାନ୍ତ କ୍ଷତ୍ରିୟବଂଶୀୟ ଦୁଇବର ରଘୁନାଥପୁରର କଶ୍ୟପ ମିତ୍ରବଂଶୀୟ ଦୁଇ କନ୍ୟାଙ୍କ ସହିତ ବିବାହ ହେବା ନିମନ୍ତେ ଗତ ଶନିବାର ରଘୁନାଥପୁରକୁ ଆସି ବରମାନେ ଟେସନରୁ ବର ବାହାର କନ୍ୟାଙ୍କ ସନ୍ନିକଟ ହେବାବେଳେ କେତେ ଜଣ ଦୁଷ୍ଟଲୋକ ଠେଙ୍ଗା ବାଡ଼ି ଘେନି ଟେସନରେ ଭାଙ୍ଗିବାକୁ ଆରମ୍ଭ କଲେ । କନ୍ୟାପକ୍ଷୀୟ ଲୋକ ବାଧା ଦେବାରୁ ସେମାନେ ଅଧିକ ଉନ୍ମତ୍ତ ହୋଇ ଟେସନରେ ଭାଙ୍ଗିବା ସଙ୍ଗେ ୨ ଏମନ୍ତ ମାରପିଟ କଲେ ଯେ ବରର ପାଲିଙ୍କିରେ ବୁଢ଼ା ଆଘାତ ଲାଗିଲା । ବରକର୍ତ୍ତା ସ୍ତମ୍ଭିତ ହୋଇ ବରମାନଙ୍କୁ ଫେରାଇନେଇ ଯାଉଥିଲେ । କୌଣସିମତେ ତାହା ସମାଧା ହୋଇ ବିବାହ ହୋଇଗଲା । ପୁଲିସ ସମ୍ବାଦ ପାଇ ଅନୁସନ୍ଧାନ ପୂର୍ବକ କେତେଜଣଙ୍କୁ ଚାଲାଣ ଦେଇଅଛନ୍ତି ଓ ମୋକଦ୍ଦମା ବିଚାରାଧୀନରେ ଅଛି । ବିବାହ ସମୟରେ ଟେସନରେ ଭାଙ୍ଗିବା ଓ ଦଙ୍ଗାହଙ୍ଗାମା କରିବା କେତେ ଦୁଷ୍ଟଲୋକଙ୍କର ଗୋଟିଏ ପ୍ରଥାନିୟମ । ଏମାନେ ଉତ୍ତମରୂପେ ଶାସିତ ହେବା ନିତାନ୍ତ ବାଞ୍ଛନୀୟ । ଆମ୍ଭେମାନେ ଆଶା କରୁଁ ଯେ ମାଜିଷ୍ଟ୍ରେଟ ଏ ମାମଲାର ଅପରାଧୀମାନଙ୍କୁ ଯଥେଷ୍ଟ ଉଚିତଦଣ୍ଡ ଦେବାପ୍ରତି ବିଶେଷ ମନୋଯୋଗୀ ହେବେ ।

---

ଏବର୍ଷର ନୂଆ ଧାନ ଚାଉଳ ହାଟ ବଜାରକୁ ଆସିବା ମାତ୍ରକେ ଲୋକମାନେ ଯେପରି ନିଶ୍ଚିନ୍ତ ହୋଇ କିଣିଲେ ଓ ଧାନ ଦର ଚଢ଼ିବାର ଆରମ୍ଭ ହେଲା ତାହା ଦେଖି ଭୟ ହୋଇଥିଲା ଯେ ଶୀଘ୍ର ଦର ବୃଦ୍ଧି ହେବ ଏବଂ ଗରିବଙ୍କର ଦୁର୍ଦ୍ଦଶା ମେଣ୍ଟିବ ନାହିଁ ମାତ୍ର ବଡ଼ ସୁଖର ବିଷୟ ଯେ ବର୍ତ୍ତମାନ ଧାନ ଚାଉଳର ଦର ପୂର୍ବଠାରୁ ବୃଦ୍ଧି ନ ହୋଇ ବରଂ କିଛି ଊଣା ପଡ଼ିଅଛି । ବିଦେଶୀୟ ବେପାରିମାନେ ଚାଉଳ କିଣିବା ସ୍ଥଗିତ ରଖିବା ଏହାର କାରଣ ଅଟେ । କଥିତ ଅଛି ମରିଚ ଦ୍ୱୀପରେ ଯଥେଷ୍ଟ ଚାଉଳ ଅନ୍ୟାନ୍ୟ ସ୍ଥାନରୁ ଆମଦାନୀ ହେବାରୁ ଦର ଊଣା ହୋଇଅଛି । ସୁତରାଂ ଏଠା ମହାଜନମାନେ ଲାଭର ଆଶା ନ ଦେଖି ଏଠାରୁ ଚାଉଳ ପଠାଉ ନାହାନ୍ତି । ଏଣୁ ଭରସା ଯେ ଏଠାରେ ଦର ବୃଦ୍ଧି ହେଲେ ଆଉ ଖରିଦ କରିବେ । କୋଳଥ ଫସଲ ମଧ୍ୟ ବିଶେଷ ହେବାରୁ ଚାଉଳର ଆଦର ଊଣା ପଡ଼ିଅଛି । ଯେବେ ଏବର୍ଷଠା ମହାଜନମାନେ କରସ୍ତ ରଖିବେ ତେବେ ଏଠା ଲୋକଙ୍କର ଅବସ୍ଥା ଅନେକ ସୁଧୁରି ଯିବ ସନ୍ଦେହ ନାହିଁ । ବିଦେଶ ରପ୍ତାନୀ ନ ହେଲେ ଏବର୍ଷ ଆଉ ବୃଦ୍ଧି ହେବ ନାହିଁ ଓ ତାହା ହେଲେ କୃଷିଙ୍କର କିଛି ଆର୍ଥିକ କ୍ଷତି ହେବ ମାତ୍ର ସେମାନଙ୍କ ସହିତ ଅନ୍ୟାନ୍ୟ ଶ୍ରେଣୀର ଲୋକମାନେ ଏବର୍ଷଟା ପେଟ ପୂରିଲ ଖାଇ ପାରିବେ ।

---

ଏବା ଷ୍ଟ୍ରେଟସ୍‌ସେଟେଲ ରାଜ୍ୟର ଲୋକମାନେ ଯେତେ ଗୁହା ବ୍ୟବହାର କରନ୍ତି ପୃଥିବୀର ଅବଶିଷ୍ଟ ସମସ୍ତ ରାଜ୍ୟରେ ତହିଁରୁ ଅଧିକ ଖରଚ ହୁଏ ନାହିଁ । ଷ୍ଟ୍ରେଟସ୍‌ସେଟେଲ-ବାସିମାନେ ପ୍ରତିବର୍ଷ ପ୍ରାୟ ୧୨ ଲାଖ ମହଣ ଗୁହା ବ୍ୟବହାର କରନ୍ତି । ଏହାର ଖରଚ କ୍ରମାଗତ ବୃଦ୍ଧି ହେଉଅଛି । ଏହି ଶତାବ୍ଦିର ଆରମ୍ଭରେ ଯେତେ ଖରଚ ଥିଲା ବର୍ତ୍ତମାନ ତହିଁର ଦଶଗୁଣ ବୃଦ୍ଧି ହୋଇଅଛି । ପ୍ରଥମେ କେବଳ ଚୀନର ଗୁହା ଆଦରଣୀୟ ଥିଲା । ମାତ୍ର ଭାରତବର୍ଷର ଗୁହା ଉତ୍କୃଷ୍ଟ ହେବାରୁ ଗତ ୨୧୫ ବର୍ଷରୁ ଭାରତର ଗୁହା ଅଧିକ ପରିମାଣରେ ଚାଲାଣକୁ ଯାଉଅଛି ଏବଂ ଚୀନକୁ ଗୁହାରପ୍ତାନୀ କ୍ରମାଗତ ଊଣା ହେଉଅଛି । ସମ୍ପ୍ରତି ହିଦଳର ଗୁହା ଭାରତର ଗୁହାଠାରୁ ଉତ୍କୃଷ୍ଟ ହୋଇଅଛି । ପୂର୍ବେ ହିଦଳରେ କାଫିର ଚାଷ ହେଉଥିଲା । ମାତ୍ର ତାହା ଭଲ ଉତ୍ପନ୍ନ ନ ହେବାରୁ ବର୍ତ୍ତମାନକୁ କାଫି ବଦଳରେ ଗୁହାର ଚାଷ କ୍ରମାଗତ ବିସ୍ତାର ହେଉଅଛି । ହିଦଳର ଗୁହା ପନ୍ଦରବର୍ଷ ପୂର୍ବେ ଭାରତକୁ ବାର୍ଷିକ ଶ ୧୬ ଶ ମହଣ ରପ୍ତାନୀ ହୋଇଥିଲା । ବର୍ତ୍ତମାନ ବାର୍ଷିକ ପ୍ରାୟ ୮୬ ହଜାର ମହଣ ରପ୍ତାନୀ ହେଉଅଛି । ଏଣିକି ସମ୍ଭବ ହୁଅଇ ଯେ ହିଦଳ ଓ ଭାରତବର୍ଷମଧ୍ୟରେ ଗୁହା ଲୁଗୁଲ ବିଷୟରେ ପ୍ରତିଯୋଗିତା ଆରମ୍ଭ ହେବାର ଦେଖାଯାଏ । ତଏ ତାହାକୁ ନିର୍ଣ୍ଣୟ କିଛିକାଳ ଉତ୍ତାରୁ ଜଣା ପଡ଼ିବ ।

---

ଆଜି କାଲି ବ୍ୟାୟାମ ଶିକ୍ଷା ବାଳପ୍ରତି ଗବର୍ଣ୍ଣମେଣ୍ଟଙ୍କର ବିଶେଷ ମନୋଯୋଗ ହୋଇଅଛି । ପ୍ରାୟ ସମସ୍ତ ଉଚ୍ଚ ବିଦ୍ୟାଳୟରେ ବ୍ୟାୟାମଶିକ୍ଷାର ବନ୍ଦୋବସ୍ତ ହୋଇଅଛି ଏବଂ ତାହା ବ୍ୟାୟାମସାଧନା କରିବାପାଇଁ ସମସ୍ତ ଛାତ୍ରଙ୍କୁ ବାଧ୍ୟ କରାଯାଇ ହୋଇଅଛି । ମାତ୍ର ବ୍ୟାୟାମ ସ୍ୱାସ୍ଥ୍ୟୋନ୍ନତି ସମ୍ପ-

Split by PDF Splitter

Digitized by srujanika@gmail.com

ନ୍ତେ ଅତି ପ୍ରୟୋଜନୀୟ ହେଲେହେଁ କି ପ୍ରକାର ବ୍ୟାୟାମ ଏତଦ୍ଦେଶୀୟ ଲୋକଙ୍କ ପକ୍ଷରେ ଉପଯୋଗୀ ଏବଂ କି ପରିମାଣ ବ୍ୟାୟାମ ସାଧନା କରିବାର ତତ୍ପ୍ରତି ସମୁଚିତ ଦୃଷ୍ଟି ରହିବାର ଜଣାଯାଉ ନାହିଁ । ଏ ଦେଶୀୟ ଛାତ୍ରମାନଙ୍କୁ ସମ୍ପୂର୍ଣ୍ଣ ଇଂରାଜୀ ବ୍ୟାୟାମସାଧନାର ଶିକ୍ଷା ଦିଆଯାଉଅଛି । ଜଣେ ପାଶ୍ଚାତ୍ୟ ବ୍ୟାୟାମପଟୁ ବଲବାନ୍ ଇଂରାଜ ଉପଦେଶ ଦେଉଅଛନ୍ତି କି ଅତିରିକ୍ତ ବ୍ୟାୟାମ ମହା ଅନିଷ୍ଟକାରୀ ଅତଏବ ବ୍ୟାୟାମ କରିବା ସାମାନ୍ୟରେ ଅବଧିବାର ବୋଧ ହେଲେ ତତ୍କ୍ଷଣାତ୍ ଶାନ୍ତ ହେବ ଏବଂ ତହୁଁ ଉତ୍ତାରୁ ପୁଷ୍ଟିକର ଖାଦ୍ୟ ଖାଇ ସୁନିଦ୍ରା ଭୋଗ କଲେ ବ୍ୟାୟାମଦ୍ୱାରା ଉପକାର ହେବ । ଅତି ବ୍ୟାୟାମ ବିଷୟରେ ତତ୍ପ୍ରସିଦ୍ଧ ନିପୁଣ ଡାକ୍ତର ହିଂସେର କହିଅଛନ୍ତି କି ଉତ୍କଟ ଏବଂ ଦୀର୍ଘକାଳ ବ୍ୟାୟାମ ସାଧନରେ ଶରୀର ଶୀଘ୍ର ୨ କ୍ଷୟ ହୋଇ ଅବଶେଷରେ ଏପରି ଦଶାନ୍ତ ହୁଏ ଯେ ତହିଁରୁ କୌଣସି ମତେ ରକ୍ଷା ପାଇବାର ସମ୍ଭାବନା ନ ଥାଏ । ଅତଏବ ଦେଖାଯାଉଅଛି ଯେ କଠିନ ଏବଂ ଅପରିମିତ ବ୍ୟାୟାମ ମହା ଅନର୍ଥକାରୀ ଏବଂ ପୁଷ୍ଟିକର ଖାଦ୍ୟ ଓ ସୁନିଦ୍ରା ବିନା ବ୍ୟାୟାମ ଅଭ୍ୟାସର ଫଳ ହିତକର ନୁହେ । ଏଥିରୁ ଦେଖାଯାଏ ଯେ ଏଦେଶୀୟ ଛାତ୍ରମାନଙ୍କ ଅଧିକାଂଶ ଗରିବ । ପୁଷ୍ଟିକର ଖାଦ୍ୟ ଅଳ୍ପଲୋକଙ୍କ ଭାଗ୍ୟରେ ଘଟେ । ପୁଣି ପଢ଼ାଶୁଣାବାରେ ବିଶେଷତଃ ପରୀକ୍ଷାପୂର୍ବ କେତେକାଳ ଅଧିକଅଧିକ ଜାଗରଣହେତୁ ସୁନିଦ୍ରା ଭୋଗ କରିବାର ମଧ୍ୟ ସକଳ ସମୟରେ ଅବସର ନାହିଁ । ଏସ୍ଥଳେ କଠିନ ଇଂରାଜ ଖେଳର ବ୍ୟାୟାମ ଚର୍ଚ୍ଚାରେ ଯେ ଏମାନଙ୍କର ବିଶେଷ ଉପକାର ହେବ ଏପରି ଆଶା କରିବା ଯୁକ୍ତିଯୁକ୍ତ ବୋଧ ହେଉ ନାହିଁ । ପ୍ରକୃତରେ ସ୍କୁଲର ପିଲାମାନେ ସକାଳ ଘ ୧୦ ଟା ମଧ୍ୟରେ ଲଣ୍ଡଭଣ୍ଡହୋଇ ମୁଠାଏ ଖାଇ ସ୍କୁଲକୁ ଯାଇ ଛୁଟିବେଳେ ଫେରି ଆସନ୍ତି ଏବଂ ଗଣ୍ଡାଏ ଭୁଜା ବା ଚିଡ଼ାଏ ମିଠା ମୁହଁରେ ପକାଇ ପୁଣି କ୍ରୀଡ଼ାସ୍ଥଳକୁ ଦୌଡ଼ିଯାଇ ଘଣ୍ଟାଏ ବା ଅଧିକ ବ୍ୟାୟାମ କ୍ରୀଡ଼ା କରି ଘରକୁ ଆସି ରାତି ଅଧେଯାଏ ପଢ଼ା କରନ୍ତି । ଏରୂପ ଅବସ୍ଥାରେ ବ୍ୟାୟାମ ଦ୍ୱାରା ଏମାନଙ୍କର ଦେହ ପୁଷ୍ଟ ହେବକି ? ବରଂ ତାହା ଅମ୍ଭମାନଙ୍କର ସକଳ ଅନିଷ୍ଟର ମୂଳ । ଦୁଃଖର ବିଷୟ ଯେ ଅମ୍ଭମାନଙ୍କ ଶାସନକର୍ତ୍ତାମାନେ ଅଦ୍ୟ ତହିଁର ପ୍ରତିକାର ନ କରି, ଅନ୍ୟାନ୍ୟ ଉପାୟରେ ଅମ୍ଭମାନଙ୍କର ହିତ ସାଧନ କରିବାରେ ପ୍ରବୃତ୍ତି ମୂଳ ଛାଡ଼ି ଅଗରେ ପାଣି ଢାଳିବା ନ୍ୟାୟରେ କାର୍ଯ୍ୟ କଲେ ସଫଳକାମ ହେବା ଏକପ୍ରକାର ବିଡ଼ମ୍ବନା ଭିନ୍ନ ଅନ୍ୟ କିଛି ନୁହେ ।

---

## ନାଟକ ଅଭିନୟାନୁରାଗ ।

ବଡ଼ ଶୁଭକ୍ଷଣରେ ଏ ନଗରର ବାଲକମାସ୍ତ୍ରୀ ନାଟକାଭିନୟଦଳ କାର୍ଯ୍ୟକ୍ଷେତ୍ରରେ ଉପସ୍ଥିତ ହୋଇ ବସନ୍ତପଞ୍ଚମୀଠାରୁ ଏପର୍ଯ୍ୟନ୍ତ କ୍ରମାଗତ ୩।୪ ଥର ଅଭିନୟ ଦେଖାଇ ନଗରବାସିମାନଙ୍କୁ ମତାଇ ଦେଇ ଅଛନ୍ତି । ନାଟକାଭିନୟ ଏ ନଗରରେ ନୂତନ ନୁହେ ମାତ୍ର କେତେକାଳ ହେଲା ଲୁପ୍ତ ଯାଇଥିଲା । ବାଲକମାସ୍ତ୍ରୀ ଅଭିନୟଦଳ ସମ୍ପ୍ରତି ତହିଁର ପୁନର୍ଜନ୍ମ ଦେବାର ବୋଲାଯାଇ ପାରେ । ସେମାନେ ସ୍ୱୟଂ କେତେଥର ଅଭିନୟ ଦେଖାଇ ସୀୟ ପରିଶ୍ରମ, ଯତ୍ନ ଓ ଅଧ୍ୟବସାୟର ଆଶାତୀତ ପ୍ରଶଂସା ଲାଭ କରି ଅଛନ୍ତି ଏତିକି ନୁହେ । ସେମାନଙ୍କ ସଫଳତା ଅନ୍ୟମାନଙ୍କର ଉତ୍ସାହର କାରଣ ହୋଇଅଛି ବୋଲି ପ୍ରତ୍ୟାଦର ଅନୁରାଗ ସେମାନଙ୍କୁ ଦେଉଅଛୁଁ । ସେମାନଙ୍କ ଦର୍ଶନ ରଙ୍ଗମଞ୍ଚରେ ଏକଦିନ କଲେଜର ଛାତ୍ରମାନେ ଗୋଟିଏ ନାଟକର ଅଭିନୟ ଦେଖାଇ ଥିଲେ । ତହିଁ ଉତ୍ତାରୁ କନିକାର ରାଜମାତାଙ୍କ ଅନୁକୂଲ୍ୟରେ ଏ ନଗରସ୍ଥ କନିକା ରାଜବାଟିରେ ଗତ ରବିବାର ଅଉ ଏକଦଳ ପ୍ରସ୍ତୁତ ହୋଇ ଉତ୍କଳ-କାଞ୍ଚିକାବେରୀ ନାଟକର ଅଭିନୟ ଦେଖାଇଥିଲେ । ରାଜାଙ୍କ ଆମନ୍ତ୍ରଣ ମତେ ନଗରବାସୀ ଓକିଲ ଜମିଦାର ମହାଜନ ଜାଗିରି ଅମଲା ପ୍ରଭୃତି ନାନା ଶ୍ରେଣୀର ଭଦ୍ରଲୋକ ଏକତ୍ରିତ ଏବଂ ପ୍ରଶସ୍ତ ମଣ୍ଡପରେ ସମବେତ ହୋଇ ଅନେକ ରାତି ପର୍ଯ୍ୟନ୍ତ ଅଭିନୟ ଦେଖି ଆନନ୍ଦ ଭୋଗ କରିଥିଲେ । ଏହି ନାଟକର ଅଭିନୟ ଆମ୍ଭେମାନେ ଏ ନଗରରେ ଦେଖିଅଛୁଁ । ବର୍ତ୍ତମାନର ଅଭିନୟ ସେପରି ସୁନ୍ଦର ହୋଇଥିବାର କହି ନ ପାରି ଦୁଃଖିତ ହେଲୁଁ । ମଧ୍ୟ ଏଥିର ଯେତିଏ ପ୍ରଧାନ କାରଣ ଅଛି । ପ୍ରଥମ ଏହି କି ବାଲକମାସ୍ତ୍ରୀ ଦଳର ଉତ୍କୃଷ୍ଟ କୃତକାର୍ଯ୍ୟତାରେ ଲୋକେ ଏତେ ମୋହିତ ହୋଇ ଅଛନ୍ତି ଯେ ତହିଁ ପରେ ୨ ତହିଁରୁ ଊଣା କାର୍ଯ୍ୟ ଦେଖିବାକୁ ଲୋକେ ମନ ଲାଗିବାର କଥା ନୁହେ । ୨ୟ ଏ ଦଳ ଅତି ଅଳ୍ପ ସମୟ ମଧ୍ୟରେ ପ୍ରସ୍ତୁତ ହେବାରୁ ସକଳ ବିଷୟରେ ନିପୁଣତା ଅର୍ଜନ କରି ପାରି ନାହାନ୍ତି । ତଥାପି ଏହି ୬ ଜଣ ଯଥା ପୁରୁଷୋତ୍ତମ ଓ କାଞ୍ଚିର ରାଜାମାନେ ମନ୍ତ୍ରୀ, ବିଦୂଷକ, ଗ୍ରହବିପ୍ର, ପଣ୍ଡା, ପଦ୍ମାବତୀ, ଗଣିକା, ସୂର୍ଯ୍ୟବାଳା ପ୍ରଭୃତି ଏବଂ ସର୍ବୋପରି ପୁରୁଷୋତ୍ତମ ରାଜାଙ୍କ ଦୂତ ଦର୍ଶକଙ୍କ ମନ ହରଣ କରିଥିଲେ । ଐକତାନିକ ବାଦ୍ୟ ଓ କଣ୍ଠ ସଙ୍ଗୀତରେ ବିଶେଷ ତ୍ରୁଟି ଲକ୍ଷିତ ହେଲା ଏବଂ ସମ୍ଭବତଃ ଏହି କାରଣରୁ ଦର୍ଶକଙ୍କ ମନ ଲାଗି ନ ରହିବାରୁ ଅଭିନୟ ଶେଷ ହେବା ପୂର୍ବରୁ ଅନେକ ଲୋକେ ବାହାରି ଗଲେ । ଫଳତଃ ପ୍ରଥମ ଉଦ୍ୟମ ସକଳ ସ୍ଥାନରେ ଆଶାନୁରୂପେ ସଫଳ ହୁଏ ନାହିଁ ଏବଂ ଏ ସ୍ଥଳେ ଯେତେଦୂର ସଫଳ ହୋଇଅଛି ତହିଁରେ ଏ ଦଳର ନିରୁତ୍ସାହ ହେବାର କୌଣସି କାରଣ ନାହିଁ । ସେମାନେ ଚେଷ୍ଟା ଓ ଯତ୍ନ କଲେ ଅନ୍ୟଅବଧିରୁ ଅବଶ୍ୟ ଉନ୍ନତି ଲାଭ କରିବେ । ବିଶେଷତଃ ଯେଉଁସ୍ଥଳେ ସେମାନେ କନିକା ରାଜମାତାଙ୍କ ପରି ଜଣେ ଉଚ୍ଚବ୍ୟକ୍ତିଙ୍କର ସାହାଯ୍ୟ ଓ ସହାନୁଭୂତି ଲାଭ କରିବାକୁ ସମର୍ଥ ହୋଇ ଅଛନ୍ତି ସେସ୍ଥଳେ ସେମାନଙ୍କ କାର୍ଯ୍ୟ ଅସଫଳତା ପ୍ରତି କୌଣସି ପ୍ରତିବନ୍ଧକ ଘଟିବାର ସମ୍ଭାବନା ନାହିଁ । ଆମ୍ଭେମାନେ ଆଶା କରୁଁ କି ଉତ୍କଳ ନାଟକାଭିନୟ ପ୍ରତି କନିକା ରାଜବାଟିର ଯେଉଁ ସୁଦୃଷ୍ଟି ପଡ଼ିଅଛି ତାହା ଅସ୍ଥାୟୀ ହେବ ନାହିଁ । ତାହା ହେଲେ ଉତ୍କଳ ନାଟକାଭିନୟ ପ୍ରତି ଦର୍ଶକଙ୍କର ଆଗ୍ରହ ବଢ଼ିବ ଏବଂ ଇଦ୍ୱାରା ଉତ୍କଳ ଭାଷାରେ ନୂତନ ୨ ନାଟକ ପ୍ରକାଶ ହେବାର ବାଟ ଫିଟିବ ।

---

### ପ୍ରେରିତ

### ଓଡ଼ିଆନବସମ୍ବାଦ

୧୩।୩।୧୫

### ମୟୂରଭଞ୍ଜରେ ବିବାହୋତ୍ସବ ।

ଗତ ମାସ ତା ୫ ରିଖ ସୋମବାର ଶେଷ ରାତ୍ରିରେ ମୟୂରଭଞ୍ଜର ଜେମାଙ୍କ ସହିତ ଖଣ୍ଡି କୋଟର ରାଜା ଜଳନ୍ଧରମର୍ଦ୍ଦ ସିଂହଦେବଙ୍କର ଶୁଭ ବିବାହ ସମ୍ପନ୍ନ ହୋଇଯାଇ ଅଛି । ଏହି ଉତ୍ସବ ମହାସମାରୋହ ସହିତରେ ସମ୍ପନ୍ନ ହୋଇ ଅଛି । ପ୍ରାୟ ବଂଶତ ସହସ୍ର ଲୋକ ବାରିପଦାରେ ଠୁଳ ହୋଇଥିଲେ । ତା ୩।୫ ରିଖ ରାତ୍ରି ରେ ବିବିଧ ପକ୍ଷର ବିବିଧପ୍ରକାର ଆଲୋକ ଓ ବାଜା ବାଣ ରୋଶନାଇରେ ବାରିପଦା ନଗର ସୁସଜ୍ଜିତ ଓ

Split by PDF Splitter
Digitized by srujanika@gmail.com

Split by PDF Splitter



କମ୍ପିତ ହୋଇ ଥିଲା । ଏପର୍ଯ୍ୟନ୍ତ ଅନୁସଙ୍ଗିକ ଉତ୍ସବମାନ ଚଳୁଅଛି । ଏସମ୍ବନ୍ଧରେ ମୟୂରଭଞ୍ଜବାସିମାନେ ପ୍ରୀତ ହୋଇଅଛନ୍ତି ପ୍ରଜାପତି ସମ୍ବନ୍ଧ ସୁଯୋଗ୍ୟ ହୋଇଅଛି ଏବଂ ଅମ୍ଭେମାନେ ଆଶା କରୁଁ ନବଦମ୍ପତି ସୁଖରେ ସଂସାରକ୍ଷେତ୍ରରେ ଭ୍ରମଣ କରିବେ । ଏହି ବିବାହ ସମାରୋହ ଉପଲକ୍ଷରେ ନାନାପ୍ରକାର ଗୁଣିଙ୍କ ଲୋକମାନେ ଉପସ୍ଥିତ ହୋଇଥିବାରୁ ସେମାନଙ୍କର ଗୁଣପଣାର ଅଭିନୟରେ ଦର୍ଶକମାନେ ପ୍ରୀତ ହେଉ ଅଛନ୍ତି । ମୟୂରଭଞ୍ଜକୁ ବନାରସର ପ୍ରସିଦ୍ଧ ଗାନା ବାଇ ଗାୟକ ମୁସବଲ ଖାଁ ଓ ଜୟପୁରର ବାଇ ଓ ଯାତ୍ରାଦଳ ଏବଂ ଇଂରାଜୀ-ବେଣ୍ଡ ଏକଦଳ ଆସି ଅଛନ୍ତି । ଛତିକୋଟ ପଞ୍ଚଭୁ ବନାରସୀ ବାଇ, ଢେଙ୍କାଳୀ ବାଇ, ଅସ୍ଥା କଥାକୀ ପଣ୍ଡିତ ଏବଂ ବିବିଧପ୍ରକାର ପୁତୁଳା ନାଚ ଆସି ଅଛି । ଅଦ୍ୟ ଚଳନ୍ତ ମାସ ତା ୬ ରଖରୁ ଦିନରେ ବାରିପଦା ରାଜଭବନରେ ବଡ଼ଲୋକମାନଙ୍କ ଭେଟ ଦରବାର ଓ ମଜଲିସ ହେବ ।

---

ଉଦ୍ଧୃତ
ସମ୍ବାଦବାହିକା
୭।୩।୯୫

ବାଲେଶ୍ୱର ସୋସିଏଲ କ୍ଲବ ।

ବାଲେଶ୍ୱର ସହରରେ ସୋସିଏଲ କ୍ଲବନାମକ ଗୋଟିଏ ସମିତି ସ୍ଥାପନ କରିବାର ପ୍ରସ୍ତାବ ହୋଇଥିବା ବିଷୟ ଅମ୍ଭେମାନେ ପୂର୍ବ ସପ୍ତାହରେ ଜଣାଇ ଥିଲୁଁ । ପୂର୍ବରୁ ସ୍ଥିର ହୋଇଥିବା ଅନୁସାରେ ଗତ ବୃହସ୍ପତିବାର ସନ୍ଧ୍ୟା ସମୟରେ ମାଜିଷ୍ଟ୍ରେଟ ବି, ଡେ ସାହେବଙ୍କ ଅଧୀନ ସଭାର ଅଧିବେଶନ ହୋଇ ଥିଲା । ଇଉରୋପୀୟ ଓ ଦେଶୀୟ ଭଦ୍ରଲୋକ ଅନେକ ଉପସ୍ଥିତ ଥିଲେ ସଭାର କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବାବୁ ରମେଶଚନ୍ଦ୍ର ମଣ୍ଡଳଙ୍କ ପ୍ରସ୍ତାବ ଓ ଏକଜିକ୍ୟୁଟିଭ ଇଞ୍ଜିନିୟର ସି, ଏ ହ୍ୱାଇଟ ସାହେବଙ୍କ ଅନୁମୋଦନ ମତେ ବି, ଡେ ସାହେବ ସେହିଦିନ ସଭାପତିର ଆସନ ଗ୍ରହଣ କରିବାରୁ ନିମ୍ନଲିଖିତ ପ୍ରସ୍ତାବମାନ ସ୍ଥିର ହେଲା । ୧ ମ ନିର୍ଦ୍ଧାରଣ—ବାବୁ ରମେଶଚନ୍ଦ୍ର ମଣ୍ଡଳଙ୍କ ପ୍ରସ୍ତାବ ଓ ଜନାବ୍ ଅବଦୁସ ସୋବହନ ଖାଁଙ୍କ ଅନୁମୋଦନରେ ସ୍ଥିର ହେଲା ଯେ ବାଲେଶ୍ୱର ନଗରସ୍ଥ ସବୁ ଶ୍ରେଣୀର ଲୋକମାନଙ୍କ ନିମନ୍ତେ ଗୋଟିଏ "ସୋସିଏଲ କ୍ଲବ" ବା ସାମାଜିକ ସମିତି ସ୍ଥାପିତ ହେବ ଏବଂ ତହିଁସଂଲଗ୍ନରେ ଗୋଟିଏ ଲାଇବ୍ରେରୀ ଏଠା ଟାଉନହଲରେ ସ୍ଥାପିତ ହେବ । ୨ ୟ ନିର୍ଦ୍ଧାରଣ—ବାବୁ ସୁଧାଚରଣ ଦାସଙ୍କ ପ୍ରସ୍ତାବ ଓ ବାବୁ ଲଳିତମୋହନ ସରକାରଙ୍କ ଅନୁମୋଦନ ମତେ ବି, ଡେ ସାହେବଙ୍କ ନାମରେ ଉକ୍ତ କ୍ଲବର ନାମକରଣ କରାଯିବ । ୩ ୟ ନିର୍ଦ୍ଧାରଣ—ବାବୁ ହେମେନ୍ଦ୍ରକୁମାର ମଣ୍ଡଳଙ୍କ ପ୍ରସ୍ତାବ ଓ ନରେନ୍ଦ୍ରକୁମାର ମଣ୍ଡଳଙ୍କ ଅନୁମୋଦନ ମତେ ସ୍ଥିର ହେଲା ଯେ ଏ କ୍ଲବର ଉଦ୍ଦେଶ୍ୟ ସାଧନ ନିମନ୍ତେ ଚାନ୍ଦା ଉଠା ଯିବ । ବୋଲା ବାହୁଲ୍ୟ ଯେ ସଭାସ୍ଥଳରେ ପ୍ରାୟ ପାଞ୍ଚଶତ ଟଙ୍କା ଚାନ୍ଦା ସ୍ୱାକ୍ଷରିତ ହୋଇ ବର୍ତ୍ତମାନ ଛଅଶତର ଊର୍ଦ୍ଧ୍ୱ ହୋଇଅଛି ।

୪ ର୍ଥ ନିର୍ଦ୍ଧାରଣ—ଏକଜିକ୍ୟୁଟିଭ ଇଞ୍ଜିନିୟର ସି, ଏ, ହ୍ୱାଇଟ ସାହେବଙ୍କ ପ୍ରସ୍ତାବ ଓ ବାବୁ ଲଳିତମୋହନ ସରକାରଙ୍କ ଅନୁମୋଦନ ମତେ ନିମ୍ନଲିଖିତ ଭଦ୍ରଲୋକମାନେ କ୍ଲବର କାର୍ଯ୍ୟନିର୍ବାହକ ସଭାରେ ମେମ୍ବର ନିଯୁକ୍ତ ହେଲେ ଏବଂ ସେମାନେ ଇଚ୍ଛା କଲେ ଅନ୍ୟ ଲୋକଙ୍କୁ ମେମ୍ବର କରି ପାରିବେ ।

ଶ୍ରୀଯୁକ୍ତ ବି, ଡେ ସାହେବ
ଶ୍ରୀଯୁକ୍ତ ସି, ଏ ହ୍ୱାଇଟ ସାହେବ
„ ଏସ, ଏଲ ମେଡ୍ଡକ୍ସ ସାହେବ
„ ଜନାବ୍ ଅବଦୁସ ସୋବହନ ଖାଁ
ବାବୁ ରମେଶଚନ୍ଦ୍ର ମଣ୍ଡଳ
„ ଅମ୍ବିକାଚରଣ ମିତ୍ର
„ ସୁଧାଚରଣ ଦାସ
„ ଭଗବାନଚନ୍ଦ୍ର ଦାସ
„ ହେମେନ୍ଦ୍ରନାଥ ଘୋଷ (ସମ୍ପାଦକ)
„ ଯଶୋଦାମୋହନ ମୁଖର୍ଜି (ସହକାରୀ ସମ୍ପାଦକ ଓ କୋଷାଧ୍ୟକ୍ଷ)

୫ ମ ନିର୍ଦ୍ଧାରଣ—ଏସ, ଏଲ ମେଡ୍ଡକ୍ସ ସାହେବଙ୍କ ପ୍ରସ୍ତାବ ଓ ହେମେନ୍ଦ୍ରକୁମାର ମଣ୍ଡଳଙ୍କ ଅନୁମୋଦନ ମତେ ସ୍ଥିର ହେଲା ଯେ ମୟୂରଭଞ୍ଜ କେଉଁଝର ଓ ନୀଳଗିରିର ମହାରାଜାମାନଙ୍କୁ ଏହି କ୍ଲବର ଉଦ୍ଦେଶ୍ୟ ସାଧନ ପକ୍ଷେ ସହାୟତା କରିବାକୁ ପ୍ରାର୍ଥନା କରାଯିବ ।

ଅବଶେଷରେ ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା । ବାସ୍ତବରେ ବି, ଡେ ସାହେବଙ୍କ ସଦାଶୟତା ଅମ୍ଭେମାନେ ଏକମୁଖରେ ବର୍ଣ୍ଣନା କରିବାକୁ ଅକ୍ଷମ । ଯେଉଁ ଟାଉନହଲର ବିବାଦ ବାଲେଶ୍ୱରର ଘୋର ଆନ୍ଦୋଳନର କାରଣ ହେଉ ବିବାଦକୁ ମୀମାଂସା କରିବାରେ ଡେ ସାହେବ ମହୋଦୟ ଅନେକ ପରିମାଣରେ କୃତକାର୍ଯ୍ୟ ହୋଇ ଅଛନ୍ତି । କେବଳ ରାଜାବାହାଦୁର ମୟୂରଭଞ୍ଜରୁ ଆସିଲେ ଏହାର ଶେଷ ନିଷ୍ପତ୍ତି ଦେଖିବାକୁ ଅମ୍ଭେମାନେ ଅତ୍ୟନ୍ତ ଉତ୍ସୁକ ଅଛୁଁ ।

---

# ସାପ୍ତାହିକ ସମ୍ବାଦ ।

ଶୀତ କମିଯାଇ ହୋଇ ଏ ସପ୍ତାହରେ ପ୍ରକୃତ ଗ୍ରୀଷ୍ମକାଳ ଉପସ୍ଥିତ ହୋଇଅଛି । ସ୍ୱରଜ ଓ ଜ୍ୱର ଅନେକ ଲୋକଙ୍କୁ ବ୍ୟସ୍ତ କରୁଅଛି ।

ଫେବ୍ରୁଆରୀ ଠାରୁ ଏ ନଗରରେ ବୃଷ୍ଟି ଆଦୌ ହୋଇ ନାହିଁ । ମୋଫସଲର ଅଧିକାଂଶ ସ୍ଥଳରେ ମଧ୍ୟ ବୃଷ୍ଟିର ବିଶେଷ ପ୍ରୟୋଜନ ।

ଏ ନଗର ଏବଂ ଚତୁର୍ଦ୍ଦିଗବର୍ତ୍ତୀ ଅନେକ ସ୍ଥାନରେ ଅମ୍ବଗଛମାନ ପ୍ରାୟ ଅଫଳା ରହୁଅଛି । ମୋଫସଲରେ ସ୍ଥାନେ ସ୍ଥାନେ ଅମ୍ବ ହୋଇଅଛି ମାତ୍ର ବୃଷ୍ଟି ଅଭାବରୁ ଝଡ଼ି ପଡ଼ୁଅଛି ।

ଏହିମାସ ଶେଷ ଦିନଠାରୁ କେନ୍ଦ୍ରାପଡ଼ା ଓ ଜଗତସିଂହପୁର ସବଡିଭିଜନ କାଛାରୀମାନ ବାର୍ଷିକ ମରାମତି ନିମନ୍ତେ ୧୫ ଦିନ ବନ୍ଦ ହେବ ।

ଦୋଳଯାତ୍ରା ଉପଲକ୍ଷରେ ପୁରୀରେ ଅନେକ ଯାତ୍ରୀ ଯାଇ ଅଛନ୍ତି । ସୁଖର ବିଷୟ ଯେ କୌଣସି ପୀଡ଼ାର ପ୍ରାଦୁର୍ଭାବ ହୋଇ ନାହିଁ ଏବଂ କୌଣସି ସାକ୍ଷୀ ଦାହାର ଘଲେଣି ।

## କଲିକତା-ଗେଜେଟ ।

ହାକିମ ଓ ଡେପୁଟୀ କଲେକ୍ଟର ମହମ୍ମଦ ଶିରାଜ ଅଃ ଇନ୍ସପେକ୍ଟର ମୌଲବୀ ଅବଦୁଲ କାଦମ ପ୍ରେସିଡେନ୍ସି ଓ ଉଡ଼ିଶା ବିଭାଗର ଅଃ ଇନସ୍ପେକ୍ଟର ପଦରେ ଆଗାମୀ ଏପ୍ରେଲ ମାସ ତା ୧ ରଖରୁ ନିଯୁକ୍ତ ହେଲେ ।

ଅଙ୍ଗେରେଜ ଓ ଦେଶୀୟ ମାଜିଷ୍ଟ୍ରେଟ ପ୍ରଭୃତିଙ୍କ ବିଭାଗୀୟ ପରୀକ୍ଷା ଆଗାମୀ ମଇମାସ ତା ୭ ରଖରେ ଆରମ୍ଭ ହୋଇ ତା ୮ ରଖରେ ଶେଷ ହେବ ।

କଟକ ଓ ପୁରୀର ଅଃ କଲେକ୍ଟର ମିଃ ଅନ୍ଧାରୀ କାର୍ଯ୍ୟ ଗଭର୍ଣ୍ଣମେଣ୍ଟର ଉଦ୍ଯୋଗ ବିଭାଗର ଅଧୀନରେ ସ୍ଥାପିତ ହୋଇ ଅଛି ।

ଏକଜିକ୍ୟୁଟିଭ ଇଞ୍ଜିନିୟର ମିଃ ଉଇଲିୟମ । ଏ । ଇଙ୍ଗଲିସ ଅନ୍ୟାନ୍ୟ ପର୍ଯ୍ୟନ୍ତ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଅଫିସରେ ରହିଲେ ।

---

କଲିକତାରେ ବସନ୍ତରୋଗ ବଡ଼ ପ୍ରବଳ ହୋଇଅଛି ଏବଂ ତହିଁ ସଙ୍ଗେ ଓଲାଉଠା ମଧ୍ୟ ଉତ୍ଥିତ ହୋଇଅଛି ।

ଲଣ୍ଡନ ନଗରରେ ତୁଷାରବର୍ଷ ଏବଂ ସହରରୁ ଅଧିକ ଥଣ୍ଡା ପଡ଼ୁଥିଲା । ଜନକୁ ହଜାରର ଶ ୩ ଗୁଣ ଅଧିକ ପଡ଼ୁଛି । ଅମ୍ଭ ଏ ଦେଶରେ ବର୍ଷକେ ଶ ୩ ଶ ଥିବା ଦେଖାଯାଏ ନାହିଁ ।

ଇଂଲଣ୍ଡ ରାଣୀଙ୍କ ସମ୍ପଦାୟ ପଦାଧିକାରୀମାନ ସୁଲଭ ଇଂଲଣ୍ଡ ଦେଶରୁ ଆମଦାନୀ ହୁଅଇ ।

Digitized by srujanika@gmail.com

Split by PDF Splitter



ସନ ୧୮୬୧ ମସିହାରେ ଲଣ୍ଡନ ନଗରରେ ଭୂମିର ଊର୍ଦ୍ଧ୍ୱ ଭାଗରେ ୫୦୦ ମାଇଲ ତାର ବସିଥିଲା ମାତ୍ର ବର୍ତ୍ତମାନ ୧୦୦୦୦ ମାଇଲ ତାର ବସିଅଛି । ପାଠକେ ଏଥିରୁ ଲଣ୍ଡନ ନଗରର ଉନ୍ନତି ବୁଝି ନେଉନ୍ତୁ ।

ସୁଇଜରଲଣ୍ଡ ଦେଶରେ ଏକପ୍ରକାର ଘଡ଼ି ଉଦ୍ଭିତ ହୋଇଅଛି ଯେ ଘଣ୍ଟା ବାଜିବା ସମୟରେ ସମସ୍ତ ଜଣାଇଦେଉଅଛି । ୫୦୦ ଶହ ହେଲେ ଯାହା ଗଣିବାକୁ ପଡ଼ନ୍ତା ଏଥିରେ ଆଉ ଗଣିବାର ଆବଶ୍ୟକତା ରହିଲା ନାହିଁ । ପ୍ରତି ଘଡ଼ିର ମିନିଟରେ ମଧ୍ୟ ସ୍ୱର ଉଚ୍ଚାରିତ ହୋଇ ସମୟର ସମ୍ପୂର୍ଣ୍ଣ ଜଣାଇ ଦିଏ ।

ବମ୍ବଇରେ ସମ୍ପ୍ରତି ୧୬୬ ଏ ସ୍ତ୍ରୀ ଡାକ୍ତର ଅଛନ୍ତି ବମ୍ବଇର ସମ୍ପତ୍ତି ଓ ଉନ୍ନତି ତୁଳନାରେ ଏହା ଅଧିକ ନୁହେ ।

ପତ୍ରଲେଖକଙ୍କଠାରୁ ଆସିବା ସମ୍ବାଦରୁ ପ୍ରକାଶ ଯେ ପ୍ଲେଗ ଅପହେଲ ଭାରତୀୟଙ୍କ ସଙ୍ଗେ ମେଳ ଜାନି ଅଛନ୍ତି । ଅତଏବ ସ୍ୱତନ୍ତ୍ର ପ୍ରବନ୍ଧ ହେବ ।

କଲିକତାରେ ଉକ୍ତ ପ୍ଲେଗ ରୋଗର ପ୍ରାଦୁର୍ଭାବ ଅତ୍ୟନ୍ତ ଅଧିକ ହୋଇଅଛି । ଏମନ୍ତ କି ଏହା ଲଣ୍ଡନ ଶିଳ୍ପରେ ଗତ ଚାଳିଶ ବର୍ଷର ହାରାହାରି ମୃତ୍ୟୁ ସଂଖ୍ୟା ଉପରେ ଏପର୍ଯ୍ୟନ୍ତ ଅଧିକା ୨୧୪୦୦ ଣ ହୋଇଅଛି ।

କାବୁଲ ଅମୀରଙ୍କର ସମ୍ପ୍ରତି ଦୁଇ ଅଶ୍ୱାରୋହୀ ସେନାପତିଙ୍କଠାରୁ ଯେଉଁମାନେ ସୀମା ବାହାରେ ରହିଁ ଲୁଟ କୋଷାଏ ମାତ୍ର ଯୋଗାଣ ଦେଇ ବ୍ୟାକ ପଳାୟନ କଲେ । କୌଣସି ମେ କୌଣସି ପ୍ରେସ ପଳାତକ ହାତରେ ମରିପଡ଼ି ନାହିଁ କେବଳ ଗୋଟିଏ ଘୋଡ଼ା ଓ ଗୋଟିଏ ମଣିଷ ମରିପଡ଼ିଲା । ମନ୍ଦ ଅଠଗଡ଼ ଏହା ପଢ଼ିଲେ ଶାନ୍ତ ଏହାକୁ ଧନ ଶୁଣି ଅଛନ୍ତି ।

ଉଦୟପୁରର ମହାରାଜା ଅସୁସ୍ଥ ହୋଇଥିବାର ସମ୍ବାଦ ମିଳିଲା । ଏଥିରୁ ଉଦୟପୁର ଶାସନକାର୍ଯ୍ୟରେ ବିଶୃଙ୍ଖଳା ଘଟିବାର କଥା ନୁହେ । କାରଣ ପୋଲିଟିକାଲ ଏଜେଣ୍ଟ ଏହା ସଂଶୋଧନ କରିବାରେ ବ୍ୟସ୍ତ ଅଛନ୍ତି । ଅତେବ ସୁଶୃଙ୍ଖଳ ରୂପେ ପରିଚାଳିତ ହୋଇଥିବାର କଥା ନୁହେ ।

ଇଉରୋପୀୟଙ୍କ ଶିକ୍ଷିତ ଅନେକଙ୍କ ଉପରେ ସମ୍ପ୍ରତି [illegible] ଦେଖୁଅଛି ଯେଉଁ ଠାରୁ ପ୍ରବାଦ ଶୁଣୁଅଛି ସେ କଥା ମାତ୍ର ଗୁଜବର ମୂଳଭୂତ ବହୁତ କି ଅଭିଯୋଗର କଥା ମିଥ୍ୟା । କେଉଁ କଥା ବିଶ୍ୱାସଯୋଗ୍ୟ ସ୍ଥିର କରିବା କଠିନ ।

କାବୁଲରେ ସାବୁନ ପ୍ରସ୍ତୁତ କରିବା ଗୋଟିଏ କାରଖାନା ଚାଲୁଅଛି ଏବଂ ସେହି କାରଖାନାର ସାବୁନ ଭାରତବର୍ଷକୁ ଆମଦାନି ହେଉଅଛି । ଏଥିରେ ଦେଶର ସାବୁନ ଉଦ୍ୟମ କାହା ସଙ୍ଗରେ ଦାମ୍ଭିକ ବ୍ୟବସାୟୀମାନେ ଲାଭ ପାଉଥିବେ?

ପାଲେଷ୍ଟାଇନର ଉତ୍ପାଦନଜନ ରେ ଗଣ୍ଡ ପ୍ରକାର ଗୋଟିଏ କୋମ୍ପାନି ପ୍ରତିଷ୍ଠିତ ହୋଇଅଛି । ଏଥିରୁ ଦେଶୀୟ ଯେ ପାଲେଷ୍ଟାଇନର ସ୍ୱତ୍ୱ ସଙ୍ଗେ ବସ୍ତ୍ରର କାରବାର ଅଛି ।

ଦକ୍ଷିଣ ଆଫ୍ରିକାର ନରମାଳ ଦ୍ୱୀପର ନିକଟ ସମୁଦ୍ରଗର୍ଭରେ ମୁକ୍ତା ପ୍ରାପ୍ତ ହେଉଅଛି । ସେଠାରେ ୬୮ ଶହ ଲୋକ ସମୁଦ୍ରରୁ ଶାମୁକା ଖୋଳି ମୁକ୍ତା ବାହାର କରିବାରେ ନିଯୁକ୍ତ ଅଛନ୍ତି ।

ଏହା ଲଣ୍ଡନ ନଗରରେ ୫୦୦ ଗୋଟି ଡାକଘର ଅଛି । ଲଣ୍ଡନକାରଙ୍କ ଡାକଘରର କାରବାରର ଖାନ ଏଥିରୁ ପାଠକମାନେ ବୁଝିପାରିବେ ।

ବଡ଼ ବୋର୍ଡସଭାର ଉଚ୍ଚ ଅଧିବେଶନରେ ଦେଖାଗଲା ଯେ ତାଙ୍କ ଗୋଷ୍ଠୀ ଘୋଡ଼ା କି ଅଛନ୍ତି । କଥିତ ଅଛି ଏହିପରି ସ୍ୱଭାବ ଠାକୁରେ ଗୋଷ୍ଠୀ ଘୋଡ଼ା ରହିବ ହୋଇଥିଲା । ଏହାର ପୋଲିସଭଳକ ମଧ୍ୟ ପ୍ରବୃଦ୍ଧିରେ ଗଲଛି ।

ଅନେକଙ୍କର ନିଥିକେଲେଇଥିବା ଜଣିଲରେ ଏକ ବ୍ୟକ୍ତି ଅପଣାର ଶାଶୁକୁ ବିବାହ ହୋଇଅଛି । କଳିକାଳର ଆଉ ବାକି କଣ ? ଧନ୍ୟ ସାମ୍ୟବାଦ !

## ଯାଜପୁର-ସମ୍ବାଦ ।

ଏ ଅଞ୍ଚଳରେ ବର୍ତ୍ତମାନ ଜ୍ୱରର ପ୍ରାଦୁର୍ଭାବ ବିଶେଷ ବୃଦ୍ଧି ହୋଇଅଛି ଗ୍ରାମ ମଧ୍ୟରେ ପ୍ରତ୍ୟେକ ଘରେ ପ୍ରାୟ ଜଣେ ଜଣେ ଜ୍ୱର ରୋଗ ଭୋଗୁଅଛନ୍ତି । ଏ ସମୟରେ ଡାକ୍ତରଖାନାରୁ ମଧ୍ୟ ପାଇବ ଜ୍ୱର ଉପଶମକ ଦବ ?

ବରୁଆ ପ୍ରଗଣା ପୁରୁଷୋତ୍ତମପୁର ଗ୍ରାମର ଏକ ଗୃହସ୍ଥର ଗ୍ରାମନ୍ତର ସରଳ କାଠ ଭଙ୍ଗା ହେଉଥିବା ସମୟରେ ଚତୁଃପାର୍ଶ୍ୱରେ ମାଟି ଉଠାଇଥିବା ଏକ ଜଣ ଗାଲୁଣୀ ଉପରେ ଭାଙ୍ଗି ପଡ଼ିବାରୁ ସେ ମରି ଯାଇଅଛି ।

ଗତ ଶନିବାର ରାତ୍ରରେ ସୁକବାଡ଼ି ଥାନାର ଅନ୍ତର୍ଗତ ଗ୍ରାମର ନିକଟସ୍ଥ ଓ ସ୍ୱତନ୍ତ୍ର ହାତୀ ଗ୍ରାମର ସପେନ ସାହୁ ଘରେ ଚୋରି ହୋଇଅଛି ଏବଂ ଶୁଣାଯାଉଛି ମଧ୍ୟରେ ଏକ ରାତ୍ରରେ ଦୁଇଟି ଘରେ ଚୋରି ହେବା ବଡ଼ ଦୁଃଖର ବିଷୟ ଅଟେ । କେବଳ ଥାନାର ନିକଟରେ ସ୍ଥିତ ଲୋକ ଚୋରି ହେବା ରୌଶନଦାର ପ୍ରଭୃତିର ଦ୍ୱାରା ଥାନାର ଲୋକଙ୍କଠାରୁ ସକ୍ଷମ ପର୍ଯ୍ୟନ୍ତ ସମସ୍ତଙ୍କ ଥାନାର ରଥରେ ଚୋର ରହିବାର ଶୁଣାଯାଏ ତେବେ ଥାନାରେ ଏତେ ସତର୍କ ଥିବା ଓ ଲୋକ ହେବାର କାରଣ କି ? ପୁଲିସ ସାହେବଙ୍କୁ ପ୍ରାର୍ଥନା ଯେ ସେ ଶୀଘ୍ର ଏଥିର ପ୍ରତିକାର କରନ୍ତୁ ଅନ୍ୟଥା ଥାନାମାନଙ୍କରେ ଯେପରି ଉପଦ୍ରବ ଉପସ୍ଥିତ ହୋଇଅଛି ଯେ ଅଧିକାଂଶ ଥାନାବାସୀ ନିରାପଦରେ ରାତ୍ରରେ ନିଦ୍ରା ଯାଇ ପାରୁ ନାହାନ୍ତି ।

ଯାଜପୁର ପ୍ରଗଣା ସୁବର୍ଣ୍ଣପୁର ଗ୍ରାମର ଅନନ୍ତମିଶ୍ର ନାମକ ଏକ ବ୍ରାହ୍ମଣ ତାହାର କନ୍ୟା ନିମନ୍ତେ ପାଞ୍ଚ ଶିଉଳର ପିଲ୍ଲାଇ ମାସ ୧ ୨୧ ଟଙ୍କା ବିବାହ ଲଗ୍ନ ସ୍ଥିର କରିଥିଲା କନ୍ୟା ସମୟରେ ବର ଅପଣା ଜାମାତା ସହିତ ଲାଗିଥିଲା ନିମନ୍ତେ କନ୍ୟାର ମାତା ସେ ବରକୁ ଦେଖି ବିବାହ ଦେବାକୁ ଅସମ୍ମତ ହୋଇ ଦେବ ନାହିଁ ବୋଲି ତାହା ସ୍ୱାମୀ ସହିତ କଳହ କରିବାରୁ ସ୍ତ୍ରୀ ଅଜ୍ଞାତ ନିକଟବର୍ତ୍ତୀ ଗ୍ରାମକୁ ଆଉ ଏକ ବର ଉପସ୍ଥିତ ଅଣାଇ ସେହି ବରକୁ କନ୍ୟାର ବିବାହ କରିଦେଲେ । ଦୁଇବେଳି ବର ବଞ୍ଚିତ ଶିବୁଗାଳ ପରି ଅପଣା ଘରକୁ ଫେରିଗଲା ।

ଅମୃତ ସହରର ମେଡେଟେରିଅଣ ପ୍ରେସ ଏଠାରୁ ଏହି ସେଠାରୁ ଜାବାଳୁ ଗୁଡ଼ଳନ ଦାସ ଓ ମହନ୍ତ ଦ୍ୱାରା ଯିଏ ଅନେକଙ୍କ ପ୍ରତି କେତେକ ଦାଂଭଲ ବଙ୍ଗଳା ଓ ଓଡ଼ିଆ ବହିପତ୍ର ଓ ଜାତୀୟ ଦେଶର ଔଷଧ ସହିତ ଏହି ବିଷୟରେ ବିଜ୍ଞପ୍ତି ବଣ୍ଟୁଅଛନ୍ତି ଯେ ଯେ କ୍ୟାନ୍ସ ଜଣର ମୂଲ୍ୟରେ ଔଷଧ ପ୍ରସ୍ତୁତ ନ ପାରିବ ସେ ଭାଗ ଜ ପ୍ରସ୍ତୁତ ଔଷଧ ହେଉ ପ୍ରେମନ୍ତ୍ର ହେଲେ ଏକବର୍ଷ ପରେ ଔଷଧର ମୂଲ୍ୟ ଓ ଉଚ୍ଚସ୍ଥିତ ଦଣ୍ଡପତ୍ର ସହିତ ପୁରସ୍କାର ଦେବାନିମନ୍ତେ ଉଚିତ ଅଛି ମାତ୍ର ଏକଜଣ ଦେବା ହେବ । ଅନେକ ଲୋକ ଉଚିତ ଚଳିତିଦେଇ ଔଷଧ ନେଇଅଛନ୍ତି ମାତ୍ର ସେମାନଙ୍କ ଔଷଧର ମୂଲ୍ୟ ପ୍ରାୟ ୫ ୦ ୪

ଜିଲ୍ଲାରେ ବହୁତ ବଢ଼ୁଅଛନ୍ତି ତୁଚ୍ଛ ଛଡ଼ାଇ ନେଉଁଥିବାର ଏବଂ ଔଷଧ ଦେବାକୁ ସକଳ ଦେଶର ପୁରସ୍କାର ୫ ୨୫ ମା ଦେବାର ଲେଖାଅଛି । ଏ କୌଶଳ ମନ୍ଦ ନୁହେଁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମହାଶୟ !

ଅମ୍ଭର ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାର ଏକାଂଶରେ ସ୍ଥାନ ପ୍ରଦାନପୂର୍ବକ ଚିରବାଧିତ କରିବାକୁ ହେବେ ।

ଅସ୍ମାନଙ୍କର ଏଠାରୁ ବାଲେଶ୍ୱର ଜିଲ୍ଲାର କଲେକ୍ଟର ଓ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ପି, ଡେ ସାହେବ ମହୋଦୟ ସ୍ଥାନାନ୍ତରରେ ଗତ ହୋଇଯିବାର ସମ୍ବାଦ ଅବଗତ ହୋଇ ଯଥେଷ୍ଟ ଦୁଃଖିତ ହେଲୁ । କିନ୍ତୁ ବିଶେଷ ଦୁଃଖର ବିଷୟ ଯେ ସାହେବ ମହୋଦୟ ଅତ୍ୟଳ୍ପକାଳ ଏଠାରେ ରହି ସର୍ବସାଧାରଣଙ୍କର ଯେପରି ସନ୍ତୋଷଭାଜନ ହୋଇଥିଲେ ଏହାଙ୍କ ପୂର୍ବେ ଅନ୍ୟ କୌଣସି ଉକ୍ତପଦାଭିଷିକ୍ତ ସାହେବ ଉଦୃଶ ପ୍ରଜାରଞ୍ଜକ ହୋଇ ନାହାନ୍ତି । ଏହାଙ୍କର ଏହି ଅଳ୍ପକାଳ ସ୍ଥିତିରେ ମୋଫସଲରେ ଯଥେଷ୍ଟ ସ୍ଥାନ ଭ୍ରମଣ କରି ଗ୍ରାମ୍ୟ ପାଠଶାଳା ଓ ମଧ୍ୟଶ୍ରେଣୀସ୍କୁଲମାନ ପରିଦର୍ଶନ କରି ଶିକ୍ଷାପ୍ରଣାଳୀ ପ୍ରତି ବିଶେଷ ଅନୁରାଗ ପ୍ରଦର୍ଶନ କରିଅଛନ୍ତି । ବସ୍ତୁତଃ ମହାଶୟଙ୍କର ଉଦାରତା ଓ ବଦାନ୍ୟତା ଯେ କେତେଦୂର ପ୍ରଶଂସନୀୟ, ଯେଉଁମାନେ ଅନେକ ମାତ୍ର ଭାବସହିତ ବାକ୍ୟାଳାପ କରିଅଛନ୍ତି ସେ ସମସ୍ତ ଉଦ୍ଦେଶ୍ୟରେ ସୁସ୍ପଷ୍ଟ ପ୍ରତୀୟମାନ ହୋଇଅଛି । ଯାହା ହେଉ ଅମ୍ଭେମାନେ ସାହେବ ମହୋଦୟଙ୍କର ଉକ୍ତ ପ୍ରକାର ସଦ୍‌ଗୁଣ ସମ୍ବଳିତ କାର୍ଯ୍ୟପ୍ରଣାଳୀ ପ୍ରତି ଚିରଋଣୀ ହୋଇ ଶୋକାକୁଳ ଚିତ୍ତରେ ଜଗଦୀଶ୍ୱରଙ୍କ ପାଖରେ ପ୍ରାର୍ଥନା କରୁଅଛୁଁ ଯେ ଯଦି ସାହେବ ମହୋଦୟଙ୍କର ଅନୁପସ୍ଥିତିରେ ଅମ୍ଭମାନଙ୍କର କପଟେଇ ମେଣ୍ଟ ଅଫିସର ପିଣ୍ଡଲ ମାଜିଷ୍ଟ୍ରେଟ ମହୋଦୟଙ୍କୁ ପାଇବୁ ତେବେ ଅମ୍ଭମାନଙ୍କର ତାପିତ ପ୍ରାଣ କିଞ୍ଚିତ୍ ପରିମାଣରେ ଶୀତଳ ହୋଇପାରେ । ଓ ଉକ୍ତ ଡେ ମହୋଦୟ ସପରିବାରରେ ଚିରଜୀବୀ ହୋଇ ଏଣିକି ସୁଦୀର୍ଘ ସୁଖରେ ଦିନଯାପନ କରନ୍ତୁ ଏହି ଆମ୍ଭମାନଙ୍କର କାମନା । ଇତି— ଭବଦୀୟ

ଶ୍ରୀ କୃପାସିନ୍ଧୁ ଦାସ ଉରମ—ବାଲେଶ୍ୱର

ଉକ୍ତ ଡେ ସାହେବଙ୍କ ବଦଳି ହେବାର ସମ୍ବାଦ ଏପର୍ଯ୍ୟନ୍ତ ଉଚ୍ଚସ୍ଥାନରୁ ଜଣା ଯାଇ ନାହିଁ । ସମ୍ଭବତଃ ସେ ବର୍ତ୍ତମାନ ଅନ୍ୟତ୍ର ନେଇବେ ନାହିଁ ।—ସମ୍ପାଦକ ।

### ମୂଲ୍ୟପ୍ରାପ୍ତ ।

| | | |
|---|---|---|
| ମହାରାଜ ଅଠଗଡ଼ ବ | | ୨ ୩୯ |
| ବାବୁ ଉପାଧ୍ୟ ଜର ବାଗଡ଼ା | କୋପ | ୫ ୧୯ |
| „ ମନମୋହନ ଦାସ | କଟକ | ୨ ୬୯ |
| „ ରଘୁନାଥ | ପୁରୀ | ୨ ୩୯ |

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଶ୍ରୀମଦ୍‌ଭାଗବତ ।

### ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ ବିରଚିତ ଯେଉଁ ଏକାଦଶ ସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚଳିତ ହୋଇ ଅଛିଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନୂତନସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ସ୍ପଷ୍ଟ ସହିତ ବିଶେଷ ଅମେଳ ଥିଲା ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରସଙ୍ଗର ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବେଶ୍ଟ ହୋଇଅଛି । ଆଉ ଶୁକଦେବଙ୍କଠାରୁ ମୁନିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାରାଜା ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବା, ନାରଦବର ଶ୍ରୀ କୃଷ୍ଣଙ୍କର ପାଦପଦ୍ମରେ ଶରବିଦ୍ଧ କରିବା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ବିରାଜ କରୁଥିବା ଇତ୍ୟାଦି ସୁନ୍ଦର ଛବିମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟ ପୂର୍ବେ ଟ ୦ ୱ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ ବନ୍ଧାଇ ପୁସ୍ତକର ଅତିସୁଲଭ ମୂଲ୍ୟ ଟ ୦ ୴ ଧାର୍ଯ୍ୟ ହୋଇଅଛି ।

---

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

### ଦାର୍ଢ୍ୟତାଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୬୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଟା ମୋଫସଲଜନଙ୍କେ ଡାକମାସୁଲ ଟ ୦/

---

**NOTICE**

**THE**

# DWIBHASI.

*SECOD EDITION IS OUT*

*AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

---

## ବିଜ୍ଞାପନ ।

ଓଡ଼ିଆ ଭାଷାରେ ନୂତନ ।

ପକେଟ ଉତ୍କଳ ଅଭିଧାନ ।

୪୪୦ ପୃଷ୍ଠାରେ ସମ୍ପୂର୍ଣ୍ଣ ।

ଧାତୁପ୍ରତ୍ୟୟ ଅର୍ଥ ସମ୍ବଳିତ । ପ୍ରାୟ ଦଶସହସ୍ର ଶବ୍ଦ ଏଥିରେ ଅଛି । ଛାତ୍ର ଓ ଶିକ୍ଷକମାନଙ୍କର ବିଶେଷ ବ୍ୟବହାରୋପଯୋଗୀ । ମୂଲ୍ୟ ଏକଟଙ୍କା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଏବଂ ପ୍ରକାଶକଙ୍କ ନିକଟରେ ପ୍ରାପ୍ତବ୍ୟ ।

---

CHEAP ! CHEAP ! CHEAP !

**SCHOOL BOOKS.**

Prescribed for the Collegiate school and H. E. schools

JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

---

## ବି ଜ୍ଞା ପ ନ ।

ଶୂଳାଗଜକେଶରୀ ।

ନୂତନ ଓ ସମ୍ପୂର୍ଣ୍ଣ ପରୀକ୍ଷିତ

ପରୀକ୍ଷିତ—ପରୀକ୍ଷିତ—ପରୀକ୍ଷିତ ।

ଏହି ଔଷଧ ବ୍ୟବହାରରେ ବାତଜ, ପିତ୍ତଜ, ଶ୍ଳେଷ୍ମଜ, ଆମଜ ଓ ପରିଣାମଶୂଳ ଇତ୍ୟାଦି ସର୍ବପ୍ରକାର ଶୂଳ ଓ ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, ଅମ୍ଳପିତ୍ତ ଉଦ୍ଗାର ଇତ୍ୟାଦି ସର୍ବପ୍ରକାର ଉଦରର ବାୟୁରୋଗ ଅଚିରାତ୍ ଆରୋଗ୍ୟ ହୁଏ । ଏହା ଆମ୍ଭର ବିଶେଷରୂପେ ପରୀକ୍ଷିତ ଔଷଧ ସପ୍ତାହ ସେବନ କଲେ ଯଥେଷ୍ଟ ଉପକାର ପାଇ ପାରିବେ ବିଶେଷ ଆଡ଼ମ୍ବରପୂର୍ଣ୍ଣ ବିଜ୍ଞାପନ ଲେଖିବା ନିଷ୍ପ୍ରୟୋଜନ (ଫଳେନ ପରିଚୀୟତେ) ଯେଉଁମାନେ ଶୂଳରୋଗାକ୍ରାନ୍ତ ହୋଇ ନାନାପ୍ରକାର ଔଷଧାଦିର ବ୍ୟବହାର କରି ସୁଦ୍ଧା କିଛିମାତ୍ର ଉପକାର ପାଇ ନାହାନ୍ତି ସେମାନେ ଆମ୍ଭ ଆବିଷ୍କୃତ ଏହି ନୂତନ ଔଷଧ ବ୍ୟବହାର କଲେ ଅବଶ୍ୟ ସୁଫଳ ପାଇବେ ଏହା ଆମ୍ଭେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ । ସାଧାରଣଙ୍କୁ ଅନୁରୋଧ ଯେ ଏହା ବ୍ୟବହାର କରି ରୋଗମୁକ୍ତ ହୁଅନ୍ତୁ ।

ଏଥିର ପ୍ରତି କୌଟାର ମୂଲ୍ୟ ଟ ୧ ଟା ମୋଫସଲ ପାଇଁ ଡାକମାସୁଲ ଟ ୦ ।

ଏହି ଔଷଧ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ଓ ଆମ୍ଭ ନିକଟରେ ପ୍ରାପ୍ତହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

| | |
|---|---|
| ଭୁବନପୁର<br>ସହର କଟକ<br>କାଉରା ଧାଉଁଶାମ | ନିବେଦକ<br>ଶ୍ରୀ ବାଳକୃଷ୍ଣ ଦାସ । |

ସରକାରଙ୍କ ବସାରେ ।

---

ମାଇନର, ବର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ୍ୱାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଲେଶରେ ପାଇପାରିବେ ।

---

## ବିଜ୍ଞାପନ ।

ନୂତନ ନୂତନ ନୂତନ

ଜନକର୍ଣ୍ଣ ଭରତନ

ସର୍ବ୍ୟସାଧାରଣ ଜନ୍ୟପାଠ୍ୟ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି

ମୂଲ୍ୟ ଟ ୦/ ଏକଅଣା ମାତ୍ର

ଅନ୍ୟାନ୍ୟପାଠ୍ୟମାନ ପ୍ରସ୍ତୁତ ଅଛି

---

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ

ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ୵ ମା ତ୍ର ।

ଏଥିରେ ବସିଣୀ, ଝୁଲି, ଖେମଟା, ଟପା, ନୂତନପ୍ରସ୍ତୁତ ସୁମଧୁର-ସ୍ୱରର ଅତିଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଓ ମ୍ୟାନେଜର ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

ଉଷାବତୀହରଣ ମୂଲ୍ୟ ଟ ୦/

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି

Digitized by srujanika@gmail.com

## ସଂଗୀତସାର

ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ୱତାଧିକ ।

ମୂଲ୍ୟ ଟ ୦ ।୵ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଙ୍କଳିତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସୁରତ ଦକ୍ଷିଣୀ ଓ ଅନ୍ୟ ସଙ୍ଗୀତ ସନ୍ନିବେଶିତ ହୋଇ-ଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

ହଜାରେ ଟଙ୍କା ପୁରସ୍କାର ।

## BISHAHARI.

## ବିଷହରି ।

ଫେରାଣ ହୁଅ ନାହିଁ ।

ଡାକ୍ତର ଶ୍ରୀ ଶଶିଭୂଷଣ ବିଶ୍ୱାସ ମହାଶୟଙ୍କ ଉପଦଂଶ ଓ ପାରଦଜନ୍ୟରୋଗ ସର୍ବ୍ୱାର୍ଥସଦୌ-ଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ପାରଦ ଓ ଉପଦଂଶ ଜନିତରୋଗ ଦ ୧୫ ଦିନ ଓ ପ୍ରମେହ ଦ ୩ ଦିନ ମଧ୍ୟରେ ଆରୋଗ୍ୟ ହୁଅ-ନ୍ତି । ଏଥିରେ କୁଷ୍ଠ ଆରୋଗ୍ୟ ହେଉଅଛି, ଏହା ଦେଶୀୟ ବୃକ୍ଷରୁ ସ୍ୱାଭାବିକ ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ପାରଦବର୍ଜିତ । ପାରା ବାହାର କଲେ ହଜାରେ ଟଙ୍କା ପୁରସ୍କାର ଦେବୁ । ମୂଲ୍ୟ—ଏକନଉଷଧର ଟ ୧ ଙ୍କା, ଲେପନଦ୍ର-ବ୍ୟର ଟ ୧ ଙ୍କା, କୁଷ୍ଠରୋଗର ପୂର୍ଣ୍ଣ ଟ ୪ ଙ୍କା, ବାକ୍ସ ୫ ଓ ଡାକ ଟ ୦ ।୵ ବ୍ୟବସ୍ଥା ପତ୍ର ସହିତ ଭିପିଏଲ ପୋଷ୍ଟରେ ପଠାଯିବ ।

"ପ୍ରଧାନ ଏଜେଣ୍ଟ ମେସର୍ସ ବଟକୃଷ୍ଣ ପାଲ ଏଣ୍ଡ କୋଂ, ଶୋଭାବଜାର ଚିନାବଜାର କଲିକତା"

କଟକର ଏଜେଣ୍ଟ

ବାବୁ ଏଲ୍, ଏନ୍, ନାଥ୍

ଇମ୍ପିରିୟଲ ମେଡିକାଲହଲ ।

କଟକ ଓଡ଼ିଶା

---

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ରୌଷଧିଶଙ୍କାର ଶମ୍ଭୁଚ ବାବୁ ଗୌରସୁନ୍ଦର ସାହୁଙ୍କ ବସା ସମ୍ମୁଖରେ ଅମ୍ଭମାନଙ୍କର ଦୋକାନରେ ବମ୍ବେଦୋଣା, କ-ଲଭ, ରେଶମୀ ଓଟେଣର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରଚ ଦର ସେହି ଲୁଗା ଉପରେ ଲେଖା ଅଛି ଯଦ୍ଦ୍ୱାରା ଗ୍ରାହକମାନଙ୍କ ପ-କ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦର-ଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୁନଫା ବସି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର କାହାରଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକ-ମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକ-ଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁ-ପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ତପସିଲ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଷ୍ଟମେଣ୍ଟ ପେନସିଲ | ଗୋ ୧ ଟ ୦।୵ |
| ଲାଲ ଓ ନୀଳ ପେନସିଲ | ଗୋ ୧ ଟ ୦।୵୧ |
| ଓଡ଼ିଆ ପେନସିଲ | ଦ ୧ ଟ ୦ ।୵ |
| ଲେଖା କାଗଜ | ଦ ୧ ଟ ୦ ।୵ |
| ଫୁଲସ୍କେପ୍ କାଗଜ ସରୁଆ | ଦ ୧ ଟ ୦ ।୵ |
| ଏକାଳ ରୁଲବାଲା | ଦ ୧ ଟ ୦ ।୵ |
| ଏକାଳ ସରୁଆ | ଦ ୧ ଟ ୦ ।୵ |
| ଫାନସିନୋଟପେପର ଓ ଲଫାଫା | ଦ ୧ ଟ ୬ । |
| ଡାକଦାଗଜ ସରୁଆ | ଦ ୧ ଟ ୦ ।୵ |
| ଏକାଳ ମଧ୍ୟମ | ଦ ୧ ଟ ୦ ।୵ |
| ଲଫାଫା ସରୁଆ ସ୧୦୦ ଟ ୦।୵ | ଗୋ ୨୫ ଟ ୦।୵ |
| ଏକାଳ ମଧ୍ୟମ ସ୧୦୦ ଟ ୦।୵ | ଗୋ ୨୫ ଟ ୦ ୧୯ |
| ବାଲିକାଗଜ ୧୬ ଖଣ | ଦ ୧ ଟ ୦ ।୵ |
| ସୀହାଳି | ଗୋ ୧ ଟ ୦ ।୵ |
| ଏହାର ଗୁଣ୍ଡ ଏହାକୁ ଅଧ-ଘୋଳି ଜଳରେ ଗୋଳାଇ ଦୁଇଦଣ୍ଡ ପରେ ଛାଣି ନେଲେ ଉତ୍ତମ ସିହାଳି ପ୍ରସ୍ତୁତ ହେବ | ଦ ୧ ଗ୍ରୁସ ଟ ୦ ।୵ |
| ସ୍ଲେଟ ପେନସିଲ | ବ ୧ ଟ ୦ ।୵ |
| ଉଡଲ | ଖ ୧ ଟ ୦ ।୵ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।୵ |
| ଲୁହା କଲମ (ନିବ) ସରୁଆ | ଡ଼ ୧ ଟ ୦ ।୵ |
| ଏକାଳ ଛରୁଆ | ଡ଼ ୧ ଟ ୦ ୧୯ |
| ଏକାଳ ବଡ଼ମାଗଲିବୋଲିମ | ଗୋ ୧ ଟ ୦ ୧୬ |
| କାଠଦୂଅର ଦ୍ୱାକୁଣି ସହିତ (ଲିଖଣାକାର) | ଗୋ ୧ ଟ ୦ । |
| ଏକାଳ ସାଧାରଣ | ଗୋ ୧ ଟ ୦।୵ |
| ଲଲାଫିତା ସରୁଆ | ଗ ୧ ଟ ୦।୵ |
| ହୋଇସ୍କାର ବେଗ ଦୂରବାହିତ | ଗୋ ୧ ଟ ୦।୵ |
| ମନିବେଗ | ଗୋ ୧ ଟ ୦ ।୵ |
| ମୁଣ୍ଡନପଥରର ଫଟିଂକିତା ଓ କୁସେଲଜନଥାଲି | ଗୋ ୧ ଟ ୬ । |
| ଲେବେଣ୍ଡର | ଗୋ ୧ ଟ ୧୧ |
| ମେଜସଭ ଅଏଲ | ଗୋ ୧ ଟ ୦ ୩ |
| ସାବୁନ ସରୁଆ | ଖ ୧ ଟ ୦ ।୵ |
| ଫଲଦାନ | ଗୋ ୧ ଟ ୧।୵ |
| ଦେବାଲଗିର ମଶାଲଦାନୀ | ଗୋ ୬ ଟ ୪। |
| ଏକାଳ ଏକଡାଳିଆ | ଗୋ ୧ ଟ ୨ |
| ଦୋହ | ଗୋ ୧ ଟ ୨ |
| ଅଗ୍ନେଷ୍ଟ | ଗୋ ୧ ଟ ୦।୵ |
| ତାସ | ଦ ୧ ଟ ୦ ।୵ |
| ସାନପଶ୍ଚି | ଗୋ ୧ ଟ ୩ ୧ |
| ବନାତ୍ସା ସନ୍ତୁ ଭସ୍ମ | ଖ ୧ |
| ଚିଡବାରଏହାକୁ କୌତଫି ଖାଦ୍ୟରେ ଭର୍ତ୍ତି ବଂଶରେ ଭରଲାଇ ବୋତଲ ଷ୍ଟାକରେ ଲଗାଇ ଦେଲେ ଘଣ୍ଟା ପଢ଼ୁଥିବାର ବନ୍ଦ ହେବ ସେ | ୧ ଟ ୦ । |

କଟକ ଚୌଧୁରୀ ବଜାର } ଅତଳବଷ୍ଟିର ଜନ ନମ୍ବରି


---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ।୵ |
| ଅଧସ୍ତମ୍ଭ | ଟ ୬୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୧୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୩ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ-ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇ-ବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ [illegible] କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୩୦ ସ | ସ ୧୨ ଖ୍ୟା | ତା ୨୩ ତାରିଖ ମାହେ ମାର୍ଚ୍ଚ ସନ ୧୮୯୫ ମସିହା । ମୁ । ଓ ୧୧ ନ ଚୈତ୍ର ସନ ୧୩୦୨ ସାଲ ଶନିବାର । | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩ | ପଶ୍ଚାଦ୍‌ଦେୟ ଟ ୬



## ବିଜ୍ଞାପନ

ଓଡ଼ିଆ

ସନ ୧୮୯୫।୯୬ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପୂର୍ବ ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।

ବଡ଼ ଖ ୧ କୁ ଟ ୦।୵ ଡାକମାସୁଲ ଟ ୦୵

ଛୋଟ ଖ ୧ କୁ ୵୦୵ ଡାକମାସୁଲ ଟ ୦୧୬


ଗତ ବୃହସ୍ପତିବାର ବଡ଼ଲାଟଙ୍କ ସଭାରେ ଭାରତବର୍ଷର ଆଗାମୀ ବର୍ଷର ଆୟ ବ୍ୟୟ ସମ୍ବନ୍ଧୀୟ ବଜେଟ ଦେଖାଇ ଦରପେସ ହୋଇଥିବ । ଏବର୍ଷ କୌଣସି ନୂତନ ଟିକସ ଧାର୍ଯ୍ୟ ହେବାର କଳ୍ପନା ନ ଥିବାରୁ ସଭାମଧ୍ୟରେ ବଜେଟ ପଠିତ ହେବାର କଥା ନ ଥିଲା । ଆଗାମୀ ଶୁକ୍ରବାର ସଭାରେ ବଜେଟର ତର୍କ ବିତର୍କ ହେବ ।

---

କୁଚବିହାରର ମହାରାଜା ତାଙ୍କର କୌଣସି ଦୁର୍ଭିକ୍ଷରୁ ଫଳ ମୂଳ ଭୋଜନର ଉପଯୋଗୀ ରୋପିତ ବାଗିଚା ଗଢ଼ିବାର ଫରମାସ ଦେଇଅଛନ୍ତି । ଏଥିରେ ପ୍ରାୟ ୬୦ ହଜାର ଟଙ୍କା ବ୍ୟୟ ହେବ । ଏ ଦେଶରେ କି ଉତ୍କୃଷ୍ଟ ରୂପ-କାନନ ଗଢ଼ିବାର କାରଣ ନାହାନ୍ତି । ଦେଶୀୟ ଧନାଢ୍ୟମାନଙ୍କର ଏହ ବଦାନ୍ୟତା ଭୂତ ଅନୁ-ମାନଙ୍କର ଲାଭ ହୋଇଅଛି । ବଳଭ ପୂର୍ବ ଭଳି ଯେମନ୍ତ କୌଣସି ଦ୍ରବ୍ୟ ଶୁଳ୍କ ହେବ ନାହିଁ ।

---

ମହାରାଜା ସର, ଯତୀନ୍ଦ୍ରମୋହନ ଠାକୁର ବାହାଦୁର କେ, ସି, ଏସ, ଆଇ ସଂସ୍କୃତ ଶିକ୍ଷାର୍ଥୀଙ୍କ ନିମନ୍ତେ ବୃତ୍ତି ସ୍ଥାପନ ଉଦ୍ଦେଶ୍ୟରେ ୧୫ ହଜାର ଟଙ୍କା ଦାନ କରିବାରୁ ମାନ୍ୟବର ବଙ୍ଗୀୟ ଲେପ୍ଟେନାଣ୍ଟ ତାହାଙ୍କୁ ଧନ୍ୟବାଦ ଦେଇ ଅନୁରୋଧ କରିଅଛନ୍ତି ଯେ ଦାତବ୍ୟ ବସ୍ତୁର ଖଜାଞ୍ଚିଙ୍କ ମାରଫତରେ ଗଚ୍ଛିତ ରଖିବା କାରଣ ସନ ୧୮୯୦ ସାଲର ୬ ଆଇନ ଅନୁସାରରେ ମହାରାଜା ବାହାଦୁର ଦରଖାସ୍ତ କରିବେ ।

---

ଚିତ୍ରାଲର ଗୋଳମାଳ ସମ୍ବନ୍ଧରେ ଉମରା-ଖାନଙ୍କ ନିକଟକୁ ଆଦେଶ ପଠା ଯାଇ ଅଛି ଯେ ଆସନ୍ତା ଅପ୍ରେଲ ମାସ ତା ୧ ରିଖ ମଧ୍ୟରେ ସେ ଚିତ୍ରାଲ ସ୍ୱାଧୀନର ସୀମା ମଧ୍ୟରୁ ଅବଶ୍ୟ ବାହାରି ଯିବେ ଏବଂ ଯେବେ ସେ ଏକ ଦିନ-ମାତ୍ର ଏ ଆଜ୍ଞା ପ୍ରତି ପାଳନରେ ହେଳା କରି-ବେ ତେବେ ଇଣ୍ଡିଆ ଗବର୍ଣ୍ମେଣ୍ଟ ତାହାଙ୍କୁ ବାହାର କରି ଦେବାକୁ ବାଧ୍ୟ ହେବେ । ଏଥି-ସଙ୍ଗେ ୨ ପେସବାରରେ ଥିବା ସେନା ପ୍ରତି ପ୍ରସ୍ତୁତ ରହିବା କାରଣ ଆଦେଶ ହୋଇ ଅଛି ଯେ ଆବଶ୍ୟକ ହେଲେ ଉମରଖାନଙ୍କ ବିରୁଦ୍ଧ-ରେ ଚଢ଼ାଇ କରିବେ ।

---

ମାନ୍ଦ୍ରାଜ ହାଇକୋର୍ଟର ସ୍ୱର୍ଗୀୟ ବିଚାରପତି ମାଧବସ୍ୱାମୀ ଅୟ୍ୟରଙ୍କ ସ୍ମରଣାର୍ଥ ଗତ ନଗରରେ ଏକ ବୃହତ୍ ସଭା ହୋଇଥିଲା ଏବଂ ମାନ୍ଦ୍ରାଜର ମହାମାନ୍ୟ ଗବର୍ଣ୍ଣର ଲର୍ଡ଼ ୱେନଲକ ସଭାପତିର ଆସନ ଗ୍ରହଣ କରିଥିଲେ । ସ୍ମରଣ ଚିହ୍ନ-ସ୍ୱରୂପ ମୃତମହାତ୍ମାଙ୍କର ଗୋଟିଏ ପ୍ରସ୍ତରମୂର୍ତ୍ତି ସ୍ଥାପନ କରିବାର ଧାର୍ଯ୍ୟ ହେଲ । ଏଥିର ବ୍ୟୟ ୬୦ ହଜାର ଟଙ୍କାରୁ ଊଣା ହେବ ନାହିଁ । ଅତ-ଏବ ସାଧାରଣ ଚେନ୍ଦାଦ୍ୱାରା ଏ ଟଙ୍କା ସଂଗୃହୀତ ହେବ ଏବଂ ଭରସା କୁଆଡ଼ି ମାନ୍ଦ୍ରାଜବାସିମାନେ ଯେମନ୍ତ ଉତ୍ସାହ ସହିତ ସଭାରେ ଯୋଗ ଦେଇଅଛନ୍ତି ସେହି ଦାନରେ ସେମନ୍ତ ମୁକ୍ତହସ୍ତ ହେବେ ।

---

ବଙ୍ଗଳା-ନାଗପୁର ରେଲବାଟ ମେଦିନୀପୁର ଓ କଟକବାଟେ କଲିକତା ପର୍ଯ୍ୟନ୍ତ ବିସ୍ତାର ହେବାର ପ୍ରସ୍ତାବ ଇଣ୍ଡିଆ ଗବର୍ଣ୍ମେଣ୍ଟ ନିଶ୍ଚିତ-ରୂପେ ମଞ୍ଜୁର କରି ଅଛନ୍ତି । କଲିକତା ସହର-ମଧ୍ୟରେ ଏହି ବାଟର ଏକ ଷ୍ଟେସନ ସ୍ଥାପିତ ହେବ । କିନ୍ତୁ ମେଦିନୀପୁର ଓ କଟକ ଏବଂ ବଙ୍ଗଳା-ନାଗପୁର ବାର୍ଟ୍ଟ-ଦ୍ୱୟର ପରସ୍ପର ବୁଝାଯାଉ ନାହି । ସମ୍ପ୍ରତି ଇଷ୍ଟକୋଷ୍ଟ ରେଲବାଟ କଟକଠାରୁ ମେଦିନୀପୁରକୁ ବିସ୍ତାର ହୋଇ ସେହିଠାରେ ବଙ୍ଗଳା-ନାଗପୁର ରେଲସଙ୍ଗେ ମିଶିବ । ଆମ୍ଭମାନଙ୍କ ଲେପ୍ଟେନାଣ୍ଟ ସର ଇଲିୟଟ ବାହାଦୁରଙ୍କ

Digitized by srujanika@gmail.com

Split by PDF Splitter



ବିଶେଷ ଅନୁଗ୍ରହରେ ଗବର୍ଣ୍ଣମେଣ୍ଟ ଏହି ରେଲବାଟ ମଞ୍ଜୁର କରିବାରୁ ଛୋଟଲାଟ ମହୋଦୟ ଅଶେଷ ଧନ୍ୟବାଦର ପାତ୍ର ଅଟନ୍ତି ।

---

କଲିକତାର ବିଖ୍ୟାତ ମାରୱାଡ଼ି ବଣିକ୍ ରାୟସୂର୍ଯ୍ୟମଲ୍ଲ ଝୁନ୍‌ଝୁନ୍‌ୱାଲା ବାହାଦୁର ଇହଲୋକରୁ ବିଦାୟ ହୋଇ ଗଲେ ବଡ଼ ଦୁଃଖର ବିଷୟ ଅଟେ । ଏ ମହାତ୍ମା ସାମାନ୍ୟ ଅବସ୍ଥାରେ କଲିକତାକୁ ଆସି ଲୁଣାଦିକର୍ମ କରୁଥିଲେ । ମହାରାଜା ଦୁର୍ଗାଚରଣ ଲାହାଙ୍କ ପରାମର୍ଶ ଓ ସାହାଯ୍ୟରେ କାରବାର ବୃଦ୍ଧି ଏବଂ କ୍ରମେ ଲୁଣର ଦଲାଲ ହୋଇ ଯେପରି ବହୁତ ଧନ ଅର୍ଜନ କଲେ ସେପରି ହିନ୍ଦୁ ସାଧାରଣ ହିତକାର୍ଯ୍ୟରେ ମୁକ୍ତହସ୍ତ ହେଲେ । କଲିକତା ନଗରେ ଗଙ୍ଗାତୀରସ୍ଥ ଆଦ୍ୟ ଶ୍ରାଦ୍ଧଘାଟ ହରିଦ୍ୱାରର ଧର୍ମଶାଳା, ଲକ୍ଷ୍ମୀନାରାୟଣଙ୍କ ମନ୍ଦିର ସେହିଏହାଙ୍କର ପ୍ରଧାନ କୀର୍ତ୍ତି । ସାଧାରଣ ବଦାନ୍ୟତା ହେତୁ ଗବର୍ଣ୍ଣମେଣ୍ଟ ଏହାଙ୍କୁ ରାୟବାହାଦୁର ପଦ ଦେଇଥିଲେ । ଧନ ଅର୍ଜନର ଲୋକ ଅନେକ ମାତ୍ର ସଦ୍‌ବ୍ୟବହାର କରିବାର ଲୋକ ବିରଳ । ସୁତରାଂ ସେପରି ଲୋକର ଅନ୍ତର୍ଦ୍ଧାନ ହେବା ଦୁଃଖର ବିଷୟ ଅଟେ ।

---

ଗତ ଫେବ୍ରୁଆରି ଶେଷ ସପ୍ତାହରେ କଲିକତାରେ ହିନ୍ଦୁଧର୍ମର ଘୋଷଣାରେ ନିମନ୍ତେ ୭୨୭ ବକ୍ତୃତା ପ୍ରଦାନ ହୋଇ ସେଠା ଲୋକଙ୍କୁ ମୋହିତ କରିଥିଲେ ସେ କେବଳ ହିନ୍ଦୁଧର୍ମର ପକ୍ଷପାତୀ ଏପରି ନୁହେଁ ତାହାଙ୍କର ଅନ୍ୟର ବ୍ୟବହାର ମଧ୍ୟ ହିନ୍ଦୁ ପରି ଅଟେ । କଲିକତାର ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ଯେ ସେ ବ୍ରାହ୍ମଣଦ୍ୱାରା ରନ୍ଧିତ ଖାଦ୍ୟ ପାକ କରାଇ କଦଳୀପତ୍ରରେ ବାଢ଼ି ଆପଣା ହାତରେ ଭୋଜନ କରନ୍ତି ଏବଂ ଚନ୍ଦନର ଫୋଟା ଦେଇ ଓ ସାୟଂକାଳରେ ପ୍ରଭୁ ଶ୍ରୀ କୃଷ୍ଣଙ୍କ ଉପାସନା କରନ୍ତି । କେହି ଦେଖା କରିବାକୁ ଆସିଲେ ସଂକଳ୍ପି ଆସନରେ ବସି କଥାବାର୍ତ୍ତା କରନ୍ତି । ତାହାଙ୍କର ଶରୀରର ଉଜ୍ଜ୍ୱଳତା ଦେଖି ଏବଂ ଅନ୍ୟ କେତେକ ଉଜ୍ଜ୍ୱଳତା ଅନେକ ଶୁଣି ସାର ତ ଥିଲେହେଁ ଏ ଦେଶୀୟ ଅନେକଙ୍କୁ ସେ ବଡ଼ ବୃଦ୍ଧ ପାଇବାର ଜଣାଯାଏ । ଏ ଦେଶୀୟ ଯେଉଁମାନେ ବିଲାତିଙ୍କର ଅନୁକରଣ କରୁଅଛନ୍ତି ସେମାନେ ଏହାଙ୍କ ଉଦାହରଣ ଦେଖି କିଛି ବ୍ୟସ୍ତ ହେଉଥିବେ ।

—:୦:—

ଚୀନ—ଜାପାନ ଯୁଦ୍ଧର ଅବସାନ ନାହିଁ । ଜାପାନ ଜୟଲାଭ କରିବାର ସମ୍ବାଦ କ୍ରମାଗତ ଆସୁଅଛି । ସନ୍ଧି ବିଷୟରେ ଚୀନ ଆପଣା ଅଧୀନସ୍ଥ ଶାସନକର୍ତ୍ତାଙ୍କ ସଙ୍ଗେ ପରାମର୍ଶ କରିବାରେ ଅଧିକାଂଶ ସନ୍ଧି କରିବା ସପକ୍ଷରେ ମତ ଦେଇ ଅଛନ୍ତି ଓ ଚୀନଦୂତ ଜାପାନକୁ ଯାଇଅଛନ୍ତି । ଜାପାନ ମଧ୍ୟ ସନ୍ଧି କରିବାକୁ ଇଚ୍ଛା କଲେଣି । କେବଳ ସନ୍ଧିର ନିୟମ ହେଉ ନାହିଁ । ମାତ୍ର ତେଣୁ ବିଷୟ ଅବଶ୍ୟ ଗୋପନ ରହିଅଛି । ଜନରବ ଶୁଣାଯାଏ ଯେ କୋରିଆ ଏବଂ ଚୀନର ବୃହତ୍ ପ୍ରସ୍ତରପ୍ରାଚୀର ପର୍ଯ୍ୟନ୍ତ ତାହାର ସମସ୍ତ ରାଜ୍ୟଖଣ୍ଡ ଜାପାନ ପାଇବାକୁ ଇଚ୍ଛା କରନ୍ତି । ମାତ୍ର ଚୀନ କେବଳ ଯୁଦ୍ଧର ଖରଚ କ୍ଷତିପୂରଣ ଦେବାକୁ ପ୍ରସ୍ତୁତ । ଯେବେ କେବଳ କ୍ଷତିପୂରଣ ଦ୍ୱାରା ଜାପାନ ସନ୍ତୁଷ୍ଟ ନ ହେବେ ତେବେ ଚୀନ ଆଉ ବହୁକାଳ ଅପେକ୍ଷା କରିବ । ଚୀନ ରାଜ୍ୟ ଟିକିଏ ଭୂମି ନୁହେ ଯେ ଜାପାନ ସହଜରେ ସମ୍ପୂର୍ଣ୍ଣ ଜୟଲାଭ କରିବ ଏବଂ କ୍ରମାଗତ ଯୁଦ୍ଧ ହେଲେ ଅନେକ ଅବଶ୍ୟ ଦ୍ୱାରାଟକୁ ଆସିବ ।

---

ଭରତପୁରର ମହାରାଜା ଅସୁସ୍ଥ ଥିବାର ପାଠକମାନଙ୍କୁ ଜଣାଇ ଥିଲୁଁ । ବୃଦ୍ଧ ମହାରାଜାଙ୍କ ମୃତ୍ୟୁ ହେବାରୁ ବର୍ତ୍ତମାନ ମହାରାଜା ଏ ଯେ ଅତ ଅଳ୍ପ ବୟସ୍କ ଅଟନ୍ତି ରାଜ ରୂପେ ରାଜ୍ୟ ଚଳାଉ ଥାଇବା ଏବଂ ତାହାଙ୍କ ଶାସନଦୋଷରୁ ନାନାପ୍ରକାର ଗୋଳମାଳ ଘଟିବା ବିଷୟରୁ ସେ ରାଜ୍ୟର ସରକାର ପ୍ରଜା ଗବର୍ଣ୍ଣମେଣ୍ଟଙ୍କ ସମୀପରେ ଆବେଦନ କରିଥିଲେ । ବର୍ତ୍ତମାନ ଟେଁର ଉଦନ୍ତ ହେବାରୁ ବିଲଣାସ୍ତକାରଙ୍କ ଆବେଦନ ସତ୍ୟ ଥିବା ଓ ମହାରାଜାଙ୍କ ଅକାରଣ ଅନେକ ଲୋକଙ୍କୁ ଜବରଦସ୍ତି ଉତ୍ପାତ କରୁଥିବାର ପ୍ରକାଶ ପାଇଲା । ଏହି ସବୁ କାରଣରୁ ଗବର୍ଣ୍ଣମେଣ୍ଟ ଭରତପୁରର ମହାରାଜାଙ୍କୁ ପଦଚ୍ୟୁତ କରିଅଛନ୍ତି । ତାହାଙ୍କର ସମସ୍ତ ଅଧିକାର ଛାଡ଼ି ନେଇ ସେ ରାଜ୍ୟର ଶାସନକାର୍ଯ୍ୟ କାଉନ୍‌ସିଲ ଦ୍ୱାରା ସମ୍ପାଦନ ହେବ । ଭରସା କରୁଁ ଅନ୍ୟସ୍ଥଳର ରାଜାମାନେ ଏଥିରୁ ଉପଯୁକ୍ତ ଶିକ୍ଷା ଲାଭ କରିବେ । କର୍ତ୍ତବ୍ୟ କାର୍ଯ୍ୟରେ ତ୍ରୁଟି କଲେ କାହାର ରକ୍ଷା ନାହିଁ ।

—:୦:—

କଟକବର୍ଷରେ ରେଲବାଟ ଆରମ୍ଭ ହେବାର ଅନ୍ତରୁ ବ ୫୦ ବର୍ଷ ହେଲା । ଏଥି ମଧ୍ୟରେ ଅନେକ ରେଲବାଟ ହୋଇ ଗଲା ମାତ୍ର ଦେଶୀୟ ଲୋକଙ୍କର ଗୋଟିଏ ରେଲକମ୍ପାନି ସ୍ଥାପନା ଏ ପର୍ଯ୍ୟନ୍ତ ହୋଇ ନ ଥିଲା । ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେଲା ବଙ୍ଗଦେଶରେ ପ୍ରଭଞ୍ଜନଥିଲ ରେଲକମ୍ପାନି ନାମରେ ଗୋଟିଏ ଯୌଥ କାରବାର ସ୍ଥାପିତ ହୋଇ ହୁଗୁଲି ଜିଲ୍ଲାରେ ହାଉଡ଼ାଷ୍ଟେସନଠାରୁ ମଣ୍ଡଳ ପର୍ଯ୍ୟନ୍ତ ଗୋଟିଏ ରେଲବାଟ ନିର୍ମାଣ ହେବାର କାର୍ଯ୍ୟାରମ୍ଭ ହୋଇ ଏଥି ପୂର୍ବେ ଜାନୁଆରି ମାସରେ ସେହି ବାଟର ମା ୧୨ ମାଇଲ ଫିଟି ଥିଲା । ବର୍ତ୍ତମାନ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଗତମାନ ମାସ ତା ୮ ଦିନଠାରୁ ସେହି ରେଲବାଟ ସମ୍ପୂର୍ଣ୍ଣ ମା ୩୫ ମାଇଲ ଫିଟି ଅଛି ଏବଂ ଉପଯୁକ୍ତ ରୂପେ ରେଲ ଗାଡ଼ିମାନ ଚାଲୁ ଅଛି । ଦେଶୀୟ ଲୋକଙ୍କ ମୂଳଧନ ଏବଂ କର୍ତ୍ତୃତ୍ୱ ଓ ଦେଶୀୟ କର୍ମଚାରୀଙ୍କ ଦ୍ୱାରା ଭାରତରେ ରେଲବାଟ ଚଳାଇବାର ଏହା ପ୍ରଥମ ଉଦାହରଣ ଅଟେ । ଆମ୍ଭେମାନେ ସର୍ବାନ୍ତଃକରଣ ସହିତ ଏହାର ମଙ୍ଗଳକାମନା କରୁଅଛୁଁ । ଏହା ଲାଭବାନ ହେଲେ ଏହିପରି ଅନ୍ୟାନ୍ୟ ବ୍ୟବସାୟ କରିବାକୁ ଦେଶୀୟ ଲୋକମାନେ ଉତ୍ସାହିତ ହେବେ ଏବଂ ଉଦ୍ୟୋଗ ସଫଳତା ଲାଭ କରିବ ।

—•†•—

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବାବୁ ନଳିନ ମୋହନ ଚକ୍ରବର୍ତ୍ତୀ ପଞ୍ଚାପାଳ ରୋଗରେ ଗତକାଲ ମାସର ୯ ଦିନ ଶନିବାର ସନ୍ଧ୍ୟାରେ ଏ ସଂସାରରୁ ବିଦାୟ ହୋଇ ଗଲେ । ନଳିନ ବାବୁଙ୍କୁ ଏଠା ଲୋକେ ଜନ୍ମରୁ ଯେ ଜାଣନ୍ତି । ସେ ଏଠା କମିଶନର ହୁଡ଼ଫର୍ଡ଼ଙ୍କ ସୁପରିଣ୍ଟେଣ୍ଡେଣ୍ଟ ଥିବାରୁ ବାବୁ ହରିବା ନାଥ ଚକ୍ରବର୍ତ୍ତୀଙ୍କ ଦ୍ୱିତୀୟ ସନ୍ତାନ ଏଠା ମେଡିକାଲସ୍କୁଲରେ ଉତ୍ତୀର୍ଣ୍ଣ ହୋଇ ଗୋଟିଏ ଔଷଧାଳୟ ଏକଷରରେ ଫେଣ୍ଟାନି ସ୍ୱାଧୀନ ବ୍ୟବସାୟ କରୁଥିଲେ ଏବଂ ସାନ୍ଦବାଦୀ ବିଦ୍ୟାଳୟ ସ୍ଥାପନ ପୂର୍ବକ କେତେକ ବର୍ଷ ଉତ୍ସାହ ସହିତ ଚଳାଉଥିଲେ । ସେ ଜଣେ କମ୍ପ୍ଲତ ବ୍ରାହ୍ମ ଏବଂ ତେଜସ୍ୱୀ ଲୋକ ଥିଲେ । ଦୁର୍ଭାଗ୍ୟ ବଶତଃ ଯେଷ ୨୮ ବର୍ଷ ହେବ ତାହାଙ୍କର କେମନ୍ତ ମସ୍ତିଷ୍କ ହେଲା ଯେ ସମସ୍ତ ତ୍ୟାଗ କରି କେବଳ ବ୍ୟବହାର ହାର ବ୍ରତ କରିଲେ । ସ୍ୱଯତ୍ନ ପୀଡ଼ିତ ହେବାରୁ ତାହାଙ୍କର ପିତା ଏଠାରୁ ଆସି ଚିକିତ୍ସା ନିମନ୍ତେ ତାହାଙ୍କୁ କଲିକତାକୁ ନେଇ ଗଲେ

Digitized by srujanika@gmail.com

Split by PDF Splitter



ଏବଂ ସେଠାରେ ଅନେକ ଯତ୍ନ କଲେ ସନ୍ତୋଷଜନକ ଫଳ ହେଉ ନାହିଁ । ପରମେଶ୍ୱର ଏହାଙ୍କର ଆତ୍ମାର ମଙ୍ଗଳ ବିଧାନ ଏବଂ ସନ୍ତାପିତ ବୃଦ୍ଧ ପିତା ଓ ପରିବାରବର୍ଗଙ୍କୁ ଶାନ୍ତନା ପ୍ରଦାନ କରନ୍ତୁ ।

—:o:X:o:—

ଦେବାନୀ କାର୍ଯ୍ୟବିଧିର ଧା ୨୬୦ ସ୍ଥ ପରିବର୍ତ୍ତନ ସକାଶେ ଯେଉଁ ପାଣ୍ଡୁଲିପି ବଡ଼ଲାଟଙ୍କ ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହୋଇ ଥିଲା ତାହା ପରିତ୍ୟକ୍ତ ହେଲା । ଉକ୍ତ ଧାରାର ମର୍ମ ଏହି କି ସ୍ଥାନି ସରକାରର ଉକ୍ତି କୌଣସି ଆଜ୍ଞା ଅମାନ୍ୟ କଲେ କାରାବାସ ଦଣ୍ଡ ଭୋଗ କରିବ । ଏହି ଦଫାର ସଂଶୋଧନବିଷୟକ ପାଣ୍ଡୁଲିପିର ଉଦ୍ଦେଶ୍ୟ ଏହି ଥିଲା କି ଅଦାଲତ ଚାହିଁଲେ, କଲେ କାରାବାସ ଦଣ୍ଡ ପରିବର୍ତ୍ତେ ଅର୍ଥଦଣ୍ଡ ବିଧାନ କରି ପାରନ୍ତେ । ଏହି ସଂଶୋଧନ ବିଲ୍‌ରେ ଘୋର ଆପତ୍ତି ହେବାରୁ ଏବଂ ପାଣ୍ଡୁଲିପିର ବିଷୟ ନିମନ୍ତେ ନିଯୁକ୍ତ ହୋଇଥିବା ବିଶେଷ କମିଟୀଙ୍କ ନିବେଦନାରେ ସେ ଆପତ୍ତିମାନ ପ୍ରବଳ ଜ୍ଞାନ ହେବାରୁ କମିଟୀଙ୍କ ପରାମର୍ଶରେ ମହାମାନ୍ୟ ଗବର୍ଣ୍ଣରଜେନେରଲ ଐକ୍ୟ ହୋଇ ପାଣ୍ଡୁଲିପି ଉଠାଇ ନେଲେ । ସେ କହିଲେ କି ପ୍ରସ୍ତାବିତ ପରିବର୍ତ୍ତନରେ ତାହାଙ୍କର ସହାନୁଭୂତି ଥିଲେହେଁ ସକଳ ଦେଖି ସେ ବୁଝୁ ଅଛନ୍ତି ଯେ ବର୍ତ୍ତମାନ ତହିଁର ସମୟ ଉପସ୍ଥିତ ହୋଇ ନାହିଁ । ସାଧାରଣ ମତ ସେଠା କରି ମହାମାନ୍ୟ ମହୋଦୟ ଏ ପାଣ୍ଡୁଲିପି ପରିତ୍ୟାଗ କରି ଧନ୍ୟବାଦର ପାତ୍ର ହୋଇ ଅଛନ୍ତି । ଦୁଃଖର ବିଷୟ ଯେ ଏହା ଅପେକ୍ଷା ଗୁରୁତର ବିଷୟରେ ସାଧାରଣ ମତପ୍ରତି ସମୁଚିତ ଆସ୍ଥା ଦେଖାଇ ପାରନ୍ତି ନାହିଁ ।

---

ଏ ନଗର ବାଙ୍କୀବଜାରସ୍ଥ ଶ୍ରୀ ବନୋବନବିହାରୀ ଠାକୁର ଏକ ପ୍ରାଚୀନ ଦେବତା ମାତ୍ର ଏହାଙ୍କର ମନ୍ଦିର ସଂଲଗ୍ନ ଅଳ୍ପ ଭୂମି ଛଡ଼ା ଅନ୍ୟ କୌଣସି ସମ୍ପତ୍ତି ନାହିଁ କି ଯହିଁରୁ ଏହାଙ୍କର ସେବା ଏବଂ ପର୍ବାଦିର ବ୍ୟୟ ନିର୍ବାହିତ ହେବ । ନିତ୍ୟ ସେବା ନିମନ୍ତେ ମାସିକ ଟ ୫ ଙ୍କା ସରକାରରୁ ମିଳେ ଅତି ଅଳ୍ପ ବର୍ତ୍ତମାନର ଦୁର୍ମୂଲ୍ୟ ସମୟକୁ ତାହା ସେହି କାର୍ଯ୍ୟ ସକାଶେ ନିଅଣ୍ଟ । ଏଥି ଉପରେ ଯାତ୍ରା ପର୍ବ ଅଛି ଏବଂ ତହିଁ ମଧ୍ୟରେ ଦୋଳ ଚନ୍ଦନ ଓ ଝୁଲଣ ଯାତ୍ରାମାନ ଆଡ଼ମ୍ବରରେ ହୋଇ ଥାଏ । ପୂର୍ବେ ନଗରବାସୀ ହିନ୍ଦୁ ସମସ୍ତ ମହାଜନ ଓ ଅପର ଲୋକମାନଙ୍କ ଦେବା ଦ୍ୱାରା ଯାହାର ବ୍ୟୟ ନିର୍ବାହ ହୋଇ ଆସୁ ଥିଲେହେଁ ପୂର୍ବ ପରି ଦେବା ସଂଗ୍ରହ ହେଉ ନାହିଁ ଏବଂ ଯାହା ଆସୁ ହେଉ ଅଛି ଦୁର୍ମୂଲ୍ୟ ହେବୁ ତହିଁରେ କାର୍ଯ୍ୟ ଚଳୁ ନାହିଁ । ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ କଣ୍ଟାଗଡ଼ର ବର୍ତ୍ତମାନ ରାଜା ଗତ ବର୍ଷ ଠାକୁରଙ୍କ ମନ୍ଦିର ନିକଟରେ ରହିବା ସମୟରେ ଏ ସମସ୍ତ ଅବସ୍ଥା ଅବଗତ ହୋଇ ଆପଣା ଇଚ୍ଛାରେ କିଛି ଭୂମି ଲେଖାଦେଇ ଅଛନ୍ତି କି ଯହିଁର ଆୟ ବର୍ଷକୁ ପ୍ରାୟ ଟ ୬୦ ଙ୍କା ହେବ ଏବଂ ତହିଁର ପରି ଅପେ ଗ୍ରହଣ କରି ସମ୍ପ୍ରତି ଟ ୧୮।/ [illegible] କରି ଆଣି ଦେଇ ଅଛନ୍ତି । ରାଜା ମହୋଦୟଙ୍କର ଏ କାର୍ଯ୍ୟ ବଡ଼ ପ୍ରଶଂସନୀୟ ଅଟେ । ଏବଂ ଏଥିପାଇଁ ସେ ସାଧାରଣ ହିନ୍ଦୁ ସମାଜର ଧନ୍ୟବାଦର ପାତ୍ର ହୋଇ ଅଛନ୍ତି ।

---

ପୁଲିସ ଆଇନ ।

ପୁଲିସ ଆଇନ ସଂଶୋଧ ନିମିତ୍ତେ ଯେଉଁ ପାଣ୍ଡୁଲିପି ବଡ଼ଲାଟଙ୍କ ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହୋଇଥିଲା ଭାରତବର୍ଷର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ନାନାସ୍ଥାନର ବଡ଼ ବଡ଼ ସଭା ସମିତି ଏବଂ ସମ୍ବାଦପତ୍ରମାନ ତହିଁର ଘୋର ପ୍ରତିବାଦ କଲେହେଁ ସେ ସମସ୍ତ ବିଫଳ ହୋଇ ତାହା ଆଇନସ୍ୱରୂପ ଜାରି ହୋଇଗଲା । ବ୍ୟବସ୍ଥାପକ ସଭାରେ ମଧ୍ୟ ଏହାର ପ୍ରତିବାଦ ହୋଇଥିଲା ମାତ୍ର ମତ ଆଧିକ୍ୟ ବଳରେ ସବୁ ବ୍ୟର୍ଥ ହେଲା । ଏହି ଆଇନ ଜାରି ହେବାରେ ଜନସାଧାରଣଙ୍କ ମନରେ ଶଙ୍କା ଦୁଃଖ ଓ ଭୟ ଉପସ୍ଥିତ ହୋଇଅଛି ଏବଂ ବିଲାତସ୍ଥ ଷ୍ଟେଟସେକ୍ରେଟେରିଙ୍କ ନିକଟକୁ ଏତଦ୍‌ବିଷୟରେ ଆବେଦନପତ୍ର ପଠାଇବାର ଚେଷ୍ଟା ହେଉଅଛି । ଭାରତ ଗବର୍ଣ୍ଣମେଣ୍ଟ ଆଇନ ଜାରି କରନ୍ତାରୁ ବିଲାତରେ ତାହା ଅଗ୍ରାହ୍ୟ ହେବାର ଆଶା କରିବା ଅବଶ୍ୟ ଅତିରିକ୍ତ ଅଟେ । ମାତ୍ର ଯେପର୍ଯ୍ୟନ୍ତ ଇଂରାଜମାନଙ୍କ ନ୍ୟାୟପ୍ରିୟତାର ପ୍ରତି ଭାରତବାସିଙ୍କର ଦୃଢ଼ବିଶ୍ୱାସ ଓ ଆଦର ଅଛି ସେପର୍ଯ୍ୟନ୍ତ ବିଲାତକୁ ଆବେଦନପତ୍ର ପଠାଇବା ନିଷ୍ଫଳ ବୋଲି ଅମ୍ଭେମାନେ କହି ନ ପାରୁଁ । ଇଂଲଣ୍ଡବାସୀ ସ୍ୱାଧୀନ ଓ ସଦ୍‌ଗୁଣପ୍ରିୟ; ତାନ୍ତ ଭ୍ରମରେ ନ ପଡ଼ିଲେ ନ୍ୟାୟମାର୍ଗରୁ ବିଚଳିତ ହେଲା କରିବା ସେମାନଙ୍କର ସ୍ୱଭାବ ନୁହେଁ । ଏହି ନ୍ୟାୟପ୍ରିୟତାର ଦ୍ୱାରା ସେମାନେ ଭାରତବାସିଙ୍କୁ ବଶରେ ରଖିଅଛନ୍ତି ଏବଂ ସେଥିପାଇଁ ଭାରତବାସିମାନେ ସେମାନଙ୍କ ଠାରେ ଅନୁରକ୍ତ । ଇଂରାଜମାନଙ୍କ ବିଚାରପ୍ରଣାଳୀର ମୂଳମନ୍ତ୍ର ଅମ୍ଭେମାନେ ଏହିପରି ବୁଝିଅଛୁଁ କି ଯେପର୍ଯ୍ୟନ୍ତ କାହାର ବିରୁଦ୍ଧରେ କିଛି ଦୋଷ ପ୍ରମାଣ ହୋଇ ନାହିଁ ସେପର୍ଯ୍ୟନ୍ତ ସ୍ୱଭାବତଃ ସେ ବ୍ୟକ୍ତି ନିର୍ଦ୍ଦୋଷୀ ବୋଲି ଗୃହୀତ ହେବ । ଅଥବା ସମସ୍ତେ ନିର୍ଦ୍ଦୋଷୀ କେବଳ ଯାହା ବିରୁଦ୍ଧରେ କୌଣସି ଅଦାଲତରେ ଦୋଷ ପ୍ରମାଣ ହେବ ସେହି ଏକା ଦୋଷୀ । ସୁତରାଂ ଦୋଷୀ ନିର୍ଦ୍ଦୋଷୀ ବାଛିବା ବିଚାରପତିଙ୍କ କାର୍ଯ୍ୟ । ମାତ୍ର ପୁଲିସ ବିଷୟକ ଯେଉଁ ଆଇନ ସମ୍ପ୍ରତି ଜାରି ହୋଇଅଛି ତହିଁରେ ଏହି ମୂଳମନ୍ତ୍ରର ବ୍ୟତିକ୍ରମ ଘଟିଅଛି । କାରଣ ଦୋଷୀ ନିର୍ଦ୍ଦୋଷୀ ବାଛିବାର ଭାର କଲା ମାଜିଷ୍ଟ୍ରେଟଙ୍କ ହାତରେ ଅଛି । ଅର୍ଥାତ୍ ଯେଉଁଠାରେ ଦଙ୍ଗା ହଙ୍ଗାମା ହେବ ସେଠାରେ ଅତିରିକ୍ତ ପୁଲିସ ରଖିବାର ଆବଶ୍ୟକ ହେଲେ ତହିଁର ଖରଚ ସେସ୍ଥାନବାସିମାନଙ୍କଠାରୁ ଆଦାୟ ହେବ ମାତ୍ର ଗବର୍ଣ୍ଣମେଣ୍ଟ ବା ମାଜିଷ୍ଟ୍ରେଟ ଯାହାଙ୍କୁ ନିର୍ଦ୍ଦୋଷୀ ବୁଝିବେ ତାହାଙ୍କୁ ଖରଚ ଦାୟରୁ ମୁକ୍ତ ଦେବେ । ସେହିପରି ଦଙ୍ଗାହଙ୍ଗାମାରେ କେହି କ୍ଷତଗ୍ରସ୍ତ ହେଲେ ତାହାର କ୍ଷତି ପୂରଣ ଦେବା ଦାୟରୁ ମାଜିଷ୍ଟ୍ରେଟ ଯାହାଙ୍କୁ ନିର୍ଦ୍ଦୋଷୀ ଜ୍ଞାନ କରିବେ ତାହାଙ୍କୁ କ୍ଷମା ଦେବେ । ବ୍ୟକ୍ତି ବିଶେଷଙ୍କୁ ମାଜିଷ୍ଟ୍ରେଟ ଆପଣା ଇଚ୍ଛାମତେ ଓ କିଛି ପ୍ରମାଣରେ କ୍ଷମା ଦେବା କଥାରୁ [illegible] ଅପେକ୍ଷିତ ହୋଇଅଛି । କାହାରିକୁ ଦୋଷ ସାବ୍ୟସ୍ତ କରିବା କିମ୍ବା କ୍ଷତିପୂରଣର ପରିମାଣ ଏବଂ ତାହା ଦେବାକୁ ବାଧ୍ୟ ଏ ସମସ୍ତ ସ୍ଥିର କରିବା କେବଳ ଅଦାଲତର କାର୍ଯ୍ୟ । ନୂତନ ଆଇନରେ ଏସବୁ କ୍ଷମତା ଯେବେ କାର୍ଯ୍ୟନିର୍ବାହକ ହାକିମମାନଙ୍କ ହସ୍ତରେ ଅର୍ପିତ ହେଲା ତେବେ ନ୍ୟାୟବିଚାରର ଗୌରବ ଆଉ ରହିଲା କି ? ଏହି କାରଣରୁ ନୂତନ ଆଇନଟି ସର୍ବସାଧାରଣଙ୍କର ଅତ୍ୟନ୍ତ ଅସନ୍ତୋଷଜନକ ହୋଇ ଅଛି ଏବଂ ଏହା ଜାରି ହେବାରୁ ଲୋକଙ୍କ ମନରେ ଏହି ଧାରଣା ବଳବତ୍ ହେଉଅଛି ଯେ ଏତେକାଳ ଇଂରାଜ ଗବର୍ଣ୍ଣମେଣ୍ଟ

Digitized by srujanika@gmail.com

ସ୍ୱଗୃହ ଅଶ୍ୱାଳୟର ଗୌରବ ରକ୍ଷାକର ଅସ୍ତଂ ସ୍ଥଳେ ଏଣିକି ତହିଁ ପଶ୍ଚିମର୍ତ୍ତିରେ କାର୍ଯ୍ୟବିଭାଗୀୟ କର୍ମଚାରୀଙ୍କର ଗୌରବ ବଢ଼ାଇବାର ସୁବିଧାଇ ହେଲା ଏବଂ ଏହାଦ୍ୱାରା କେତେବେଳେ କ ଅନିଷ୍ଟ ହେବ ତାହା କିଏ କହିପାରେ ।

---

## କଟକରେ ନାଟକାଭିନୟ ।

ଗତ ପୂର୍ବ ଶନିବାର ରାତ୍ରରେ କଟକ ବାଉଂକମାବତ୍ତର ଇକଳା ଷ୍ଟେଜର ଜୁବ ବଙ୍ଗାଳୀ ବିଲ୍ୱମଙ୍ଗଳ ନାଟକ ଓ ବିବାହବିଭ୍ରାଟ ପ୍ରହସନର ଅଭିନୟ ଦେଖାଇ ଥିଲେ ।

ବିଲ୍ୱମଙ୍ଗଳ ନାଟ୍ୟାଭିନୟ ଅତି ସୁନ୍ଦର ଓ ମନ ମୁଗ୍ଧକାରୀ ହୋଇଥିଲା ଯେଉଁମାନେ ବାଲକତାର ଅଭିନୟ ପ୍ରଦର୍ଶନ କରି ଅଛନ୍ତି ସେମାନେ ଏହି ଅଭିନୟକାର୍ଯ୍ୟରୁ ଉଚ୍ଚପେକ୍ଷା କୌଣସି ପ୍ରକାରରେ ନ୍ୟୁନ ନ ଥିବାର ବ୍ୟକ୍ତ କରି ଅଛନ୍ତି ।

ନାଟକର ସାରାଂଶ ଏହି ଯେ ବିଲ୍ୱମଙ୍ଗଳ ଧନାଢ୍ୟ ଯୁବକ ଚିନ୍ତାମଣି ନାମକ ବେଶ୍ୟା ପାଦରେ ଆସକ୍ତ ହୋଇ ଯଥା ସର୍ବସ୍ୱ ନଷ୍ଟ କରିଥିଲା । ଓ ତାହାର ବେଶ୍ୟାସକ୍ତି ଏତେଦୂର ବୃଦ୍ଧି ହୋଇ ଥିଲା ଯେ ଏକ ଦୁର୍ଦ୍ଦିନ ବର୍ଷାକାଳ ବୃଷ୍ଟି ଓ ମେଘଗର୍ଜନ କାଳରେ ଗୋଟାଏ ଶବକୁ ଏକଖଣ୍ଡ କାଷ୍ଠ ଜ୍ଞାନକରି ନଦୀସ୍ରୋତାଙ୍କରେ ନଦୀପାର ହୋଇ ବଣ ଜ୍ଞାନରେ ସର୍ପଶାଖାବଳମ୍ବନରେ ପ୍ରାଚୀର ଉତ୍ତୀର୍ଣ୍ଣ ହୋଇ ଚିନ୍ତାମଣି ବେଶ୍ୟାର ଗୃହାଭ୍ୟନ୍ତରେ ଉପସ୍ଥିତ । ବିଲ୍ୱମଙ୍ଗଳର ବିଶ୍ୱାସ ଥିଲା ଚିନ୍ତାମଣି ତାହାର ଏକମାତ୍ର ସ୍ନେହ ଓ ପ୍ରେମର ପାତ୍ର କିନ୍ତୁ ବିଲ୍ୱମଙ୍ଗଳଙ୍କୁ ଏହି ଦୁରବସ୍ଥାରେ ଏପ୍ରକାର ଶୋଚନୀୟ ଅବସ୍ଥାରେ ପ୍ରାଚୀର ଉଲ୍ଲଙ୍ଘନ କରି ଆସିବାରେ ଚିନ୍ତାମଣି ଧିକ୍କାର କରିଥିଲା । ବିଲ୍ୱମଙ୍ଗଳ ଜାଣିଲେ ଯେ ସେ ଯାହାଙ୍କ ପକ୍ଷରେ ଏତେ ତ୍ୟାଗୀ ହୋଇ ଅଛନ୍ତି ଓ ଯାହାଙ୍କୁ ଏତେ ଅଧିକ ପ୍ରେମ ଓ ବିଶ୍ୱାସ କରନ୍ତି ତାଙ୍କପ୍ରତି ତାହାର ଭାବ ସେପରି ନାହିଁ ତେଣୁ ତାଙ୍କର ଚୈତନ୍ୟ ଲାଭ ହେଲା ତହୁଁ ସଂସାରପରିତ୍ୟାଗୀ ହେଲେ, ଯାହାର ପ୍ରାୟଶ୍ଚିତ୍ତ ଭଗବାନଲାଭୀ ହୋଇ ମଧ୍ୟ ପାପବୃତ୍ତି ଅନ୍ତର୍ହିତ ହୋଇ ନ ଥିଲା । ପଥମଧ୍ୟରେ ଏକ ବଣିକ ସ୍ତ୍ରୀର ସୌନ୍ଦର୍ଯ୍ୟରେ ବନ୍ଧୁସ୍ଥ ହୋଇ ସନ୍ନ୍ୟାସିବେଶରେ ବଣିକ ଗୃହରେ ଉପସ୍ଥିତ । ବଣିକ ଧର୍ମନିଷ୍ଠ ସନ୍ନ୍ୟାସୀଙ୍କୁ ସ୍ୱଗୃହ ଆଣିଲେ । ତାହାଙ୍କର ଅଭିଳାଷ ଥିଲା ଯେ କୌଣସି ଅଭୀଷ୍ଟର ପ୍ରାର୍ଥନା ଅବହେଳା ହେବ ନାହିଁ ।

ବିଲ୍ୱମଙ୍ଗଳଙ୍କ ପୂର୍ବ ପାପାସକ୍ତିର ସୀମା ଏତେଦୂର ବୃଦ୍ଧି ହୋଇଥିଲା ଯେ ସନ୍ନ୍ୟାସଭାଗୀ ହେଲେ ହେଁ ସେ ପାପଚକ୍ଷୁର ଦମନ କରି ପାରି ନ ଥିଲେ ଓ ପାପକାର୍ଯ୍ୟ କରିବାକୁ ମଧ୍ୟ ଦୁଃସାହସୀ ଥିଲେ । ଦୁଃସାହସ ବଳରେ ବଣିକଙ୍କୁ ତାଙ୍କର ସ୍ତ୍ରୀ ପ୍ରାର୍ଥନା କରିଥିଲେ । ବଣିକ ଦେଖିଲେ ପ୍ରାର୍ଥନା ଅସ୍ୱୀକାର କଲେ ଅତିଥିସତ୍କାର ହେବ ନାହିଁ ପ୍ରତିଜ୍ଞା ଭଙ୍ଗ ହେବ ସୁତରାଂ ପ୍ରାର୍ଥନା ସ୍ୱୀକାର କଲେ ।

ବିଲ୍ୱମଙ୍ଗଳଙ୍କ ପାପାଗାର ସମୟ ଉପସ୍ଥିତ ବଣିକର ସ୍ତ୍ରୀ ସ୍ୱକ୍ଷରେ ବସ୍ତ୍ରାଦିମାଳ ହସ୍ତରେ ତାଙ୍କଠାରୁ ଦୁଇଗୋଟି କଣ୍ଟା ମାଗିନେଇ ଉଦ୍ଧ୍ୱାସ ବିଲ୍ୱମଙ୍ଗଳ ତହିଁ ଚକ୍ଷୁ ଦ୍ୱୟ ନଷ୍ଟକଲେ ଚକ୍ଷୁ ଥିବାରୁ ସିନା ସ୍ତ୍ରୀ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ପାପ କାର୍ଯ୍ୟରେ ରତ ହେବାନିମନ୍ତେ ମନ ବଳାଇ ଥିଲେ ବର୍ତ୍ତମାନ ସେ ଚକ୍ଷୁ ନଷ୍ଟ କରି ହରିନାମ ଜପରେ ନିମଗ୍ନ ହୋଇ ବୃନ୍ଦାବନକୁ ଗମନ କଲେ ।

ଚିନ୍ତାମଣି ବେଶ୍ୟା ବିଲ୍ୱମଙ୍ଗଳର ଉପଦେଶ ଅନୁଗମନ ପ୍ରତୀକ୍ଷା କରି ସନ୍ନ୍ୟାସିନୀ ହୋଇ ବୃନ୍ଦାବନରେ ଉପସ୍ଥିତ ଓ ବଣିକ ମଧ୍ୟ ସନ୍ନ୍ୟାସଭାଗୀ ହୋଇ ସସ୍ତ୍ରୀକ ବୃନ୍ଦାବନ ଗମନ କଲେ ଓ ସମସ୍ତେ ଶ୍ରୀ ରାଧା-କୃଷ୍ଣଙ୍କର ଯୁଗଳ ମୂର୍ତ୍ତି ଦର୍ଶନ କରି ମୁକ୍ତି ଲାଭ କଲେ ।

ନାଟକର ଅଭିନୟ ଅତିବ ମନମୁଗ୍ଧକାରୀ ଓ ସର୍ବାଙ୍ଗସୁନ୍ଦର ହୋଇଥିଲା ଓ କୌଣସି ଅଭିନେତାର କାର୍ଯ୍ୟରୁ ଅସ୍ୱାଭାବିକ ଅବା ଦୋଷଜନକ କହିପାରୁ ନାହୁଁ ଅମ୍ଭେମାନେ ଆଶା କରୁଁ ଅଭିନେତା ବାଳମାନେ ସୁବିଧାନୁସାରେ ସମୟ ସମୟରେ ସାଧାରଣଙ୍କୁ ପ୍ରୀତିଜନକ ଉପଦେଶପୂର୍ଣ୍ଣ ଦୃଶ୍ୟ ଦେଖାଇ ଆପ୍ୟାୟିତ କରୁଥିବେ ବିବାହବିଭ୍ରାଟ ପ୍ରହସନ ଆଶାନୁରୂପ ହୋଇ ନ ଥିଲେ ହେଁ ମନ୍ଦ ହୋଇ ନ ଥିଲା । ସମୁଦାୟ ଏକ ବିଲ୍ୱମଙ୍ଗଳର ଅଭିନୟ କାର୍ଯ୍ୟରେ ପରିଶ୍ରାନ୍ତ ହୋଇ ଥିବାର ତହିଁ ଉତ୍ତମରୂପ ଅନୁଷ୍ଠାନରେ ବାହାରିବା କଷ୍ଟହେବାରୁ ଯେପରି ପ୍ରଶଂସନୀୟ ଅଭିନୟ ହେବା ଉଚିତ ସମୟ ଅଭାବରୁ ଓ ଦର୍ଶକବୃନ୍ଦ ତାର ଅଭିନୟ କାର୍ଯ୍ୟକୁ ଭୂୟଃ ପ୍ରଶଂସା କରିଥିଲେ ।

## ଅମ୍ଭମାନଙ୍କର ଗୋଟିଏ ବକ୍ତବ୍ୟ ।

ଏମାନଙ୍କର ଥିଏଟର ଦର୍ଶନ ନିମନ୍ତେ କେବଳ ଆମନ୍ତ୍ରିତ ବ୍ୟକ୍ତି ଉପସ୍ଥିତ ହୁଅନ୍ତି ଓ ବୋଧ କରୁଁ ପ୍ରତ୍ୟେକ ଥର ସେହିବ୍ୟକ୍ତିମାନେ ନିମନ୍ତ୍ରିତ ହୋଇ ଥାଆନ୍ତି । ଏତେବଡ଼ କଟକ ସହରରେ ଥିଏଟର ଦର୍ଶନାଭିଳାଷୀ ଅନେକ ଓ ସମସ୍ତଙ୍କୁ ଏକ ସମୟରେ ସ୍ମରଣ ବା ନିମନ୍ତ୍ରଣ କରିବା ସହଜ ନୁହେ କେହି୨ ମଧ୍ୟ ସେମାନଙ୍କର ସନ୍ତାନାଦିଙ୍କି ଦେଖାଇବାକୁ ଇଚ୍ଛାକରନ୍ତି ଏପ୍ରକାର ସ୍ଥଳରେ ଯଦ୍ୟପି ସମୁଦାୟ ଟିକେଟ କରି ନ ଯାଏ ପ୍ରତ୍ୟେକ ଥରରେ ବାହାରର ବନ୍ଧୁଲୋକ ଓ ସେମାନଙ୍କର ସନ୍ତାନମାନଙ୍କ ନିମନ୍ତେ କେତେକ ଖଣ୍ଡ ଯଥୋଚିତ ମୂଲ୍ୟର ଟିକେଟ କଲେ ବୋଧ ହୁଏ ଥିଏଟରର ଦ୍ରଷ୍ଟା ଭଲାଗିମାନେ ଅଭିଳାଷସିଦ୍ଧିର ସୁବିଧା ପାଇବେ

---

## ଉପହାର-ଫଣ୍ଡ

ପାଠକମାନଙ୍କୁ ଅବିଦିତ ନାହିଁ ଯେ ଭାରତୀୟ ସ୍ତ୍ରୀମାନଙ୍କର ଚିକିତ୍ସାର ଉପାୟ କରିବା କାରଣ ଭୂତପୂର୍ବ ଗବର୍ଣ୍ଣର ଜେନେରାଲ ଲର୍ଡ ଡଫରଣଙ୍କ ଆମଳରୁ ଗୋଟିଏ ପାଣ୍ଠି ସ୍ଥାପିତ ହୋଇଅଛି ଏବଂ ଗୋଟିଏ ସମାଜ ଦ୍ୱାରା ତହିଁର କାର୍ଯ୍ୟ ନିର୍ବାହ ହେଉଅଛି । ସେ ସମୟର ଗବର୍ଣ୍ଣର ଜେନେରଲଙ୍କ ପତ୍ନୀ ଏ ବିଷୟରେ ପ୍ରଧାନ ଉଦ୍ୟୋଗୀ ଥିବାରୁ ତାହାଙ୍କ ନାମାନୁସାରେ ଉକ୍ତ ପାଣ୍ଠିର ନାମ ଡଫରଣ ଫଣ୍ଡ ହୋଇଅଛି । ଉକ୍ତ ସମାଜ କଲିକତାରେ ସ୍ଥାପିତ ଏବଂ ତହିଁର ଶାଖାସମାଜମାନ ଭାରତର ପ୍ରତ୍ୟେକ ଶାସନବିଭାଗରେ ରହିଅଛି । ସମାଜର ଉଦ୍ଦେଶ୍ୟ ସାଧନ ନିମନ୍ତେ ତିନୋଟି ଉପାୟ ଅବଲମ୍ବିତ ହୋଇଅଛି । ଯଥା (୧) ଏଦେଶୀୟ ସ୍ତ୍ରୀମାନଙ୍କୁ ଚିକିତ୍ସାବିଦ୍ୟାର ଶିକ୍ଷା ଦେବା, (୨) ଦେଶର ନାନା ସ୍ଥାନରେ ସ୍ତ୍ରୀଚିକିତ୍ସାଳୟମାନ ସ୍ଥାପନ କରି ସ୍ତ୍ରୀଚିକିତ୍ସକମାନଙ୍କ ଦ୍ୱାରା ସେହିରୂପ କାର୍ଯ୍ୟ ନିର୍ବାହ କରାଇବା ଏବଂ (୩) ସ୍ତ୍ରୀମାନଙ୍କୁ ଧାଈ ଅର୍ଥାତ୍ ପ୍ରସବ-ଚିକିତ୍ସା ଶିକ୍ଷା ଦେବା । ଠିକ ଦଶବର୍ଷ ହେଲା ଏ ସମାଜ ସ୍ଥାପିତ ହୋଇଅଛି ଏବଂ ଏ ମଧ୍ୟରେ ସମାଜ ଦ୍ୱାରା କ ଉପକାର ସାଧିତ ହୋଇଅଛି ତାହା ପାଠକମାନଙ୍କୁ ଜଣାଇବା କାରଣ କଲିକତା ଟାଉନହଲରେ ଗତ ତା ୮ ରଖରେ ହୋଇଥିବା ସଭାର ବାର୍ଷିକ ଅଧିବେଶନର କାର୍ଯ୍ୟାବଳୀରୁ ନିମ୍ନଲିଖିତ ସଂକ୍ଷେପ ବିବରଣ ଏଠାରେ ପ୍ରକାଶ କରୁଅଛୁଁ, ଯଥା—

ସନ ୧୮୮୬ ସାଲରେ ନ ୧୧୩ ଜଣ ସ୍ତ୍ରୀ ଚିକିତ୍ସାବିଦ୍ୟାଳୟମାନଙ୍କରେ ଶିକ୍ଷା କରୁଥିବା

Split by PDF Splitter
Digitized by srujanika@gmail.com

Split by PDF Splitter



ପ୍ରତ୍ୟକ୍ଷ ସନ ୧୮୫୪ ସାଲ ଯେଉଁଠାରେ ଛାତ୍ର ସଂଖ୍ୟା ନ ୬୯୧ ଜଣ ହୋଇଥିଲା ଏବଂ କ୍ରମେ ବୃଦ୍ଧି ହେବାର ଦେଖାଯାଏ। ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇ ଚିକିତ୍ସାଳୟମାନଙ୍କରେ ନିଯୁକ୍ତ ହେଉଅଛନ୍ତି ଏବଂ କେତେକଜଣ ସ୍ୱାଧୀନ ବ୍ୟବସାୟ ମଧ୍ୟ କରୁଅଛନ୍ତି । ଛାତ୍ରସଂଖ୍ୟା ପୂର୍ବ ବର୍ଷରୁ ବର୍ଷ ଏହିପରି ବୃଦ୍ଧି ହେଉଅଛି । ଏମାନଙ୍କ ମଧ୍ୟରେ କେତେକଜଣ ଚିକିତ୍ସାବିଦ୍ୟା ଶେଷପର୍ଯ୍ୟନ୍ତ ଶିକ୍ଷା କରି ବିଶ୍ୱବିଦ୍ୟାଳୟର ନିୟମାନୁସାରେ ଉପାଧି ଯୋଗ୍ୟତା ଲାଭ ପୂର୍ବକ ସକଳ ରୋଗର ଚିକିତ୍ସା କରନ୍ତେ ସକ୍ଷମ ହେଉଅଛନ୍ତି ଏବଂ ଅନ୍ୟମାନେ କେବଳ ପ୍ରାଥମିକ ଚିକିତ୍ସା ଶିକ୍ଷା କରି ଧାତ୍ରୀ ଯୋଗ୍ୟ ହେଉଅଛନ୍ତି । ଏମାନଙ୍କର ଅଳ୍ପ ଉଦ୍ଦେଶ୍ୟ ଅର୍ଥାତ୍ ସ୍ତ୍ରୀ-ଚିକିତ୍ସାସମ୍ବନ୍ଧରେ ପ୍ରକାଶ ଯେ ଏପର୍ଯ୍ୟନ୍ତ ମୋ ୭୦ ଟି ଚିକିତ୍ସାଳୟ ଏହି ପାଣ୍ଠିର ସାହାଯ୍ୟରେ ସ୍ଥାପିତ ହୋଇଅଛି ଏବଂ ପ୍ରାୟ ସକଳ ଚିକିତ୍ସାଳୟରେ ରୋଗମାନଙ୍କ ରହିବାର ସ୍ଥାନ ପ୍ରସ୍ତୁତ ହୋଇଅଛି । ଅନ୍ୟୂନ ୩୦ ଲକ୍ଷ ସ୍ତ୍ରୀ ଏହି ସମସ୍ତ ଚିକିତ୍ସାଳୟରେ ଚିକିତ୍ସା ପ୍ରାପ୍ତ ହେଉଅଛନ୍ତି ଏବଂ ୨୦ ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ସ୍ତ୍ରୀ ଚିକିତ୍ସାଳୟରେ ପଡି ରହି ଆରୋଗ୍ୟ ହେବା ପର୍ଯ୍ୟନ୍ତ ଔଷଧ ଆହାର ଇତ୍ୟାଦି ପାଉଅଛନ୍ତି । ୩୦ ଲକ୍ଷାଧିକ ସ୍ତ୍ରୀଙ୍କ ଚିକିତ୍ସାର କଥାଟି କହିବା ସାମାନ୍ୟ କଥା ନୁହେଁ ଏବଂ ଏହାହିଁ ଏସମାଜର କାର୍ଯ୍ୟକାରିତାର ଉତ୍ତମ ପରିଚୟ । ପ୍ରଥମ କେତେବର୍ଷ ଚିକିତ୍ସାଳୟର ସଂଖ୍ୟା ଯେପରି ବୃଦ୍ଧି ହୋଇଥିଲା ଏଣିକି ସେପରି ବେଗରେ ବୃଦ୍ଧି ହେଉ ନାହିଁ ସମ୍ଭବ ଏହିର କାରଣ ଏହିକି ପ୍ରଥମେ ଲୋକେ ବହୁ ଅଧିକ ବଦାନ୍ୟତା ଦେଖାଇଥିଲେ । ବର୍ତ୍ତମାନ ଟିକିଏ ଉଣା ପଡିଅଛି । ମାତ୍ର ସକଳ ଧନ ସମାଜ ସାଧ ନାହିଁ ଏବଂ ଭରସା ହେଉଅଛି ବର୍ତ୍ତମାନ ଯେମନ୍ତ ପଡିଅ ଅଛି ସେମନ୍ତ ଅଳ୍ପ ସମୟରେ ଉଠିଣ ହେବ । ଏପର୍ଯ୍ୟନ୍ତ ପାଣ୍ଠିରେ ୨୦ ଲକ୍ଷ ଟଙ୍କା ଜମାଅଛି । ମାତ୍ର ଯେବେ ପ୍ରଥମାବସ୍ଥାପରି ଦଙ୍କସାଧାରଣ ମୁକ୍ତହସ୍ତ ହୋଇଥାନ୍ତେ ତେବେ ଏପର୍ଯ୍ୟନ୍ତ ୫୦ ଲକ୍ଷ ଟଙ୍କା ହେବା ଅସମ୍ଭବ ନ ଥିଲା । ଯାହା ହେଉ ପାଣ୍ଠିର ମୂଳଧନର ଆୟ ଏବଂ ସାମୟିକ ଦେବା ଦ୍ୱାରା ସମାଜର କାର୍ଯ୍ୟ ଉତ୍ତମ ରୂପେ ନିର୍ବାହ ହେଉଅଛି ଏବଂ ଅନ୍ୟେ ସାହାଯ୍ୟ ପାଇବାର ବ୍ୟତିକ୍ରମ ଘଟି ନାହିଁ । ଅନ୍ୟାନ୍ୟ ପ୍ରଦେଶାପେକ୍ଷା ବଙ୍ଗଳା ଏବଂ ଉତ୍ତର-ପଶ୍ଚିମର ଲୋକମାନେ ଅଧିକ ସାହାଯ୍ୟ ଦାନ କରୁ ଅଛନ୍ତି ଏବଂ ବମ୍ବେଇ ଏପକ୍ଷରେ ଅପକର୍ଷୋଚିତ ରକ୍ଷା କରିପାର ନାହିଁ । ଯାହା ହେଉ ସମାଜର ସକଳ କାର୍ଯ୍ୟ ଉତ୍ସାହଜନକ ହେବା ପ୍ରତ୍ୟକ୍ଷ ଗୋଟିଏ ବିଷୟରେ ବ୍ୟବସ୍ଥା ଠିକ ହୋଇ ନାହିଁ ସେ ବିଷୟ ପରଦାନସୀନ ସ୍ତ୍ରୀଙ୍କ ଚିକିତ୍ସା ଅଟେ । ପରଦାନସୀନ ସ୍ତ୍ରୀମାନଙ୍କ ଚିକିତ୍ସା ପ୍ରଦାନ କମନ୍ତେ ସମାଜ ଯଥୋଚିତ ମନୋଯୋଗୀ ଅଛନ୍ତି ଏବଂ ସେହି ଅଭିପ୍ରାୟରେ କେତେଗୁଡିଏ ଏପରି ଚିକିତ୍ସାଳୟ ସ୍ଥାପିତ ହୋଇଅଛି ଯେ ସେ ସବୁରେ ସ୍ତ୍ରୀ ଛଡ଼ା ପୁରୁଷର ଅନ୍ଦରୀ ପ୍ରବେଶାଧିକାର ନାହିଁ । ଏମନ୍ତ କି ପରିଦର୍ଶକ ସ୍ୱରୂପ ମଧ୍ୟ କେହି ପୁରୁଷ ନିଯୁକ୍ତ ହୋଇ ନାହାନ୍ତି । ଏପରି ଉପାୟରେ ମଧ୍ୟ ଅଧିକ ପରିମାଣ ପରଦାନସୀନ ରୋଗୀ ପାଇବା କଠିଣ ଜଣାଯାଏ। ଏକ ସ୍ଥାନ ଯଥା କଲିକତା, ଭାଗଲପୁର, ଗୟା, ମାନ୍ଦ୍ରାଜ ଓ ବଲରାମପୁରର ସ୍ତ୍ରୀ-ଚିକିତ୍ସାଳୟ ମାନଙ୍କରେ କେତେକଜଣ ପରଦାନସୀନ ସ୍ତ୍ରୀ ବାସ କରି ଚିକିତ୍ସା ଲାଭ କରୁଅଛନ୍ତି ଏବଂ ସମାଜ ଆଶା କରନ୍ତି ଯେ କ୍ରମେ ଏମାନଙ୍କ ସଂଖ୍ୟା ବୃଦ୍ଧି ହେବ ଏବଂ ଏସମ୍ବନ୍ଧରେ ଯେଉଁ କୁସଂସ୍କାର ରହିଅଛି ତାହା ଦୂରୀଭୂତ ହେବ ।

# ସାପ୍ତାହିକ ସମ୍ବାଦ ।

ଗତ ରବିବାର ଓ ସୋମବାର ମେଘପାତ ହୋଇଥିଲା, ମଙ୍ଗଳବାର ସକାଳେ ଆକାଶ ପରିଷ୍କାର ଥିଲା ଶେଷ ରାତ୍ରରେ ପବନ ସହିତ ମେଘ ଗୋଟିଏ ଗରଜିଲା ଅକାଶ ବର୍ଷିବ ଭଳି ପ୍ରାୟ ଜଣା ଗଲା । ମାତ୍ର ସାମାନ୍ୟ ଧୂଳି ବୃଷ୍ଟି ପାତରେ ଶେଷ ହୋଇ ଗଲା ।

ସେହି ଦିନଠାରୁ କିଛି ଶୀତଳ ଅଛି । ମୋଫସଲରେ ଅଧିକ ବୃଷ୍ଟି ହେବାର ଜଣାଯାଏ ।

ଏ ସପ୍ତାହରେ ଏ ନଗରରେ ଜ୍ୱର ଓ ବସନ୍ତ କିଛି ବୃଦ୍ଧି ହୋଇଅଛି ।

ଗତ ସୁକ୍ରବାର ବୃଦ୍ଧ ଦିନ ସକାଳେ ଏନଗର ଧର୍ମାନନ୍ଦ ମହାଦେବଙ୍କ ମନ୍ଦିରରେ ଅନେକ ଗୁଡିଏ ଲୋକ ଗଲେ । କୌଣସି ପ୍ରକାର ଅସାବଧାନତାରୁ ଅଗ୍ନି ଲାଗ ହେବାର ଖବର ଶୁଣାଗଲା ।

ଏଠା ବିଦ୍ୟୋତ୍ସାହିନୀ ଭାରତ ସୋସାଇଟି ସାହେବ ଆପଣା ସ୍ତ୍ରୀ ସହିତ ଜଗନ୍ନାଥ ଦର୍ଶନ କରିବାକୁ ଯିବା ପାଇଁ ଛୁଟି ଉପରେ ଯାଉଅଛନ୍ତି । ସାହେବଙ୍କର ସମ୍ମାନ ସହିତ ଅଧିକାର । ଶ୍ରୀଯୁକ୍ତ ବାବୁ ସହିତ ଜଣେ ପଲଟନ ସାହେବ ନୂତନ ହୋଇଅଛନ୍ତି ।

ଗତ ସପ୍ତାହ ଦୋଲଯାତ୍ରା ପର୍ବ ସମୟରେ ଅଶ୍ଳୀଳ ଗୀତ ଗାଇବା ଏବଂ ଅପରିଚିତ ଲୋକଙ୍କୁ ଟିକିବାର ସାଧନା ଅପରାଧରେ କଲିକତା ନଗରରେ ଅନେକ କୁହୋଲାକ ଗୃହୀତ ହୋଇ ଜଣପ୍ରତି ୧ଟଙ୍କା ଓ ଦୁଇଟଙ୍କା ଅର୍ଥଦଣ୍ଡ ଦେଇଅଛନ୍ତି ।

କଲିକତାଗେଜେଟ ।

ପୁରୀର ମାଜିଷ୍ଟ୍ରେଟ ଓ କଲେକ୍ଟର ମି: ଏଚ, ଏନ, ଏଚ, ବବ ମେଦିନୀପୁରର ମି: ଓ କେଷ୍ଟୋବର ନଗରରେ ନିଯୁକ୍ତ ହେଲେ ଓ ଜୟପୁରମାଜିଷ୍ଟ୍ରେଟ ଓ ଜଣେ କଲେକ୍ଟରଙ୍କ ମି: ଅନ୍ଧ ବାରପର ସେନ ପୁରୀର ମାଜିଷ୍ଟ୍ରେଟ ଓ କଲେକ୍ଟର-ପଦରେ ନିଯୁକ୍ତ ହେଲେ ।

ବାବୁ ସତ୍ୟେନ୍ଦ୍ରନାଥ ସେନ ପରବର୍ତ୍ତରେ ବାବୁ ସାମାଚରଣ ଦାସ ବାଲେଶ୍ୱର ଡିଷ୍ଟ୍ରିକ୍ଟର ଥାନାୟ ବୋର୍ଡ଼ର ସରକାରୀ ଭାବ ଭାଇସ ଚେୟାରମ୍ୟାନ ପଦରେ ନିର୍ବାଚିତ ହୋଇଅଛନ୍ତି ।

---

ବମ୍ବେଇ ମହାସଭାଙ୍କର ତା ୭ ଠ ଲକ୍ଷ ଓ ଡା ୪ ଠ ଓଷଧର ଏକଷଣ୍ଡ ପାଇବ ଅଛ ସେ ତାହାଙ୍କଠାରୁ ବେଳ ଚଳିବ ମୂଲ୍ୟରେ ପ୍ରସ୍ତୁତ ହୋଇଅଛି । ମୂଲ୍ୟ ପ୍ରାୟ ଅଧ କୋଟିଏ ।

ପଞ୍ଜାବର ପାଞ୍ଚଜଣ ମୁସଲମାନ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଅଛନ୍ତି ।

ମେକ୍ସିକୋ ନଗରରେ ଏକ ରେଳଗାଡ଼ି ଉଲ୍ଟିଯିବା ଓ ଆଉ ୨ ବାର ଗାଡି ଉପରେ ପଡିବାରୁ ଦଗ୍ଧାଗ ନ ୧୦୦ ଜଣ ଲୋକ ମୃତ୍ୟୁ ମୁଖରେ ପତିତ ଏବଂ ନ ୫୦ ଜଣ ଲୋକ ଆଘାତ ପ୍ରାପ୍ତ ହୋଇ ଅଛନ୍ତି ।

ଭାରତର ଆଗାମୀ ବର୍ଷର ବଜେଟରେ କୌଣସି ଦର ବୃଦ୍ଧି କରିବାର ବିଶେଷ ବନ୍ଦୋବସ୍ତ ହୋଇ ନାହିଁ ଦେଖାଯାଏ । ସମ୍ପ୍ରତି ୧୧୧୨୦୦୦ ପାଉଣ୍ଡ ଏ ସମ୍ପର୍କରେ ମଞ୍ଜୁର ହୋଇ ଅଛି । ଅଖାଡ଼େମ୍ପ ଓ ଡାକଘର ସେଥିରେ ବିଭିନ୍ନ ଭଳି ଭଣା ହୋଇଅଛି । ଗତବର୍ଷ ଅପେକ୍ଷା ସାମରିକ ସେନା ନ ୪୬୦୦ ଜଣ ଅଧିକ ହୋଇ ସର୍ବସୁଦ୍ଧା ନ ୮୮୧୦୦୦ ଜଣ ଲୋକ ହୋଇ ଅଛନ୍ତି । ସରକାରଙ୍କ ଋଣ ୧୬୮୮୧୦୦୦୦ ପାଉଣ୍ଡ ଧରଯାଇ ଅଛି ମାତ୍ର ସେନା ସଂଖ୍ୟା ସମାନ ଅଛି । କୌଣସିଠାରେ ଅଧିକା ଖର୍ଚ୍ଚ ହେବୁ ବର୍ତ୍ତମାନ ୮୦୦୪୫୦୦୦ ପାଉଣ୍ଡ ଋଣ କରିବାକୁ ପଡୁଅଛି ।

କଲିକତା ମହୋତ୍ସବ ଆଗାମୀ ଅପ୍ରେଲ ମାସ ତା ୨ ତାରିଖ ୭ ଘଣ୍ଟାରେ ସିମଳା ଠାରେ ବସିବା ଧାର୍ଯ୍ୟ ସ୍ଥିର ହୋଇଅଛି ।

ଅର୍ଦ୍ଧୋଦୟ ମହାଯୋଗର ଜାହ୍ନବୀର ଓ ସେପ୍ପା ସ୍ନାନକୁ ଯାତ୍ରୀ ବ୍ୟବସାୟ ଉଠାଇ ଦେବା ସଭାରେ ଏମାନେ ବିବେଚନା ହୋଇଥିବାର ଜଣାଯାଏ । ଉତ୍ତରଭାରତ ତା ୮ ଦିନ ସବୁଦିନ ତଳେ ସାନ୍ଧ୍ୟମାନେ ମହାସତ୍ରରେ ଏଥିର ଯୋଗ ଖର୍ଚ୍ଚ ଦରବ ହୋଇଥିଲା ।

ଶ୍ରୀ ଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଅଧିକ ଅଧିକ ହୋଇଥିବାରୁ ଅନେକ ଲୋକ ରୋଗଗ୍ରସ୍ତ ହୋଇ ଦୁଃଖରେ ଉଚ୍ଚାରିତ ହେଉ ଥିବାର ସମ୍ବାଦ ମିଳଇ ।

ବାଲେଶ୍ୱରଠାରେ ଜଣେ ବେଶ୍ୟା ସେବକ ମଦ ଖାଇ ମତ୍ତ ଅବସ୍ଥାରେ ବୋମାଫୁଟ ବାଡ଼ିବାରୁ ତଳେ ପଡ଼ି ଯାଇ ମୃତ୍ୟୁର ଲବ ଥିବାର ସମ୍ବାଦ ମିଳଇ । — ଏହାର କାରଣ ବୃତ୍ତାନ୍ତ ଅଜ୍ଞାତ ।

କଲିକତା ଟିଙ୍କାଟୋଲ ସ୍ତ୍ରୀହତ୍ୟା ମୋକଦ୍ଦମାରେ ଅତି ଲଜ୍ଜାକର ଏକ ଅଭୂତ ମୋକଦ୍ଦମା ଉପସ୍ଥିତ ହୋଇ ଅଛି । ଜଣେ ଲୋକର ପିତା ବସନ୍ତରୋଗରେ ମୃତ୍ୟୁ ହେବାରୁ ସେ ଲୋକ ସେହି ପିତା ପାଖ ଜଣେ ପ୍ରତିବେଶୀର ଘରେ ପକାଇ ଦେଇ ତାହା ଉପରେ ପଥର ଯାହି ବହି ମାରିବାକୁ ଇଚ୍ଛାର ଧାରଣ କଲା । ଏସେନ ଦବାବ କୁଆଡ଼େ ପିତାର ବାପ ସଙ୍ଗରେ ହେଲେକ ଲୋକ ଠେଙ୍ଗା ବାଡ଼ି ସହିତ ଏକତ୍ରିତ ହୋଇ ପ୍ରତିବେଶୀ ଓ ତାହାର ପରିବାର କେତେକ ବ୍ୟକ୍ତିଙ୍କି ଗୁରୁତର ପ୍ରହାର କଲେ ।

ଅଠରଣ୍ଡ ଚାଉଳ ଶଙ୍କରର ଦେଇ ଗୁରୁତର ହେବାସହିତ କଲେ ଯାହା ପ୍ରସ୍ତାବ ହୋଇଥିଲା ଗବର୍ଣ୍ଣମେଣ୍ଟଙ୍କ ବର୍ତ୍ତମାନ ଅତିଶ ଅବସ୍ଥା ବୁଝିକି ତାହା ପରିତ୍ୟକ୍ତ ହୋଇଅଛି ।

ଭାରତର ସୈନିକ ସେନାର [Volunteer] ସଂଖ୍ୟା ବର୍ତ୍ତମାନ ୨୯,୦୦୦ ଅଛି । ଏଥିମଧ୍ୟରୁ ୨୨,୦୦୦ ଜଣ କର୍ମଣ୍ୟ ଅଛନ୍ତି ।

Digitized by srujanika@gmail.com

ସନ ୧୮୯୪ ମସିହାରେ ଇଂଲଣ୍ଡରେ ମୋଟ ୩ ଲକ୍ଷ ଘୋଡ଼ାର ଖୁରା ତିଆରି ହୋଇଥିଲା । ସମୁଦାୟ ପୃଥିବୀରେ ସେହି ବର୍ଷ ମଧ୍ୟରେ ମୋଟ ୧୫ ଲକ୍ଷ ଘୋଡ଼ାର ଖୁରା ତିଆରି ଅଛି ।

ବିଲାତର ପାର୍ଲିୟାମେଣ୍ଟର କମନ୍ସ ସଭାରେ ମୋଟ ୬୭୦ ଜଣ ମେମ୍ବର ଅଛନ୍ତି । ପ୍ରତ୍ୟେକ ଭାରତୀୟ ପାର୍ଲିୟାମେଣ୍ଟର ପ୍ରଥମ ଅଧିବେଶନ ଆରମ୍ଭ ସମୟରେ ସନ ୧୮୯୫ ମସିହା ଜାନୁଆରି ମାସରେ ବସିଥିଲା ।— ଭାରତ ସେ ସମୟରେ ମୋଗଲ ମାନଙ୍କର ଶାସନାଧୀନ ଥିଲା ।

ଭାରତବର୍ଷରେ ବସନ୍ତ ରୋଗର ପ୍ରକୋପ କ୍ଷମାପନ୍ନ ନାହିଁ । ପ୍ରତି ବର୍ଷ ହାରାହାରି ୧୦୦ ଜଣଙ୍କ ମଧ୍ୟରୁ ମୃତ୍ୟୁ ହୁଏ ଏବଂ ବାକୀ ଦାଗଯୁକ୍ତ ପ୍ରାୟ ୫୦୦ ଜଣ ରୋଗୀ ଆରୋଗ୍ୟ ହୋଇ ଅଛନ୍ତି ।

ଜାପାନ ଗେଜେଟ ମାଉଣ୍ଟ ଫୁଜୀୟାମା ପର୍ବତକୁ ସୌଭାଗ୍ୟ ସ୍ୱରୂପ କହନ୍ତି । ଉପରେ ବରଫମେଘ ଅନୁମାନ ହେବାର ଶୁଣାଯାଏ ।

ଆମେରିକାର କେଉଁଠାରେ ଏକ ପଶୁ ଶଳ ସେ ଅଟେ ... ସମସ୍ତେ କେବଳ କେଶର ଲୁଗା ପିନ୍ଧନ୍ତି ।

କଲିକତା ଜାଦୁଘର ଉତ୍ସବଗୃହରେ ସର୍ବୋତ୍ତମ ଭାରତୀୟ ଶିଳ୍ପ ଦ୍ରବ୍ୟ ମହାରାଣୀ ଭିକ୍ଟୋରିଆ ଶ୍ରୀ ଛାମୁରେ ଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ନିମ୍ନଲିଖିତ ପ୍ରବନ୍ଧଟି ଏଥିପୂର୍ବେ ସାହିତ୍ୟ ମାସରେ ପ୍ରକାଶ କରିବା ନିମନ୍ତେ ଏ ସଙ୍ଗ ଆପଣଙ୍କ ନିକଟକୁ ପ୍ରେରଣ କରିଥିଲେ ମାତ୍ର ତାହା ଅଦ୍ୟାବଧି ପ୍ରକାଶିତ ନ ହେବାରୁ ପୁନଶ୍ଚ ପ୍ରେରଣ କରି ପ୍ରାର୍ଥନା କରୁଅଛୁଁ ଯେ ଏହି ପ୍ରକାଶ କରି ଆମ୍ଭମାନଙ୍କୁ ବାଧିତ କରିବା ହେବେ ।

ଆପଣଙ୍କର ୨୧ ।୯୫ ପ୍ରକାଶିତ ପତ୍ରିକାରେ ତେଲଙ୍ଗାଗଙ୍ଗନିବାସୀ ଶ୍ରୀଯୁକ୍ତ ଲୋକନାଥ ପ୍ରଧାନ ମହାଶୟ ପ୍ରଶ୍ନ କରୁଅଛନ୍ତି ଯେ ବ୍ରାହ୍ମଣ ଦେବଙ୍କ ମୂର୍ତ୍ତି ଦର୍ଶନ ଶ୍ରୀକୃଷ୍ଣ ଦେବ ସନ୍ନିଧାନରେ ସ୍ଥାପିତ କରାଯାଇ ଥରେ କି ନା । ଏତଦ୍ସମ୍ବନ୍ଧେ ଅନୁଭବ ସବୁହେଁ ନାନାବିଧ ଗ୍ରନ୍ଥ ଅବଲୋକନ କରିବାରେ ନିମ୍ନଲିଖିତ ପ୍ରମାଣମାନ ଆମର ଦୃଷ୍ଟିଗୋଚର ହେଲା ।

ଯଥା ଉତ୍କଳ ବ ନିର୍ବାଣ କରେ ଜ ସ୍ୱାମୀ ଶିବଲିଙ୍ଗ ସ୍ଥାନାନ୍ତରରୁ ଆଣିବା ନିଷେଧ ନ ଥିଲା । ପୁରାତନ ଶାସ୍ତ୍ର ପ୍ରତିଷ୍ଠା କରି ଥିବାରେ ଜଗନ୍ନାଥ ଦେବଙ୍କ ଶ୍ରୀମନ୍ଦିର ସ୍ଥାପନ କରାଯାଇ ଥିବା ରୁ ଜଗନ୍ନାଥ ପ୍ରତିଷ୍ଠା ପୂର୍ବରୁ ତାହା ଅସମ୍ଭବ । ଏଣୁ ଅନ୍ୟ ଶିବଲିଙ୍ଗ ମୂର୍ତ୍ତି ସ୍ଥାନାନ୍ତରରୁ ଆଣିବା ହୋଇ ନ ପାରନ୍ତି ।

ପ୍ରମାଣଂ ଯଥା ବ୍ରହ୍ମାଣ୍ଡ ପୁରାଣେ ।—

ଶଙ୍ଖକ୍ଷେତ୍ରେ ଚ ପୁଣ୍ୟେ ତୁ ବସେନ୍ତି ଭୁବନ୍ଧ୍ୱା ମାନବବର୍ଜିତେ ।
ଯାଗସ୍ଥାନେ ଷଣ୍ମୁଖଷ୍ଠେ ପଞ୍ଚକେ ଦୁଷ୍ଟଭୂମିଷୁ ।
ଅନ୍ୟମନ୍ଦିରେ ତୈବ ପଞ୍ଚକେ ତୀର୍ଥ-ଦୂଷିତେ ।
ବିଷ୍ଣୁକ୍ଷେତ୍ରେ ମହାଲୋ ଲିଙ୍ଗ ସନ୍ନିଧାନଂ ନ ଚୈବୀଦୃଶଃ ।
ଅସାମର୍ଥ୍ୟସ୍ତୁ କ୍ଷେତ୍ରସୀମାନ୍ତି ପ୍ରତିଷ୍ଠାପ୍ରଦାପେ ଯଥା-
ଶକ୍ତିକେ-ଉତ୍ପାଦିତ ସାଧାରଣୟୈବ । ପୁଣ୍ୟେ,
ଭଗ୍ନଗାତ୍ରେ । ବଙ୍ଗେ-ସାଷ୍ଟାଙ୍ଗସ୍ଥଳପାତନ-ଜାତା
ଦୂଷିତେ । ଜଗନ୍ନାଥ-ସ୍ଥାନାନ୍ତ ସ୍ଥାନାନ୍ତରନଦୀରେ
ମାନବବର୍ଜିତେ-ଶାସ୍ତ୍ରୀୟ ପ୍ରମାଣରହିତେ ।ଯାଗ-
ସ୍ଥାନେ-ଅପ୍ରତିଷ୍ଠିତେ । ଷଣ୍ମୁଖ ଷଷ୍ଠେ-ପଞ୍ଚ ଷଡ଼-
ସପ୍ତତୀର୍ଥଦୂଷିତେ । ପଞ୍ଚକେ-ଦୁଷ୍ଟଭୂମିଷୁ—ଅପୁତ୍ର-
ସ୍ଥାନଗତେ । ଇତ୍ୟାଦ କଟକେନ ଏବମ୍ବିଧମସ୍ତି ।

ଇତ୍ୟାଦି ପ୍ରମାଣବର୍ଣ୍ଣନାତ୍, ଶିବଲିଙ୍ଗଂ ନ ସ୍ଥ-
ଳନ୍ତେନ ଇତ୍ୟାଦ ଭବସ୍ୟତୁ ପୁରୁଷୋତ୍ତମ ଙ୍କା
ବ୍ୟେପ୍ ସୂଚକା ବର୍ଣ୍ଣନାତ୍ ।

ଇତମ୍ବତ

ଶାଳ ଚନ୍ଦ୍ରର ଜିଲ୍ଲା }
୧୨।୩।୯୫ }

ଶ୍ରୀରଘୁନାଥ ମିଶ୍ର
ସତ୍ୟବାଦୀ ସମ୍ପାଦକ
ଆର୍ଯ୍ୟସଭା ପ୍ରଚାରକମାନେ

## ମୋହଭଞ୍ଜନ *

କ୍ଷୁଦ୍ରପ୍ରାଣ—କ୍ଷୁଦ୍ରମନ—କ୍ଷୁଦ୍ରବୁଦ୍ଧି ଦେଇ,—
କେତେ ଚିନ୍ତା କରଅଛୁ କେତେ ଅନ୍ବେଷଣ,
କେତେ ଖୋଜୁଅଛୁ ଯାହା—ମନ ପ୍ରାଣ ଦେଇ,—
ରହସ୍ୟ ଅଦ୍ଭୁତ୍ୱ—କି ଏ ଏତନ ?
ଦେଖାଇଲ ପାରୁ ନାହିଁ—ଶୈଳ ହିମାଳୟ,
ଦେଖାଇଲ ପାରୁ ନାହିଁ—ଅତୁଳ ଜଳଧି;
ବୁଝାଉଛୁ ଆଉ ଅଛି—ନବ କୌତୂହଳୟ,
ଦେଖାଇଲ ପାରୁ ନାହିଁ—ପ୍ରକୃତିର ଛବି
ଦେଖାଇଲ ପାରୁ ନାହିଁ—ସୁଷମା ଅପାର,
ବୁଝାଇଲ ଆଉ ନାହିଁ—ଭକ୍ତିର ଅଗାଧ;
ବୁଝାଇଲ ପାରୁ ନାହିଁ—ମନ୍ଦ ଭୟଙ୍କର,
ଅନନ୍ତର ରହିଅଛୁ ମନ୍ଦପୁଣ୍ୟ କଣ୍ଠେ ।
ସ୍ନେହ ଦୟା ଅଛି ଲୋକେ— ପ୍ରାଣେଶ ସେବକ,
ସେତୁବନ୍ଧଠାରୁ ଏହି ଦୃଶ୍ୟ ଉତ୍ତରରେ,
କ ଯେତେ ଅନନ୍ତଶକ୍ତି—ମହାନ ନୟନ,
ଜାଗିଉଣ ଉଠେନ୍ତି ପ୍ରାଣେ—ଏତେ ବଳରେ !
ଦୁଃଖ ସେ ଅନନ୍ତଶକ୍ତି—ମୂର୍ତ୍ତି ପଞ୍ଚଭୂତର,
ସ୍ଥାପିଣ ହୃଦୟକ ଭବ—ମୋହର ଧ୍ୱଂସର, ।

ଶ୍ରୀନନ୍ଦ—

* ମୋହୁଦ ଦର୍ଶନର ଅନୁବାଦ ଉଦ୍ଧୃତ ।

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଲକ୍ଷ୍ମୀଧର ମହାନ୍ତି | ଉଦାଳପୁର | ୫ ୩ ୧ |
| " ଦ୍ୱାରିକା ପ୍ରସାଦ | " | ୫ ୧ ୧ |
| " ମାଧବଚନ୍ଦ୍ର ଦାସ | କଟକ | ୫ ୩ ୧ |

## ବିଜ୍ଞାପନ ।


### NOTICE.

Wanted a 2nd Grade Civil Court Amin for the District of Cuttack. Salary Rs. 50 fixed.

A thorough knowledge of Surveying, Levelling and Estimating is indispensably neccessary. None need apply who has not passed the Public Works Department Overseer's Examination in one of the Engineering Colleges, or a Government Survey school final examination with credit, and can draw maps and plans accurately and neatly.

Preference will be given to one who understands Uriya in addion to the above qualifications.

Applications with testimonials in original and specimens of drawings will be received by the undersigned upto the first May 1895.

Cuttack Judge's office. } F. G. PARGITER,
The 16th March 1895. } *District Judge.*

### WANTED

A few Works Sircars for temporary work which will probably last for a year.

Salary Rs. 25 per mensem and Travelling allowance at Rs. 0—4—0 per diem.

Qualifications required: knowledge of English, Estimating, Levelling and Surveying.

Apply early to

Baripada Via Balasore } J. MARTIN,
16th March, 1895. } *State Engineer Mourbhaj Raj*

### NOTICE.

Want a Sub-Inspector of Police for this State Sadar Thana. Salary Rs. 20 per mensem. Application to be received by the undersigned up to 10th April, 1895.

Govt. Agent's office. Daspalla. 11—3—95. } Mohammad Akbar. *Government Agent.*


Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଶ୍ରୀମଦ୍ଭାଗବତ ।

### ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ ରଚିତ ଯେଉଁ ଏକାଦଶସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚରିତ ହୋଇ ଆସୁଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନୂତନସଂସ୍କରଣ ବାହାରିଅଛି । ଯେଉଁ ପୁସ୍ତକମାନ ସ୍ଥିତ ସହିତ ବିଶେଷ ଅନେକ ଥିଲା ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରଶ୍ନର ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବେଷ୍ଟ ହୋଇଅଛି । ଅଭ ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହାରାଜା ଗଙ୍ଗାତଟରେ ଭାଗବତ ଶ୍ରବଣ କରୁଥିବା, ଭାଗବତର ଶ୍ରୀ କୃଷ୍ଣଙ୍କର ପାଦପଦ୍ମରେ ଶରଣକ କରିବା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ବିରାଜ କରୁଥିବା ବିଷୟକ ସୁନ୍ଦର ୫ ଚିତ୍ରମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୦ ୬୦ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ ବନ୍ଧାଇ ପୁସ୍ତକର ଅତ୍ୟଳ୍ପ ମୂଲ୍ୟ ଟ ୦ ୫ ଧାର୍ଯ୍ୟ ହୋଇଅଛି ।

---

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

### ଦାର୍ଢ୍ୟତାଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟୀ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଟଙ୍କା
ମୋଫସଲନିମନ୍ତେ ଡାକମାସୁଲ ଟ ୦/

---

**NOTICE**

THE

# DWIBHASI.

*SECOD EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

---

## ବିଜ୍ଞାପନ ।

ଓଡ଼ିଆ ଭାଷାରେ ନୂତନ ।

ପକେଟ ଉତ୍କଳ ଅଭିଧାନ ।

୪୫୦ ପୃଷ୍ଠାରେ ସମ୍ପୂର୍ଣ୍ଣ ।

ଧାତୁପ୍ରତ୍ୟୟ ଅର୍ଥ ସମ୍ବଳିତ । ପ୍ରାୟ ଦଶସହସ୍ର ଶବ୍ଦ ଏଥିରେ ଅଛି । ଶିକ୍ଷକ ଓ ଛାତ୍ରମାନଙ୍କର ବିଶେଷ ବ୍ୟବହାରୋପଯୋଗୀ । ମୂଲ୍ୟ ଏକଟଙ୍କା କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଏବଂ ପ୍ରକାଶକଙ୍କ ନିକଟରେ ପ୍ରାପ୍ତବ୍ୟ ।

---

CHEAP ! CHEAP ! CHEAP !

**SCHOOL BOOKS.**

Prescribed for the Collegiate school and H. E. schools

JUST TO HAND.

To be had of the Printing Company, Cuttack.

କଲେଜିୟେଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନି ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନରେ ପ୍ରାପ୍ତବ୍ୟ ।

---

# ବିଜ୍ଞାପନ ।

## ଶୂଳାଘାତଚୂର୍ଣ୍ଣ ।

ନୂତନ ଓ ସମ୍ପୂର୍ଣ୍ଣ ପାସ୍ତବର୍ଜିତ

ପରୀକ୍ଷିତ—ପରୀକ୍ଷିତ—ପରୀକ୍ଷିତ ।

ଏହି ଔଷଧ ବ୍ୟବହାରରେ ବାତଜ, ପିତ୍ତଜ, ଶ୍ଳେଷ୍ମଜ, ଆମଜ ଓ ପରିଣାମଶୂଳ ଇତ୍ୟାଦି ସର୍ବପ୍ରକାର ଶୂଳ ଓ ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, ଅମ୍ଳପିତ୍ତ ଉଦ୍ଗାର ଇତ୍ୟାଦି ସର୍ବପ୍ରକାର ଉଦରର ବାୟୁବେଗ ଅଚିରାତ୍ ଆରୋଗ୍ୟ ହୁଏ । ଏହା ଅମ୍ଭର ବିଶେଷରୂପେ ପରୀକ୍ଷିତ ଔଷଧ ଏହାର ସେବନ କଲେ ଯଥେଷ୍ଟୋପକାର ପାଇ ପାରିବେ ବିଶେଷ ଆଡ଼ମ୍ବର-ପୂର୍ଣ୍ଣ ବିଜ୍ଞାପନ ଲେଖିବା ନିଷ୍ପ୍ରୟୋଜନ (ଫଳେନ ପରିଚୀୟତେ) ଯେଉଁମାନେ ଶୂଳରୋଗାକ୍ରାନ୍ତ ହୋଇ ନାନାପ୍ରକାର ଔଷଧାଦିର ବ୍ୟବହାର କରି ସୁଦ୍ଧା କିଛିମାତ୍ର ଉପକାର ପାଇ ନାହାନ୍ତି ସେମାନେ ଅମ୍ଭ ଆବିଷ୍କୃତ ଏହି ନୂତନ ଔଷଧ ବ୍ୟବହାର କଲେ ଅବଶ୍ୟ ସୁଫଳ ପାଇବେ ଏହା ଅମ୍ଭେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ । ସାଧାରଣଙ୍କୁ ଅନୁରୋଧ ଯେ ଏହା ବ୍ୟବହାର କରି ରୋଗମୁକ୍ତ ହୁଅନ୍ତୁ ।

ଏଥିର ପ୍ରତି କୌଟାର ମୂଲ୍ୟ ଟ ୧ ଟଙ୍କା
ମୋଫସଲ ପାଇଁ ଡାକମାସୁଲ ଟ ୦ ।

ଏହି ଔଷଧ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଓ ଅମ୍ଭନିକଟରେ ପ୍ରାପ୍ତ ହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

ଭୁବନପୁର
ସଦର କଟକ
କାଳୁରାଧାଶ୍ୟାମ
ଜଗନ୍ନାଥଙ୍କ ବସାରେ ।
} କବିରାଜ ଶ୍ରୀ ବାଳକୃଷ୍ଣ ରାୟ ।

---

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓ୍ୱାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଲେଶରେ ପାଇପାରିବେ ।

---

## ବିଜ୍ଞାପନ ।

ନୂତନ ନୂତନ ନୂତନ

ଜବକର୍ଣ୍ଣ ଚରିତ

ସତ୍ୟନାରାୟଣ ଜନ୍ମପାଲା ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି

ମୂଲ୍ୟ ଟ ୦/ ଏକଅଣା ମାତ୍ର

ଅତ୍ୟାବଶ୍ୟକମାନ ସନ୍ନିବିଷ୍ଟ ଅଛି

---

# ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୬ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲ୍ଲା, ଖେମଟା, ଟପା, ଠୁମରୀପ୍ରଭୃତି ସୁମଧୁର-ସ୍ୱରର ଅତି ଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଓ ମ୍ୟା ବୁକ୍‌ଏଜେଣ୍ଟ ବାବୁ ରାମପ୍ରସାଦ ମୁଖାର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ଉଷାବତୀହରଣ ମୂଲ୍ୟ ଟ ୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି

Digitized by srujanika@gmail.com

Split by PDF Splitter




# ସଂଗୀତସାର

ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ।୵ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କର ଜେତେକ ସାର ସଂଗୃହୀତ ହୋଇ ଏହ ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ବଣିଣୀ ଓ ନୂଆ ସଙ୍ଗୀତ ସବୁ ଜେଷିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ସଦାଳୟରେ କ୍ରୟାର୍ଥେ ପ୍ରସ୍ତୁତ ଅଛି ।

ହଜାରେ ଟଙ୍କା ପୁରସ୍କାର ।

# BISHAHARI.

# ବିଷହରି ।

ଲୁଚାଣ ହୁଅ ନାହିଁ ।

ଭାକ୍ତର ଶ୍ରୀ ଶଶିଭୂଷଣ ବିଶ୍ୱାସ ମହାଶୟଙ୍କ ଉପଦଂଶ ଓ ପାରଦଜନିତଘୋର ଅବ୍ୟର୍ଥମହୌଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ପାରଦ ଓ ଉପଦଂଶ ଜନିତରୋଗ ୨ ୧୫ ଦିନ ଓ ପ୍ରମେହ ୨ ୩ ଦିନ ମଧ୍ୟରେ ଆରୋଗ୍ୟ ହୁଅଇ । ଏଥିରେ କୁଷ୍ଠ ଆରୋଗ୍ୟ ହେଉଅଛି, ଏହା ଦେଶୀୟ ବୃକ୍ଷରୁ ସ୍ୱଭାବୋଚିତ ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ପାରଦବର୍ଜିତ । ଯାହା ବାହାର କଲେ ହଜାରେ ଟଙ୍କା ପୁରସ୍କାର ଦେବୁଁ । ମୂଲ୍ୟ—ସେବନଶିଶିର ଟ ୧ ଟା, ଲେପନଗୁଣ୍ଡର ଟ ୧ ଟା, କୁଷ୍ଠରୋଗର ଘୃତ ଟ ୪ ଟା, ଓ ଡାକ ଟ ୦ ।୵, ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ପୋଷ୍ଟରେ ପଠାଯିବ ।

"ପ୍ରଧାନ ଏଜେଣ୍ଟ ମେସର୍ସ କଣ୍ଟକୃଷ୍ଣ ପାଲ ଏବଂ କୋଂ, ଶୋଭାବଜାର, ଚିତପୁର ରୋଡ଼ କଲିକତା"

କଟକର ଏଜେଣ୍ଟ

ବାବୁ ଏଲ୍, ଏନ୍, ନାଦୁକ

ଲକ୍ଷ୍ମୀଭୁଷଣ ମେଡିକଲହଲ ।

କଟକ ଓଡ଼ିଆ

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସନ୍ନିକଟରେ ଅମ୍ଭମାନଙ୍କର ଦୋକାନରେ ଚକ୍ରକୋଣା, କଟକ, ରେଶମୀ ଓ ଦେଶୀ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ଅତଏବ ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ କାଗ ଦେଖି ତହିଁ ଉପରେ ମୁନଫା କରି ମୂଲ୍ୟ ଦେଲେ ଲୁଗାନେଇ ଯାଇବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର କାହାଠାରୁ ଅଧିକ ବା ଊଣା ନିଆଯାଏ ନାହିଁ ।

ଅତ୍ୟାବଶ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଦୁଇଅଣା ଅଗ୍ରିମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ତପସିଲ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଷ୍ଟଡମଣ୍ଡ ପେନସିଲ | ଗୋ ୧ ଟ ୦ ।୵ |
| ଲାଲ ଓ ନୀଳ ପେନସୀଲ | ଗୋ ୧ ଟ ୦ ।୵୦ |
| ଓଡ଼ିଆ ପେନସିଲ | ଦ ୧ ଟ ୦ ।୵ |
| ଚିଠି କାଗଜ | ଦ ୧ ଟ ୦ ।୵ |
| ଫୁଲସ୍କେପ କାଗଜ ସରୁଆ | ଦ ୧ ଟ ୦ ।୵ |
| ଏକନ ଗୁଲିଦାନି | ଦ ୧ ଟ ୦ ।୵ |
| ଏକନ ଘରଷା | ଦ ୧ ଟ ୦ ।୵ |
| ଫାଉଣ୍ଟେନ୍‌ପେନ ଓ ହୋଲଡର | ଦ ୧ ଟ ୨ । |
| ଡାକକାଗଜ ସରୁଆ | ଦ ୧ ଟ ୦ ।୵ |
| ଏକନ ମଧ୍ୟମ | ଦ ୧ ଟ ୦ ।୵ |
| ଲଫାଫା ସରୁଆ ସ୧୦୦ଟ୦।୵ | ଗୋ ୨୫ ଟ୦।୵ |
| ଏକନ ମଧ୍ୟମ ସ୧୦୦ ଟ ୦ ।୵ | ଗୋ ୨୫ ଟ ୦ ।୵ |
| ବାଲିକାଗଜ ୧୬ ପଣ | ଦ ୧ ଟ ୦ ।୵ |
| ଶୀଶାଇ | ଗୋ ୧ ଟ ୦ ।୵ |
| ଏକନ ଗୁଣ୍ଡି ଏହାକୁ ଅଧଂ ବୋତଲ ଜଳରେ ମିଶାଇ ଦୁଇଦିନ ପରେ ଛାଣି ଦେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ଦ ୧ ଶ୍ରୀ ଟ ୦ ।୵ |
| ଶୀଲଷ୍ଟ ପେନସିଲ | ଦ ୧ ଟ ୦ ।୵ |
| ରବର | ଶ ୧ ଟ ୦ ।୵ |
| ବଂଶପତ୍ରୀ କଲମ | ଗୋ ୨୫ ଟ ୦ ।୵ |
| ଲୁହା କଲମ (ନିବ) ସରୁଆ ଡ଼ ୧ | ଟ ୦ ।୵ |
| ଏକନ ଛିରଷା | ଡ଼ ୧ ଟ ୦ ।୵ |
| ଏକନ୍ ଢଉଗାରନକୋନାମ | ଗୋ ୧ ଟ ୦ ।୵ |
| ଛାତଦ୍ୱାରା ଛାତୁଣି ସହିତ (ଢକ୍‌ଣାବାଲା) | ଗୋ ୧ ଟ ୦ । |
| ଏକନ ସାଧାରଣ | ଗୋ ୧ ଟ ୦ ।୵ |
| ତଲାପିଡା ସରଷା | ଶ ୧ ଟ ୦ ।୵ |
| ହୋରସ୍ୱାର ଟେବଲ ଗୁଡ଼ସହିତ | ଗୋ ୧ ଟ ୦ ।୵ |
| ମନିବେଗ | ଗୋ ୧ ଟ ୦ ।୵ |
| ମୃଗଚର୍ମର ପଟ୍ଟିଚିତ୍ରିତା ଓ ରୂପେଲିନକସାଦାର | ଗୋ ୧ ଟ ୨ । |
| ଲେବେଣ୍ଡର | ଗୋ ୧ ଟ ୧୧ |
| ମେହେସର ଅଏଲ | ଗୋ ୧ ଟ ୦ ।୵ |
| ସାବୁନ ସରୁଆ | ଶ ୧ ଟ ୦ ।୵ |
| ଫୁଲଦାନି | ଗୋ ୧ ଟ ।୵ |
| ଦେବାଳଗିର ଏଡାକସ୍ୱା | ଗୋ ୨ ଟ ।୵ |
| ଏକନ ଏକତାଳଅ | ଗୋ ୧ ଟ ୨ |
| ଟିନ | ଗୋ ୧ ଟ ୨ |
| ଅସ୍ତରେଟ | ଗୋ ୧ ଟ ।୵ ୨ |
| ଛାସ | ଦ ୧ ଟ ୦ ।୵ |
| ସ୍ନାନଘରଡ଼ୀ | ଗୋ ୧ ଟ ୫ ୧ |
| ବଜାରଗା ଗନ୍ଧ ଜଣ | ଶ ୧ |
| ଝିଙ୍ଗାଲରଏହାକୁ କୌଣସି ଖୋଟରେ ରଖି ଦର୍ଶରେ ଟଙ୍ଗାଇ ହୋଡା ଗୁଡ଼ର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ବନ୍ଦ ହେବ ସେ | ୧ ଟ ୦ । |

କଟକ ଚୌଧୁରୀ ବଜାର } ଅଚ୍ଯୁତକୃଷ୍ଣ ଦର କମ୍ପାନୀ


ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ପ୍ରକାଶ

| | |
|---|---|
| ଧାଡ଼ିପ୍ରତି | ଟ ୦ ।୵ |
| ଅଧସ୍ତମ୍ଭକୁ | ଟ ୨୧ |
| ସମ୍ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ ୦ ।୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶ ଖର୍ଚ୍ଚ ପ୍ରଥମଥର ଅର୍ଦ୍ଧ ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥର ପ୍ରକାଶ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଦୋକାନଠାରେ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲ

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମାଚାରପତ୍ରିକା ।

ଭା ୩୦ ସ
ସଂ ୧୩ ଖ୍ୟା

ଭା ୩୦ ଦଶ ସାଲେ ମାର୍ଚ୍ଚ ୨୭ ୧୮୯୪ ଶନିବାର ୨ । ୭ ୮ ୭ ୯୯୯ ୬୭ ୧୭୦୨ ସାଲ ଶକାବ୍ଦ ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୬



## ବିଜ୍ଞାପନ

ଓଡ଼ିଆ

ସନ ୧୮୯୬।୯୭ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଙ୍ଗ କମ୍ପାନିଙ୍କ ଯନ୍ତ୍ରାଳୟରେ ପୂର୍ବ ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।

ବଡ଼ ଖ ୧ ଲୁ ଟ ୦ ।୵ ଡାକମାସୁଲ ଟ ୦ ⁄

ଛୋଟ ଖ ୧ ଲୁ ଟ ୦ ⁄ ଡାକମାସୁଲ ୫ ୦୧୬


## BANISHMENT OF URIYA FROM THE CENTRAL PROVINCES II.

Loud complaints are heard of our apparent silence in this matter. But we can do nothing until we have the information we required in our issue of the 28 ultimo.

There is, however, no doubt that Uriya has been ordered to cease to be the Court language from the beginning of 1896. As far as we have been able to gather there is no room for doubt that Uriya is the language of the people at least of the District of Sambalpur andits dependent Feudatory states Bamra, Patna Kalahandi and others. Such being the case we cannot at present do better than quote what MR. BEAMES has said in his Comparative Grammar on the abolitition of Uriya. We hope the chief Commissioner will not hesitate to pay what is due to the words of one of MR. BEAME's erudition and reputation. He says as follows :—

"Turning next to the eastern languages, Bengali and Uriya, there exists in the present day an active controversy between literary heads of the two provinces. The Bengalis assert that Oriya is merely a dialect of Bengali, and has no claim to be considered an indipendent language, and they mix up with this assertion a second to the effect that if it is not it ought to be, mainly because they wish it was, and secondarily because the population of Orissa is so small as compared with that of Bengal, that they think it useless to keep up a separate language and written character for so small a province. They further urge that the maintence of a separate language prevents the Oriyas from learning Bengali and profiting by the vast stores of valuable literature which they consider the latter to contain. Much of this chain of arguements is purely political, and may therefore be very briefly dismissed by the following remarks. If Oriya is to be suppressed because it is only spoken by a few millions of people, it might also be urged that Dutch or Danish or Portuguese, should be obliterated also. Basque should also be stamped out, and the same argument would apply to Romaic or Modern Greek, and would justify the Russians in trying to eradicate Polish or the Astralians in annihilating Czech. But when the case of Oriya comes to be considered, it must be remembered that it is spoken not only by five millions in the settled and civiled districts of the sea-coast, but by an uncounted and widely dispersed mass of wild tribes in the vast tract of mountains which covers hundreds of miles inland and extends as far west as Nagpore and as far south as Telengana. In this regions it is rapidly supplanting the old non-Aryan dialects; and from its having obsorbed into itself much of the non Aryan element, it affordds a far better medium of civiligezation than Bengali. Moreover, it is far beyond the power of the handful of English and

Digitized by srujanika@gmail.com

Split by PDF Splitter



Bengalis settled in Orissa to stamp out the mother-tongue of all these millions, and it may be added that *any forcible measures of repression would be entirely foreign and repugnant to the spirit of our policy*. The result of teaching Bengali in our schools, to the exclusion of the local vernacular, would only be that the small portion of Oriya boys who attend those schools would know the *formr in addition to the latter*, and that *they would learn to despise their mother tongue, and that a gap would be created* between the mass of the peasantry and the small body of educated persons. This result is just what the Bengali would consider proper: from the earliest times in India there has been a chasm, studiously kept open and widened by every effort, between the higher and educated classes and the lower and uneducated,—" this people that knoweth not the law is accursed" Bengalis would like to maintain this, because *it throws all influence into their hands, and delivers the wretched* peasant, bound hand and *foot* by the chains of *ignorance, into the power of his oppressors.* If we wish to see this huge seething mass of ignorance, vice, and Superstetion permeated by the hight of truth and knowledge, *we are bound to fight tooth and nail against* the Bengali theory, and by upholding the *speech of the land—folk and helping* them to purify and improve it, to render it impossible for interested persons to establish any barrier between the free intercourse of all classes of society Philology in this case has a vital and practical importance. Looked at from the purely luignistic side there is no doubt *that Oriya has ample proof of its individuality.* The peoms of Upendro Bhanj and his contemporaries are written in a language which hardly differs in a single word or inflection from the vernacular of to-day and every word of which is distinctly intellegible to the meanest labourer. These peoms, written three hundred years ago, exhibit a perfectly settled modern language, partly analytical and partly synthetical, but the analitical element of which has been so long in use as to have already undergone modifications of a secondary and even tertiary character. It retains unchanged forms which are older *than the oldest Bengali or Hindi*, and others *which can only be compared with Bengali forms of three centuries ago*, but which have long since died out from that language. Bidyapati, the contempary of Upendro, writes as we have seen in a language more akin to Hindi than to modern Bengali. *At a period when Oriya was already a fixed and settled langnages Bengali did not exist*; the inhabitants of Bengal spoke a vast variety of corrupt forms of eastern Hindi, It is not till quite recent times that we find anythig that can be with propriety called the Bengali language" (the *underlines* are our own page 117 to 119 Vol. I)

We have nothing to add to this except that Hindi and Hindi-speaking people are to be substitutdd for Bengali and Bengalis in the above except in the last few lines. We are glad to find that every word of what we said in the issue of the 23rd. ultimo is borne out by the above though we were not then aware of it. We refrain at present from making any remarks with reference to the orders of the Chief Commissioner. For we have yet to learn what has necessilated a change in what, in the above passage, Mr. Beams calls " the spirit of our policy " The people of Sumbalpur need not be alarmed at the orders of the Chief Commissioner as we are sure that our benign Government will not do what the most tyranecal hand of Russia has not done as appears from the above passage and there is the English blood and spirit of Mr. Beames to feel it the bounden duty " to fight tooth and nail against the theor[y of] those who have succeeded i[n] ing the Chief Commissioner's passed, It is now simply use[less to] say more.

In conclusion we are sorry poor Upendro Bhunj into troversy when his spirit has [...] got rest after the late literary controversy that raged from one end to the other of the Uriya speaking-tract. Suchis the irory of his fate. We can help it.

---

ମହିଶୂରର ମୃତ ମହାରାଜାଙ୍କ ଇଉରୋପୀୟ ବନ୍ଧୁମାନେ ତାହାଙ୍କ ସ୍ମରଣଚିହ୍ନ ସ୍ଥାପନ ନିମନ୍ତେ ଆପଣା ମଧ୍ୟରେ ପାଞ୍ଚହଜାର ଟଙ୍କା ଚାନ୍ଦା ସଂଗ୍ରହ କରି ଅଛନ୍ତି । ଏହି ଇଉରୋପୀୟମାନେ ସମସ୍ତେ ଭାରତବାସିଙ୍କର ଧନ୍ୟବାଦର ପାତ୍ର ଅଟନ୍ତି ।

---

ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର କଲିକତାରୁ ସିମଲାକୁ ଗତ କାଲି ରୱାନା ହୋଇ ଅଛନ୍ତି । ବାଟରେ ପାଟନା ନଗର ସନ୍ଦର୍ଶନ କରିବାର ସ୍ଥିର ହୋଇ ଥିବାରୁ ପାଟନାବାସିମାନେ ତାହାଙ୍କ ସମ୍ମାନାର୍ଥେ ଏକ ଟେକନିକ କଲେଜ ସ୍ଥାପନ କରିବା ଏବଂ ଗୋଟିଏ ଟାଉନହଲ ନିର୍ମାଣ କରିବାର ପ୍ରସ୍ତାବ କରି ଅଛନ୍ତି ।

---

ଜଗାପୁରଙ୍କ ବେଲପଡ଼ଆ ଗ୍ରାମନିବାସୀ ବାବୁ କୈଳାସଚନ୍ଦ୍ର ମୁଖୁର୍ଯ୍ୟା ଆପଣା ଗ୍ରାମରେ ଗୋଟିଏ ଦାତବ୍ୟ ଚିକିତ୍ସାଳୟ ସ୍ଥାପନ ନିମନ୍ତେ ୨୮ ହଜାର ଟଙ୍କା ଦାନକରିବାରୁ ମାନ୍ୟବର ଲାଟ୍ ସାହେବ ତାହା ଗ୍ରହଣକରି ତାହାଙ୍କୁ ଧନ୍ୟବାଦ ଦେଇଅଛନ୍ତି । ଏହାତ ଅତି ପ୍ରଶସ୍ତ ଅଟେ ।

---

ଫ୍ରାନ୍ସ ଦେଶର ଦେବାନୀ ଅଦାଲତ ମାନଙ୍କରେ ଗତ ଅଠବର୍ଷ ମଧ୍ୟରେ ୪୦ ହଜାର ଛାଡ଼ପତ୍ର ମୋକଦ୍ଦମା ଦାୟେର ହୋଇଥିଲା । ତହିଁପୂର୍ବ ମୁ ୧୮୮୪ ସାଲରେ ୧୭୦୦ ମୋକଦ୍ଦମା ଉଠି ହୋଇଥିଲା । କ୍ରମଶଃ ଛାଡ଼ପତ୍ର ଦେବାର ବୃଦ୍ଧି ହେଉଅଛି ତହିଁରୁ ଅନୁମାନ ହୋଇପାରେ ଯେ ବିବାହପ୍ରଥା ଉଠିଯିବାର ଅଧିକ ବିଳମ୍ବ

Digitized by srujanika@gmail.com

Split by PDF Splitter



ନାହିଁ । ପାଶ୍ଚାତ୍ୟ ସଭ୍ୟତା ଓ ସ୍ତ୍ରୀ ସ୍ୱାଧୀନତାର ଫଳ ଏହା ଏହାଙ୍କୁ ଅଉ କ ବୋଲାଯିବ ?

---

ପୁରୁଲିଆ ଜିଲ୍ଲା ଗୋବିନ୍ଦପୁର ସବଡିଭିଜନର ଭାରପ୍ରାପ୍ତ ଡେପୁଟୀ ମାଜିଷ୍ଟ୍ରେଟ ଉଆର୍ଡ଼ିଜୋନସ୍ ସାହେବ ଏକଜଣ ଭଦ୍ରଲୋକଙ୍କୁ ପ୍ରହାର କରିବାରୁ ଭଦ୍ରଲୋକର ନାଲିସମତେ ସେଠା ଡେପୁଟୀ-କମିଶନର ଜୋନସ୍ ସାହେବଙ୍କ ଉପରେ ୨୦ ଟଙ୍କା ଅର୍ଥଦଣ୍ଡ କରିଅଛନ୍ତି । ଭରସା ହୁଅଇ ଏହି ସାମାନ୍ୟଦଣ୍ଡରେ ସାହେବଙ୍କ ମିଜାଜ କିଛି ଅଣ୍ଡା ହୋଇଥିବ । ଜୋନସ୍ ସାହେବ ଏହି କଟକ ନଗରରେ ଥିବା ସମୟରେ ତାହାଙ୍କର ତେଜ ଦେଖାଯାଇଥିଲା ମାତ୍ର ହାତଚଲା ରୋଗ ନ ଥିଲା ।

---

ଆଗାମି ମଇମାସରେ ଲଣ୍ଡନନଗରରେ ଭାରତ ସାମ୍ରାଜ୍ୟ ପ୍ରଦର୍ଶନୀ ନାମରେ ଗୋଟିଏ ବୃହତ ପ୍ରଦର୍ଶନୀ ବସିବ ଏବଂ ତାହା ଛମାସ ପର୍ଯ୍ୟନ୍ତ ରହିବ । ଏହି ପ୍ରଦର୍ଶନୀର ଅନୁଷ୍ଠାତାମାନେ ଯୌଥ ବ୍ୟବସାୟ ପ୍ରଣାଳୀରେ ଦଶଲକ୍ଷଟଙ୍କା ମୂଳଧନ ସଂଗ୍ରହ କରୁଅଛନ୍ତି । ଭାରତବର୍ଷ ଏବଂ ଇଂଲଣ୍ଡ ମଧ୍ୟରେ ବ୍ୟବସାୟର ଉନ୍ନତି ସାଧନ ଏ ପ୍ରଦର୍ଶନୀର ଅଭିପ୍ରାୟ ଅଟେ । ଇଂଲଣ୍ଡର ବ୍ୟବସାୟ ହେତୁ ଭାରତବର୍ଷ କ୍ରମାଗତ ଦରିଦ୍ର ହେଉଅଛି । ଏ ପ୍ରଦର୍ଶନୀର ଫଳ ଅଉ କ ହେବ କିଏ କହିପାରେ ? ସମ୍ପ୍ରତି ଭାରତବର୍ଷରେ ଅବଶିଷ୍ଟ ଯାହା ଅଛି ତାହା ସୁଦ୍ଧା ବଣିକ ବ୍ୟବସାୟିଙ୍କ ହାତକୁ ବାହାରି ଯିବ ।

---

ଭାରତ ଗବର୍ଣ୍ଣମେଣ୍ଟଙ୍କ ସ୍ୱାସ୍ଥ୍ୟ କମିଶନରଙ୍କ ରିପୋର୍ଟରୁ ପ୍ରକାଶହୁଏ ସନ ୧୮୯୩ ସାଲରେ ଦେଶୀୟ ସେନାର ସ୍ୱାସ୍ଥ୍ୟ ଏମନ୍ତ ଉତ୍ତମ ଥିଲା ଯେ ପ୍ରାୟ କେବେ ସେପରି ଘଟି ନ ଥିଲା । ବିଶେଷତ ଓଲାଉଠାରୋଗ ସମସ୍ତ ଭାରତବର୍ଷରେ କେବଳ ନ ୩୧ ଜଣଙ୍କୁ ଆକ୍ରମଣ କରିଥିଲା । ଯେଉଁ କାରଣରୁ ଘଟିଲେ ହେଁ ଏ ଶୁଭଫଳ ଆନନ୍ଦପ୍ରଦ ଅଟେ । ବାତ-ଜ୍ୱରରୋଗରେ ଅଧିକ ମୃତ୍ୟୁ ଘଟିଥିଲା । ସ୍ଥାନ ବିଶେଷର ଗୁଣାନୁସାରେ ଦେଖାଯାଏ ଯେ ଦେଶୀୟ ସେନାମଧ୍ୟରୁ ସିନ୍ଧୁପ୍ରଦେଶ ଓ ଆସାମରେ ପିଲ୍ହୋଇ, ରକ୍ତାତିସାର, ବଙ୍ଗ ଏବଂ ଓଡ଼ିଶାରେ ବାତରୋଗ, ପଶ୍ଚିମଘାଟରେ ଦୀର୍ଘକାଳସ୍ଥାୟୀ ସହଜଜ୍ୱର ଏବଂ ବ୍ରହ୍ମାରେ ଧାତୁଦୌର୍ବଲ୍ୟ ରୋଗମାନ ଅଧିକ ପ୍ରବଳ ।

---

ଦକ୍ଷ ଏବଂ ବେସାନ୍ତ କଲିକତାରେ ଯେ ସମସ୍ତ ବକ୍ତୃତା କରିଥିଲେ ତହିଁମଧ୍ୟରେ ଏକ ବକ୍ତୃତାରେ ଏଦେଶୀୟ ଏବଂ ଇଉରୋପୀୟ ଲୋକଙ୍କ ଭାବର ପାର୍ଥକ୍ୟ ଏହିପରି ଦେଖାଇ ଅଛନ୍ତି କ ଏଦେଶ-ପ୍ରତ୍ୟେକବ୍ୟକ୍ତି ଅପଣା କର୍ତ୍ତବ୍ୟ କାର୍ଯ୍ୟ ଏମନ୍ତ ଭାବରେ ନିର୍ବାହ କରିବାକୁ ବାଧ ଯେମନ୍ତ କ ତାହାର ନିଜର ସ୍ୱାର୍ଥ ସାଧାରଣ ସମାଜର ମଙ୍ଗଳର ଅଧୀନ ହେବ । ମାତ୍ର ଇଉରୋପୀୟଙ୍କର କର୍ତ୍ତବ୍ୟ କାର୍ଯ୍ୟ ଏମନ୍ତ ଶୃଙ୍ଖଳାବଦ୍ଧ ହୋଇ ଅଛି ଯେମନ୍ତ କ ପ୍ରତ୍ୟେକ ବ୍ୟକ୍ତି ଅପଣା ସ୍ୱତ୍ୱପ୍ରତି ଅଧିକ ପକ୍ଷପାତୀ ହେବେ ଏବଂ ସାଧାରଣଙ୍କ ବିରୁଦ୍ଧରେ ତାହା ରକ୍ଷାକରିବାକୁ ସମର୍ଥ ହେବେ । ଏ କଥାଟି ଅତିଉଚିତ ବିଚାର ଅଟେ ଏବଂ ଏହିହେତୁ ପାଶ୍ଚାତ୍ୟଭାବ କେବଳ ପାର୍ଥିବ ବିଷୟ ଦଗଲୁ ଧାବିତ ।

---

ସନ ୧୮୯୪।୯୫ ମସିହାର ସର୍ଭେସ୍କୁଲ ମାନଙ୍କର ପ୍ରଥମ ଓ ଦ୍ୱିତୀୟ ପରୀକ୍ଷାର ଫଳ । ନିମ୍ନେ ପ୍ରକାଶିତହେଲା ।

ପ୍ରଥମ ପରୀକ୍ଷା ।

| ଛାତ୍ରମାନଙ୍କ ନାମ | ଗ୍ରାମର ନାମ | ଜିଲ୍ଲା ବା ଜନ୍ମସ୍ଥାନ । |
|---|---|---|
| ୧ ଗଙ୍ଗାଧର ଦଳ | ଭୋମପଡ଼ା | ଗଡ଼ଜାତ |
| ୨ ଘନଶ୍ୟାମ ଷଡ଼ଙ୍ଗୀ | ଜାଗଜବାଡ | କଟକ |
| ୩ ଦାମୋଦର ରଥ | ଦନକା | " |
| ୪ କାଲୁଲେଶ୍ୱର ଅଗର୍ଣ୍ଣୀ | ହିଣ୍ଡୋଳ | ଗଡ଼ଜାତ |
| ୫ କୃପାସିନ୍ଧୁ ମିଶ୍ର | ପଦ୍ମନାଭପୁର | କଟକ |

ଦ୍ୱିତୀୟ ପରୀକ୍ଷା ।

| | | |
|---|---|---|
| ୧ ତ୍ରିଲୋଚନ ପାଣି | ଢେଙ୍କାନାଳ | ଗଡ଼ଜାତ |
| ୨ ଗଙ୍ଗାଧର ମିଶ୍ର (ଖ) | " | " |
| ୩ ଅନନ୍ତ ମହାପାତ୍ର | ରାମଗଡ଼ | କଟକ |
| ୪ ଦଣ୍ଡଧର ମିଶ୍ର | ତାଳଚେର | ଗଡ଼ଜାତ |
| ୫ ଗଙ୍ଗାଧର ମିଶ୍ର (କ) | ଢେଙ୍କାନାଳ | " |
| ୬ ଆର୍ତ୍ତତ୍ରାଣ ମିଶ୍ର | ହିଣ୍ଡୋଳ | " |
| ୭ ମୁକୁନ୍ଦ ମିଶ୍ର | ଗାନଡେର | " |
| ୮ ସୋମନାଥ ମିଶ୍ର | ବାଙ୍ଗବାଡ | କଟକ |
| ୯ ଗଦାଧର ମହାପାତ୍ର | ପଦ୍ମନାଭପୁର | " |

---

ସନ ୧୮୯୪।୯୫ ସାଲର ଖରିଫ ଫସଲ ସମ୍ବନ୍ଧୀୟ ନାଳବିଭାଗର ରିପୋର୍ଟରୁ ପ୍ରକାଶ ଯେ ଗତବର୍ଷଠାରୁ ଏଥର ଅଧିକ ଭୂମିରେ ଜଳ ମାଡ଼ିଅଛି । ଏହି ବୃଦ୍ଧି କେବଳ ଓଡ଼ିଶା ଏବଂ ଇଡ଼ନ ନାଳରେ ଘଟିଅଛି । ଓଡ଼ିଶାର ଏକମାତ୍ର ଖରିଫ ଫସଲ ଧାନ ଅଟେ । ଏହି ଫସଲ ନିମନ୍ତେ ଜଳ-କର କବୁଲିଅତ ଗତବର୍ଷ ତାଳଦଣ୍ଡା ଓ ହାଇଲେବଲ କେନାଲ ମାନଙ୍କରେ ଅତ୍ୟନ୍ତ ଊଣା ହୋଇଥିଲା ଏବର୍ଷ କବୁଲିଅତି ଜମିର ପରିମାଣ ତାଳଦଣ୍ଡା ନାଳ ଏଲାକାରେ ୧୩ ହଜାର ମାଣ ଏବଂ ହାଇଲେବଲ ନାଳ ଏଲାକାରେ ପ୍ରାୟ ୫୦ ହଜାର ମାଣ ବୃଦ୍ଧି ହୋଇଅଛି ଏଥିରୁ ଜଣାଯାଏ ଯେ ପ୍ରଜାମାନେ କବୁଲିଅତ ନ କରିବାର ଯେଉଁ ଅଣ୍ଟ ବାନ୍ଧିଥିଲେ ଗୋଟିଏ ବର୍ଷରେ ତାହା ଭାଙ୍ଗିଗଲା ।

---

ବାଲେଶ୍ୱର ସମ୍ବନ୍ଧରେ ଗତ ସଞ୍ଜୀବନୀରେ ଜଣେ ପତ୍ରପ୍ରେରକ ଲେଖି ଅଛନ୍ତି କ "ବାଲେଶ୍ୱର ନଗରରେ ପୂର୍ବେ କ୍ଷୁଦ୍ର କ୍ଷୁଦ୍ର ଜାହାଜ ଅର୍ଥାତ 'ସ୍ଲୁପ' ମାନ ରହିଥିଲା । କ୍ରମଶଃ ସେ ସବୁର ସଂଖ୍ୟା ଯେମନ୍ତ ହ୍ରାସ ହେଉଅଛି ଅନୁମାନ ମଧ୍ୟରେ ତହିଁର ଗନ୍ଧ ସୁଦ୍ଧା ନ ଥିବ । ଓଡ଼ିଆ କପ୍ତାନ, ଓଡ଼ିଆ ମାଲମ, ଓଡ଼ିଆ ସାରଙ୍ଗ ପ୍ରଭୃତି ଏହି ସବୁ କ୍ଷୁଦ୍ର କ୍ଷୁଦ୍ର ସ୍ଲୁପରେ ଧାନ୍ୟାଦି ବୋଝାଇ କରି ସମୁଦ୍ର ବାଟରେ କଲିକତା ପ୍ରଭୃତି ବନ୍ଦରମାନଙ୍କୁ ଅନାୟାସରେ ଗମନାଗମନ କରୁଥିଲେ । ବର୍ତ୍ତମାନ ଓଡ଼ିଆମାନଙ୍କର ସେହି ମହତ୍ତ୍ୱ ଲୋପ ହେବାକୁ ବସିଅଛି । ସ୍ୱର୍ଗୀୟ ରାଜା ଶ୍ୟାମାନନ୍ଦଦେ ବାହାଦୁର ସ୍ୱର୍ଗୀୟ ମଦନମୋହନ ଦାସ, ସ୍ୱର୍ଗୀୟ ପଦ୍ମଲୋଚନ ମଣ୍ଡଳ ପ୍ରଭୃତି ଧନାଢ୍ୟ ବ୍ୟବସାୟୀ ପ୍ରାୟ ପ୍ରତ୍ୟେକଙ୍କର ୧୦।୧୨ ଲେଖାଏଁ ସ୍ଲୁପ ଥିଲା । ସମ୍ପ୍ରତି ସେମାନଙ୍କର ବଂଶଧରମାନେ ଜମିଦାର ଭାବ ଧାରଣ ହୋଇ ବ୍ୟବସାୟ ଏକା କେତେଲେ ଉଠାଇ ଦେଇଅଛନ୍ତି ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଓଡ଼ିଆମାନଙ୍କର ସ୍ୱାଧୀନ ବ୍ୟବସାୟ ସମାପ୍ତ ହେଉଅଛି । ଏଥିରୁ ଅଧିକ ଦୁଃଖର କଥା ସନ୍ଦେହ ନାହିଁ । କହାରଣକୁ ଏ ପତ୍ର ପଠାଇ ଏହା ବାଲେଶ୍ୱର ବାସୀ ନାହିଁ କ ଓଡ଼ିଶାର ହିତାକାଂକ୍ଷୀମାନଙ୍କୁ ଏହା ଧୀର ଭାବରେ ଚିନ୍ତା କରିବା ଏବଂ ଲୁପ୍ତ ପ୍ରାୟ ଗୌରବର ପୁନରୁଦ୍ଧାରର ଚେଷ୍ଟା କରିବା ଏକାନ୍ତ ବାଞ୍ଛନୀୟ । ସହଜ ବୁଦ୍ଧିରେ ଏହିକି ଜଣାଯାଉଅଛି ଯେ ପୂର୍ବକାଳର ଲୋକଙ୍କ ପରି ଆମ୍ଭମାନଙ୍କର ତେଜ ସାହାସ ଅଧ୍ୟବସାୟ ବୁଦ୍ଧିକୌଶଳ ନ ଥିବାରୁ ସେମାନଙ୍କ ମହତ୍ତ୍ୱ କାର୍ଯ୍ୟର ଅନୁକରଣ କରିବାକୁ ଆମ୍ଭେମାନେ ଅକ୍ଷମ ନତୁବା ଧନ ଓ ଜ୍ଞାନ ଊଣା ନୁହେ । ଆଳସ୍ୟ ଓ ବୃଥାଭିମାନ ଆମ୍ଭମାନଙ୍କୁ କ୍ରମେ କ୍ରମେ ନଷ୍ଟ କରୁଅଛି ।

---

Digitized by srujanika@gmail.com

## ବଜେଟ

ଭାରତବର୍ଷର ଆୟବ୍ୟୟର ବଜେଟ ଗତପୂର୍ବ ଗୁରୁବାର ବଡ଼ଲାଟଙ୍କ ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହେଲା । ତାହାର ସଂକ୍ଷେପ ବିବରଣ ନିମ୍ନେ ପ୍ରକାଶ କରୁଅଛୁଁ ।

ଗତବର୍ଷ ଅନୁମାନ ହୋଇଥିଲା ଯେ ସନ ୧୮୯୪।୯୫ ସାଲର ଆୟ ବ୍ୟୟ ମଧ୍ୟରେ ଏକ କୋଟି ୭୬ ଲକ୍ଷ ଟଙ୍କା ନିଅଣ୍ଟ ପଡ଼ିବ । ମାତ୍ର ବର୍ତ୍ତମାନ ଠିକ ହେସାବ କରିବାରେ ଜଣାଯାଇ ଅଛି ଯେ ଆୟ ୭୪ ଲକ୍ଷ ଟଙ୍କା ବୃଦ୍ଧି ହେବାରୁ କେବଳ ଦେଢ଼କୋଟି ଟଙ୍କା ନିଅଣ୍ଟ ପଡ଼ୁଅଛି ଏବଂ ଏଥିମଧ୍ୟରେ ଏକ କୋଟି ଟଙ୍କା ଦୁର୍ଭିକ୍ଷ ନିବାରଣ ସମ୍ପର୍କୀୟ ରେଲବାଟ ନିର୍ମାଣର ବ୍ୟୟ ଧରାଯାଇଅଛି ।

ସନ ୧୮୯୫।୯୬ ସାଲର ଆୟ ବ୍ୟୟ ମଧ୍ୟରେ ୩୦ ଲକ୍ଷ ଟଙ୍କା ନିଅଣ୍ଟ ପଡ଼ିବାର ଗତବର୍ଷ ଅନୁମାନ ହୋଇଥିଲା । ମାତ୍ର ସମ୍ପ୍ରତି ଯେଉଁ ହେସାବ ପ୍ରସ୍ତୁତ ହୋଇ ଅଛି ତହିଁରେ ପ୍ରାୟ ଏକକୋଟି ଟଙ୍କା ଉଦ୍ଵର୍ତ୍ତ ହେବାର ଜଣାଯାଉ ଅଛି । ନିଅଣ୍ଟ ନ ହୋଇ ବଳିପଡ଼ିବାର ଶୁଭ ଘଟନା ହେଲା ବଡ଼ ସନ୍ତୋଷର ବିଷୟ ଏବଂ ଯେବେ ବଟ୍ଟାର ହାର କ୍ରମାଗତ ଊଣା ହୋଇ ନ ଥାନ୍ତା ତେବେ ଆହୁରି ବହୁତ ବଳିପଡ଼ି ଥାନ୍ତା । ଏକପକ୍ଷରେ ରାଜସ୍ୱ ବୃଦ୍ଧି ଏବଂ ଅପରପକ୍ଷରେ ବ୍ୟୟ ହ୍ରାସ ଦ୍ୱାରା ଏହି ସୁଫଳ ଲାଭ ହୋଇଅଛି । ଅନ୍ୟାନ୍ୟ ରାଜସ୍ୱ ମଧ୍ୟରେ ଆପୁ, କଷ୍ଟମ ଏବଂ ରେଲବେର ଆୟ ବିଶେଷ ବଢ଼ିଅଛି । ଯଥା; ଆପୁର ମୂଲ୍ୟ ବଢ଼ିବାରୁ ୯୩ ଲକ୍ଷ ଟଙ୍କା ଅଧିକା ଆୟ ହୋଇଅଛି ଏବଂ ଫସଲ ଅଳ୍ପ ହେବାରୁ ଖରଚ ମଧ୍ୟ ଊଣା ପଡ଼ି ଅଛି । ଗତବର୍ଷଠାରୁ ଏବର୍ଷ ସମୁଦ୍ରବାଟେ ଅଧିକ ମାଲ ଆମଦାନୀ ହେବା ଏବଂ ବିଶେଷତଃ ରୂପା ଅଧିକ ପରିମାଣରେ ଆମଦାନୀ ହେବାରୁ କଷ୍ଟମ ମାସୁଲ ୯୩ ଲକ୍ଷ ବୃଦ୍ଧି ହେବାର ଜଣାଯାଇ ଅଛି ଏବଂ ଏଥିମଧ୍ୟରେ ଏକା କପାଲୁଗା ମାସୁଲ ପ୍ରାୟ ୩୫ ଲକ୍ଷ ଟଙ୍କା ଅଟେ । ରେଲବେର ଆୟ ୩୫ ଲକ୍ଷ ଟଙ୍କା ଏବଂ ଅବକାରୀ ୧୫ ଲକ୍ଷ ଟଙ୍କା ବୃଦ୍ଧି ହୋଇ ଅଛି । ଏହି ବର୍ଷର ବ୍ୟୟ ଯେତେ ଟଙ୍କା ଇଷ୍ଟିମିଟ (?) ହୋଇଥିଲା ତାହା ପ୍ରାୟ ସ୍ଥିର ରହିଅଛି ଏବଂ ଖାଦ୍ୟ ଦ୍ରବ୍ୟର ମୂଲ୍ୟ ଊଣା ହେବାରୁ ସୈନିକ ବ୍ୟୟ ଯେତେ ଊଣାପଡ଼ିଅଛି ତହିଁରୁ ବଟ୍ଟାହ୍ରାସ ହେତୁ ଗୋରାସିପାହିଙ୍କ ବେତନ ବ୍ୟୟ ବୃଦ୍ଧି ୩୧ ଲକ୍ଷ ଟଙ୍କା ଏବଂ ଓ-ଛର ସ୍ଥାନକୁ ସେନା ପଠାଇବାର ବ୍ୟୟ ୧୯ ଲକ୍ଷ ଟଙ୍କା ନିର୍ବାହ ହୋଇ ବରଂ କିଛି ବଳିପଡ଼ି ଅଛି ।

ସନ ୧୮୯୫।୯୬ ସାଲର ବଜେଟରେ ଆୟବ୍ୟୟର ସମ ପରୀକ୍ଷା ହୋଇ ବରଂ ୪୨ ଲକ୍ଷ ଉଦ୍ଵର୍ତ୍ତ ହେବାର ସ୍ଥିର ହୋଇଅଛି । ଆୟ ମଧ୍ୟରେ ଭୂମିକର, ଆପୁ, ଆବକାରୀ ଷ୍ଟାମ୍ପ କଷ୍ଟମମାସୁଲ ଏବଂ ରେଲବେ ଆମଦାନୀ ବସ୍ତୁର ବୃଦ୍ଧି ହେବାର ଅନୁମାନ ହୋଇଅଛି । ବ୍ୟୟ ମଧ୍ୟରେ ବଟ୍ଟାର ଦର ଊଣା ହେତୁ ୨୧ କୋଟି ଟଙ୍କା ଅଧିକା ପଡ଼ି ଅଛି କରୁବା ଅନ୍ୟାନ୍ୟ ବ୍ୟୟ ଯଥା ସାଧ୍ୟ ସୀମ ମଧ୍ୟରେ ରଖାଯାଇ ଅଛି । ପଶ୍ଚାନ୍ତରେ ପ୍ରମିସରୀ ନୋଟର ସୁଦହ୍ରାସ ଦ୍ୱାରା ଅନେକ ଉପକାର ହୋଇଅଛି ଏବଂ ଏମନ୍ତ ବ୍ୟବସ୍ଥା ହୋଇଅଛି ଯେ ଏବର୍ଷ ପ୍ରଦେଶୀୟ ଗବର୍ଣ୍ଣମେଣ୍ଟମାନଙ୍କ ଠାରୁ କିଛି ନ ନେଇ ଏବଂ ଦେଶୀୟ ସେନାଙ୍କ ବେତନବୃଦ୍ଧିର ବ୍ୟୟ ୨୬ ଲକ୍ଷ ଟଙ୍କା ଏବଂ ଚିତ୍ରାଲର ଅଶାନ୍ତି ନିବାରଣ ନିମନ୍ତେ ୧୬ ଲକ୍ଷ ଟଙ୍କା ଯୋଗାଇ ସୁଦ୍ଧା ଉପର ଲିଖିତ ମତେ ୪୨ ଲକ୍ଷ ଟଙ୍କା ଉଦ୍ଵର୍ତ୍ତ ଦେଖାଇବାକୁ ଗବର୍ଣ୍ଣମେଣ୍ଟ ସମର୍ଥ ହୋଇଅଛନ୍ତି । କେବଳ ଦୁର୍ଭିକ୍ଷନିବାରଣ ପାଣ୍ଠିକୁ ଗତବର୍ଷ ପରି ଏବର୍ଷ ମଧ୍ୟ ଗବର୍ଣ୍ଣମେଣ୍ଟ ହରଣ କରୁ ଅଛନ୍ତି ମାତ୍ର ଏସମ୍ବନ୍ଧରେ ମାନ୍ୟବର ଧନସଚିବ କହିଅଛନ୍ତି କି ଯେ ପର୍ଯ୍ୟନ୍ତ ଏହି ପାଣ୍ଠିକୁ ରକ୍ଷା କରିବାକୁ ଗବର୍ଣ୍ଣମେଣ୍ଟ ସମର୍ଥ ହୋଇ ନାହାନ୍ତି ସେ ପର୍ଯ୍ୟନ୍ତ ଆର୍ଥିକ ଭଲ ବୋଲିଯାଇ ପାରିବ ନାହିଁ ।

ଉପରଲିଖିତ ବିବରଣରୁ ପାଠକମାନେ ବୁଝିପାରିବେ ଯେ ଭାରତର ଆର୍ଥିକ ଅବସ୍ଥା ଯେତେ ମନ୍ଦ ବୋଲି ଅନୁମିତ ହୋଇଥିଲା ତେତେ ନୁହେ ବରଂ ସ୍ପଷ୍ଟ ଦେଖାଯାଉ ଅଛି ଯେ କୌଣସି ଯୁଦ୍ଧ ବିଗ୍ରହ ନ ଘଟିଲେ ଏବର୍ଷଟି ଲୋକେ ନିଶ୍ଚିନ୍ତରେ କଟାଇବେ ଏବଂ ଅଉ କିଛି ନୂଆକର ଏଥିମଧ୍ୟରେ ଧାର୍ଯ୍ୟ ହେବ ନାହିଁ ଗବର୍ଣ୍ଣମେଣ୍ଟ କୌଣସି ନୂଆ କର ବସାଇବାର ପ୍ରସ୍ତାବ କରି ନାହାନ୍ତି ଏବଂ ଧନାଗାରରେ ଟଙ୍କା ଯଥେଷ୍ଟ ଥିବାରୁ ଏବର୍ଷ କିଛି ଋଣ କରିବାର ମଧ୍ୟ କଳ୍ପନା ହୋଇ ନାହିଁ । ଆପାତତଃ ଲୋକଙ୍କର ଦୁର୍ଭାବନା ଦୂର ହେଲା ଏଥିପାଇଁ ଆମ୍ଭମାନଙ୍କ ଧନସଚିବ ଧନ୍ୟବାଦର ପାତ୍ର ଅଟନ୍ତି ।

ଭାରତର ରାଜସ୍ୱ ଯେ ସ୍ୱଭାବତଃ ବର୍ଦ୍ଧନଶୀଳ ବଜେଟ ହେସାବ ଏହା ସ୍ପଷ୍ଟ ପ୍ରମାଣ କରୁଅଛୁ । ଏହା ସାମାନ୍ୟ ସୌଭାଗ୍ୟର ବିଷୟ ନୁହେ । ଯେବେ ଶାସନକର୍ତ୍ତାମାନେ ବ୍ୟୟ ବୃଦ୍ଧି ନିବାରଣପ୍ରତି ଯଥୋଚିତ ମନୋଯୋଗୀ ହୁଅନ୍ତେ ଏବଂ ଏକା ଭାରତର ସ୍ୱାର୍ଥ ପ୍ରତି ଦୃଷ୍ଟି ରଖି ସମସ୍ତ ଆର୍ଥିକ ବ୍ୟବସ୍ଥା କରନ୍ତେ ତାହା ହେଲେ ନୂଆ ନୂଆ କର ବସାଇ ଭାରତବାସିଙ୍କୁ ଲଣ୍ଡଭଣ୍ଡ କରିବାର ଆବଶ୍ୟକ ହୁଅନ୍ତା ନାହିଁ । ବରଂ ଅନେକ ଓ ବିରକ୍ତିଜନକ କରମାନ ଉଠାଇଦେଇ ଲୋକଙ୍କ ଧନବୃଦ୍ଧିର ସୁବନ୍ଦୋବସ୍ତ କରିପାରନ୍ତେ । ଏକ ଦିଗରେ ସୈନିକବ୍ୟୟ ଅନ୍ୟ ଦିଗରେ ବଟ୍ଟାକ୍ଷତି ଭାରତର ଅର୍ଥ ଶୋଷି ନେଉଅଛି ମାତ୍ର ଏ ଦୁଇ ପ୍ରଧାନ ଅନିଷ୍ଟର ପ୍ରତୀକାର ଅବଧି କିଛି ହେବାକୁ ନାହିଁ । ଯେପର୍ଯ୍ୟନ୍ତ ସେପ୍ରକାର ପ୍ରତୀକାର ହୋଇ ନାହିଁ ସେ ପର୍ଯ୍ୟନ୍ତ ଚିରସ୍ଥାୟୀ ଉପକାରର ଆଶା ନାହିଁ । କେବଳ ଢୋକେ ପିଇ ଦଣ୍ଡେ ଜୀଇବା ନ୍ୟାୟରେ ବର୍ତ୍ତମାନ ବଜେଟ ଭଲବୋଲିବାକୁ ହେବ ।

---

## ଉଦ୍ଧୃତ ।

### ମୟୂରଭଞ୍ଜରେ ବିବାହୋତ୍ସବ ।

ବୁଧବାର—ଖଣ୍ଡି କୋଟ ରାଜାଙ୍କ ତାମ୍ବୁରେ ମୟୂରଭଞ୍ଜ ମହାରାଜା, ନୀଳଗିରି ରାଜା ଓ ବାଲେଶ୍ୱର ରାଜା ବାହାଦୁର ଓ ଖଣ୍ଡି କୋଟ ରାଜାଙ୍କ ଫଟୋଗ୍ରାଫ ଏକତ୍ରରେ ଉଠାଇ ପରସ୍ପର ଉପହାର ପ୍ରଦାନ ହୋଇଅଛି । ସନ୍ଧ୍ୟା ସମୟରେ ଏକଜଣ ଅଷ୍ଟାବଧାନୀ ପଣ୍ଡିତ ମୟୂରଭଞ୍ଜ ରାଜବାଟୀରେ ଉପସ୍ଥିତ ହୋଇ ତାହାଙ୍କ ଗୁଣଗରିମାର ପରିଚୟ ଦେଇଥିଲେ, ଏହି ବ୍ୟକ୍ତି ଜାତିରେ ତେଲଙ୍ଗା ବ୍ରାହ୍ମଣ ଅଟନ୍ତି, ଏକସମୟରେ ୮ ଜଣ ପଣ୍ଡିତ ଏକତ୍ରିତ ହୋଇ ପ୍ରତ୍ୟେକେ ଭିନ୍ନ ଭିନ୍ନ ଛନ୍ଦରେ ଭିନ୍ନ ଭିନ୍ନ ବିଷୟରେ କବିତା ରଚନା କରିବାକୁ ପ୍ରଶ୍ନ କଲେ ଆଉ ଏକଜଣ ଉକ୍ତ ଅଷ୍ଟାବଧାନଙ୍କ ପିଠିରେ ଗୋଟିଏ ଗୋଟିଏ ଫୁଲ ପକାଇବାକୁ ଆରମ୍ଭ କଲେ । ଅନ୍ୟ ଏକଜଣ ଅନ୍ୟ ଦିଗରେ ଗୋଟିଏ ଘଣ୍ଟା ବଜାଇବାକୁ ଲାଗିଲେ, ଉକ୍ତ ଅଷ୍ଟାବଧାନୀ ଅନ୍ୟ ଏକଜଣ ସଙ୍ଗରେ ସତରଞ୍ଚ ଖେଳ ଆରମ୍ଭ କଲେ ଅନ୍ୟ ଏକଜଣ ପଣ୍ଡିତ ଏହାଙ୍କୁ ଏକ ସମସ୍ୟାପୂରଣ କରିବାକୁ ପ୍ରଶ୍ନ କଲେ ଅଷ୍ଟାବଧାନୀ ପଣ୍ଡିତ ଅବଶେଷରେ ସମସ୍ତ ପ୍ରଶ୍ନର ଉତ୍ତର ସୁନ୍ଦରରୂପେ ସମ୍ପନ୍ନ କରିଥିଲେ । ଏହାଙ୍କ ବୟସ ପ୍ରାୟ ୨୪।୨୫ ବର୍ଷ ହେବ, ଏହି ଅଳ୍ପ ବୟସରେ ଏହାଙ୍କ ସ୍ମରଣ ଶକ୍ତି ବହୁପି ପ୍ରଶଂସା କରିବାକୁ ହୁଏ । ଯେଉଁ ସମସ୍ତ ପଣ୍ଡିତଗଣ ମୟୂରଭଞ୍ଜ ରାଜବାଟୀର କାର୍ଯ୍ୟକଳାପ କରନ୍ତି ସେହି ପଣ୍ଡିତମାନଙ୍କୁ ଖଣ୍ଡି କୋଟ ରାଜା ଏକ

Digitized by srujanika@gmail.com

Split by PDF Splitter



ମିଷ୍ଟାନ୍ନ ଭୋଜୀ ଦେଇଥିଲେ । ଆଉ ଏହି ରାଜା କାଙ୍ଗାଳମାନଙ୍କୁ ଚାଉଳ ଡାଲି ଓ ଏକ ୨ ଖଣ୍ଡ ଦଶ ୧୦ ହାତ ଲୁଗା ବିତରଣ କରିଥିଲେ । କାଙ୍ଗାଳଙ୍କ ସଂଖ୍ୟା ପ୍ରାୟ ୨୫୦ ପର୍ଯ୍ୟନ୍ତ ହେବ । ଗତ ମାର୍ଚ୍ଚ ମାସ ତା ୨ ରିଖରେ ସ୍ୱଦଳବଳରେ ଏରାଜବାଟୀରେ ବିବାହ ଉପଲକ୍ଷେ ଶୁଭାଗମନ କରି ଅବଧି ରାଜବାଟୀରେ ବିରାଜମାନ କରୁ ଅଛନ୍ତି ଏହାଙ୍କ ସଙ୍ଗରେ ଗୌରୀପୁରରୁ ଅଧିକ ଲୋକ ଓ ଗୋରୁଗାଡ଼ି ଓ ହାତୀ ଘୋଡ଼ା ପ୍ରଭୃତି ନାନାପ୍ରକାର ଯାନ ବାହାନ ଆନୀତ ହୋଇଥିଲା ; ମୟୂରଭଞ୍ଜ ମହାରାଜା ଏହି ସମସ୍ତ ଲୋକ, ହାତୀ, ଘୋଡ଼ା-ପ୍ରଭୃତିଙ୍କ ଖାଦ୍ୟାଦି ସେହିଦିନରୁ ଆଜିପର୍ଯ୍ୟନ୍ତ ଯୋଗମତ ପ୍ରଦାନ କରୁ ଅଛନ୍ତି ।

ମୟୂରଭଞ୍ଜର ରାଜବାଟୀରୁ ବିବାହ ଉପଲକ୍ଷେ ଯେଉଁ ସମସ୍ତ ଯୌତୁକ ଖଲ୍ଲିକୋଟ ରାଜାଙ୍କୁ ପ୍ରଦତ୍ତ ହୋଇଥିଲା ସେହି ସମସ୍ତ ଦ୍ରବ୍ୟମାନ ରାଜବାଟୀରୁ କ୍ରମାଗତ ୮ ଦିନ ଲୋକଙ୍କଦ୍ୱାରା ବହି ନେଇ ଖଲ୍ଲିକୋଟ ରାଜାଙ୍କ ତାମ୍ବୁରେ ନିଆ ହୋଇଥିଲା ।

ଖଲ୍ଲିକୋଟ ରାଜା ମୟୂରଭଞ୍ଜ ରାଜପରିବାରବର୍ଗଙ୍କୁ ଆମନ୍ତ୍ରଣ କରି କଳାବନ୍ତୀ ବାଈ ଓ କଲିକତାସ୍ଥ ମାଦବବାକୁର୍ଯ୍ୟା ତାମଥେସ୍ର ଏକଦଳ ଉତ୍କୃଷ୍ଟ ଯାତ୍ରାବାଲାଙ୍କର ଗୀତାଭିନୟ ପ୍ରଦର୍ଶନ କରାଇଁ ଅପ୍ୟାୟିତ କରାଇଥିଲେ, ବନ୍ଧୁବର୍ଗଙ୍କ ଆଗମନରାତ୍ରି ମଧ୍ୟ ମହାସମାରୋହରେ ସମ୍ପନ୍ନ ହୋଇଥିଲା । ଏହିପରି ଆମୋଦରେ ସମସ୍ତ ରାତ୍ରି ଅତିବାହିତ ହେଲା ।

ଗୁରୁବାର— ମୟୂରଭଞ୍ଜ ରାଜବାଟୀରେ ଖଲ୍ଲିକୋଟ ରାଜାଙ୍କୁ ନିମନ୍ତ୍ରଣ ହୋଇଥିଲା । ସୁରଭାଳର ସ୍ୱୟମ୍ବର ମଣ୍ଡପ ଭୂମି ରାଜବାଟୀ ସୁସଜ୍ଜିତ ହୋଇଥିଲା । ଏଠାରେ କଳାବନ୍ତୀରୁ ଆନୀତ ବାଈ ଏବଂ ଖେମ୍ଟା ନାଚ ଓ ଫଙ୍କୋର୍ଚ୍ଚିକ ଗାନ ହୋଇଥିଲା । ଏହା ଭିନ୍ନ ଭଞ୍ଜଖ୍ୟାତ ସିତାର ବାଦ୍ୟାଚରଣ ଉତ୍କୃଷ୍ଟ ଏବଂ ଗାୟକ ଯଦୁନାଥ ରାୟ ଓ ଗୋୟାଲିଅର ନିବାସୀ ମୁସ୍ତଫା ଖାଁ ଏମାନଙ୍କର ଗାନାଦି ହୋଇଥିଲା, ପରେ ରାଜବନ୍ଧୁବର୍ଗଙ୍କ ନାଚଲୋକ ହୋଇ ମଜଲିସ ଭଙ୍ଗ ହେଲା ।

ଶୁକ୍ରବାର— ଖଲ୍ଲିକୋଟ ରାଜତାମ୍ବୁରେ ମଜଲିସ ହୋଇ ନାଚ ଲୋକ ହୋଇଥିଲା । ଆଉ ମୟୂରଭଞ୍ଜ ମହାରାଜାଙ୍କ ପ୍ରତ୍ୟାଗମନକାଳରେ ନାନାପ୍ରକାର ବାଣ ପୋଡ଼ାହୋଇଥିଲା ।

ଶନିବାର—ଦିବା ଘ ୪ ଖା ସମୟରୁ ମୟୂରଭଞ୍ଜ ମହାରାଜା ଓ ବାଲେଶ୍ୱରର ରାଜା ବାହାଦୂରଙ୍କୁ ଆମନ୍ତ୍ରଣ କରି ଖଲ୍ଲିକୋଟ ରାଜା ନାନାପ୍ରକାର ଆମୋଦ ପ୍ରମୋଦ କରିଥିଲେ । ଆଉ ରାତ୍ରରେ ମୟୂରଭଞ୍ଜ ମହାରାଜାଙ୍କ କର୍ମଚାରୀମାନଙ୍କୁ ନାଚ ତାମାସା ଦେଖାଇ ଏକ ପ୍ରୀତିଭୋଜ ଦେଇଥିଲେ ।

ରବିବାର—ଅଦ୍ୟ ଖଲ୍ଲିକୋଟ ମହାରାଣୀ ଅନ୍ତଃପୁରରୁ ଶୁଭାଗମନ କରି ରାଜବାଟୀ ସଲଗ୍ନ ଏକ ପ୍ରସ୍ତରେ ଛାଉଣୀ କରି ଅଛନ୍ତି । ପ୍ରାତ୍ୟାହିକ ନାଚ ତାମାସା ମଧ୍ୟ ମହାସମାରୋହରେ ଉଭୟ-ପକ୍ଷରେ ସମାଧା ହୋଇଥିଲା ଓ ଆମନ୍ତ୍ରିତ ପଣ୍ଡିତମାନେ ସମବେତ ହୋଇ ମୟୂରଭଞ୍ଜ ରାଜବାଟୀରେ ଏକ ବୃହତ୍ ସଭା ହୋଇଥିଲା । ପଣ୍ଡିତମାନଙ୍କ ପାରଦର୍ଶିତାନୁସାରେ ଶ୍ରେଣୀ ବିଭାଗ ହୋଇ ପ୍ରତ୍ୟେକେ ଯଥୋଚିତ ବିଦାୟ ପାଇ ଅଛନ୍ତି । ଆମନ୍ତ୍ରିତ ପଣ୍ଡିତମାନଙ୍କ ସଂଖ୍ୟା ପ୍ରାୟ ଶତାଧିକ ହୋଇପାରେ ।

ସୋମବାର ଓ ମଙ୍ଗଳବାର—ପ୍ରାତ୍ୟାହିକ ନାଚ ତାମାସା ହୋଇଥିଲା ।

ଓଡ଼ିୟା ନବସମ୍ବାଦ ।

---

# ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଗ୍ରୀଷ୍ମ ଅତ୍ୟନ୍ତ ଅଧିକ ହୋଇଅଛି । ଗତ ଶନିବାର ଦିନ ମେଘଗୋଟି ବର୍ଷା ଥାଇ ପତନ ହୋଇ ଏଣେ ମାତ୍ର ତାହା ଲାଗିବାର ପ୍ରକୃତ ଶୀତଳତାର ଉଦୟ ହୋଇ ଅଛି ।

## କଲିକତା-ଗେଜେଟ ।

ଓଡ଼ିଶାର ନିମ୍ନଲିଖିତ ସବଡେପୁଟୀମାନେ ଦ୍ୱିତୀୟ ଶ୍ରେଣୀକୁ ଉନ୍ନିତ କରିଅଛନ୍ତି ।

ବାବୁ ଜ୍ୟୋତିଷ ମୋହନ ସିଂହ ।
„ ଅକ୍ଷୟକୁମାର ସେନ
„ ଉପେନ୍ଦ୍ର ଦତ୍ତ
„ ଅମୃତଲାଲ ଗୁପ୍ତ
„ ଗୋପାଳବଲ୍ଲଭ ମିତ୍ର
„ ଅଭୟପ୍ରସାଦ ଦାସ

ଶ୍ରୀଯୁକ୍ତ ଇ, ଡବ୍ଲ୍ୟୁ ରାଜସାହି ବିଭାଗର କମିସନର ପଦରେ ବାହାଲ ହେଲେ ।

ଶ୍ରୀଯୁକ୍ତ ଏଚ୍, ଜି କୁକ୍ ଓଡ଼ିଶାବିଭାଗର କମିସନର ଓ ଗଡ଼ଜାତମହାଲର ସୁପ୍ରିଣ୍ଟ ପଦରେ ବାହାଲ ହେଲେ ।

---

ସ୍ପେନ ଦେଶର ଯେଉଁ ଜାହାଜ ନଷ୍ଟ ହୋଇଥିବାର ଅନୁମାନ ହୋଇଥିଲା ତାହା ବର୍ତ୍ତମାନ ନଷ୍ଟପ୍ରାୟ ବୋଲି ଜଣା ଯାଇଅଛି । ଟ୍ରାଫଲଗାର ଉପସାଗରରେ ଜାହାଜଟି ବୁଡ଼ି ଯାଇ ଥିବାର ଦେଖା ଯାଇଅଛି । ଏ ଦୁର୍ଘଟଣାର ପ୍ରକୃତ କାରଣ ଅବଧି ଜଣାଯାଇ ନାହିଁ ମାତ୍ର ଯେତେ ଜଣ ଲୋକ ତହିଁରେ ଥିଲେ ସମସ୍ତେ ମୃତ୍ୟୁ ମୁଖରେ ପତିତ ହୋଇ ଅଛନ୍ତି । ଏ ଯୋଗୁଁ ସ୍ପେନ ରାଜ୍ୟରେ ଗହଳ ପଡ଼ି ଯାଇ ଅଛି ।

ଲଣ୍ଡନ ନଗରରେ ପ୍ରତି ୧୪୫୦୦୦ ଲୋକଙ୍କ ସକାଶେ ହାସ୍ପାତାଲ ଗୋଟିଏ ଲାଗିଛି ଅଛି ।

ଜଗତର ସହରରେ ଯେତେ ଅଲମାରି ଥିବରେ ଜାଲସମାନ ଅଛି ତାହାକୁ ଲମ୍ବାଇ ଦେଲେ ମା ୧୩ ଇଲ ହୋଇଯିବ ।

ଚୀନ ଓ ଜାପାନମଧ୍ୟରେ ସନ୍ଧି ହେବାର ଯଥାର୍ଥ ଲକ୍ଷଣ ଏତେଦିନପରେ ଲାଗିଥିବାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ ମାତ୍ର ବନ୍ଦୋବସ୍ତରେ ମୁଖ୍ୟ ନମ୍ର ସନ୍ଧି ଏଥିରେ ସାର୍ଥକ ହେଲେ ବଡ଼ ଦୁଃଖର ବିଷୟ ହେବ । ଜାପାନ ଅନେକ ଟଙ୍କା ଦାବି କରିଥିଲା ତହିଁଉପରେ ପୁଣି ଫରମୋସା ଦ୍ୱୀପ ଓ ଲିଆଓଟଙ୍ଗ ଉପଦ୍ୱୀପ ଦାବି କରିଅଛି । ସମ୍ପ୍ରତି ଜାପାନର ଦାବି ଅତ୍ୟନ୍ତ ଥିବା ବିବେଚନାରେ ଚୀନ, ଇଂଲଣ୍ଡ ଜର୍ମାନି ଓ ଋଷିଆକୁ ଏସନ୍ଧିରେ ମଧ୍ୟସ୍ଥ ହେବା କାରଣ ଅନୁରୋଧ କରିଅଛନ୍ତି । ଚୀନର ଅଧିକୃତ ରାଜ୍ୟାଂଶ ପୁନଃ ପ୍ରାପ୍ତ ରଖିବା କାରଣରେ ଯେଷୋକ୍ତ ରାଜ୍ୟର ସମ୍ରାଟମାନଙ୍କୁ ଅନୁରୋଧ ହୋଇଅଛି । ହିରୋସିମାରେ ଜାପାନର ମନ୍ତ୍ରୀମାନେ ସନ୍ଧିସ୍ଥଳରେ ଚୀନର ପ୍ରତିନିଧି ସଙ୍ଗରେ ସାକ୍ଷାତ କରିବାର ସ୍ଥିର ହୋଇଥିବାରୁ ଜାପାନର ମନ୍ତ୍ରୀମାନେ ସେଠାକୁ ଯିବା କରିବାର ସମସ୍ତ ମିଳି ଅଛି । ଜାପାନ କିନ୍ତୁ ଚୀନସଙ୍ଗେ ବିଦ୍ରୋହ କରିବାକୁ ଉଦ୍ୟତ ହୋଇ ନାହିଁ । ଇତିମଧ୍ୟରେ ଫରମୋସାଠାରେ ଚୀନର ଏକ ତୋପଖାନାର ଜାପାନୀମାନେ ଧରିଅଛନ୍ତି । ଏଥିରେ ଅନେକ ସୁନ୍ଦର ଉପକରଣମାନ ଥିଲା । ଚୀନ ସନ୍ଧି ହେବାର ନିଶ୍ଚୟ ବୋଧକରି ବଇଭଲେ କ୍ଷତିପୂରଣ ଦେବା ସକାଶେ ଋଣ ଗ୍ରହଣ କରୁଅଛନ୍ତି ।

ବୋମ୍ବାଇର ପ୍ରୋଫେସର ଋଷିକଇସାହେବ ଅଙ୍କଶାସ୍ତ୍ରରେ ଦକ୍ଷିଣଭାରତରେ ବ୍ୟୋମଯାନକ୍ରୀଡ଼ା ପ୍ରଦର୍ଶନ ଟ ଉପରକୁ ଉଠି ସେଠାରୁ ଲମ୍ଫାଇ ଅବତରଣ କରୁଥିଲେ । ଅବତରଣବେଳେ ସେ ଭୂମିରେ ନ ପଡ଼ି ଜଣେ ଦେଶୀୟଲୋକର କାଠଘର ଉପରେ ଉପସ୍ଥିତ ହେଲେ । ସେ ଘରର ସ୍ୱାମୀ ଏବଂ ନିକଟବର୍ତ୍ତୀ ଲୋକମାନେ ଏହାଙ୍କୁ ସସମ୍ମାନପୂର୍ବକ ଉକ୍ତ ଘରର ପୂର୍ବଦ୍ୱାରପରେ ଅଣାଇଲେ । ଅନେକ କଷ୍ଟରେ ପ୍ରୋଫେସର ମହାଶୟ ସେଠାରୁ ବାହାରିକୁ ଆଗତ ହେଲେ ।

ପଚ୍ଛୋର କଲେଜର ଜଣେ ମୁସଲମାନ ଦର୍ଶନ ଅଧ୍ୟାପକ ତାଙ୍କର ପରୀକ୍ଷା ଦେଉଥିବା ସମୟରେ ଗୋଟିଏ ଛାତ୍ରଙ୍କୁ ଭଙ୍ଗ କଲେ ସେ ଉତ୍ତର ଦେଇ ନାହାଁନ୍ତି ଅଭିଯୋଗ ଅଧ୍ୟାପକ ଯେ ନ ଜାଣି ଗଡ଼ରେ ତାହା ଦେଉଥିଲେ ତାଙ୍କର ଗଣ୍ଡରେ ପ୍ରବେଶ କଲା । ଅନେକ କଷ୍ଟରେ ହାତ ଖଣ୍ଡିକ ଉଦ୍ଧାର ବାହାରିଲା ମାତ୍ର ଉପ ଦୁଇ ସେ ସେ ଆଉ ଦୃଷ୍ଟିପନ୍ତି ପାଇ ପାରିବେ ନାହିଁ ।

ଲଣ୍ଡନ ନଗରରେ ପ୍ରାପ୍ତବୟସ୍କ ଲୋକସଂଖ୍ୟା ୧୦୫୦୦୦ ହିସାବ ବୃଦ୍ଧି ହେଉଥିବାର କହନ୍ତି ।

Digitized by srujanika@gmail.com

Split by PDF Splitter



## ଯାଜପୁର-ସମ୍ବାଦ ।

ଗତ ମଙ୍ଗଳବାର ଶେଷ ରାତ୍ରରେ ଝଡ଼ପବନ ସହିତରେ ଏକ ଅଞ୍ଜଳା ମେଘ ବର୍ଷା ଏ ଅଞ୍ଚଳରେ ହୋଇଯାଇଅଛି ଏବର୍ଷା ରବି ଫସଲରେ ବିଶେଷ ଉପକାର ଅଛି ।

ଅଦ୍ଭୁତାଲିକ ମଧ୍ୟସ୍ଥ ଭ ମହମ୍ମାଧିବ ଗ୍ରାମର ଛଅପଣ ପରେ ଦିନ ହୋଇ କଗଦ ଟଙ୍କା ଓ ଦ୍ରବ୍ୟାଦି ସହିତ ୫ ୨୦୦୧ ଟଙ୍କାର ମାଲ ଚୋରି ଯାଇଥିବାର ସମ୍ବାଦ୍ପାହର ସର୍ପିବାରେ ଇନ୍ସପେକ୍ଟର ବାବୁ ସମ୍ଭୋବର ସନ୍ଦେହ ମତେ ପୁଲିସ ମୂଦୋଇଲ ବିଜଣାସ୍ତ ଗୃହର ସନ୍ଧାନ ପାଇଡ ସର ତ ଲାସ କରିବାକୁ ଯାଇ ଯୋକାଗୁଲାର ବାସ ପାଇବାକୁ ଖାଇ କେତେ ପାଇବାର ନାଠା ସ୍ୱାବୀ କୈଫିୟତ ଥିଲ ଦିଆଯାଇଥିବ, ଉକ୍ତିରେ କଇ ଟାକ ଦେଇ ବହୁଁ ମଧ୍ୟରୁ ମୃତଦେହର ଭାଙ୍ଗି ବୁଡ କେତେକ ଅସ୍ତ୍ର ଦେଖାଗଲା ଜାହାର ବଲେ ମଧ୍ୟ ଭାଙ୍ଗି ସର ତଲାସ କରିବାରେ ଆଉ କେତେକ ମାଲ ବାହାର କଲେ । ଉକ୍ତ ମାଲମାଳ ଚେଷ୍ଟାଇବାର ହାମବ ବାର୍ତ୍ତି ଉକ୍ତପ୍ତ ଶେଷ ସମସ୍ତରେ ତାହା ସଇଠାରେ ରଖି ଯାଇଥିବାର ପ୍ରକାଶ କରିବାକୁ ପୁଲିସ ଉକ୍ତ ମାଲ ସହିତ ସାକୀ କୋର୍ଟୋକୁ ଚାଲାଣ ଦେଲେ ତାହାର ପରିଶ୍ରମ ସହିତ ଉଦମାସ କାରାଦଣ୍ଡର ଆଦେଶ ହୋଇଅଛି । ମାତ୍ର ସର୍ବି ଉପଲବ୍ଧି ସେହି ଗାବଳଠାରୁ କେଇଁ ଅଟେ ପଲାଇ ଯାଇଅଛି ଅଦ୍ୟପର୍ଯ୍ୟନ୍ତ ଧରାଯାଇ ନାହିଁ ।

ଏଠା ମୁନ୍ସଫୀ ଅଦାଲତର ହେଡ଼କ୍ଲାର୍କ ଶ୍ରୀ ବାବୁ ଶିବପ୍ରସାଦ ଦତ୍ତ କାଟେଲୀର ଓ ଏତ୍ସସ୍ଥ ମଜ୍ଜରପଙ୍କର ହେଡ଼କ୍ଲାର୍କ ନନ୍ଦି ଉଁ ହେବୁଣ ଏଠା ହେଡ଼କ୍ଲାର୍କ ପଦରେ ବଦଳୀ ହୋଇଥିବାର ପ୍ରକାଶ ।

ଗତ ମାର୍ଚ୍ଚ ମାସ ତା ୨୦ ରଖ ଶନିବାର ବାରଣୀ ମଧୁକୃଷ୍ଣ ତ୍ରୟୋଦଶୀ ସହିତ ସବା ଭ ୨୫।୪୪ ପରେ ଶତଭିଷା ନକ୍ଷତ୍ର ଯୋଗ ହେବାରୁ ମହାବାରୁଣୀ ଓ ଭ ୪୪।୪୪ ପରେ ଶୁଭଯୋଗ ପ୍ରବେଶ ହେବାରୁ ମହା ମହାବାରୁଣୀ ଯୋଗ ହୋଇଥିଲ ଏଣୁକରି ଯାତ୍ରୀମାନେ ଭବା ଭନସ୍ତ୍ରହର ଘରେ ଏକଥର ଓ ଗ୍ରହ ଗ୍ର ୩୪ ଘଣ୍ଟା ସମସ୍ତରେ ଏକଥର ଏହି ପୁଣ୍ୟ ବୈତରଣୀରେ ସ୍ନାନ କରିଥିଲେ ଏବର୍ଷ ଏଠା ବାରୁଣୀ ଉତ୍ସବରେ ସନ୍ନୁଖା ୨୦୦୦୦ ହଜାରର ଉର୍ଦ୍ଧ ଯାତ୍ରୀ ହୋଇଥିଲେ ଏଠା ମିଉନିସିପାଲିଟୀ ଓ ପୁଲିସ କର୍ମଚାରୀଙ୍କର ସୁବନ୍ଦୋବସ୍ତ ହେବୁ ବିଶେଷ କୌଣସି ଦୁର୍ଘଟଣା ହୋଇ ନାହିଁ ତଥାତ ଯାତ୍ରୀମାନଙ୍କ ମଧ୍ୟରୁ କେତେକଜଣ ସ୍ତ୍ରୀ ଓ ବାଳକ ଅପଣା ସଙ୍ଗୀମାନଙ୍କଠାରୁ ଗୋଳମାଳରେ କେଉଁଆଡ଼େ ଅନ୍ତର ହୋଇ ଯାଇ ଏବାକୁ ସେମାନଙ୍କୁ ଅନେକ ପ୍ରକାର ଭୟ କରି ଖୁବା ପାଇ କ ଥିଲେ ଏବ ଯାତ୍ରିମାନଙ୍କ ମଧ୍ୟରୁ ବାହାର ଅଗଞ୍ଜାର ଅବ ଚୋରି ଯାଇ ଥିବାର ଶୁଣାଯାଏ । ପ୍ରାୟ ୫ ୧୦।୧୪ ଶ ହେଲ ବୈତରଣୀରେ ଏପରି ଯୋଗ ପଡ଼ିଥିବାର ଦେଖା ନ ଥିଲ ।

ଶ୍ରୀଯୁକ୍ତ ବାବୁ ବଳରାମଦାସ ମହନ୍ତୀ, ଏକ୍ଟିଂ ଜଜ ମୁନସଫ ଏଠାକାର କାର୍ଯ୍ୟ ଶେଷ କରି ଗତ ମାର୍ଚ୍ଚ ମାସ ତା ୨୬ ଦିନରେ ପୁରୀ ଗମନ କରିଅଛନ୍ତି ।

କେତେକ ମାସ ପୂର୍ବେ ଅଗଣ ଗ୍ରାମ, ନାଜିପୁର ଗ୍ରାମର ଭ୍ରୋଜାଥ ମହାନ୍ତି ସହେ ଯେଉଁ ଡକାୟିତୀ ହୋଇଥିଲ ତାହା ଏଥିପୂର୍ବେ ଉଲ୍ଲେଖ କରିଥିଲୁ ମାତ୍ର ଉକ୍ତ ଡକାୟିତୀର ୪ ୨୩ ନ ଜଣଙ୍କୁ ଯାଜପୁରର ଜ୍ୱାଇଣ୍ଟ ମାଜିଷ୍ଟ୍ରେଟ ସାହେବ ଏକ ବ୍ରାହ୍ମଣ ଓ ସେଇ ସରକାର ଜାମନ ଏକ ମୁସଲମାନ ସେଠାରେ ପଲ୍ଟଣ ଥିଲେ ...ବ ... ଓ ଦେଶ

ସରକାର ଅବକାଶ ଭଗନ୍ଧି ଥିବାର ସତ୍ତ୍ୱେ ବେଳ ସେଠାକାର କେତେକ ଲୋକଙ୍କ ଭୟ ଦେଖାଇ ବଳ ପଇସା କେଇ ଡକାୟତର ଫଳ ଶିବକୁ ଅନ୍ତର ହୋଇ ଯାଇ ଥିବାର ଉକ୍ତ ଡକାୟିତୀ ମକଦ୍ଦମାରୁ ପ୍ରଇମ ତଦାରଖ କରୁଥିବା ସମୟରେ ପ୍ରକାଶ ପାଇଥିଲ ମାତ୍ର ଏତେଦିନ ପରେ ପୁଲିସର ଉକ୍ତ ଉକାୟତ ଓ ସେଗ ସରକାର ଜାମନରେ ଡଣ୍ଡବିଧି ଆଇନର ଦ ୧୬୦ ଧା ମୋତାବକ ପୁଲିସ କର୍ତ୍ତୃକ ମକଦମା ଦାୟର ହୋଇ ସବଡ଼ିଭିଜନ ମାଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଅଛି ।

ବୈତରଣୀର ଦାସ ନାମକ କେନାଲ ଜେଟିରେ ଉପସ୍ଥିତ ଥିଲା ସରକାରର ମୋହର ସେଥିପାଇଁ ଓ ଦର୍ପଣ ଭଗର କେତେକ ପ୍ରଜାଙ୍କଠାରୁ ଜଳକର ମାଲକର ଓ ଜମିକର ଆଦାୟ କରି ନେଇ ହେମାତଙ୍କ ଦେବ ପାଇଁଥି ଦେଇ ଉକ୍ତ ଟଙ୍କା ମଧ୍ୟରୁ କେତେକ ଟଙ୍କା ଅତ୍ମସାତ କରି ପଳାଇ ଥିବାରୁ ତାହା ଜାଣିଲେ (କେବଳ ଦର୍ପଣ ପ୍ରଜାଙ୍କଠାରୁ ୫ ୧୩।୬୦ ଅନୁମାନ କରିଥିବା) ଦଣ୍ଡବିଧି ଆଇନର ଦ ୪୦୫ ଧା ଅନୁସାରେ ମକଦମା ଦାୟର ହୋଇ ଥିବାର ଏଥିପାଇଁ ଉଲ୍ଲେଖ କରିଥିଲୁଁ ମାତ୍ର ଅସମାନଙ୍କର ଶ୍ରୀଯୁକ୍ତ ସବଡ଼ିଭିଜନ ମାଜିଷ୍ଟ୍ରେଟଙ୍କ ବିଚାରରେ ଆସାମୀ ବୈତରଣୀଗଣ ଦାସ ପଦଚ୍ୟୁତ ହୋଇ ଏକବର୍ଷ କାରାଦଣ୍ଡ ଓ ୫ ୨୫୧ ଜରିମାନା ଓ ଜରିମାନା ନ ଦେଲେ ଆଉ ଛଅମାସ କାରାଦଣ୍ଡ ଆଜ୍ଞା ହୋଇଅଛି । ଉକ୍ତ ଜରିମାନା ଟଙ୍କା ଆଦାୟ ହେଲେ ତହିଁରୁ ୫ ୧୦।୬୦ କେନାଲ କେରାଣୀର ଯାଉଥିବା ଦପ୍ତର ଶିବାଇ ଆଦେଶ ହୋଇଅଛି । ତଦ୍ୱାରା ଉକ୍ତ ବୈତରଣୀଦାସ ଅନ୍ୟାନ୍ୟ କେତେକ ପ୍ରଜାଙ୍କଠାରୁ ଅନୁମାନ ପ୍ରାୟ ୫ ୭୦୯ ଟଙ୍କା ପର୍ଯ୍ୟନ୍ତ ଜଳକର ଆଦ ଗ୍ରହଣ ଥିବାରୁ କରଣିଲ ଅସ୍ୱୀକାର କରି ଏହାର ତାହାର ଭ୍ରମଣ କର୍ମଚାରୀ ବାବୁ ଲୋକନାଥ ଚକ୍ରବର୍ତ୍ତୀ ଜେଲଦାରଙ୍କର ତଦାରଖରେ ପ୍ରକାଶ ମାତ୍ର ସେସବୁ ଜାଣସ ହୋଇ ନାହିଁ ।

ଏଠା ସବଡ଼ିଭିଜନ ଜାଇବ କର୍ମରେ ଗାସନଭକ୍ତଦାସ ନିଯୁକ୍ତ ହୋଇ ଅଛନ୍ତି ସେ ଏଠା ଷ୍ଟାଫକୁଲର ପ୍ରଧାନଶିକ୍ଷକ ପଦରେ ଉତ୍ତୀର୍ଣ୍ଣ ହୋଇ ସବଡ଼ିଭିଜନ ଏଡ଼ିସରେ ଆଏଣ୍ଟ ଜବମ କର୍ମରେ ନିଯୁକ୍ତ ଥିଲେ ସମସ୍ତଙ୍କ ଜାଣିବାକୁ ନିଯୁକ୍ତିରେ ସମସ୍ତେ ସନ୍ତୁଷ୍ଟ ହୋଇ ଅଛନ୍ତି ।

## କେନ୍ଦ୍ରାପଡ଼ା ସମ୍ବାଦ ।

ଗତ କେତେକ ଦିନ ହେଲା ବିଶେଷ ଖରା ପଡ଼ୁଅଛି । ସମସ୍ତେ ସକାଳବେଳେ କୁହୁଡ଼ି ନଷ୍ଟ ହେଉଅଛି । ଗତ ତା ୧୫ ରଖ ରାତ୍ରରେ ପ୍ରବଳ ବତାସ ସହିତ ଅସମୟ ଅଧିକ ବୃଷ୍ଟି ହୋଇ ଯାଇ ଅଛି । ଗତ ମଙ୍ଗଳବାର ଦିନ ସମୟରେ ମଧ୍ୟ କିଛି ବୃଷ୍ଟିପାତ ହୋଇଥିଲ ।

ସମ୍ପ୍ରତି ଖାଲାଳ ମଧ୍ୟରେ ବସନ୍ତ ରୋଗର ପ୍ରାଦୁର୍ଭାବ ଦେଖାଯାଏ ଓ କେତେକ ସ୍ଥଳ ଗ୍ରାମରେ ମଧ୍ୟ ଅନ୍ତାନ୍ତ ଚେହେରା ଦେଖାଯାଇ ।

ଏବର୍ଷ ହୋଲିଯାତ୍ରା ଉତ୍ସବରୁପେ ସମାଧା ହୋଇ ଯାଇଅଛି । ଅନେକସ୍ଥଳରେ ଅଭ ଭଲ୍ଲୁକ ନାଚ ତାମାସାମାନ ହୋଇ ଥିବାର ଦେଖାଗଲ ।

ଦଗଡ଼ ସପ୍ତାହରେ ଏଠାରୁ ଅନୁକରଣ ଭଦ୍ରାଥିବୁଲ କର୍ମୀଗାରେ ଗୋଟିଏ ଭୟାବହ ଗରଗୋଳ ହୋଇ ଯାଇ ଥିବାର ସମ୍ବାଦ ମିଳିଲ ସେଠା ପଣ୍ଡାବାଙ୍କ ମହାଜନମାନଙ୍କ

ପରିଭ ଅଶ୍ରୁ ଲାଗି ଦିହୁଁ ନିକଟବର୍ତ୍ତୀ ଅତ ଅନେକ ଘର ଧ୍ୱଂସ ହୋଇ ଯାଇଥିବାର ଶୁଣିଲୁଁ । ଅମାନମାନଙ୍କ ମଧ୍ୟରେ ପ୍ରାୟ ଭ ୫୦୦ ଗଣ ଧାନ ଓ ଜଗଦ ଓ ଭଣ୍ଡାର ୫ ୪୦୦୦୦୯ ଟଙ୍କା ପର୍ଯ୍ୟନ୍ତ ନଷ୍ଟ ହୋଇ ଯାଇଥିବାର ଜଣାଗଲ ।

ଅଭର ଗୋଟିଏ ଗଇଡ଼ ବଇବରାଠାରେ କେତେବେଳେ କାର୍ଯ୍ୟ କରୁଥିବା ଅଲ୍ପଦିନ ହେଲ ତାହା ସରଠାରୁ ଏବି ତାହାର ଗ୍ରାମର ଅଟେ ଏବ ସେଇଠାରୁ ତାହାର ଛାଇ ବନ୍ଧୁ ବିରସ୍ତ ଜାଣିପାରିବାରୁ ଦଳେ ଲୁଚ ତାହା ତଡ଼ ଅଛିବେ ସରୁ ଭଗସ୍ତ ଦେଖିଥାଇ ଏକଣ୍ଡ ଶୁଦ୍ଧାର ତାହା କେଳ ଉପରେ ମାରିବସି ତାହାର ପ୍ରାଣ ନେଲ । ପୁଲିସ ଉକ୍ତ ଅସାମିକୁ ଧରି ଆଣିଥିଲେ ବସ୍ତୁତରେ ସନ୍ତୁଷ୍ଟ ଦୌରାସଗୋର୍ଦ୍ଦ ହୋଇଅଛି ।

ଏଠାକାର ଏକଜଣ ପୁଲିସ କନଷ୍ଟେବଲ ଘୁଷ ନେବା ଅପରାଧରେ ଅସ୍ମାମାନଙ୍କର ସବ ଡିଭିଜନ ମାଜିଷ୍ଟ୍ରେଟଙ୍କଦ୍ୱାରା ୫ ୧ ଶ ଜାସ୍ତିଦାସ ଦଣ୍ଡ ପ୍ରାପ୍ତ ହୋଇଅଛି । ଏମାନ ଅପିଲ କର ସ୍ୱୀକାର ଶୁଣାଯାଏ ।

ସ୍କୁଲ ସମୂହର ଇନ୍ସପେକ୍ଟର ସ୍ତ ବାବୁ ରାଧାନାଥ ରାୟ ଗତ ତା ୨୨ ରଖରେ ଏଠାରେ ପହୁଞ୍ଚି ସ୍କୁଲମାନ ପରିଦର୍ଶନ କରି ଗତ ତା ୨୪ ରଖରେ କଟକରେ ପ୍ରସ୍ଥାନ କରି ଅଛନ୍ତି ।

ସମ୍ପ୍ରତି ଖାଲାଳ ମଧ୍ୟରେ ଗୋଟିଏ ଅଦ୍ଭୋତଗ ପଞ୍ଚିଆବାର ଦେଖାଯାଏ ଗୋଟିଏ ଗାଈର ପାଇଲ ଅଦ୍ଭୁତାକୃତି ନିଷ୍ଠ ଏକ କନେତ୍ରର ସହିତ କୁକର୍ମ କରିବାର ପ୍ରକାଶ ପାଇଅଛି । ଏହା ଯେବେ ଅଭିନର ରସ୍ୟଭୋଗ ଯେବେ ପ୍ରକାର ଦେଖାଯାଏ କରୁ ଏହା କଳିଯୁଗର ଫଳ ବୋଲି ଅର କହ ବ ?

ଗତ ଅପ୍ରେଲ ମାସ ତା ୧ ରିଖରୁ ଦେବଦାସପୁର କେନାଲ ପୁଣିଥିବାରୁ ମାରିଡ଼ିପାଇରୀ ସମ୍ପୃକ୍ତ ଖାଜନା ରେବାର ଶ୍ରମିମାନଙ୍କରେ କେନାଲ ଜଳ ଯୋଗାଇବା ସୁଚ ଉଠିଥିଲ କରୁଅଛନ୍ତି ।

### ସ୍ପେଶଲପତ୍ର ।

ସମ୍ବାଦପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

To the Editor of Utkal Dipika,

A panic and alarm has been spreading among the Uriya race that the Govt. of Central Provinces has adopted the short-sighted policy of supplanting Uriya by Hindi for the Court language of Sambalpore-Uriya which has been in use from the time of the British occupation of the province. It is almost incredible that the Govt. should ever adopt such a retrograde policy.

The other day the Uriyas of Ganjam were granted by the Madras

Digitized by srujanika@gmail.com

Split by PDF Splitter



Govt. the privilege of seeing their language recognised as a court language of Ganjam District. A review of the grievances of the Uriyas, and the G. O. s. passed by the Govt. as redress thereof will clearly show how the policy pronounced by the Central Province Govt, is opposed to the principles of Govt. justice and human nity. The Ganjam Uriyas complained (1) That owing to an oversight of Govt, portions of Uriya Province viz. Ganjam and Sambalpore were separated from Orissa Proper and amalgamated with Madras and Central Provinces under the respective Govts, while properly they should have been under one Provincial Govt. according to a strict ethnological principle. This grievance was firmly supported by the "Pioneer" who advocated the amalgamation of Ganjam with Sambalpore (2) That Uriyas were put to various inconveniences by the fact that their language was not recognised in the Courts and Cutcheries, and that as a natural consequence of this invidious arrangement, the Uriyas should learn another vernacular (Telugu) to qualify themselves for appointments, (3) That their University training in their mother tongue would become useless if it was forbidden to be used as Court language.

The Madras Government held that the Uriyas were really at a disadvantage compared with their Telugu brethern, and that the Uriyas should be set apart from the Telugus, if possible, by effecting division by which the Uriyas could enjoy the priviledge of the exclusive use of their language in Courts &c. in Ganjam. But owing to the promiscuous mixture of the population i. e some Uriyas living in the south, and some in the north along with the Telugus in the District, a division seemed impossible, so that eventually both Uriya and Telugu were recognised as the Court language, and in the part where the Uriya element preponderated, $\frac{3}{4}$ of the appointments were ordered to be given to the Uriyas, and the same privilege being granted to the Telugus according to their preponderence in the south.

Now the Madras Goverment has done what it could do at the time though it has yet to do more for the Uriyas. That the Government should have yielded to the principle of justice; reason, and, humanity is nothing but its bounden duty.

But how unnatural and in human, it is for the Central Province Government to rush with the sword to kill a living language by supplatting in by another language. Has any one vernacular language any more right than another to support it? No. The language of a nation is the most sacred right that one can ever think of. All the races of India are equally subject to the British Government and as one of them has any greater right for the exclusive use of its language in the Courts than that it has for dominating over another as a ruling class.

It may be pointed out here that one of the chief evils of granting the privilege of simultaneious Civil Service examination to India, is that the advanced races will monopolise the service and dominate over others. Is the same evil not courted here? The Government of Central Province will, we sanguinely hope, consider the serious circumstances, and restore Uryia to its original status.

20—3—95. *Justice.*

**GANJAM.**

---

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଲକ୍ଷ୍ମୀଧର ପାଣିଗ୍ରାହୀ କାଉପଡା | ଟ ୩ |
| „ ସୁଦାମଚରଣ ନାୟକ କଟକ | ଟ ୩ |
| „ ରଘୁନାଥପ୍ରସାଦ ଦାସ ବାଲେଶ୍ୱର | ଟ ୩ |
| „ ଦେବନାଥ ସାମନ୍ତ | ଟ ୩ |
| „ ମାଗୁଣୀ ବେହେରା କଟକ | ଟ ୧ |
| „ ଜଗନ୍ନାଥ ଦତ୍ତ „ „ | ଟ ୧ |
| „ ଭଗବାନ୍ ଜେନା ବାଲେଶ୍ୱର | ଟ ୩ |

---

# ବିଜ୍ଞାପନ ।

## ଶ୍ରୀମଦ୍ଭାଗବତ ।

ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ ଅନୁଦିତ ଯେଉଁ ଏକାଦଶ-ସ୍କନ୍ଧ ଏହି ପ୍ରେଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚଳିତ ହୋଇ ଅଛି, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନୂତନସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ଅଶୁଦ୍ଧ ଥିଲା ବିଶେଷ ଯତ୍ନେ ସେହି ସବୁ ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରସ୍ତର ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବେଶିତ ହୋଇଅଛି । ଅଧିକନ୍ତୁ ଯେଉଁମାନେ ମନିଅର୍ଡର କରି ପଣ୍ଡିତ ମହାତ୍ମା ଗଙ୍ଗାଧରଙ୍କ ଟୀକା ଶ୍ରବଣ କରୁଥିବା, ଜାପ୍ରଣତର ଶ୍ରୀ ଜୀଉଙ୍କର ପାଦପଦ୍ମରେ ଶରଣ ହେବା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ଦର୍ଶନ କରିଥିବା ବିଷୟକ ସୁନ୍ଦର ଚିତ୍ରମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟ ପୂର୍ବେ ଟ ୦ ୳ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଉତ୍ତମ ବନାତ ପୁସ୍ତକର ଅଧିକନ୍ତୁ ମୂଲ୍ୟ ଟ ୦ ୳ ଧାର୍ଯ୍ୟ ହୋଇଅଛି ।

---

## ବିଜ୍ଞାପନ ।

### ନୂତନ ନୂତନ ନୂତନ

### କବି କର୍ଣ୍ଣ ବିରଚିତ

ଷଷ୍ଠୀମଙ୍ଗଳ ଜନ୍ମପାଳି ମୂଲ୍ୟ ଟ୦/ ଏକଅଣା

ପଦ୍ମଲୋଚନ ପାଳି ମୂଲ୍ୟ ଟ୦/

ମର୍ଦ୍ଦନାଚ ଜନ୍ମପାଳି ମୂଲ୍ୟ ଟ୦୵

କଟକ ପ୍ରେଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅଭିଳାଷୀମାନେ ପତ୍ର ଦିଅନ୍ତୁ

---

## ବିଜ୍ଞାପନ ।

ଇଂରେଜୀ ଭାଷା ଓ ପୁଲିସ କାର୍ଯ୍ୟାଭିଜ୍ଞ ଜଣେ ପୁଲିସ ସବଇନସପେକ୍ଟର ଦରକାର । ମାସିକ ବେତନ ଟ ୧୫୲ ଙ୍କା । ଉପଯୁକ୍ତ କିଂ ଖାୟିତ ମହୋଦୟଙ୍କ ଶୀଘ୍ରରେ ଦରଖାସ୍ତ କରିବାକୁ ହେବ ।

ନୟାଗଡ଼ ରାଜ ହେଡ଼ ଅଫିସ ୨୩।୩।୯୫ } ଶ୍ରୀ ଗୋବିନ୍ଦ ଚନ୍ଦ୍ର ସିଂହ ଦେଓ୍ୱାନ

Digitized by srujanika@gmail.com

Split by PDF Splitter

**NOTICE**

**THE**

# DWIBHASI.

*SECOD EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

ଏହି ପୁସ୍ତକ ଉପରୋକ୍ତ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

---

## NOTICE.

Wanted a 2nd Grade Civil Court Amin for the District of Cuttack. Salary Rs. 50 fixed.

A thorough knowledge of Surveying, Levelling and Estimating is ndispensably neccessary. None need apply who has not passed the Public Works Department Overseer's Examination in one of the Engineering Colleges, or a Government Survey school final examination with credit, and can draw maps and plans accurately and neatly.

Preference will be given to one who understands Uriya in addion to the above qualifications.

Applications with testimonials in original and specimens of drawings will be received by the undersigned upto the first May 1895.

Cuttack Judge's office } F. G. Pargiter,
The 16th March 1895. } *District Judge.*

---

## NOTICE.

Wanted a Permanent Work's Sirkar for Kendrapara Local Board, with a thorough knowledge of Surveying and Road making. Salary Rs. 20. per month. Preference will be given to English speaking candidates. Application by post, ( with copies of testimonials ) will be received by the undersigned up to 15th. April 1895.

A. C. Wright,
*Vice-Chairman.*
LOCAL BOARD.

---

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

### ଦାର୍ଷ୍ଟାନ୍ତିକ ରସାମୃତ ।

ସମ୍ପୂର୍ଣ୍ଣ ୧୨ ଅଧ୍ୟାୟ

ବକ୍ସିବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ୧ ଟଙ୍କା ଗୋପାଳଚନ୍ଦ୍ରଙ୍କ ଭାବମାଧୁରୀ ୦/

---

CHEAP ! CHEAP ! CHEAP !

**SCHOOL BOOKS.**

Prescribed for the Collegiate school and H. E. schools.

JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ବକ୍ସିବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

---

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତ ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲି, ଖେମଟା, ଟପା, ଠୁମରୀପ୍ରଭୃତି ସୁମଧୁର-ସ୍ୱରର ଅତିଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଏବଂ ବୁକ୍ଏଜେଣ୍ଟ ବାବୁ ରାମପ୍ରସାଦ ମୁକ୍ତିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ଉଷାବତୀହରଣ ମୂଲ୍ୟ ଟ ୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି

---

## ବିଜ୍ଞାପନ ।

ମାଇନର, ବର୍ଣ୍ଣାକ୍ୟୁଲର, ଅପରପ୍ରାଇମେରି ଓ ଲୋୟର ପ୍ରାଇମେରିସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ଉହାର ବ୍ୟାଖ୍ୟା, ଓ ଆଟଲାସ, ଓୟାଲଚାର୍ଟ ପ୍ରଭୃତି ସୁଲଭମୂଲ୍ୟରେ କଟକ ବକ୍ସିବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅଳ୍ପମୂଲ୍ୟରେ ପାଇପାରିବେ ।

---

ହଜାରେ ଟଙ୍କା ପୁରସ୍କାର ।

# BISHAHARI.

## ବିଷହରି ।

### ହଜାଣ ହୁଅ ନାହିଁ ।

ଡାକ୍ତର ଶ୍ରୀ ଯଦୁଭୂଷଣ ବିଶ୍ୱାସ ମହାଶୟଙ୍କ ଉପଦଂଶ ଓ ପାରଦଜନିତ ପାର ସର୍ବଂଶରୋଗ ଔଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ପାରଦ ଓ ଉପଦଂଶ ଜନିତରୋଗ ୧୫ ଦିନରେ ଓ ପ୍ରମେହ ୭ ଦିନରେ ନିଶ୍ଚୟ ଆରୋଗ୍ୟ ହୁଅନ୍ତି । ଏଥିରେ ଶୀଘ୍ର ଆରୋଗ୍ୟ ହେଉଅଛି, ଏହା ଦେଶୀୟ ବୃକ୍ଷରୁ ସ୍ୱୟଂ ପ୍ରକୃତି ଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ପାରଦରହିତ । ଯାହା ବାହାର କଲେ ହଜାରେ ଟଙ୍କା ପୁରସ୍କାର ଦେବି । ମୂଲ୍ୟ—ସେବନୀୟଔଷଧ ଟ ୧ ଙ୍କା, ଲେପନଙ୍ଗୁ-ଳିର ଟ ୧ ଙ୍କା, ଇଞ୍ଜେକସନ ଦ୍ରବ ଟ ୩ ଙ୍କା, ଭି: ଓ ଡାକ ଟ ୦।୵ ବ୍ୟବସ୍ଥା ପତ୍ର ସହିତ ଔଷଧ ଭି: ପି: ପୋଷ୍ଟରେ ପଠାଯିବ ।

"ପ୍ରଧାନ ଏଜେଣ୍ଟ ମେସର୍ସ ଚନ୍ଦ୍ରକୃଷ୍ଣ ପାଲ ଏଣ୍ଡ କୋଂ, ଶୋଂପ୍ରାପ୍ତି, ଚିନାବଜାର କଲିକତା"

କଟକର ଏଜେଣ୍ଟ
ବାବୁ ଏଲ୍, ଏନ୍, ଭାଦୁଡ଼ି
ଇମ୍ପେରିୟଲ ମେଡିକାଲହଲ ।
କଟକ ଓଡ଼ିଶା

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ହାର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭ | ଟ ୬ |
| ସ୍ତମ୍ଭ ଏକ ସମ୍ପୂର୍ଣ୍ଣ | ଟ ୧୦ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ହାର ଟ ୦ ॥ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ହାର ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥ ଥରରୁ ଯଥାକ୍ରମେ ହେବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକମାନେ ଅଗ୍ରିମ ଦେବେ ।

---

ଏହି ଉତ୍କଳଦୀପିକା ପତ୍ର କଟକ ବକ୍ସିବଜାର, କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୦ ସ | ସଂ ୧୪ ସଂଖ୍ୟା

ତା ୬ ତଃ ମାହେ ଏପ୍ରେଲ ସନ ୧୮୯୫ ମସିହା । ମୂ । ଚ ୨୫ ଚୈତ୍ର ସନ ୧୩୦୨ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩

ପଶ୍ଚାଦ୍ଦେୟ ଟ ୬

## ବିଜ୍ଞାପନ

ଓଡ଼ିଆ

ସନ ୧୮୯୫।୯୬ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପୂର୍ବ-ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।

ବଡ଼ ଖ ୧ କୁ ଟ ୦।୵ ଡାକମାସୁଲ ଟ ୦ ୵

ଛୋଟ ଖ ୧ କୁ ଟ ୦ ୵ ଡାକମାସୁଲ ୯ ୦୧୬

ଭଦ୍ରଖର ସବଡ଼ିଭିଜନ ଅଫିସର ହଠାତ୍ ଅପସ୍ମାର ରୋଗରେ ପୀଡ଼ିତ ହେବାରୁ ବାଲେଶ୍ୱରର ସିନୟର ଡେପୁଟୀ ମାଜିଷ୍ଟ୍ରେଟ ବାବୁ ଶ୍ରୀ ରାମଚନ୍ଦ୍ର ବସୁ ସେହି ସବଡ଼ିଭିଜନ ଅଫିସର ଭାର ନେବା କାରଣ ପ୍ରେରିତ ହୋଇଅଛନ୍ତି ।

———

ଶିବପୁର ଇଞ୍ଜିନିୟରିଂ କଲେଜ ଛାତ୍ରମାନଙ୍କ ଲ୍ୟାବରେଟୋରୀ ଉପରେ ଇଲେକଟ୍ରିକନାମକ ଗୋଟିଏ ସେତୁ ନିର୍ମାଣ ନିମନ୍ତେ ବାବୁ ଗୋପାଳଲାଲ ଶିଲ ୨ ୩୦ ହଜାରଟଙ୍କା ଦାନ କରିବାରୁ ମାନ୍ୟବର ବଙ୍ଗୀୟ ଲେପ୍ଟେନାଣ୍ଟ ଗଭର୍ଣ୍ଣର ତାହାଙ୍କୁ ଧନ୍ୟବାଦ ଦେଇଅଛନ୍ତି ।

———

ଗତ ସପ୍ତାହରେ ଗଭର୍ଣ୍ଣରଙ୍କ ବଜେଟର କଥା ପାଠକମାନଙ୍କୁ ଜଣାଇ ଏବର୍ଷର ବ୍ୟୟବୃ

ଅଧିକ ହେବାର ଦେଖାଇ ଆନନ୍ଦ ପ୍ରକାଶ କରିଥିଲୁଁ । ଏଥିମଧ୍ୟରେ ଚିତ୍ରାଲ ଯୁଦ୍ଧ ଉପସ୍ଥିତ ହେବାରୁ ବ୍ୟୟବୃଦ୍ଧିର ସୂତ୍ରପାତ ହୋଇଅଛି । ଭବିଷ୍ୟତରେ କ ହେବ ତାହା କହି ପାରେ । ସୁତରାଂ ନିଶ୍ଚିନ୍ତ ହେବାର କଥା ନୁହେ ।

———

ବର୍ତ୍ତମାନ ପ୍ରକାଶ ହୋଇଅଛି ଯେ କାବୁଲର ଅମିର ଅବଦୁର ରହମାନ ଆସନ୍ତା ଗ୍ରୀଷ୍ମକାଳରେ ଇଂଲଣ୍ଡକୁ ଯିବାକୁ ଏକାନ୍ତ ଅସମ୍ମତି କରି ତାହାଙ୍କ ପ୍ରତିନିଧିସ୍ୱରୂପ ତାହାଙ୍କ ଦ୍ୱିତୀୟ ପୁତ୍ର ନାସରୁଲ୍ଲାଙ୍କୁ ନିମନ୍ତ୍ରଣ ରକ୍ଷା ନିମନ୍ତେ ପଠାଇବାର ମାନସ କରିଅଛନ୍ତି । ଏଥିର ମଧ୍ୟ ସ୍ଥିରତା ନାହିଁ । ନିମନ୍ତ୍ରଣ ରକ୍ଷା ନିମନ୍ତେ ଦେଶ ଛାଡ଼ି ବାହାରି ଯିବା ସହଜ କଥା ନୁହେ ।

—※—

ବସନ୍ତରୋଗର ପ୍ରାଦୁର୍ଭାବ ହେତୁ କଲିକତାର ବେସରକାରୀ କଲେଜ ସମୂହର ଅଧ୍ୟକ୍ଷମାନେ ଏକ ସଭା କରି ଅଦ୍ୟଠାରୁ ଆଗାମି ଜୁନ ମାସ ତା ୧୦ ରିଖ ପର୍ଯ୍ୟନ୍ତ ସମସ୍ତ କଲେଜସ୍କୁଲ ବନ୍ଦ କରିବାର ଧାର୍ଯ୍ୟ କରିଅଛନ୍ତି । ଏହି ବ୍ୟବସ୍ଥା ଉତ୍ତମ ହୋଇଅଛି । ଭରସା ହୁଏଇ ଶିକ୍ଷାବିଭାଗର ଡାଇରେକ୍ଟର ମହୋଦୟ କଲିକତାର ସରକାରୀ କଲେଜସ୍କୁଲମାନ ଏହିପରି ବନ୍ଦ କରିବାର ଆଦେଶ ଦେବେ ।

—※—

ଆମ୍ଭେମାନେ ଅନନ୍ଦ ସହିତ ବାଲେଶ୍ୱର-ସମ୍ବାଦବାହିକାରେ ପାଠକଲୁଁ ଯେ ସେଠାରେ ନବସ୍ଥାପିତ ସୋସିଏଲକ୍ଲବ ନାମକ ସମିତିର ସାହାଯ୍ୟ ନିମନ୍ତେ ମୟୂରଭଞ୍ଜର ମହାରାଜା ପାଞ୍ଚଶତଟଙ୍କା ଏବଂ ରାଜା ବୈକୁଣ୍ଠନାଥଦେ ବାହାଦୁର ଏକଶତ ଟଙ୍କା ଦାନ କରିଅଛନ୍ତି । ଭରସା ହୁଏଇ ଅନ୍ୟାନ୍ୟ ଧନାଢ୍ୟ ବ୍ୟକ୍ତିମାନେ ସମିତିର ସାହାଯ୍ୟ ନିମନ୍ତେ ଏହିପରି ମୁକ୍ତହସ୍ତ ହେବେ ।

—※—

ବାରକମାସ୍ତରୀ ଥିଏଟରିକାଲ ଗତ ଶନିବାର ପ୍ରହ୍ଲାଦ ଚରିତ୍ରର ଅଭିନୟ ଦେଖାଇଥିଲେ ଏବଂ ପୂର୍ବପ୍ରାପ୍ତ କେବଳ ନିମନ୍ତ୍ରିତ ଭଦ୍ରଲୋକମାନେ ତାହା ଦେଖିବାର ଅଧିକାର ପାଇଥିଲେ ହେଁ ଆମ୍ଭେମାନେ ଅତିବ ସହିତ ଅବଗତ ହେଲୁଁ ଯେ ଅନିମନ୍ତ୍ରିତ କେତେ ଲୋକ ଗ୍ରହଣ ପାଇଥିଲେ ମାତ୍ର ଆଉ କେତେ ଲୋକ ଫେରି ଆସି ଦୁଃଖ ପ୍ରକାଶ କଲେ । ସମସ୍ତଙ୍କୁ ସନ୍ତୁଷ୍ଟ କରିବା ସହଜ ନୁହେ ।

———

ବୃଦ୍ଧ ଚୀନପ୍ରତିନିଧି ଜାପାନରେ ଅଦ୍ୟାବି ପ୍ରାପ୍ତ ହେବାରୁ ତହିଁର କ୍ଷତିକାର ସ୍ୱରୂପ ଜାପାନ ରାଜ ମିକାଡୋ ଆଦେଶ ଦେଇଅଛନ୍ତି ଯେ ସନ୍ଧି ପ୍ରସ୍ତାବର ଶେଷ ନିଷ୍ପତ୍ତି ପର୍ଯ୍ୟନ୍ତ ଯୁଦ୍ଧ ସ୍ଥଗିତ ରହିବ । ଜାପାନୀ ସେନା ଏଥିମଧ୍ୟରେ ଅଗ

Split by PDF Splitter

Digitized by srujanika@gmail.com

ଯୁଦ୍ଧ ନ କରି କେବଳ ଏପର୍ଯ୍ୟନ୍ତ ଯେ ସମସ୍ତ ଦେଶ ଅଧିକାର କରିଅଛନ୍ତି ସେ ସମସ୍ତ ଦଖଲରେ ରଖିବେ । ଚୀନ ଦୂତଙ୍କ ଦୁର୍ଘଟନା ଜାପାନଗବର୍ଣ୍ଣମେଣ୍ଟଙ୍କୁ ସୁଶିକ୍ଷା ଦେଲା ସୁଖର ବିଷୟ ଅଟେ ।

---

ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ କଲିକତାନିବାସୀ ବାବୁ ଅଶୁତୋଷ ମୁଖର୍ଯ୍ୟା ବି, ଏଲ ଅକାଳେ ମୃତ୍ୟୁମୁଖରେ ପତିତ ହୋଇଅଛନ୍ତି । ଏହି ମହାଶୟ ସର୍ବ ପ୍ରଥମେ ସ୍ୱୟଂଗୁଣ ପ୍ରେମଚାନ୍ଦ ବୃତ୍ତି ପାଇଥିଲେ ଓ ଶିକ୍ଷାବିଷୟରେ ତାହାଙ୍କର ଅସାଧାରଣ ବ୍ୟୁତ୍ପତ୍ତି ଥିଲା ଏବଂ ଆଇନ କାନୁନ ବୁଝିବାକୁ ବଡ଼ ଶକ୍ତି ଥିଲା । ତାହାଙ୍କର ପାଣ୍ଡିତ୍ୟ ଓ ବୁଦ୍ଧି ଦେଖି ବିଦେଶୀୟମାନେ ଭୂରି ଧନ୍ୟ ଧନ୍ୟ କରୁଥିଲେ । ଏକା ପାନଦୋଷ ତାହାଙ୍କର ଅକାଳ ମୃତ୍ୟୁ ଘଟାଇଲା ବଡ଼ ପରିତାପର ବିଷୟ ।

---

ବଡ଼ଲାଟଙ୍କ ବ୍ୟବସ୍ଥାପକସଭାର ଜଣେ ସଭ୍ୟ ଶ୍ରୀଯୁକ୍ତ ଫିରୋଜସାହାମହତା ଆପଣା କର୍ତ୍ତବ୍ୟ କାର୍ଯ୍ୟ ଅତ୍ୟନ୍ତ ସ୍ୱାଧୀନତା ଏବଂ ଦକ୍ଷତା ସହିତ ନିର୍ବାହ କରି ବିଦାୟ ହୋଇଯିବାରୁ ତାହାଙ୍କ ସମ୍ମାନାର୍ଥେ କଲିକତାର ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉକ୍ତ ନଗରର ଟାଉନହଲରେ ଏକ ଭୋଜ ପ୍ରଦାନ କରିଥିଲେ । ଏବଂ ସେଥିର ସମସ୍ତ କାର୍ଯ୍ୟ ବଡ଼ ପ୍ରୀତିକର ରୂପେ ନିର୍ବାହିତ ହୋଇଥିଲା । ଶ୍ରୀଯୁକ୍ତ ମହତା ମହାଶୟଙ୍କ ପରି ବ୍ୟବସ୍ଥାପକସଭାର ଅନ୍ୟାନ୍ୟ ଯେଉଁ ସଭ୍ୟମାନେ ଆପଣା ଆପଣା କର୍ତ୍ତବ୍ୟକାର୍ଯ୍ୟ ସମ୍ପାଦନରେ ଅସାଧାରଣ ଯୋଗ୍ୟତା ଦେଖାଇ ଅଛନ୍ତି ସେମାନଙ୍କୁ ମଧ୍ୟ ଏହିପରି ସମ୍ମାନ ପ୍ରଦର୍ଶନ କରିବା ଉଚିତ ।

---

ରାଜପୁତାନା ମଧ୍ୟରେ କୃଷ୍ଣଗଡ଼ ନାମରେ ଗୋଟିଏ ରାଜ୍ୟ ଅଛି । ସେଠାରେ ଉତ୍କୃଷ୍ଟ କପା ଉତ୍ପନ୍ନ ହୁଏ ଏବଂ ତାହା ବିଦେଶକୁ ରପ୍ତାନି ହୁଏ । ସେଠାର ମହାରାଜା ସେହି କପାରେ ଆପଣା ରାଜ୍ୟ ମଧ୍ୟରେ ଲୁଗା ପ୍ରସ୍ତୁତ କରିବାର ସଙ୍କଳ୍ପ କରି ଗୋଟିଏ ଲୁଗାବୁଣା କାରଖାନା ଫିଟାଇବାର ସ୍ଥିର କରି ଅଛନ୍ତି ଏବଂ କଳ ଖରିଦ କରି ଆଣିବା ସକାଶେ ଆପଣା ମନ୍ତ୍ରୀଙ୍କୁ ବମ୍ବେଇକୁ ପଠାଇ ଅଛନ୍ତି । କୃଷ୍ଣଗଡ଼ ମହାରାଜାଙ୍କର ଏହି କାର୍ଯ୍ୟ ଅତୀବ ପ୍ରଶଂସନୀୟ ଅଟେ । ଅପରାପର ଦେଶୀୟ ରାଜାମାନେ ଯେବେ ଏହିପରି ଆପଣା ରାଜ୍ୟର ବାଣିଜ୍ୟ ବ୍ୟବସାୟର ଉନ୍ନତି ଚେଷ୍ଟା କରନ୍ତେ ତେବେ ଭାରତର ବର୍ତ୍ତମାନ ଦୁର୍ଦ୍ଦଶା ଅଧିକଦିନ ରହିବ ନାହିଁ ।

---

ବଙ୍ଗାଲଡିଷ୍ଟ୍ରିକ୍ଟ ଟ୍ରେଡ଼ଟ୍ରେସ୍ ଓ ଏ କମ୍ପାନି ନାମରେ ଗୋଟିଏ ଯୌଥ ବ୍ୟବସାୟ ଫିଟାଇବାର କଳ୍ପନା ହେଉଅଛି । କଲିକତାର ମାର୍ଟିନକମ୍ପାନି ହାବଡ଼ାଠାରୁ ଆମତା ପର୍ଯ୍ୟନ୍ତ ଏକ ଗୋଟା ଏବଂ ହାବଡ଼ାଠାରୁ ସେଆଖାଲ ପର୍ଯ୍ୟନ୍ତ ଏକ ଗୋଟା ଏହିପରି ଦୁଇ ଗୋଟା ଟ୍ରାମୱେ ଅର୍ଥାତ୍ ବାଷ୍ପୀୟ ଶକଟ ଚଳାଇବାର ବାଟ ନିର୍ମାଣ କରିବା କାରଣ ପ୍ରାର୍ଥନା କରିବାରୁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ତାହା ସବୁ ମଞ୍ଜୁର କରି ଅଛନ୍ତି । ପ୍ରଥମ ରାସ୍ତାଟିର ଦୈର୍ଘ୍ୟ ମା[illegible]ଇଲ ଏବଂ ୨ୟ ଟିର ଦୈର୍ଘ୍ୟ ମା ୨୦ ଇଲ ଅଟେ । କମ୍ପାନି କମେ କମେ ଅଉ କେତେଗୁଡ଼ିଏ ଟ୍ରାମବାଟ ଫିଟାଇବାର ଚେଷ୍ଟାରେ ଅଛନ୍ତି । ଟ୍ରାମବାଟ ଏକପ୍ରକାର କ୍ଷୁଦ୍ର ରେଲବାଟ ପ୍ରାୟ ମାଟି ଉପରେ କୌଶଳରେ ଗଠିତ ହେବାରୁ ଅଳ୍ପ ବ୍ୟୟ ଏଥିପାଇଁ ଆବଶ୍ୟକ ହୁଏ । ସୁତରାଂ ଲାଭ ହେବାର ସମ୍ଭାବନା । ଦେଶୀୟ ଲୋକ ଏହିପରି ଯୌଥବ୍ୟବସାୟରେ ପ୍ରବୃତ୍ତ ହେଲେ ଭରସା କୁଅଇ ଲାଭ ହୋଇପାରେ ।

କଲିକତାରେ ବସନ୍ତରୋଗ ବଡ଼ ପ୍ରବଳ ହୋଇଥିବାରୁ ତାହା ନିବାରଣର ଉପାୟ ସ୍ୱରୂପ ଇଣ୍ଡିଆନମିରର ନାମକ ଦୈନିକ ଇଂରାଜୀ ସମ୍ବାଦପତ୍ର ଲେଖିଅଛନ୍ତି ଯେ ଗୃହାଦି ଓ ଅଙ୍ଗ ପରିଷ୍କାର ରଖିବା, ମଦକବସ୍ତୁ ଓ ମତ୍ସ୍ୟ ମାଂସ ପରିତ୍ୟାଗ କରିବା ଏବଂ ଯଜ୍ଞ ଓ ଶୀତଳା ପୂଜାର ଅନୁଷ୍ଠାନ କରିବା ଆବଶ୍ୟକ । ବିଶେଷତଃ ସେ ହିନ୍ଦୁମାନଙ୍କୁ ଧାର୍ମିକ ଉପାୟମାନ ଅବଲମ୍ବନ କରିବାକୁ ଅନୁରୋଧ କରିଅଛନ୍ତି ଯେ ବୃହତ୍ ଭାବରେ ଯଜ୍ଞର ଅନୁଷ୍ଠାନ ହେଲେ ମଡ଼କ ଓ ସଂକ୍ରାମକ ରୋଗ ଉପସ୍ଥିତ କାଳରେ ଘୃତ ଚନ୍ଦନକାଷ୍ଠ ଓ ଅନ୍ୟାନ୍ୟ ସୁଗନ୍ଧ ଦ୍ରବ୍ୟ ଅଗ୍ନିରେ ପୋଡ଼ିଗଲେ ତହିଁର ଧୂମଦ୍ୱାରା ବାୟୁସ୍ଥିତ ରୋଗଉତ୍ପାଦକ କୀଟାଣୁ ନାଶ ହୁଅନ୍ତି ଏବଂ ଉଚ୍ଚୈଃସ୍ୱରରେ ମନ୍ତ୍ର ଉଚ୍ଚାରଣ ଏବଂ ନାମସଂକୀର୍ତ୍ତନଦ୍ୱାରା ଶରୀରର ଗ୍ଲାନି ଦୂରୀଭୂତ ଓ ମନରେ ବଳ ସଞ୍ଚାରିତ ହୁଏ । ମୋଫସଲବାସୀମାନେ ମାରିଭୟ ଉପସ୍ଥିତ ହେଲେ ଏହି ପ୍ରକାର ଉପାୟଦ୍ୱାରା ଶାନ୍ତିଲାଭ କରନ୍ତି । ସହରରେ ମଧ୍ୟ ତାହା ଫଳପ୍ରଦ ହେବ ସନ୍ଦେହ ନାହିଁ ।

---

ଚୀନପ୍ରତିନିଧି ଲିହଙ୍ଗଚାଙ୍ଗ ଯେତେ ସନ୍ଧିସ୍ଥାପନ ଅଭିପ୍ରାୟରେ ଜାପାନକୁ ପ୍ରେରିତ ହୋଇଅଛନ୍ତି ସେ ଗୁଳି ଆଘାତରେ ପୀଡ଼ିତ ଅଛନ୍ତି । ଚୀନଦୂତ ପାଲିକିରେ ବସି ଆପଣା ବସାଘର ସହିତ ଜାପାନର ପ୍ରଧାନକଚେରିବାଟେ ଯାଉଥିବା ସମୟରେ ଅନେକ ଲୋକ ଦେଖିବାକୁ ଆସିଲେ । ତହିଁମଧ୍ୟରେ କୋଏମାନାମକ ଏକବ୍ୟକ୍ତି ହଠାତ୍ ପାଲିକ ନିକଟକୁ ଦୌଡ଼ି ଆସି ଦୂତଙ୍କୁ ଲକ୍ଷ୍ୟକରି ଏକ ଗୋଳ ଫାୟର କଲା । ଧର୍ମରକ୍ଷା ଯେ ବୃଦ୍ଧ ଚୀନଦୂତଙ୍କ ଗାଲରେ ଗୁଳି ବସିଲେହେଁ ତତ୍କ୍ଷଣାତ ମୃତ୍ୟୁ ହୋଇ ନାହିଁ । ଗୁଳି ଅଦ୍ୟାବଧି ବାହାର ନାହିଁ ମାତ୍ର ସେ ଆରୋଗ୍ୟଲାଭ କରିବାର ସମ୍ପୂର୍ଣ୍ଣ ଭରସା ଅଛି । ଜାପାନର ରାଜପ୍ରତିନିଧି ମିକାଡୋ ମହିଷୀ ସମାଜ ଏ ସମ୍ବାଦ ପାଇ ଅତ୍ୟନ୍ତ ଦୁଃଖିତ ଅଛନ୍ତି ଏବଂ ମିକାଡୋ ଆପଣାର ଡାକ୍ତରଙ୍କୁ ଚିକିତ୍ସା କାର୍ଯ୍ୟରେ ନିଯୁକ୍ତ କରିଅଛନ୍ତି । ଏ ଦୁର୍ଘଟନା ହେତୁ ଜାପାନ ପ୍ରତି ଅନ୍ୟାନ୍ୟ ରାଜ୍ୟର ଚିତ୍ତ ବିରକ୍ତ ହୋଇଅଛି ଏବଂ ଏଥିରୁ ପ୍ରକାଶ ପାଉଅଛି ଯେ ଚୀନ ପ୍ରତି ଜାପାନର ଜନସାଧାରଣଙ୍କ ବୈରିତା ଓ ଘୃଣା ରହିଅଛି ।

---

ଉତ୍ତରପଶ୍ଚିମ ସୀମାନ୍ତ ପ୍ରଦେଶସ୍ଥ ଚିତ୍ରାଲ ରାଜ୍ୟରେ ପୁଣି ବିଭ୍ରାଟ ଉପସ୍ଥିତ ହୋଇଅଛି । ଚିତ୍ରାଲ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କ ରକ୍ଷିତ ରାଜ୍ୟ ଏବଂ ସେଠାରେ ଅଳ୍ପ ବ୍ରିଟିଶ ସୈନ୍ୟ ନେଇ ଜଣେ ଏଜେଣ୍ଟ ଅଛନ୍ତି । ବର୍ତ୍ତମାନ ଏହାଙ୍କ ନାମ ଡାକ୍ତର ରବର୍ଟସନ । ଉମରଖାନ ଷଡ଼ଯନ୍ତ୍ର କରି ଚିତ୍ରାଲର ରାଜା ନିଜାମୁଲ ମୁଲକଙ୍କୁ ଗତ ଜାନୁୟାରି ମାସରେ ହତ୍ୟା କରି ସେପରି କୌଶଳରେ ଚିତ୍ରାଲର ଏକ ଦଶା ଅଧିକାର କଲା ଏବଂ ତହିଁପାଇଁ ବ୍ରିଟିଶ ଗବର୍ଣ୍ଣମେଣ୍ଟ ତାହାକୁ ସେ ରାଜ୍ୟ ପରିତ୍ୟାଗ କରିବାପାଇଁ ଆଦେଶ ଦେଲା ବିଷୟ ପାଠକମାନଙ୍କୁ ଜଣାଇ ଅଛୁଁ । ମାତ୍ର ଉମରଖାନ ସେ ଆଦେଶ ପ୍ରତି କର୍ଣ୍ଣପାତ କଲେ ନାହିଁ ଏବଂ ସୁଯୋଗ ବୁଝି ଚିତ୍ରାଲର ପୂର୍ବ ରାଜାଙ୍କ ଭାଇ ସେର ଅଫଜଲ ଉମରଖାନଙ୍କ ସହିତ ମିଶି ଯୁଦ୍ଧ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି । ଏହି ସମସ୍ତ ଗଣ୍ଡଗୋଳ ହେତୁ ଚିତ୍ରାଲର ଏଜେଣ୍ଟ ଡାକ୍ତର ରବର୍ଟସନ ସାହେବଙ୍କ ବଡ଼ ବିପତ୍ତି ହେବାର ଆଶଙ୍କା ହେବାରେ କପ୍ତାନ ରସ୍ କେତେଗୁଡ଼ିଏ ସୈନ୍ୟ ନେଇ ଗତମାସ ତା ୮ ଦିନରେ ରୁନ ନାମକ

Split by PDF Splitter



ଏହି ସ୍ଥାନରୁ ଡାକ୍ତର ଭବର୍ଣ୍ଣସନଙ୍କ ସାହାଯ୍ୟ ନିମନ୍ତେ ଯାତ୍ରା କଲେ । ବାଉସଠାରେ ପହୁଞ୍ଚିବା ମାତ୍ରେ ପର୍ବତ ଅନ୍ତରାଳରୁ ତାହାଙ୍କ ଉପରେ ଗୁଳି ବୃଷ୍ଟି ହେଲା ଏବଂ ସେ ଅନ୍ୟ ଉପାୟ ନ ଦେଖି ଭୂନ ମୁହାମଙ୍କୁ ହଟାଇ ଯିବାକୁ ଚେଷ୍ଟା କଲେ । ମନ୍ତ୍ର ଭଣ୍ଡାରୁ ଶତ୍ରୁପକ୍ଷୀୟ ପ୍ରାୟ ଏକ ସହସ୍ର ଲୋକ ବେଢ଼ିଗଲେ ଏବଂ ପର୍ବତ ଉପରୁ ପଥରମାନ ଗଡ଼ାଇ ଦେଲେ । କପ୍ତାନ ରସଙ୍କ ସଙ୍ଗରେ କେବଳ ୫୭୦ ଜଣ ଶିଖ ସୈନ୍ୟ ଥିଲେ ଏବଂ ସେମାନେ ଯଥାସାଧ୍ୟ ବିକ୍ରମ ସହିତ ଯୁଦ୍ଧ କରୁଥିଲେହେଁ ପଥର ଘା ରେ କପ୍ତାନ ରସ ଓ ୪୬ ଜଣ ସୈନିକ ଏବଂ ୮ ଜଣ କୁଲି ହତ ହେଲେ । ବହୁ କଷ୍ଟରେ ଲେଫ୍ଟନାଣ୍ଟ ଜୋନସ କେବଳ ୧୪ ଜଣ ସିପାହି ଘେନ ଫେରି ଆସିଲେ । ଗବର୍ଣ୍ଣମେଣ୍ଟ ଏହି ସମ୍ବାଦ ପାଇ ପେସୱାର ଛାଉଣିରୁ ବହୁସଂଖ୍ୟକ ସୈନ୍ୟ ଶୀଘ୍ର ପଠାଇବାର ଆଦେଶ ଦେଇଅଛନ୍ତି ଏବଂ ତଦନୁସାରେ ଆୟୋଜନ ହେଉଅଛି । ଅଳ୍ପଦିନ ମଧ୍ୟରେ ବ୍ରିଟିଶ ସେନା ଚିତ୍ରାଲରେ ପହୁଞ୍ଚି ଯୁଦ୍ଧ ଲଗାଇବେ । ଗବର୍ଣ୍ଣମେଣ୍ଟ ଆପଣା ସମ୍ମାନ ଓ ଆପଣା କର୍ମଚାରୀଙ୍କ ରକ୍ଷା କରିବା ଏବଂ ଶତ୍ରୁ ପକ୍ଷରୁ ଯେଉଁ ଅନ୍ୟାୟ କାର୍ଯ୍ୟ ହୋଇଅଛି ତହିଁର ପ୍ରତିଶୋଧ ନେବା ନିମନ୍ତେ ଏ ଯୁଦ୍ଧ ନିତାନ୍ତ ଆବଶ୍ୟକ ହୋଇଅଛି ଏବଂ ଏଥିରେ ଭାରତର ଅନେକ ଅର୍ଥବ୍ୟୟ ହେଲେହେଁ ଗବର୍ଣ୍ଣମେଣ୍ଟଙ୍କୁ ତହିଁପାଇଁ ଦୋଷ ଦେଇ ନ ପାରୁଁ ।

———

## ସୁଧର-ଆଇନ ।

ଭାରତୀୟ ବ୍ୟବସ୍ଥାପକ ସଭାର ଜଣେ ମେମ୍ବର ମାନ୍ୟବର ମୋହିନୀମୋହନ, ସମ୍ପ୍ରତି ଋଣ ସମ୍ପର୍କୀୟ ମୋକଦ୍ଦମାରେ ସୁଧର ପରିମାଣ ନିଶ୍ଚୟ କରିଦେବା କାରଣ ଗୋଟିଏ ଆଇନର ପାଣ୍ଡୁଲିପି ଉପସ୍ଥିତ କରିଅଛନ୍ତି । ସେ କହିଅଛନ୍ତି ଯେ ବର୍ତ୍ତମାନ ସୁଧର ଡିକ୍ରୀ ଦେବା ବିଷୟରେ ଅଦାଲତର ବ୍ୟବହାର ଅସ୍ଥିର ଏବଂ ସୁଧର କୌଣସି ସୀମା ନିରୂପଣ ହୋଇ ନାହିଁ । ଅଳ୍ପଦିନ ହେଲା ଏକ ମୋକଦ୍ଦମାରେ କଲିକତା ହାଇକୋର୍ଟ ଶତକଡ଼ା ଟ ୩୭୯ ଙ୍କା ଲେଖାଏଁ ଚକ୍ରବୃଦ୍ଧି ସୁଧର ଡିକ୍ରୀ ଦେଇଥିଲେ ଯାହାକି ଦଶବର୍ଷରେ ଅସଲ ଟଙ୍କାର ୧୭୫ ଗୁଣ ହୋଇଥିଲା । ଅର୍ଥାତ୍ ବାର୍ଷିକ ସୁଧ ଶତକଡ଼ା ୫୧୭୫ ଙ୍କା ପଡ଼ିଥିଲା । ହାଇକୋର୍ଟ ନିଷ୍ପତ୍ତି କଲେକ ଅଧମର୍ଣ୍ଣ ଖାତକ ଯେଉଁ ଚୁକ୍ତି କରିଅଛି ତହିଁରେ ସେ ବାଧ୍ୟ ଅଛି ଏବଂ ଅନ୍ୟାନ୍ୟ ମୋକଦ୍ଦମାରେ ଯେପରିମାଣ ସୁଧ ଦିଆଯାଇ ଅଛି ତହିଁରୁ ସେ ମୋକଦ୍ଦମାର ସୁଧର ଦର ଅଧିକ ନୁହେ । ଅତଏବ ସୁଧର ପରିମାଣ ସୀମାବଦ୍ଧ କରିବା ଅଭିପ୍ରାୟରେ ଉପସ୍ଥିତ ପାଣ୍ଡୁଲିପିରେ ବିଧାନ ହୋଇଅଛି କି କୌଣସି ଦେୱାନୀଅଦାଲତ କୌଣସି କରଜା ମୋକଦ୍ଦମାରେ ମୂଳ ବା ଅସଲଟଙ୍କାର ଦ୍ୱିଗୁଣରୁ ଅଧିକ ପରିମାଣ ସୁଧର ଡିକ୍ରୀ ଦେବେ ନାହିଁ । ସାଢ଼େ ନାଲିସ ତାରିଖ ପୂର୍ବରୁ ଯେତେ ସୁଧ ବାକି ହୋଇଥିବ ତାହା ଧର୍ତ୍ତବ୍ୟ ନ ହୋଇ କେବଳ ସେହି ତାରିଖରେ ଯେତେ ସୁଧ ପାଉଣା ହେବ ସୁଧ ସହିତ ଅର୍ଥ ତାହାର ବୁଝିବାକୁ ହେବ ।

ଏହି ପାଣ୍ଡୁଲିପିର ସମାଲୋଚନା କରି ଏଡ୍ଭୋକେଟ ଗେଜେଟ ଦେଖାଇ ଅଛନ୍ତି କି ଏ ବ୍ୟବସ୍ଥା ହିନ୍ଦୁଶାସ୍ତ୍ରର ମର୍ମାନୁସାରେ ହୋଇଅଛି, ଯଥା ।—

"କୁସୀଦବୃଦ୍ଧେର୍ଦ୍ଦ୍ୱୈଗୁଣ୍ୟଂ ନାତ୍ୟେତି ସକୃଦାହୃତା" ପ୍ରତିମାସେ ବା ପ୍ରତିଦିନ ସୁଧ ନ ନେଇ ଯେବେ ଅସଲ ସୁଧ ଏକାବେଳେ ନେବ ତେବେ ସେହି ସୁଧ ମୂଳଧନର ଦ୍ୱିଗୁଣରୁ ଅଧିକ ହେବ ନାହିଁ ସେ ଆହୁରି ଦେଖାଇ ଅଛନ୍ତି ଯେ ସୁଧର ସୁଧ ନେବା ଅନ୍ୟାୟ, ଯଥା ।

"ନାତିସାମ୍ବତ୍ସରୀଂ ବୃଦ୍ଧିଂ ନଚାଦୃଷ୍ଟାଂ ପୁନର୍ହରେତ୍ ଚକ୍ରବୃଦ୍ଧିଃ କାଳବୃଦ୍ଧିଃ କାରିତା କାୟିକାଚ ଯା ।"

ଚକ୍ରବୃଦ୍ଧି ଅର୍ଥାତ୍ ସୁଧର ସୁଧ, କାଳବୃଦ୍ଧି ଅର୍ଥାତ୍ ମୂଳର ଦ୍ୱିଗୁଣରୁ ଅଧିକ ବୃଦ୍ଧି, କାରିତା ଅର୍ଥାତ୍ ଅଧମର୍ଣ୍ଣ ବିପନ୍ନ ହୋଇ ଯେଉଁ ବୃଦ୍ଧି ଦେବାକୁ ସ୍ୱୀକାର କରେ, ଯଥା—ମିଠାଇଖିଆ ଇତ୍ୟାଦି, ଏବଂ କାୟିକାବୃଦ୍ଧି ଅର୍ଥାତ୍ ଅତିଶୟ ପୀଡ଼ନାଦ୍ୱାରା ଯେ ବୃଦ୍ଧି ଏହି ସବୁପ୍ରକାର ବୃଦ୍ଧି ପରିତ୍ୟଜ୍ୟ ।"

ହିନ୍ଦୁଶାସ୍ତ୍ରର ଉପରଲିଖିତ ବ୍ୟବସ୍ଥାମାନ ଅତୀବ ସୁନ୍ଦର ଓ ନ୍ୟାୟସଙ୍ଗତ ; ମାତ୍ର ଦୁଃଖର ବିଷୟ ଯେ ଅଧିକାଂଶ ହିନ୍ଦୁ ମହାଜନ (ଯାହାଙ୍କ ମଧ୍ୟରେ ଅନେକ ବ୍ରାହ୍ମଣାଦି ଉଚ୍ଚ ଶ୍ରେଣୀର ଲୋକ ଅଛନ୍ତି) ଅର୍ଥାତ୍ ଲୋଭରେ ପଡ଼ି ଅତଶକ୍ତ ସୁଧ ମିଠାଇଖିଆ ଇତ୍ୟାଦି ନେବାକୁ ଆଦୌ କୁଣ୍ଠିତ ହେଉ ନାହାନ୍ତି ଏବଂ ପବିତ୍ର ଶାସ୍ତ୍ରର ଅପମାନ କରୁଅଛନ୍ତି । ଏମାନଙ୍କର ଅଯଥା ଅର୍ଥଲିପ୍ସା ଦମନ ଏବଂ ଖାତକଙ୍କ ରକ୍ଷା ନିମନ୍ତେ ମାନ୍ୟବର ମୋହିନୀମୋହନ ଯେଉଁ ବ୍ୟବସ୍ଥାର ପ୍ରସ୍ତାବ କରିଅଛନ୍ତି ତାହା ଅବଶ୍ୟ ନ୍ୟାୟସଙ୍ଗତ ହୋଇବାକୁ ହେବ ଏବଂ ଏପରି ଆଇନ ହେବା ଉଚିତ । ମାତ୍ର ପାଣ୍ଡୁଲିପିରେ ସୁଧର ଯେପରି ଅର୍ଥ ହୋଇଅଛି ତହିଁରେ ମୂଳବ୍ୟବସ୍ଥାର ମଙ୍ଗଳ ଅଭିପ୍ରାୟ ସମ୍ପୂର୍ଣ୍ଣରୂପେ ସିଦ୍ଧ ହେଉ ନାହିଁ । କେତେ ସ୍ଥଳେ ଏମନ୍ତ ଦେଖାଯାଇଅଛି ଯେ ଖାତକ ପୁତ୍ର-ପୌତ୍ରାଦି କ୍ରମେ ସୁଦ୍ଧା ମୂଳ ଋଣରୁ ମୁକ୍ତ ପାଇ ନାହିଁ । ଏପ୍ରକାର ଖାତକ ନାମରେ ନାଲିସ ହେଲେ ଅସଲର ଦ୍ୱିଗୁଣ ଦେବାକୁ ତାହାକୁ ବାଧ୍ୟକରିବା ନ୍ୟାୟସଙ୍ଗତ ବୋଲିଯାଇ ନ ପାରେ । ଆମ୍ଭମାନଙ୍କ ବିବେଚନାରେ ଯେଉଁଠାରେ ପ୍ରମାଣ ହେବ ଯେ ଖାତକ ଅସଲର ଦ୍ୱିଗୁଣରୁ ଅଧିକ ସୁଧ ଦେଇଅଛି ସେଠାରେ ଅଦାଲତ କେବଳ ଅସଲ ଟଙ୍କାର ଡିକ୍ରୀ ଦେବେ ।

—X—

## କଟକରେ ଶଲକୋଟରାଜା ।

ଶଲକୋଟ ରାଜାଙ୍କ ବିବାହ କ୍ରିୟା ମୟୂରଭଞ୍ଜଠାରେ ଯେପରି ସମାରୋହ ସହିତ ସମ୍ପନ୍ନ ହୋଇଥିଲା ପାଠକମାନଙ୍କୁ ଜଣାଇ ଅଛୁଁ । ରାଜା ମହୋଦୟ ସେଠାରୁ ମେଲଣି ହୋଇ ଦଳବଳ ସହ ବାଲେଶ୍ୱରକୁ ଆସି ସେଠାରୁ ଅଧିକାଂଶ ଲୋକଙ୍କ ବାହାନ ଇତ୍ୟାଦି ସ୍ଥଳପଥରେ ପଠାଇ ଦେଇ ଆପେ ରାଣୀ ଏବଂ କ[illegible] ଅମାତ୍ୟ ପ୍ରଭୃତି ସଙ୍ଗେ କୋଷ୍ଟକେନାଲ ଷ୍ଟିମର ଯୋଗେ ଗତ ପୂର୍ବ ବୁଧବାର ରାତ୍ରରେ ଏ ନଗରରେ ପହୁଞ୍ଚିଥିଲେ । ଡାକ୍ତର ଉପେନ୍ଦ୍ରନାଥ ଘୋଷଙ୍କ ବାଦାମବାଡ଼ିସ୍ଥ କୋଠିରେ ରାଜାଙ୍କର ବସାଘର ପୂର୍ବରୁ ନିର୍ମିତ ହୋଇଥିଲା ଏବଂ ଡାକ୍ତର ବାବୁ ଜଦୁମଣିଙ୍କ ସମ୍ମାନାର୍ଥେ ଗୃହ ଏବଂ ଉଦ୍ୟାନମାନ ପରିଷ୍କାର କରାଇ ଦ୍ୱାରଦେଶରେ ସୁଲଜ୍ଜିତ ଚନ୍ଦ୍ରାତପ ଟାଣି ଫାଟକ ଓ ଦୁଇପାର୍ଶ୍ୱରେ ଝିଲିମିଲି କଂସାର ସେଟ୍ଟାଳକୁ ଫୁଲପତ୍ରାଦିରେ ମନୋହରରୂପେ ସଜାଇଥିଲେ । ରାଜାଙ୍କ ଦଳବଳ ଅଳ୍ପ ନୁହେ । ସେ ଯେତେ ଦିନ ସେଠାରେ ଅବସ୍ଥିତ କଲେ ସେତେଦିନ ଯେମନ୍ତ ସେଠାରେ ଦିବା ରାତ୍ର ଯାତ୍ରା ଲାଗିଥିଲା ସୁତରାଂ ଏନଗରବାସିମାନେ ବିବାହର ଆମୋଦ ଉତ୍ସବରୁ ଏକାବେଳକେ ବଞ୍ଚିତ ହୋଇ ନାହାନ୍ତି । ବିଶେଷତଃ ରାଜା ମହୋଦୟ ଏନଗରରେ ରହି ଏଠାର ପ୍ରଧାନ ଉଚ୍ଚଶ୍ରେଣୀୟ ଏବଂ ଦେଶୀୟ ଭଦ୍ରଲୋକଙ୍କ ସହିତ ଆଳାପ କରିବାରେ

Digitized by srujanika@gmail.com

ଇଷ୍ଟିଲର ମାହାତ୍ମ୍ୟ ଏବଂ ଏହି ଶୁଭ-ଉପଲକ୍ଷରେ ଏନଗରବାସୀ ଦେଶୀୟ ଭଦ୍ରଲୋକଙ୍କ ସହିତ ଆମୋଦ ପ୍ରମୋଦ କରିବା ମାନସରେ ଗତ ମଙ୍ଗଳବାର-ରାତ୍ରିରେ ମଜଲିସ ଓ ଜଳପାନର ଆମନ୍ତ୍ରଣ କରିଥିଲେ ଏବଂ ନିମନ୍ତ୍ରଣରେ ଅନେକ ଭଦ୍ରଲୋକ ସମାଗତ ହୋଇ ଥିଲେ । ମଜଲିସଟି ପତ୍ରପୁଷ୍ପରୂପେ ସୁସଜ୍ଜିତ ଓ ନାନା ବର୍ଣ୍ଣର କାଚ-ଭାଣ୍ଡ ଇତ୍ୟାଦିରେ ଆଲୋକିତ ହୋଇଥିଲା । ହିନ୍ଦୁ ଓ ମୁସଲମାନଙ୍କ ଜଳଯୋଗର ବନ୍ଦୋବସ୍ତ ଭିନ୍ନ ୨ ଡେରାରେ ହୋଇ ଥିଲା ଏବଂ ତତ୍ତ୍ୱାବଧାନ ଉପଯୁକ୍ତ ବ୍ୟକ୍ତିଙ୍କ ପ୍ରଦତ୍ତ ହୋଇ ଉତ୍ତମରୂପେ ନିର୍ବାହ ହୋଇଥିଲା । ରାଜାଙ୍କ ସଙ୍ଗେ ଥିବା ଦୁଇଦଳ ବାଈ ନାଚ ମଧ୍ୟରୁ ପ୍ରଥମ କଲିକତାଦଳ ଏବଂ ତହିଁପରେ ଇଲାହାବାଦଦଳ ନାଚ କରୁଥିଲେ । ପ୍ରଥମ-ଦଳ ଓଡ଼ିଆ ସଙ୍ଗୀତରେ ସାଧାରଣରେ ବ୍ୟୁତ-ପତ୍ତି ଦେଖାଇ ଥିଲେ ମାତ୍ର ଦ୍ୱିତୀୟ ଦଳର କାର୍ଯ୍ୟ ବଡ଼ ଚମତ୍କାର ହୋଇଥିଲା । ବେହେଲା ଓ ମୃଦଙ୍ଗ ବାଜଣାର ବୀଣତାନର ବାଦ୍ୟ ସହିତ ସୁମଧୁର କଣ୍ଠସ୍ୱର ମିଶାଇ ମନୋହରରୂପେ ସ୍ୱର-ରାଗିଣୀର ଆଳାପ ସାରଗମର ଅବର୍ତ୍ତନ କରୁଥିଲେ । ଏମନ୍ତ କି ସେମାନଙ୍କର ଗୀତ ମିଠି-ଲଗା ଦ୍ୱିତୀୟରେ ଥିବାରୁ ବୃଦ୍ଧ ଯୁବ ନ ଥିଲେହେଁ ସ୍ତ୍ରୀ, ବାଳ, ଏବଂ ଉପସ୍ଥିତ ବ୍ୟକ୍ତିରେ ମୋହିତ କରି ଥିଲେ । ପରଶେଷରେ ଅନେକ ବାଣ ପୋଡ଼ା ହୋଇ ମଜଲିସ ଭଙ୍ଗହେଲା ।

ରାଜା ମହୋଦୟ ଏ ନଗରବାସୀ ଭଦ୍ରଲୋକଙ୍କୁ ଲୋଡିବାରୁ ତାହାଙ୍କ ସମ୍ମାନାର୍ଥେ ବାବୁ ବଦ୍ରୀଲାଲ ପଣ୍ଡିତ ତହିଁ ଆରଦିନ ବୁଧବାର ସନ୍ଧ୍ୟାରେ ଆପଣାର ସୁସଜ୍ଜିତ ବୈଠକଖାନାରେ ଏକ ଜାତର ମଜଲିସ କରି ସକଳ-ଶ୍ରେଣୀର ଭଦ୍ରଲୋକଙ୍କୁ ରାଜାଙ୍କ ସହିତ ଭେଟ କରାଇ ଥିଲେ । ଏ ମଜଲିସର ଶୋଭା ଏବଂ ସମସ୍ତ କାର୍ଯ୍ୟ ଅତ୍ୟନ୍ତ ସୁନ୍ଦର ହୋଇଥିଲା । ଏଥିପାଇଁ ଆମ୍ଭେମାନେ ବଦ୍ରୀ ବାବୁଙ୍କୁ ଧନ୍ୟ ଧନ୍ୟବାଦ ଦେଉଅଛୁଁ ।

ଖଲିକୋଟ ରାଜା ଦର୍ପଣର ଯୁବରାଜଙ୍କ ସଙ୍ଗେ ସଙ୍ଗାତ କରିବାରୁ ଚତୁର୍ଦଶରେ ଗତ ଶୁକ୍ରବାର ସନ୍ଧ୍ୟାରେ ରାଜା ବୈଦ୍ୟନାଥ ପଣ୍ଡିତ ନଗରବାସୀ ଅନେକ ଭଦ୍ରଲୋକଙ୍କୁ ଆମନ୍ତ୍ରଣ କରି ଆପଣାଘରେ ଏକ ମଜଲିସ କରିଥିଲେ ଏବଂ ଏଥିର କାର୍ଯ୍ୟ ମଧ୍ୟ ସୁନ୍ଦରରୂପେ ନିର୍ବାହ ହୋଇଥିଲା ।

ଏହିରୂପେ ଏ ନଗରରେ ଆମୋଦ-ପ୍ରମୋଦ କରି ଏବଂ ବନ୍ଧୁ ବାନ୍ଧବ ଖଲି-କୋଟ ରାଜା ଗତ କାଲି ସ୍ୱଦେଶକୁ ଯାତ୍ରା କଲେ । ଆମ୍ଭେମାନେ ପ୍ରାର୍ଥନା କରୁଁ କି ରାଜା ଏବଂ ପାଟରାଣୀ କୁଶଳରେ ସ୍ୱରାଜ୍ୟରେ ପହୁଞ୍ଚିବେ ଏବଂ ଦୀର୍ଘାୟୁ ହୋଇ କ୍ରମାଗତ ଉନ୍ନତି ଲାଭ କରିବେ । ରାଜା ଅତ୍ୟନ୍ତ ସ୍ୱଳ୍ପଭାଷୀ ଓ ଲାଜୁକ ହେବାରୁ ପ୍ରଥମ ଦର୍ଶନରେ କାହାରି୨ ଭ୍ରମ ହୋଇଥିଲା ଯେମନ୍ତ କି ସେ ଆପଣା ପଦ ଗୌରବରେ ବଡ଼ ମନେ କରି କାହାର ସଙ୍ଗେ ବାକ୍ୟାଳାପ କରିବାକୁ ଭଲ ପାନ୍ତି ନାହିଁ । ମାତ୍ର ସୁଖର ବିଷୟ ଯେ ତାହାଙ୍କ କାର୍ଯ୍ୟଦ୍ୱାରା ସେ ଭ୍ରମ ଶୀଘ୍ର ଦୂରହେଲା । ଅନ୍ୟାନ୍ୟ ମଜଲିସରେ ସେ ପ୍ରଧାନ୨ ଭଦ୍ରଲୋକଙ୍କ ସଙ୍ଗେ ସଦାଳାପ କରିଥିଲେ ଏବଂ ଅନେକ ପ୍ରଧାନ ଲୋକଙ୍କର ଘରଠାକୁ ଯାଇଥିଲେ । ପ୍ରକୃତରେ ରାଜା ବୁଦ୍ଧିମାନ୍ ବିନମ୍ର ଓ ସଜ୍ଜନ-ପ୍ରକୃତିର ଲୋକ ଅଟନ୍ତି ଏବଂ ସମସ୍ତଙ୍କ ସହିତ ସଦାଳାପ କରିବା ତାହାଙ୍କର ଇଚ୍ଛା । ବରହମ୍ପୁର କଲେଜକୁ ଏକଲକ୍ଷ ଟଙ୍କା ଦାନ କରି ସାଧାରଣ ହିତାନୁଷ୍ଠାନ ଓ ବଦାନ୍ୟତାର ଯଥେଷ୍ଟ ପରିଚୟ ଦେଇ ଅଛନ୍ତି ଏବଂ ସେ ଯେ ବ୍ୟୟ-କାତର ନୁହନ୍ତି ଏହି ବିବାହ ବ୍ୟାପାର ତହିଁର ପରିଚୟ ଦେଉଅଛି ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

କୋର୍ଦ୍ଧାର ଡିପୁଟି କଲେକ୍ଟର ମୌଲବୀ ମହମ୍ମଦ ରସୁଲ ଅବଧି ପର୍ଯ୍ୟନ୍ତ ବିଦାୟ ହେଲେ ।

ମାନ୍ୟବର ମି: ଏଚ ଏ ବୋର୍ଡ ଅଫ ରେଭିନ୍ୟୁ ମେମ୍ବର କମିଶନର ପଦରେ ନିଯୁକ୍ତ ହେବାରୁ ମାନ୍ୟବର ମି: ... ଭଦ୍ର କୁମୁଦିନୀ ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱର ମାଜିଷ୍ଟ୍ରେଟ ଓ କଲେକ୍ଟରର ୧ମ ଶ୍ରେଣୀର ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ଅସ୍ଥାୟୀ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

କଟକ ସର୍ଭେ ସ୍କୁଲର ହେଡମାଷ୍ଟର ବାବୁ ... ତୃତୀୟ ଶ୍ରେଣୀରେ ଖାଲାସ ହେଲେ ।

ବଙ୍ଗଳାର ଅଡ଼ି ହେଡ଼େନ୍ ଜେନେରେଲ ମାନ୍ୟବର ... ଡି, ଏଲ, ବାଲା ଦେଉଳରେ ନା ୮ ଦିନ ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

---

ଭଦ୍ରମାନ କାଳେକେ କଲ୍ପତରୁ ଦେଖାଯେଉ-ଅଛି । ଲୋକହିତାର୍ଥ ମାନଙ୍କ ରେଳ ଧରଲେ ଉତ୍ତମ ନାହିଁ ।

ପାଲଙ୍କର ରାହା ମନ୍ଦୁର୍ଗ କରିବାକୁ ମନ କରାଇ ଅଛନ୍ତି । ଶୀଘ୍ର ଯାତ୍ରା କରିବେ ।

କେଉଁଭର ପ୍ରଧାନ ... ଏକାଦଶୀରେ କାର୍ତ୍ତିକ ୪୦ ଲକ୍ଷ ମଦନ ସାଦନ ... । ତାହା ନ ହେଲେ କ ... ଏଭେଲକେ ... ।

ଅଲ୍ପଦିନ ହେଲା କର୍ଣ୍ଣାଟରେ ଏକଦଳ ମେଣ୍ଢା ... ସେ ପଦରେ ୧୧୫ ମେଣ୍ଢା ଥିଲେ । ଏକାକେଳେ ... କାହାକୁ ନୁହେ କି ?

୨୫ ଜଙ୍ଗଲାର ... ରେଲଷ୍ଟେସନରେ ଟେଲି-ଗ୍ରାଫର ... ପୌଛନ୍ତି ସବୁଠାରେ ।

... ଏକଜଣ ... ନେଇ ଅପଣା ... ଏକରୂପା—ସଙ୍ଗେ ... କରିଦେଇ ଅଛି । ... କାର୍ଯ୍ୟ ନାହିଁ ।

କଲ୍ପଭୂମି ଅନ୍ତର୍ଗତ ... ମହାପ୍ରଭୁଙ୍କ ... ପୋଷଣର ... କରୁଅଛନ୍ତି । ଏବଂ ଦକ୍ଷି-... ଅଛନ୍ତି କି ଯାହାର ... ଯିବ ।

ଭୂଷଣ ... ମୃତ୍ୟୁ ହେବୁ ବୃଷ ... ଏକବର୍ଷ ଶୋକରେ ରହିବେ । ମାତ୍ର ଏହିଶୋକ ସମୟରେ ବିବାହ ... ବୃଦ୍ଧି ହୋଇଅଛି । ... ପାଠକ ।

### ସାପ୍ତାହିକ-ସମ୍ବାଦ ।

... ମାଜିଷ୍ଟ୍ରେଟଙ୍କ ... ହୋଇ ... ଦେଖିବାକୁ ସେ ... କରି ... । ... ତାହାଙ୍କ ... ୧୮୯୫ ତା ... ଏବଂ ... ଅଛି ... ।

ଯାଜପୁର ଓ ... ପ୍ରାର୍ଥନା ଓ ... ଯାଜପୁର ... ପର୍ଯ୍ୟନ୍ତ ... ହେବା ... ୫୦୦୦ ଟା ମଞ୍ଜୁର ହୋଇଅଛି ।

ଗତ ... ସମୟରେ ଏଠା ମୁନ-ସିପ ... ସେ ସମୟରେ ... ହୋଇଥିବାରୁ ... ଘଟିଅଛି ।

... ସମୟରେ ...

Split by PDF Splitter



ଏଠାରୁ ଅନ୍ୟ ସ୍ଥାନକୁ ଯାଉଥିବା ନିକଟବର୍ତ୍ତୀ ଜଙ୍ଗଲରୁ ଏକକୋଡ଼ା ବ୍ୟାଘ୍ର ହଠାତ୍ ବାହାରି ଅନେକଙ୍କ ହତ ଅନେକ ଆହତ କରିବାକୁ ଦୌଡ଼ିଲେ ସେ ଅନ୍ୟ କୌଣସି ଉପାୟ ନ ପାଇଁ ଅପଣା ବନ୍ଧୁକରୁ ବାଂଶବାଡ଼ି ହାତ ଖାଡ଼ୁ କର୍ଣ୍ଣମୂଳରେ ଏକ ପାହାର ମାରନ୍ତେ ସେ ବନ୍ୟଜନ୍ତୁ ତଳେ ପଡ଼ିଗଲା ତାହା ଉପରେ ଅଉ ୨।୩ ପାହାର ମାରିବାରୁ ସେ ମରିଗଲା କଣ୍ଟକମାନଙ୍କର ସାହସକୁ ଧନ୍ୟ ।

ଯାଜପୁରର ଅନ୍ନମାଇଲ ପୂର୍ବକୁ ଯେଉଁଠାରେ ବୈତରଣୀ ନଦୀ ଉତ୍ତରବାହିନୀ ହୋଇଅଛି ସେହିଠାରେ ଶ୍ରୀ ବିରଜା ଦେବୀ ନାମକ ଏକ ପ୍ରସିଦ୍ଧ ମହୋତ୍ସବ ବୈତରଣୀକୂଳରେ ହିବାରୁ ପ୍ରତିବର୍ଷ ଅଶୋକାଷ୍ଟମୀ ଦିନ ସେଠାରେ ଏକ ବୃହତ୍ ମେଳା ଅନୁଷ୍ଠାନ ହୋଇ ଥରେ । ଏବର୍ଷ ଆବଶ୍ୟକ ହେତୁ ସଦ୍ୟ ହୋଇଥିବାରୁ ଅଶୋକାଷ୍ଟମୀଯାତ୍ରାରେ ଅନେକ ଯାତ୍ରୀ ଓ ଦୋକାନ ହୋଇ ଅଛନ୍ତି । ଅନ୍ୟାନ୍ୟ ଦୋକାନୀ ମଧ୍ୟରେ କଂସାରିମାନଙ୍କର ଦଶ ଖଣ୍ଡ କାରଣ ଅଲ୍ପକାଳରେ ସବୁ ଅଧିକାଂଶରେ ଆପଣା ଦ୍ରବ୍ୟସମୂହ ସେଠାରେ କଂସାଅର ଦ୍ରବ୍ୟ ସବୁ ପକାଇଥିଲେ । ବର୍ତ୍ତମାନ ସୁଦ୍ଧା ଦେବାକୁ ପୂର୍ବବତ୍ ବନ୍ଦ ଅଛି ।

ଏହି ଜିଲାରେ କେତେକ ଜଣ ଭାଗି ଓ ସଡ଼େଷ୍ଟ୍ରେଟ୍‌ଙ୍କ ନାନାକାରଣରୁ ବର୍ତ୍ତମାନ ହାକିମରେ ଅଛନ୍ତି ଏଣୁକରି ଥାନାର ସ୍ଥେଟକ ଉପଦ୍ରବନାହିଁ ଓ ଥାନାଦାରମାନେ ଲୋକେ ସେଠାରୁ କେଉ ନେଇ କରିବେ ସୁଖରେ ରହୋ ଯାଉଅଛନ୍ତି । ଅନେକାରୁ ଜାଣିଲେ ମୋଟରେ ସେ ୧୫ ତାରିଖ ସେ ୧୭ ରେ ଓ ଗତଡ଼ିର ପିତ୍ତୋଳ କା ୦ ୮ ଭୁଷାଳରେ ଖଣ୍ଡ ଦେଉଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମହାଶୟ !

ବ୍ରାହ୍ମଣମାନଙ୍କ ପର ଜ୍ୟୋତିଷ ନାୟକମାନଙ୍କର ଉପନୟନାଦି ଦଶକର୍ମ କରିପାରିବେ କି ନା, ଏ ବିଷୟର ଶାସ୍ତ୍ରୀୟ ପ୍ରମାଣ ଉଲ୍ଲେଖିତ ଅଭିଜ୍ଞ ପଣ୍ଡିତମାନଙ୍କଠାରୁ ଆପଣଙ୍କ ସ୍ୱନାମା ପତ୍ରିକାରେ ପ୍ରକାଶ ହେଲେ ବିଶେଷ ଉପକୃତ ହେବୁଁ । ଇତି ।

ବଶମ୍ବଦ
ଶ୍ରୀ ଚକ୍ରଧର ରଥ, ଦ୍ୱିଃ ପଃ
ଅଷ୍ଟରେଶ୍ୱର ସ୍କୁଲ

---

ମହାଶୟ !

ବଙ୍ଗବାସୀ, ହିତୈଷିଣୀ ଓ ଆପଣଙ୍କ ପତ୍ରିକାରୁ ଅବଗତ ହେଲୁଁ, କି, ମୟୂରଭଞ୍ଜର ନବୀନ ମହାରାଜା, ବ୍ରାହ୍ମ କେଶବଚନ୍ଦ୍ରସେନଙ୍କ କନ୍ୟାକୁ ବିବାହ କରିବା ନିମନ୍ତେ, ଇତିପୂର୍ବେ ଚେଷ୍ଟା କରୁଅଛନ୍ତି । କିନ୍ତୁ ନବୀନ ମହାରାଜାଙ୍କ ମନ୍ତ୍ରୀ ପ୍ରଜାମାନଙ୍କ ପରି ନୁହନ୍ତି, ଅବଶ୍ୟ ଶୁଣିଅଛନ୍ତି ପଢିଅଛନ୍ତି । ତାଙ୍କର ଏକାର୍ଯ୍ୟ ଉଚିତ ହେଉଅଛି କି ? ପୂର୍ବେ ଶ୍ରୀରାମଚନ୍ଦ୍ର, ପ୍ରଜାମାନଙ୍କ ମନୋରଞ୍ଜନ ନିମନ୍ତେ ପରମପତିବ୍ରତା ସୀତାଙ୍କୁ ଅରଣ୍ୟରେ ବିସର୍ଜ୍ଜନ କରିଥିଲେ । କିନ୍ତୁ ମୟୂରଭଞ୍ଜର ଶ୍ରୀ ରାମଚନ୍ଦ୍ର ଆଜ ନିଜର ସୁଖ ନିମନ୍ତେ ଭିନ୍ନସମାଜ କନ୍ୟାକୁ ନିଜର ସହଧର୍ମ୍ମିଣୀ କରି ଲକ୍ଷ ପ୍ରଜାଙ୍କ ମନରେ ଅସନ୍ତୋଷ ଜନ୍ମାଇବେ କି ?।

ବଶମ୍ବଦ
୨୫।୩।୧୮୯୫ } ଶ୍ରୀ ଭଥ୍ୟବାଦୀପଣ୍ଡା
　　　　　　} । ସା । ଢେଙ୍କାନାଳ କୁଡ଼ା

---

ମହାଶୟ !

ବଙ୍ଗ ପ୍ରଦେଶର ସମ୍ବାଦପତ୍ରମାନଙ୍କରେ ସତତ ଦେଖାଯାଏ ଯେ ସେମାନଙ୍କ ପ୍ରଦେଶରେ କୌଣସି ଦେଶହିତକର କାର୍ଯ୍ୟ ହେଲେ ସେମାନେ ତାହା ବିସ୍ତୃତ କରି ସର୍ବସାଧାରଣଙ୍କୁ ତାହା ଜ୍ଞାପନ ଓ ହିତକର କାର୍ଯ୍ୟକାରୀମାନଙ୍କୁ ଉତ୍ସାହ ପ୍ରଦାନ କରିଥାନ୍ତି । ସେହିପରି ଆମ୍ଭମାନଙ୍କର ଏ ଉତ୍କଳ ପ୍ରଦେଶର କୌଣସି ହିତକର କାର୍ଯ୍ୟ ସମ୍ବନ୍ଧରେ ଆପଣଙ୍କୁ ଜଣାଇବା ଆମ୍ଭମାନଙ୍କର ଉଚିତ କି ? ଏଣୁକରି ନିମ୍ନସ୍ଥ ପଂକ୍ତିଚୟ ଆପଣଙ୍କ ପତ୍ରିକାରେ ଅଣି ପ୍ରାର୍ଥନା କରୁଅଛି ଯେ ଆପଣ ଏହାକୁ ପଢ଼ିବା ଦ୍ୱାରା ଆମ୍ଭମାନଙ୍କୁ ଉତ୍ସାହିତ କରନ୍ତୁ ।

ଇତିପୂର୍ବେ ଆମ୍ଭମାନଙ୍କର ଏହି ସିଦ୍ଧେଶ୍ୱରପୁର ଗ୍ରାମର ଗୋଟିଏ ହରିଭକ୍ତି ପ୍ରଦାୟିନୀ ସଭାର ଅନୁଷ୍ଠାନ ବିଷୟ ଆପଣଙ୍କୁ ଜଣାଇଥିଲି । ଗତ ମାର୍ଚ୍ଚମାସ ତା ୧୬ ରିଖ ସନ୍ଧ୍ୟା ସ ୭ ଘ, ସମୟରେ ଅତ୍ରସ୍ଥ ମାଇନର ସ୍କୁଲଗୃହରେ ଉକ୍ତ ସଭାର ୧ମ ସାମ୍ବତ୍ସରିକ ଅଧିବେଶନ ହୋଇଥିଲା । ଶ୍ରୀ ଜମିଦାର ବାବୁ ନରସିଂହ ପ୍ରହରାଜ ମହାଶୟ ସଭାପତିର ଆସନ ଗ୍ରହଣ କରିଥିଲେ । ସଭ୍ୟ ଓ ଦର୍ଶକ ସର୍ବସୁଦ୍ଧା ଜ ୫୦ ଣ ଉପସ୍ଥିତ ଥିଲେ । କଟକରୁ ଶ୍ରୀ ବାବୁ କେଦାରନାଥ ମିତ୍ର ଏଅଞ୍ଚଳକୁ ଭ୍ରମଣୋଦେଶରେ ଆସି ଦର୍ଶକ ସ୍ୱରୂପ ସଭାରେ ଉପସ୍ଥିତ ହୋଇଥିଲେ । ସଭାର କାର୍ଯ୍ୟ ଆରମ୍ଭ ହେଲାରୁ ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ସମ୍ପାଦକ ସଭାର ବାର୍ଷିକ ବିବରଣୀ ପାଠ କଲେ । ତହିଁରୁ ପ୍ରକାଶ ପାଇଲା ଯେ ସଭାରେ ଅଜ ପର୍ଯ୍ୟନ୍ତ ଜ ୩୦ ଣ ସଭ୍ୟ ହୋଇଅଛନ୍ତି । ବର୍ଷ ମଧ୍ୟରେ ସଭାର ଅ ୧୦ ର ଅଧିବେଶନ ହୋଇଅଛି । ସଭାର ଉଦ୍ଦେଶ୍ୟ ଅହିଂସା ଓ ଦୟା, ଆର୍ଯ୍ୟଜାତି, ଭକ୍ତି, ମାଦକସେବା, ବ୍ରାହ୍ମଣ, ପବିତ୍ର ବିଷୟ ଓ ସଭାର ଉଦ୍ଦେଶ୍ୟ ସମ୍ୟକ୍‌ରୂପେ କାହିଁକି ଯାଇନ ହେଉ ନାହିଁ ଏବିଷୟମାନଙ୍କର ପ୍ରବନ୍ଧ ସଭାର ଅଧିବେଶନମାନଙ୍କରେ ପଠିତ ହୋଇଥିଲା । ସଭାର ସଂଲଗ୍ନ ପୁସ୍ତକାଳୟରେ ଭିନ୍ନ ପ୍ରକାର ଖ ୪୦ ଣ୍ଡ ପୁସ୍ତକ ସଂଗୃହୀତ ହୋଇଅଛି । ଏହିରୂପେ ବାର୍ଷିକବିବରଣୀ ପାଠ ଶେଷ ହେଲାରୁ ସଭାପତି ଶ୍ରୀଯୁକ୍ତ କେଦାରନାଥ ମିତ୍ର ମହାଶୟମାନେ "ମାଦକସେବା" ସମ୍ବନ୍ଧରେ ତୁଇଗୋଟି ବକ୍ତୃତା ପ୍ରଦାନ କରିଥିଲେ ତତ୍ପରେ ଶ୍ରୀଯୁକ୍ତ କେଦାର ବାବୁଙ୍କ ପ୍ରସ୍ତାବ ଓ ସଭାପତିଙ୍କ ଅନୁମୋଦନ କ୍ରମେ ସଭା ସଂଲଗ୍ନରେ ଗୋଟିଏ "ଦରିଦ୍ର କୋଷ" ସ୍ଥାପିତ ହେବାର ସ୍ଥିର ହୋଇ ଉପସ୍ଥିତ ଭଦ୍ରମଣ୍ଡଳୀଙ୍କ ଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ ଚାନ୍ଦା ସ୍ୱାକ୍ଷରିତ ହେଲା ଏବଂ ସମ୍ପାଦକଙ୍କ ଦ୍ୱାରା ତାହା ଆଦାୟ ହୋଇ ସର୍ବସମ୍ମତିରେ ସଦୁପକାରରେ ବ୍ୟୟ ହେବାର ସ୍ଥିର ହୋଇ ସଭାଭଙ୍ଗ ହେଲା ।

ଉପସଂହାରରେ ମୋହର ବକ୍ତବ୍ୟ ଏହି ଯେ ଶ୍ରୀଯୁକ୍ତ ବାବୁ ନରସିଂହ ପ୍ରହରାଜ, ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ, ଶ୍ରୀ ଉଦୟନାଥ ଆଚାର୍ଯ୍ୟ, ଶ୍ରୀ ରାଧାକୃଷ୍ଣ ଆଚାର୍ଯ୍ୟ, ଶ୍ରୀ ଦାଶରଥି ପ୍ରହରାଜ ଶ୍ରୀ ଶ୍ୟାମସୁନ୍ଦର ନନ୍ଦ, ଶ୍ରୀ କୃଷ୍ଣଚନ୍ଦ୍ର ନନ୍ଦ, ଶ୍ରୀଗଙ୍ଗାଧର ନନ୍ଦ, ଶ୍ରୀ ଚିନ୍ତାମଣି ନନ୍ଦ ମହାଶୟମାନଙ୍କର ସଙ୍ଗପ୍ରତି ସହାନୁଭୂତି ଦେଖି ସେମାନେ ଅତ୍ୟନ୍ତ ପ୍ରଶଂସାର ଯୋଗ୍ୟ ଏବଂ ଏହିପରି ମମତା ସେମାନଙ୍କର ରହିଲେ ସଭାଟି ଚିରସ୍ଥାୟୀ ହେବାର ଆଶା କରାଯାଇ ପାରେ । ଇଶ୍ୱର ସେହା କରନ୍ତୁ । ଇତି ।

ବଶମ୍ବଦ
୩୧।୩।୯୫ } ଶ୍ରୀ ଦାମୋଦର ନନ୍ଦ
ସିଦ୍ଧେଶ୍ୱର ପୁର } ସଭାର ସହକାରୀ-ସମ୍ପାଦକ

---

## ଉପହାର—ଉତ୍ତର ।

ତୁମ୍ଭର ଉପହାର ହସ୍ତଗତ । ଏହା ପଢ଼ି ବସିଲି । ଅଳ୍ପ ସମୟରେ ଶେଷ କରିବା ଦରକାର କଲି । ତୁମ୍ଭର ପ୍ରତି କବିତାର ଭଙ୍ଗୀରେ ମୋତେ ବଙ୍ଗଶଙ୍କରଠାରୁ ଗମ୍ଭୀର ବୋଧ ହେଲା । କବିତା ଚେତନ ଆଘାତରେ ମୁଁ ପଦେ ପଦେ ବିପଦ୍‌ଗ୍ରସ୍ତ ହେଲି । କିଏ କହେ ଫକୀର ମୋହନଙ୍କର ଅର୍ଦ୍ଧାଙ୍ଗୀ କୃଷ୍ଣକୁମାରୀ ପୃଥିବୀରେ ଆଉ ନାହିଁ ? ପୂର୍ବେ ଥିଲେ ଜୀବିତ—ଥିଲେ ଜଡ଼ ଏବେ ପ୍ରକାଶିତ ଜୀବନ-ପର୍ଯ୍ୟନ୍ତ ପ୍ରାପ୍ତ । ଏବେ କୃଷ୍ଣକୁମାରୀ ଉତ୍କଳର ଲଳନା ଏସୋସିଏସନ ଖୋଲି ବସି ଅଛନ୍ତି । ଓଡ଼ିଆ କୁଳବଧୂର ଯଥା ଲଜ୍ଜା—ଅଥଚ ସଙ୍କୋଚ ଆତ୍ମୋଇ ଦେଇ ପଡ଼ିଭକ୍ତି ପତିବ୍ରତା ଧର୍ମ୍ମ ଉତ୍କଳ-କୁଳଲଳନା ମାନଙ୍କୁ ଶିକ୍ଷା ଦେଇ ଅଛନ୍ତି । ଯଦି ବୋଲ କୃଷ୍ଣକୁମାରୀ କାହାନ୍ତି ? କହ ଓଡ଼ିଶା ଓଡ଼ିଆ

Digitized by srujanika@gmail.com

Split by PDF Splitter



ରାୟ ଫକୀରମୋହନଙ୍କ କଳ୍ପନା ଅଙ୍ଗନରେ ଅଛୀନ୍ତି ।

ଉପହାର ଉପସଂହାର ।

" ମଧ୍ୟେ ବାଂଧଥିବ ପରକାଳ (eternity) ଦାସ୍ତଭାବ "
" ତପର ମୁ ଦେବ ପୃଷ୍ଠମାଳା ଉପହାର । "

ମହୁଷାପଡ଼ ୨୭।୩।୯୫ } ଭୃତ୍ୟ ଶ୍ରୀ ଭୋଲାନାଥ ସାମନ୍ତରାୟ

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଦାମୋଦର ପଟ୍ଟନାୟକ | କଟକ | ଟ ୧୮ |
| " କୃଷ୍ଣଚନ୍ଦ୍ର ମହାନ୍ତି | ଜେଲ୍ଲାଜାଲ | ଟ ୩୯ |
| " ପରମାନନ୍ଦ ଦେହାପର | ଛତ୍ରପୁର | ଟ ୩୯ |
| " ଶ୍ରୀଧର ପଟ୍ଟନାୟକ | ବାଣ୍ଟିଆଳ | ଟ ୩୯ |
| " ଜଗନ୍ନାଥ ଖାନ୍ତ | କଟକ | ଟ ୩୯ |
| " ଦାମୋଦର ଚନ୍ଦ୍ର ଶାସକ | ଜଲେଶ୍ୱର | ଟ ୨୯ |
| " ରାଧାକାନ୍ତ ଚନ୍ଦ୍ର ଦଣ୍ଡ | ମୟୂରଭଞ୍ଜ | ଟ ୩୯ |

## ବିଜ୍ଞାପନ ।

### ଶ୍ରୀମଦ୍‌ଭାଗବତ ।

ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ ବିରଚିତ ଯେଉଁ ଏକାଦଶ ସ୍କନ୍ଧ ଏହି ପ୍ରେଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚରିତ ହୋଇ ଅଛି ଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନୂତନସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ସମ୍ପୂର୍ଣ୍ଣ ଅଶୁଦ୍ଧ ବିଶେଷ ଅମେଳ ଥିଲା ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରଶ୍ନର ପ୍ରାରମ୍ଭରେ ସଂସ୍କୃତ ଶ୍ଲୋକମାନ ସନ୍ନିବେଶିତ ହୋଇଅଛି । ଆଉ ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ରାଜା ଗଙ୍ଗାତୀରରେ ଯେଉଁପରି ଶ୍ରବଣ କରୁଥିଲେ, ଭାଗବତର ଶ୍ରୀ କୃଷ୍ଣଙ୍କର ପାଦପଦ୍ମରେ ଶରଣାଗତ ହେବା ଓ, ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ବସିଥିବା ଚିତ୍ରପଟ ସୁନ୍ଦର ଛବିମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୦ ୩ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଖଣ୍ଡମ କରାଇ ପୁସ୍ତକର ଅତିସୁଲଭ ମୂଲ୍ୟ ଟ ୦ ୧ ଧାର୍ଯ୍ୟ ହୋଇଅଛି ।

## INCOME TAX.

### FORM. N.

GENERAL NOTICE UNDER SECTION 18, SUBSECTION 1, CLAUSE (b).
(*RULE* 19.)

The public are hereby informed that Act II of 1886, an Act for imposing a tax on income derived from sources other than agriculture, will come into operation on the 1st April next, and that all incomes derived from sources other than agriculture will be liable to taxation from that date. Every person chargeable under Part IV of the second schedule of the Act is invited to deliver, or cause to be delivered to the Collector, on or before the 15th April 1895, a return in form IIB below, giving details of his income according to the instructions on the return.

The form of return can be obtained free of cost at the Collector's office.

Ras Behari Naik
for Collector

### FORM II B.

*Return under section 18, sub-section (1), clauses (b) and (c) of income accruing and arising in British India.*

(RULE 19.)

| 1 | 2 | 3 | 4 | 5 | 6 | 7 |
|---|---|---|---|---|---|---|
| Name. | Number of municipal premises and name of street in which the residence or place of business is situated. | Sources of income chargeable under Part IV. | Amount of income. | Period during which the income has actually accrued. | Name of shares (if any) in the income in column 4, with specification of their shares. | Remarks. |
| | | | | | | |

I __________ declare that the income shown in the return is truly estimated on all the sources mentioned, that it has actually accrued within the period stated, and that I have no other sources of income.

*Signature*__________

### M ଫାରମ ।

ଆଇନର ୧୮ ଧାରାର ୧ ପ୍ରକରଣର (ଖ) ଦଫାନୁସାରେ ସାଧାରଣ ନୋଟିସ ।
( କଲ୍ପର ୧୯ ଧାରା । )

ସାଧାରଣଙ୍କୁ ଏତଦ୍ଦ୍ୱାରା ଏହି ସମ୍ବାଦ ଦିଆଯାଉଅଛି ଯେ କୃଷି ଛଡ଼ା ଅନ୍ୟ ଉପାୟରେ ଯେଉଁ ଆୟ ହୁଏ ତହିଁ ଉପରେ କରର ନିର୍ଦ୍ଧାରଣାର୍ଥ ୧୮୮୬ ସାଲର ୨ ଆଇନ ୧୮୯୫ ସାଲ ମଧ୍ୟରେ ପ୍ରଚଳିତ ହେବ ଏବଂ କୃଷି ଛଡ଼ା ଅନ୍ୟ ଉପାୟରେ ଯେଉଁସବୁ ଆୟ ହେବ ତାହା କରଯୋଗ୍ୟ ହେବ । ଆଇନର ୪ ର୍ଥ ଭାଗ ଅନୁସାରେ କରଯୋଗ୍ୟ ପ୍ରତ୍ୟେକ ଲୋକଙ୍କୁ ଅନୁରୋଧ ଏହି ଯେ ସେ ଅପ୍ରେଲ ମାସ ୧୫ ତାରିଖରେ ବା ତହିଁ ପୂର୍ବେ ନିମ୍ନଲିଖିତ ୨B ଚିହ୍ନିତ ଫାରମରେ ଲେଖି ଉକ୍ତ ରିଟର୍ଣ୍ଣରେ ସେହି ରିଟର୍ଣ୍ଣ ଲିଖିତ ଅଦେଶାନୁସାରେ ଆପଣା ଆୟର ସବିଶେଷ ବୃତ୍ତାନ୍ତ ଲେଖି ତାହା କଲେକ୍ଟର ସାହେବଙ୍କ ନିକଟରେ ଅର୍ପଣ କରନ୍ତେ ବା କରାଇବେ ।

ରିଟର୍ଣ୍ଣର ଫାରମ ବିନା ଖରଚରେ କଲେକ୍ଟରଙ୍କ ଅଫିସରୁ ମିଳି ପାରବ ।

## NOTICE.

Wanted a second teacher for the Cuttack Roman Catholic Middle English School. Preference will be given to an experienced teacher of active habits. Applications will be received up to 15th Inst.

Cuttack, The 3rd April, 1895. } PIARY MOHAN SHEN, *Dy. Inspector of schools* Cuttack,

## NOTICE.

Candidates are invited for the Head Clerkship of the Pooree Collectorate—Pay Rs. 50 a month. Applications will be received up to 30th April, 1895.

A. C. SEN.
*Offg. Collector.*

## ବିଜ୍ଞାପନ ।

ଇଂରାଜୀ ଭାଷା ଓ ପୁଲିସ କାର୍ଯ୍ୟାଭିଜ୍ଞ ଜଣେ ପୁଲିସ ସବଇନସ୍ପେକ୍ଟର ଦରକାର । ମାସିକ ବେତନ ଟ ୧୫୯ ଙ୍କା । ଶ୍ରେଣୀଗ ନି- ଶାସ୍ତ୍ରର ମନୋନୀତଙ୍କ ଶୀଘ୍ରେ ଦରଖାସ୍ତ କରିବାକୁ ହେବ ।

କୃଷ୍ଣେଶ୍ୱରପୁର ଡାକ ସମ୍ବଲେ ପୋଷ୍ଟ ଅଃ ୨୩।୩।୯୫ } ଶ୍ରୀ ଗୋବର୍ଦ୍ଧନ ଗୋସ୍ୱାମୀ ଦେୱାନ

Digitized by srujanika@gmail.com

Split by PDF Splitter




## ବିଜ୍ଞାପନ ।

ନୂତନ ନୂତନ ନୂତନ

କବିବର୍ଣ୍ଣ ବିରଚିତ

ସତ୍ୟଭାମାପୂର୍ଣ ଜନ୍ମଯାତ୍ରା ମୂଲ୍ୟ ୫୦/ ଏକଅଣା
ପଦ୍ମଲୋଚନ ଯାତ୍ରା ମୂଲ୍ୟ ୫୦/
ମର୍ଦ୍ଦରାଜ ଜନ୍ମଯାତ୍ରା ମୂଲ୍ୟ ୫୦/

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅଧ୍ୟାଦିଯାତ୍ରାମାନ ସବୁ ଅଛି



### NOTICE
### THE
# DWIBHASI.

*SECOD EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

୨ୟ ସଂସ୍କରଣ ଛପାହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।


## NOTICE.

Wanted a 2nd Grade Civil Court Amin for the District of Cuttack. Salary Rs. 50 fixed.

A thorough knowledge of Surveying, Levelling and Estimating is ndispensably neccessary. None need apply who has not passed the Public Works Department Overseer's Examination in one of the Engineering Colleges, or a Government Survey school final examination with credit, and can draw maps and plans accurately and neatly.

Preference will be given to one who understands Uriya in addion to the above qualifications.

Applications with testimonials in original and specimens of drawings will be received by the undersigned upto the first May 1895.

Cuttack Judge's office, The 16th March 1895. — F. G. PARGITER, *District Judge.*

## NOTICE.

Wanted a Permanent Work's Sirkar for Kendrapara Local Board, with a thorough knowledge of Surveying and Road making. Salary Rs. 20. per month. Preference will be given to English speaking candidates. Application by post, (with copies of testimonials) will be received by the undersigned up to 15th. April 1895.

A. C. WRIGHT,
*Vice-Chairman.*
LOCAL BOARD.


## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ବାର୍ଦ୍ଧିଚାଉଲ୍ଟି ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ବରଦାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲଙ୍କଠାରେ ଡାକମାସୁଲ ୫ ୦/

CHEAP ! CHEAP ! CHEAP !

### SCHOOL BOOKS.

Prescribed for the Collegiate school and H. E. schools.

### JUST TO HAND.

To be had of the Printing Company, Cuttack.

କଲେଜସ୍ଥ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ବରଦାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନରେ ପ୍ରାପ୍ତବ୍ୟ ।



## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ବିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶହ ।

ଅ ତ ସୁ ଲ ଭ ମୂ ଲ୍ୟ ୫ ୦ ।/ ମା ତ୍ର ।

ଏଥିରେ ବଞ୍ଚୀ, ଚୁଲ, ଖେମଟା, ଟପା, ଠୁମରପ୍ରଭୃତି ସମଧୁର-ସ୍ୱରର ଅତଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅବରଣୀୟ ।



କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଛପା ବୁକ୍‌ଏଜେଣ୍ଟ ବାବୁ ରାମଚନ୍ଦ୍ର ମୁଖର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଉଷାହରଣ ମୂଲ୍ୟ ୫ ୦ /

ବାବୁ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି


## WANTED

A few Works Sircars for temporary work which will probably last for a year.

Salary Rs. 25 per mensem and Travelling allowance at Rs. 0—4—0 per diem.

Qualifications required: knowledge of English, Estimating, Levelling and Surveying.

Apply early to

Baripada Via Balasore, 16th March, 1895. — J. MARTIN, *State Engineer* Mourbhaj Raj


## ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ଲୋୟର ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ଉହାର ବ୍ୟାଖ୍ୟା, ଓ ଅଟ୍‌ଲାସ୍, ଓ୍ୱାଲମେଣ୍ଟ ପ୍ରଭୃତି ସୁଲଭମୂଲ୍ୟରେ କଟକ ବରଦାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନ୍ୱେଷଣରେ ପାଇପାରିବେ ।



ହଜାରେ ଟଙ୍କା ପୁରସ୍କାର ।

# BISHAHARI.

## ବିଷହରି ।

ଉଡ଼ାଣ ଭୟ ନାହିଁ ।

ଡାକ୍ତର ଶ୍ରୀ ଶଶିଭୂଷଣ ବିଶ୍ୱାସ ମହାଶୟଙ୍କ ଉପଦଂଶ ଓ ପାରଦଜନିତଦୋଷ ଅବ୍ୟର୍ଥମହୌଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ପାରଦ ଓ ଉପଦଂଶ ଜନିତରୋଗ ବ ୧୫ ଦିନ ଓ ପ୍ରମେହ ବ ୩ ଦିନ ନିଶ୍ଚୟ ଆରୋଗ୍ୟ ହୁଅନ୍ତି । ଏଥିରେ ଦୁଷ୍ଟ ଆରୋଗ୍ୟ ହେଉଅଛି, ଏହା ଦେଖାଯାଏ ଲୋକରୁ ପ୍ରଶଂସାପତ୍ର ପ୍ରକି ସ୍ୱାକ୍ଷର ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ପାରଦବର୍ଜିତ। ଯାହା ବାହାର କଲେ ହଜାରେ ଟଙ୍କା ପୁରସ୍କାର ଦେବି ।

ମଲ୍ୟ—ସେବନଔଷଧର ୫ ୧ ଙ୍କା, ଲେପନଔଷଧ ୫ ୧ ଙ୍କା, ଦୁଷ୍ଟରୋଗର ପ୍ରତି ୫ ୪ ଙ୍କା, ଏବଂ ଓ ଡାକ ୫ ୦ ।୵ ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ପୋଷ୍ଟରେ ପଠାଯିବ ।


Digitized by srujanika@gmail.com

"ପ୍ରଧାନ ଏଜେଣ୍ଟ ମେସର୍ସ କଟକୃଷ୍ଣ ପାଲ ଏଣ୍ଡ କୋଂ, ଶୋଭାବଜାର ଷ୍ଟ୍ରୀଟ, କଲିକତା"

କଟକର ଏଜେଣ୍ଟ

ବାବୁ ଏଲ୍, ଏନ୍, ନାୟକ

ଇମ୍ପିରିୟଲ ମେଡିକାଲହଲ ।

କଟକ ଓଡ଼ିଶା

# ବିଜ୍ଞାପନ ।

ଶୂଳାପହାରଚୂର୍ଣ୍ଣ ।

ନୂତନ ଓ ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ

ପରୀକ୍ଷିତ—ପରୀକ୍ଷିତ—ପରୀକ୍ଷିତ ।

ଏହି ଔଷଧ ବ୍ୟବହାରରେ ବାତଜ, ପିତ୍ତଜ, ଶ୍ଳେଷ୍ମଜ, ଅମ୍ଳଜ ଓ ପରିଣାମଶୂଳ ଇତ୍ୟାଦି ସର୍ବପ୍ରକାର ଶୂଳ ଓ ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, ଅମ୍ଳପିତ୍ତ ଉଦ୍ଗାର ଇତ୍ୟାଦି ସର୍ବପ୍ରକାର ଉଦରର ପୀଡ଼ାରୋଗ ଅତଶୀଘ୍ର ଆରୋଗ୍ୟ ହୁଏ । ଏହା ଅମ୍ଭର ବିଶେଷରୂପେ ପରୀକ୍ଷିତ ଔଷଧ ସପ୍ତାହ ସେବନ କଲେ ଯତ୍‌ପରୋନାସ୍ତି ଉପକାର ପାଇ ପାରିବେ ବିଶେଷ ଅନ୍ତର୍ଭୂତ ପୂର୍ଣ୍ଣ ବିଜ୍ଞାପନ ଲେଖିବା ନିଷ୍ପ୍ରୟୋଜନ (ଫଳେନ ପରିଚୀୟତେ) ଯେଉଁମାନେ ଶୂଳରୋଗାକ୍ରାନ୍ତ ହୋଇ ନାନାପ୍ରକାର ଔଷଧାଦିର ବ୍ୟବହାର କରି ବୃଥା ବହୁମାତ୍ର ଉପକାର ପାଇ ନାହାନ୍ତି ସେମାନେ ଅମ୍ଭ ଆବିଷ୍କୃତ ଏହି ନୂତନ ଔଷଧ ବ୍ୟବହାର କଲେ ଅବଶ୍ୟ ସୁଫଳ ପାଇବେ ଏହା ଅମ୍ଭେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ । ସାଧାରଣଙ୍କୁ ଅନୁରୋଧ ଯେ ଏହା ବ୍ୟବହାର କରି ରୋଗମୁକ୍ତ ହେଉନ୍ତୁ ।

ଏଥିର ପ୍ରତି କୌଟାର ମୂଲ୍ୟ ଟ ୧ ଙ୍କା

ମୋଫସଲ ପାଇଁ ଡାକମାସୁଲ ଟ ୦ ।୫

ଏହି ଔଷଧ କଟକସ୍ଥି ଓଂକାମ୍ପାନୀଙ୍କ ପୁସ୍ତକଦୋକାନରେ ଓ ଅମୃତକଟରେ ପ୍ରାପ୍ତହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

ଲୁଣପୁର } ହରଭାଇ

ସହର କଟକ } ଶ୍ରୀ କାଳକୃଷ୍ଣ ଦାସ ।

ବାବୁ ବାଣୀଆପନଙ୍କ

ଅରୁଣାରଙ୍କ ବସାରେ ।

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ଫାଟକରେ ଆମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଫରାସଡାଙ୍ଗା, ରେସମୀ ଓ ମେଲ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିଶ୍ଚିତ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖଣ୍ଡ ଦର ସେହି ଲୁଗା ଉପରେ ଲେଖା ଅଛି ଅଦ୍ୟ ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ମୂଲ୍ୟ ଲଗା ଯେତେ ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର କାହାଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ଉଚିତ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚୁଆଅଣା ଅଗ୍ରୀମ ପଠାଇଲେ ଭେଲୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ତଫସିଲ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଷ୍ଟମେଷ୍ଟ ପେନସିଲ | ଗୋ ୧ ଟ ୦ ।୮ |
| ଲାଲ ଓ ନୀଳ ପେନସିଲ | ଗୋ ୧ ଟ ୦ ।୯ |
| ଓଡ଼ିଆ ପେନସିଲ | ବ ୧ ଟ ୦ ।୵ |
| କଲମ କାଗଜ | ଦ ୧ ଟ ୦ ।୵ |
| ଫୁଲସକେପ କାଗଜ ସଲିଆ | ଦ ୧ ଟ ୦ ।୬ |
| ଏକନ ବୁଲବାଲା | ଦ ୧ ଟ ୦ ।୭ |
| ଏକନ ନରମା | ଦ ୧ ଟ ୦ ।୬ |
| ଫାନସୀନୋଟପେପର ଓ ଲଫାଫା | ଦ ୧ ଟ ୭ । |
| ଡାକକାଗଜ ସରୁ | ଦ ୧ ଟ ୦ ।୵ |
| ଏକନ ମଧ୍ୟମ | ଦ ୧ ଟ ୦ ।୵ |
| ଲଫାଫା ସରୁଆ ସ୧୦୦ ଟ ୦।୵ | ଗୋ ୨୫ ଟ ୦।୬ |
| ଏକନ ମଧ୍ୟମ ସ୧୦୦ ଟ ୦।୵ | ଗୋ ୨୫ ଟ ୦ ୯ |
| ବାଇଣ୍ଡାଗଜ ୧୬ ପଣ | ଦ ୧ ଟ ୦ ।୬ |
| ସୀହାଳ | ବୋ ୧ ଟ ୦ ।୵ |
| ଏକନ ସ୍ୱର୍ଣ୍ଣ ଏହାକୁ ଅଧୋକଲ ଜଳରେ ଧୁଆଇ ବୁଲାଇ ଘରେ ଛାଡ଼ି ଦେଲେ ଉତ୍ତମ ସିହାଳି ପ୍ରସ୍ତୁତ ହେବ | ବ ୧ ଶିଲ ଟ ୦ ।୬ |
| ଶୀଲଟ ପେନସୀଲ | ବ ୧ ଟ ୦ ।୵ |
| ରବର | ଖ ୧ ଟ ୦ ।୬ |
| ବଂଶପତ୍ରୀ କଲମ | ଗୋ ୨୫ ଟ ୦ ।୮ |
| ଲୁହା କଲମ (ନିବ) ସରୁଆ | ଡ଼ ୧ ଟ ୦ ।୵ |
| ଏକନ ଛାପା | ଡ଼ ୧ ଟ ୦ ୧୯ |
| ଏକନ୍ କଲ୍ପନାଗନକୋଜନ | ଗୋ ୧ ଟ ୦ ।୬ |
| ନାଡଦୂଆର ଘାଭୁଣି ସହିତ (ନିକାଘାଲା) | ଗୋ ୧ ଟ ୦ । |
| ଏକନ ସାଧାରଣ | ଗୋ ୧ ଟ ୦ ।୭ |
| ନକାପିତା ସରସା | ଖ ୧ ଟ ୦ ।୵ |
| ହୋଲ୍ଡ଼ର ନେବ ଗୁଡ଼ସହିତ | ଗୋ ୧ ଟ ୦ ।୬ |
| ମନହେବ | ଗୋ ୧ ଟ ୦ ।୵ |
| ମୁକ୍ତାପଥରର ପହିଡିବୁଲା ଓ ରୁପେଲକସାବାଲା | ଗୋ ୧ ଟ ୭ । |
| ଲେବେଣ୍ଡର | ଗୋ ୧ ଟ ୧୯ |
| ମେକସର ଅଏଲ | ଗୋ ୧ ଟ ୦ ୫ |
| ସାବୁନ ସରସା | ଖ ୧ ଟ ୦ ।୯ |
| ଫୁଲବାସ | ଗୋ ୧ ଟ ୧୵ |
| କେବାଲଗିର ୭ଭାଇସା | ଗୋ ୭ ଟ ୩। |
| ଏକନ ଏକଭାଇଥ | ଗୋ ୧ ଟ ୭ |
| ପେନ୍ଥ | ଗୋ ୧ ଟ ୭ |
| ଅସ୍ତ୍ରେଷ୍ଟ | ଗୋ ୧ ଟ ୵ ୭ |
| ତାସ | ବ ୧ ଟ ୦ ।୬ |
| ମାଳପରାଡ଼ୀ | ଗୋ ୧ ଟ ୫ ୧ |
| ବନାରସୀ ସଜ୍ ତସ | ଖ ୧ |
| ସିଡଡାରଏହାକୁ କୌଣସି ଖାତରେ ଲଗି ନଅଁରେ ଭରଲାଇ କୋଠା ଛଡ଼ର ଫାଟରେ ଲଗାଇ କେଲେ ପାଣି ପଡ଼ିବାର ବନ୍ଦ ହେବ ସେ | ୧ ଟ ୨ । |

କଟକ } ଅଲିଜବକସ ଏଣ୍ଡ
ଚୌଧୁରୀ ବଜାର } କମ୍ପାନୀ

---

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ।୵ |
| ଅର୍ଦ୍ଧସ୍ତମ୍ଭକୁ | ଟ ୬୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ସ୍ୱଳ୍ପ ହେଲେ ତହିଁର ଦର ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର, କଟକ ପ୍ରିଣ୍ଟିଂକମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ

Split by PDF Splitter

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୩୦ ଶ
ସଂ ୧୫ ସଂଖ୍ୟା

ତା ୧୩ ତଣ ମାହେ ଅପ୍ରେଲ ସନ ୧୮୯୪ ମସିହା । ମୁ । ୧୨ ଦେ ବୈଶାଖ ସନ ୧୩୦୧ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୬

## ବିଜ୍ଞାପନ

ଓଡ଼ିଆ

ସନ ୧୮୯୪।୯୫ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପୂର୍ବ-ପ୍ରାପ୍ତ ଛପା ହୋଇ ବିକ୍ରୟ ହେଉଅଛି ।

ବଡ଼ ଖ ୧ କୁ ଟ ୦।୵ ଡାକମାସୁଲ ଟ ୦ ⁄

ଛୋଟ ଖ ୧ କୁ ଟ ୦ ⁄ ଡାକମାସୁଲ ଟ ୦୧୬

କଲିକତା ନଗରରେ ବସନ୍ତରୋଗ ଭୟା ନକ ହୋଇ ବହୁତ ବୃଦ୍ଧି ହେଉଅଛି । ଗତ ସପ୍ତାହରେ ଏହି ରୋଗ ହେତୁ ୨୬୩ ମୃତ୍ୟୁ ଘଟିଥିଲା । ଓଲାଉଠା ମଧ୍ୟ ଏହି ସମୟରେ ଉପସ୍ଥିତ ହୋଇ ୧୦୩ ମୃତ୍ୟୁ ଘଟାଇଅଛି । କଲିକତା ରାଜଧାନୀରେ ସ୍ୱାସ୍ଥ୍ୟରକ୍ଷାର ଏତେ କଟକଣା ହେବା ପ୍ରତ୍ୟକ୍ଷେ ବସନ୍ତରୋଗର ଏପ୍ରକାର ପ୍ରାଦୁର୍ଭାବ ଅତି ଶୋଚନୀୟ ଅଟେ ।

---

ଏଲାହାବାଦନିବାସୀ ଶ୍ରୀଯୁକ୍ତ ମନମୋହନ-ଲାଲ ଅଗରୱାଲ ସନ ୧୮୮୫ ସାଲରେ କଲିକତା ବିଶ୍ୱବିଦ୍ୟାଳୟରେ ବି, ଏ, ଉପାଧି ଲାଭ କରି ଆଇନ ଶିକ୍ଷା ନିମନ୍ତେ ବିଲାତକୁ ଯାଇ ଲଣ୍ଡନ ବିଶ୍ୱବିଦ୍ୟାଳୟର ବି, ଏ, ଏବଂ ବି, ଏସ୍, ଉପାଧିମାନ ଲାଭ କରି ଭାରତୀୟ ସମ୍ଭ୍ରାନ୍ତ ଆଇନର କଠିନ ପରୀକ୍ଷା ଉତ୍କୃଷ୍ଟରୂପେ ପାଶ କରି ଅନେକଗୁଡ଼ିଏ ବୃତ୍ତି ପ୍ରାପ୍ତ ହୋଇ ଅଛନ୍ତି । ଅନେକଦିନ ହେଲା ଏ ଦେଶୀୟ କେହି ଛାତ୍ର ଏତେ ଯୋଗ୍ୟତା ସହିତ ଉତ୍ତୀର୍ଣ୍ଣ ହୋଇ ନ ଥିଲା । ଅଗରୱାଲ ମହାଶୟ ଶୀଘ୍ର ବାରିଷ୍ଟରଶ୍ରେଣୀଭୁକ୍ତ ହେବେ ।

---

କାବୁଲର ଅମିର ଆପଣାର ଦ୍ୱିତୀୟ ପୁତ୍ର ନାସର ଉଲାଙ୍କୁ ବିଲାତ ପଠାଇବାର ସ୍ଥିର କଲେ ଲୁନାର ମହୋଦୟ ଶୀଘ୍ର କାବୁଲଠାରୁ ଯାତ୍ରା କରି ପେସଓ୍ୱାର ବାଟେ ସିମଲାକୁ ଆସି ମହା-ମାନ୍ୟ ଗବର୍ଣ୍ଣର ଜେନରଲଙ୍କ ସଙ୍ଗେ ସାକ୍ଷାତ କରି ସେଠାରୁ ବମ୍ବେଇକୁ ଯିବେ ଏବଂ ସେହି ଠାରେ ସରକାରୀ ଜାହାଜ ଚଢ଼ି ଏହି ମାସ ମଧ୍ୟରେ ବିଲାତକୁ ଯାତ୍ରା କରିବେ । ଇଂଲଣ୍ଡରେ କେତେଦିନ ଶ୍ରୀମତୀ ଭାରତେଶ୍ୱରୀଙ୍କ ଲଣ୍ଡନସ୍ଥିତ ବକିଂହାମ ରାଜବାଟୀରେ ବନ୍ଧୁସ୍ୱରୂପ ଅବସ୍ଥିତ କରି କ୍ରମଶଃ ବିଲାତର ନାନା ସ୍ଥାନ ବୁଲି ଦେଖିବେ । ଲଣ୍ଡନନଗରରେ ତାହାଙ୍କ ଅଭ୍ୟ-ର୍ଥନା ନିମନ୍ତେ ଆୟୋଜନ ହେଉଅଛି ।

---

ଗତ ମଙ୍ଗଳବାର ଏନଗର ବାରବାଟୀସ୍ଥ ଗ୍ରାଣ୍ଡ ଥିଏଟର ଦଳ ପୁନର୍ବାର ପ୍ରହ୍ଲାଦଚରିତ୍ରର ଅଭିନୟ ଦେଖାଇ ଥିଲେ ଏବଂ ଏହା ବଡ଼ ଚମତ୍କାର ହୋଇଥିଲା । ଯେଉଁମାନେ ଦେଖି-ଅଛନ୍ତି ସେମାନେ ଏକବାକ୍ୟରେ ପ୍ରଶଂସା କରୁ ଅଛନ୍ତି । ବାସ୍ତବରେ ଏହାଙ୍କ କାର୍ଯ୍ୟର କ୍ରମା-ଗତ ଉନ୍ନତି ଦେଖି ଆମ୍ଭେମାନେ ବଡ଼ ଆନ ନ୍ଦିତ ହୋଇଅଛୁଁ । ଏମାନଙ୍କର ଦୃଶ୍ୟପଟମାନ ଏହିଠାରେ ପ୍ରସ୍ତୁତ ହୋଇଅଛି ଏବଂ ସେଥିର ଶିଳ୍ପନୈପୁଣ୍ୟ ଉତ୍କୃଷ୍ଟ ଅଟେ । ଐକତାନିକ ବାଦ୍ୟ ଏବଂ ସଙ୍ଗୀତର ମଧ୍ୟ ପୂର୍ବାପେକ୍ଷା ଉନ୍ନତି ହୋଇଅଛି । କେବଳ ସର୍ବସାଧାରଣଙ୍କ ଦେ-ଖିବାର ସୁବିଧା ବିଷୟରେ କିଛି ପରିବର୍ତ୍ତନ ନ ହେବାରୁ କେତେଲୋକ ଏମନ୍ତ ସୁନ୍ଦର ଅଭିନୟ ଦେଖି ନ ପାରି ଦୁଃଖ ପ୍ରକାଶ କରୁ ଅଛନ୍ତି ।

—*—

ମାନ୍ଦ୍ରାଜର ଜଣେ ପ୍ରଧାନ ଓକିଲର ୮ ୯୦-ବର୍ଷ ବୟସର କନ୍ୟା ଜଣେ ବୃଦ୍ଧାସ୍ତ୍ରୀ ସଙ୍ଗେ ମୁଠିଏ ଭଡ଼ା କରିଥିବା ଏକ ରେଲ ଶକଟରେ ଯାଉଥିଲା । ବାଟରେ ଘାଟଯୋର ନିକଟରେ ରେଲଗାଡ଼ି ପହଞ୍ଚିବା ସମୟରେ ଏକବ୍ୟକ୍ତି ରେଲଓଏଟକଟ ସଂଗ୍ରହକାରୀ କର୍ମଚାରୀର ବେଶ ଧରି ସେ ଶକଟ ମଧ୍ୟରେ ରେଲ ଚାଲୁ-ଥିବା ସମୟରେ ପ୍ରବେଶ କରି ପ୍ରଥମେ ବୃଦ୍ଧା ସ୍ତ୍ରୀକୁ ଶକଟରୁ ପକାଇ ଦେଲା । ତତ୍ପ-ରେ କନ୍ୟାକୁ ତାହା ଲୁଗାରେ ବାନ୍ଧିପକାଇ ଓ ମୁହଁରେ ଲୁଗା ବାନ୍ଧିଦେଇ ତାହା ଦେହରେ ଥିବା ଶହେଟଙ୍କାର ଟଙ୍କା ମୂଲ୍ୟର ଅଳଙ୍କାର

Digitized by srujanika@gmail.com

ଗ୍ରେପ୍ତାର ହୋଇଗଲା । ମାନ୍ଦ୍ରାଜର ଏକ ମୋରଷ୍ଟେସନରେ ରେଲ ପହୁଞ୍ଚିବା ବେଳେ ଜଣେ ମେଟ୍ରେଟର ସେହି ଶକଟ ଅନୁସନ୍ଧାନ କରିବା କାରଣ ଭିତରକୁ ଯାଇ ସେହି ବୃଦ୍ଧା ସ୍ତ୍ରୀଙ୍କୁ ଲୁଗା ଘୋଡ଼ିହୋଇ ପଡ଼ିଥିବାର ଦେଖିଲା ଏବଂ ବୃଦ୍ଧା ମଧ୍ୟ ଜୀବିତାବସ୍ଥାରେ ପାଆଗଲା । ସେମାନେ ଦୁହେଁ ବର୍ତ୍ତମାନ ତ୍ରିଚିନାପଲ୍ଲୀରେ ଅଛନ୍ତି ଏବଂ ମୋକଦ୍ଦମାର ଅନୁସନ୍ଧାନ ଲାଗିଅଛି । ସ୍ୱତନ୍ତ୍ର ଶକଟ ଭଡ଼ା କରି ସୁଦ୍ଧା ରେଲବାଟରେ ଭ୍ରମଣ ନିରାପଦ ନୁହେ ।

---

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଏଠା ଡିଷ୍ଟ୍ରିକ୍ଟ ବୋର୍ଡର ଭାଇସ୍ ଚେଆରମାନ ବାବୁ ମଧୁସୂଦନ ଦାସ ଇସ୍ତଫା ଦେଇଅଛନ୍ତି । ମଧୁବାବୁ ଯେମନ୍ତ ପ୍ରଶଂସନୀୟରୂପେ ପ୍ରାୟ ଦୁଇବର୍ଷ କାଳ ଏକାର୍ଯ୍ୟ ନିର୍ବାହ କରିଅଛନ୍ତି ଏବଂ ଏଥିରେ ଆପଣାର ଯେତେ ସମୟ ଓ ଅର୍ଥର ବ୍ୟୟ କରିଅଛନ୍ତି ତାହା ଅମ୍ଭେମାନେ ସମୟାନ୍ତରେ ପାଠକମାନଙ୍କୁ ଜଣାଇ ଦେଲୁଁ ବର୍ତ୍ତମାନ ଅଧିକ କହିବା ବାହୁଲ୍ୟ । ସେ ଏତେ କାଳ ସାଧାରଣଙ୍କ ହିତନିମନ୍ତେ ଅସାଧାରଣ ପରିଶ୍ରମ କରି ଅବସର ନେଉଛିବାରୁ ତାହାଙ୍କୁ ବଳାଇବାର ମଧ୍ୟ ବାଟ ନାହିଁ । ସେ ଯାହା କରିଅଛନ୍ତି ତହିଁ ପାଇଁ ଅମ୍ଭେମାନେ କୃତଜ୍ଞତାସହିତ ଧନ୍ୟବାଦ ପ୍ରଦାନ କରୁଅଛୁଁ । ତାହାଙ୍କ ସ୍ଥଳରେ ଏକଜଣ ନିଯୁକ୍ତ କରିବା କାରଣ ଆଗାମୀ ସୋମବାର ଜିଲାବୋର୍ଡର ଏକ ବିଶେଷ ଅଧିବେଶନ ହେବ । ଭରସା କରୁଁ ବେସରକାରୀ ମେମ୍ବରମାନଙ୍କ ମଧ୍ୟରୁ କେହି ଏପଦ ଗ୍ରହଣ କରିବାକୁ ଅଗ୍ରସର ହେବେ । ଅମ୍ଭମାନଙ୍କ ବିବେଚନାରେ ବାବୁ ଯୋଗେନ୍ଦ୍ରଚନ୍ଦ୍ର ନିଯୁକ୍ତ ହେଲେ ବଡ଼ ସୁଖର ବିଷୟ ହେବ । ନତୁବା ସରକାରୀ ମେମ୍ବର କେହି ନିଯୁକ୍ତ ହେବେ ।

---

ଯାଜପୁର ବାଲସାଇଠାରୁ ଜଗନ୍ନାଥ ସଡ଼କ ଛତାବର ପର୍ଯ୍ୟନ୍ତ ଯେଉଁ ସଡ଼କ ନିର୍ମାଣ ନିମନ୍ତେ ଟ [illegible] ଙ୍କା ମଞ୍ଜୁର ହୋଇଅଛି ତହିଁର ପ୍ରଧାନ ଉଦ୍ଦେଶ୍ୟ ଯାଜପୁର ଓ ଭଦ୍ରକ ମଧ୍ୟରେ ଗମନାଗମନର ସୁବିଧା କରିବା । ଏଥିକୁ ଅମ୍ଭମାନଙ୍କର ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯେ ଭଦ୍ରକଠାରୁ ଛତାବର ବାଟେ ଯାଜପୁରକୁ ଆସିବାକୁ ମା ୨୬ ଇଲ ବାଟ ପଡ଼ିବ ଏବଂ ଧାମଙ୍ଗମୀଜାଠାରେ ହାଇଲେବେଲ କେନାଲ ପାର ହେବା କାରଣ ଗୋଟିଏ ସେତୁ ନିର୍ମାଣ ନ ହେଲେ ସଡ଼କଟି ସମ୍ପୂର୍ଣ୍ଣରୂପେ ସୁବିଧାଜନକ ହେବ ନାହିଁ ଏବଂ ତାହା ବିଶେଷ ବ୍ୟୟସାଧ୍ୟ । ମାତ୍ର ଜଗନ୍ନାଥ ସଡ଼କର ୫୩ ଓ ୫୪ ମାଇଲ ମଧ୍ୟସ୍ଥିତ ଯାଲବା ଉଣ୍ଡାରପୋଖରୀ ବଜାରଠାରୁ ହାଇଲେବେଲକେନାଲର ପୂର୍ବପାର୍ଶ୍ୱରେ ସଢ଼ୋ ରଦ୍ଦଣିଆ ପ୍ରଭୃତି ଗ୍ରାମମାନଙ୍କ ବାଟେ ବୈତରଣୀନଦୀର ଉତ୍ତରପାର୍ଶ୍ୱ ବସ୍ତ୍ର ଗଣ୍ଡଘାଟ ନିକଟରେ ସଂଯୋଗ ହେଲେ ହାଇଲେବେଲ କେନାଲ ଉପରେ ସେତୁ ନିର୍ମାଣ କରିବାର ଆବଶ୍ୟକ ହେବ ନାହିଁ ଓ ବାଟର ଦୈର୍ଘ୍ୟ ମା ୧୬ ଇଲରୁ ଅଧିକ ହେବ ନାହିଁ ଅଥଚ ଏଥିମଧ୍ୟରୁ ଜଗନ୍ନାଥସଡ଼କରେ ମା ୧୦ ଇଲ ପଡ଼ିବାରୁ ତାହା କଟିଯାଇ କେବଳ ମା ୬ ଇଲ ସଡ଼କ ପ୍ରସ୍ତୁତ କରିବାକୁ ହେବ ଏବଂ ତହିଁର ଖର୍ଚ୍ଚ ଏକହଜାର ଟଙ୍କା ସୁଦ୍ଧା ହେବ ନାହିଁ ଅମ୍ଭେମାନେ ବାଲେଶ୍ୱରର ଡିଷ୍ଟ୍ରିକ୍ଟବୋର୍ଡ଼ ଏବଂ ଭଦ୍ରକ ଓ ଯାଜପୁରର ଲୋକେଲବୋର୍ଡ଼ମାନଙ୍କୁ ଅନୁରୋଧ କରୁଅଛୁଁ ଯେ ସେମାନେ ଏ ବିଷୟ ଉତ୍ତମରୂପେ ବିବେଚନା କରିବେ । ପ୍ରକାଶ୍ୟରେ ସମ୍ବାଦଦାତାଙ୍କ ପ୍ରସ୍ତାବ ବଡ଼ ନ୍ୟାୟସଙ୍ଗତ ବୋଧ ହେଉଅଛି ଏବଂ ଅନ୍ୟ କୌଣସି ଗୁରୁତର କାରଣ ନ ଥିଲେ ତାହା ଗ୍ରହଣ କରିବା ବାଞ୍ଛନୀୟ ।

---

ଚିତ୍ରାଲ ଯୁଦ୍ଧର ଘୋଷଣା ପତ୍ରେ ଯୁଦ୍ଧ ଆରମ୍ଭ ହୋଇଅଛି । ଚିତ୍ରାଲକୁ ଯିବାର ଯୋଡ଼ିଏ ବାଟ ଅର୍ଥାତ୍ ଗୋଟିଏ ଗିଲଗିଟ ବାଟେ ଓ ଗୋଟିଏ ଜାଦୋଲ ବାଟେ । ଏଥିକୁ ଗିଲଗିଟ ବାଟ ଏପ୍ରକାର ହିମାବୃତ୍ତ ଯେ ବୈଶାଖମାସ ଶେଷରେ ଦ୍ରବ ନ ହେବା ପର୍ଯ୍ୟନ୍ତ ଗମନାଗମନର ଅସାଧ । ସେ ପର୍ଯ୍ୟନ୍ତ ଅପେକ୍ଷା କରିବାର ସମୟ ନ ହେବାରୁ ଗବର୍ଣ୍ଣମେଣ୍ଟ ଅନ୍ୟବାଟରେ ସେନା ପଠାଇବାର ଆଦେଶ ଦେଲେ । ଶେଷ ଲିଖିତ ବାଟ ଅପରିଚିତ ଏବଂ ତହିଁରେ ଅନେକ ପର୍ବତୀୟ ଲୋକଙ୍କ ବାସ । ଗବର୍ଣ୍ଣମେଣ୍ଟ ପୂର୍ବରୁ ଘୋଷଣା ପତ୍ର ଦ୍ୱାରା ସେମାନଙ୍କୁ ଜଣାଇ ଦେଇ ଥିଲେ ଯେ ସେମାନଙ୍କ ସଙ୍ଗେ କିଛି ବିରୋଧ ନାହିଁ । କେବଳ ସେହିବାଟେ ଚିତ୍ରାଲକୁ ଇଂରାଜ ସେନା ଯିବେ । ଅତଏବ ସେମାନେ ଯେମନ୍ତ ବାଧା ଦେବେ ନାହିଁ ମାତ୍ର ଜଣାଯାଏ ଯେ ସେମାନେ ପତ୍ରପଠର ବସ୍ତୁଗତ ହୋଇଅଛନ୍ତି । ସୁତରାଂ ଇଂରାଜ ସେନା ନୌଶେରାରୁ ଯାତ୍ରା କରି ଗତମାସ ଶେଷଦିନ ପ୍ରଥମ ଘାଟି ମାଲାକନ୍ଦଠାରେ ପହୁଞ୍ଚି ଦେଖିଲେ ଯେ ବହୁ ସଂଖ୍ୟକ ଶତ୍ରୁସେନା ସେ ଘାଟି ଜଗି ବସିଅଛନ୍ତି । ଓ ବିନା ଯୁଦ୍ଧରେ ବାଟ ଛାଡ଼ିବେ ନାହିଁ । ଅଗତ୍ୟା ଏହିଠାରେ ଯୁଦ୍ଧ ହେଲା । ଶତ୍ରୁପକ୍ଷ ଉକ୍ତ ପର୍ବତର ଆଶ୍ରୟ ପାଇ ବଡ଼ ଦମ୍ଭହୋଇ ଲଢ଼ିଲେ । ଇଂରାଜ ସେନା ମାକସିମ ବନ୍ଧୁକର ଗୁଳି ବୃଷ୍ଟି ସଙ୍ଗେ ୨ ହୁଇଟ୍ସ୍ଥ ତୋପର ଗୁଳି ନିକ୍ଷେପ କଲେ । ପୂର୍ଣ୍ଣ ପାଞ୍ଚଘଣ୍ଟା କାଳ ଯୁଦ୍ଧ ହେଲା । ଶତ୍ରୁ ଏକ ସ୍ଥାନରୁ ହଟିଯାଇ ଅନ୍ୟ ସ୍ଥାନରେ ପୁଣି ଦମ୍ଭ ହୋଇ ଛିଡ଼ା ହେଲେ ଏବଂ ଇଂରାଜ ସେନା ମଧ୍ୟ କ୍ରମେ ଘାଟି ଉପରକୁ ଚଢ଼ିଲେ । ପରିଶେଷରେ ଲକଷ୍ଟ୍ର ହୋଇ ସଙ୍ଗିନଦ୍ୱାରା ଘଉଡ଼େଇବାରୁ ଶତ୍ରୁଦଳ ସମ୍ପୂର୍ଣ୍ଣରୂପେ ପରାଜୟ ହୋଇ ଛିନ୍ନଭିନ୍ନ ହୋଇଗଲେ । ଶତ୍ରୁଦଳ ପ୍ରାୟ ହଜାର ଥିଲେ ତହିଁମଧ୍ୟରୁ ଅନ୍ୟୂନ ପାଞ୍ଚଶହ ହତ ଓ ଘାଇଲ ହୋଇଅଛନ୍ତି । ଇଂରାଜ ପକ୍ଷର ହତ ଓ ଆହତ ସଂଖ୍ୟା [illegible] ଜଣ ଏବଂ ସେମାନଙ୍କ ମଧ୍ୟରେ ଦୁଇଜଣ ସେନାପତି ଅଛନ୍ତି ।

---

ଘାଇଚେଶରମଗଞ୍ଜ-ରେଲବାଟ ।

ଦେଶୀୟ ଲୋକମାନେ ଏକତ୍ରେ ମିଶି ଯୌଥ କାରବାର ପ୍ରଥାରେ ରେଲବାଟ ବ୍ୟବସାୟ ଚଳାଇବାକୁ ପ୍ରବୃତ୍ତ ହେବେ ଏବଂ କୌଣସି ଇଉରୋପୀୟ କର୍ମଚାରୀ ନ ରଖି ରେଲବାଟ ନିର୍ମାଣ ବା ଚଳାଚଳ କରିବାକୁ ସମର୍ଥ ହେବେ ଏ କଥା ସ୍ୱପ୍ନର ଅଗୋଚର ଥିଲା ଏବଂ ବଙ୍ଗଳା ପ୍ରଭିନ୍‌ସିଅଲ ରେଲକମ୍ପାନୀର ସୂତ୍ରପାତ ହେଲାବେଳେ ମଧ୍ୟ ଅନେକ ଲୋକଙ୍କ ମନରେ ଆତ୍ମସନ୍ଦେହ ହୋଇଥିଲା ଏବଂ କେତେଲୋକ କେତେକଥା କହିବାକୁ ମଧ୍ୟ ଛାଡ଼ି ନ ଥିଲେ । ଯାହା ହେଉ ଏହି କମ୍ପାନୀର ଡାଇରେକଟରଙ୍କ ସଭାପତି ସୁବିଖ୍ୟାତ ସ୍ୱର୍ଗୀୟ ଯୋଗମୋହନ ମୁଖୁର୍ଯ୍ୟା ସି ଏସ ଆଇଙ୍କ ଉତ୍ତମ ସଦୁପଦେଶ ଏବଂ ତପଲେନ୍ଦ୍ର ନିଜର ବାବୁ ଗମସଣ ମୁଖୁର୍ଯ୍ୟାଙ୍କ ଶିଳ୍ପପଟୁତାଦ୍ୱାରା ସମସ୍ତ ବାଧା ବିଘ୍ନ ଦୂରୀଭୂତ ହୋଇ ରେଲବାଟ ନିର୍ମାଣ ହୋଇଅଛି । କମ୍ପାନୀର ମୂଳଧନ ସାଢ଼େ ଆଠ ଲକ୍ଷ ଟଙ୍କା । ସର୍ବସାଧାରଣଙ୍କ ସୁବିଧା ନିମନ୍ତେ ପ୍ରତିଅଂଶର ମୂଲ୍ୟ ଟ ୧୦ ଟଙ୍କା ଲେଖାଏଁ ଧାର୍ଯ୍ୟ ହେଲେ ସୁଦ୍ଧା ଲୋକେ ଅଂଶ କ୍ରୟ କରିବାକୁ ଦ୍ୱିଧା କରୁଥିଲେ ।

Split by PDF Splitter
Digitized by srujanika@gmail.com

Split by PDF Splitter



ପରିଶେଷରେ ଡାଇରେକ୍ଟରମାନେ ଅଂଶୀଦାରମାନଙ୍କୁ କଥିମତେ ପ୍ରବୋଧ ଦେଲେ ଯେ କୌଣସି କାରଣରୁ କମ୍ପାନୀ ଭାଙ୍ଗିଗଲେ ସୁଦ୍ଧା ଯେ ଯାହା ଦେଇଥିବେ ତାହା ସମ୍ପୂର୍ଣ୍ଣରୂପେ ଫେରପାଇବେ । ଏବେ କଷ୍ଟରେ ଟଙ୍କା ସଞ୍ଚିତ କରି ଏବଂ ଉକ୍ତ ଅଧିକାରର ବାଧା ନାନାପ୍ରକାରେ ଅତିକ୍ରମ କରି କମ୍ପାନୀ ଏହି ରେଲବାଟ ନିର୍ମାଣ କରିବାକୁ ସମର୍ଥ ହୋଇଅଛନ୍ତି ବଡ଼ ଆନନ୍ଦର ବିଷୟ ଅଟେ । ଏହି କମ୍ପାନୀ ଏ ଦେଶରେ ଗୋଟିଏ ନୂତନ ବ୍ୟବସାୟ ଆରମ୍ଭ କଲେ । ଏଥିପାଇଁ ସେ ସର୍ବସାଧାରଣଙ୍କର ଧନ୍ୟବାଦର ପାତ୍ର ଅଟନ୍ତି । ଏହି ବାଟ ଲାଭଜନକ ହେବାର ସମ୍ପୂର୍ଣ୍ଣ ଆଶା ଦେଖାଯାଉଅଛି ଏବଂ ଈଶ୍ୱରଙ୍କ ଇଚ୍ଛାରୁ ତାହା ସିଦ୍ଧ ହେଲେ ଏହିପରି ଆହୁ ଅନେକ କମ୍ପାନୀ ଗଠିତ ହେବ ସନ୍ଦେହ ନାହିଁ ।

ଏହି ରେଲବାଟର ପ୍ରଥମ ଅଠମାଇଲ ପରୀକ୍ଷାସ୍ୱରୂପ ଗତ ସେପ୍ଟେମ୍ବର ମାସରେ ଫିଟିଥିଲେହେଁ କାର୍ଯ୍ୟ ଶେଷ ହୋଇ ନ ଥିଲା । ବର୍ତ୍ତମାନ ସମସ୍ତ ରେଲବାଟ ଯାହାର ଦୈର୍ଘ୍ୟ ପ୍ରାୟ ତେତିଶମାଇଲ ଅଟେ ଶେଷହେବାରୁ ଗତ ତା ୬ ରଖରେ କଥିମତେ ଫିଟିଲା ଏବଂ କମ୍ପାନୀର ଅନୁରୋଧରେ ମାନ୍ୟବର ବଙ୍ଗେଶ୍ୱର ସର୍ ଇଲିୟଟ ବାହାଦୁର ଏଥିର ପ୍ରତିଷ୍ଠାକାର୍ଯ୍ୟ ନିର୍ବାହ କରିଥିଲେ । ସେଦିନ ଅପରାହ୍ଣରେ ମାନ୍ୟବର ମହୋଦୟ ହାଵଡ଼ାଠାରୁ ଖାସ ରେଲରେ ତାରକେଶ୍ୱରଠାରେ ପହୁଞ୍ଚିଥିଲେ । ସେଠାରେ ଏହି କାର୍ଯ୍ୟୋପଲକ୍ଷରେ ଏକ ବୃହତ୍ ସଭା ରଚିତ ହୋଇଥିଲା ଏବଂ ନାନା ଶ୍ରେଣୀର ଅନେକ ଭଦ୍ରଲୋକ ଏକତ୍ର ହୋଇ ଆସିଥିଲେ । ବଙ୍ଗେଶ୍ୱରଙ୍କ ପ୍ରବେଶମାତ୍ରେ ବାବା ତାରକେଶ୍ୱରଙ୍କ ମହନ୍ତ ଆଶୀର୍ବାଦସୂଚକ ଶ୍ଳୋକ ପାଠକରି ପୁଷ୍ପମାଳୀ ପ୍ରଦାନ କଲେ ଏବଂ ସେ ବେଳକୁ ଅସୀନ କମ୍ପାନୀର ସଭାପତି ରାଜା ପ୍ୟାରୀମୋହନ ମୁଖୋପାଧ୍ୟା ଏକ ଅଭିନନ୍ଦନ ପାଠକରି କମ୍ପାନୀ ସମ୍ବନ୍ଧୀୟ ପ୍ରଧାନ କଥାମାନ ଜଣାଇ ପ୍ରତିଷ୍ଠାକାର୍ଯ୍ୟ ନିର୍ବାହ କରିବାକୁ ଅନୁରୋଧ କରିବାରେ ମାନ୍ୟବର ମହୋଦୟ ତହିଁର ସଂକ୍ଷେପ ଉତ୍ତର ପ୍ରଦାନ କରି ରେଲବାଟ ଫିଟିବାର ଘୋଷଣା ପ୍ରଚାର କଲେ । ତହିଁଉତ୍ତାରୁ ମାନ୍ୟବର ମହୋଦୟ ସମସ୍ତ ବ୍ୟକ୍ତିଙ୍କସହିତ ରେଳଗାଡ଼ିରେ ଚଢ଼ି ମା ୫ ଭଲ ବାଟ ଭ୍ରମଣ କରି ସଭାମଣ୍ଡପକୁ ଫେରଆସି କଷ୍ଟିତ ଜଳପାନ ଗ୍ରହଣପୂର୍ବକ କଲିକତାକୁ ସନ୍ଧ୍ୟା ଘ ୭ ଟା ସମୟରେ ଫେରଆସିଲେ । ବଙ୍ଗେଶ୍ୱର ସର୍ ଚାର୍ଲସ୍ ଇଲିୟଟଙ୍କ ଅମଳରେ ଏହି ରେଲବାଟର ସୂତ୍ରପାତ ହୋଇଥିଲା ଏବଂ ସେ ଏଥିର ପ୍ରତିଷ୍ଠା କାର୍ଯ୍ୟ କରି ବଡ଼ ପ୍ରୀତ ହେଲେ ଏବଂ କମ୍ପାନୀର ଅନେକ ପ୍ରଶଂସା କଲେ । ପ୍ରକୃତରେ କମ୍ପାନି ପ୍ରଥମେ ପରୀକ୍ଷାସ୍ୱରୂପ ଛୋଟଥିବାର ରେଲବାଟ ନିର୍ମାଣକରିବାଦ୍ୱାରା ସୁବୁଦ୍ଧିର ପରିଚୟ ଦେଇଅଛନ୍ତି । ଏହି ରେଲବାଟ ନିର୍ମାଣରେ ସର୍ବସୁଦ୍ଧା ମାଇଲପ୍ରତି ୩୦ ହଜାର ଟଙ୍କା ବ୍ୟୟ ପଡ଼ିଅଛି । ଆମ୍ଭେମାନେ ସର୍ବାନ୍ତଃକରଣରେ ଏହି କମ୍ପାନୀର ମଙ୍ଗଳକାମନା କରୁଅଛୁଁ ।

---

## ଗଞ୍ଜେଇ-କମିଶନ

ବର୍ତ୍ତର କେତେଜଣ ହିତୈଷୀଙ୍କ ଉଦ୍ୟମରେ ଗଞ୍ଜେଇ ଏବଂ ସେହି ବୃକ୍ଷରୁ ପ୍ରସ୍ତୁତ ହେଉଥିବା ଅନ୍ୟାନ୍ୟ ମାଦକ ଦ୍ରବ୍ୟର ଅପକାରିତା ଅନୁସନ୍ଧାନ କରିବା କାରଣ ଭାରତବର୍ଷରେ ଯେଉଁ ଗଞ୍ଜେଇ କମିଶନ ବସିଥିଲା ଏବଂ ଯହିଁର କେତେଜଣ ସଭ୍ୟ ଗତବର୍ଷ ଶୀତକାଳରେ ଏ ନଗରକୁ ଆସି ସାକ୍ଷ୍ୟ ଗ୍ରହଣ କରିଥିଲେ ତହିଁର ପ୍ରସଙ୍ଗ ପାଠକମାନଙ୍କୁ ଜଣାଅଛି । ସେହି କମିଶନ ଆପଣା କାର୍ଯ୍ୟ ଶେଷ କରି ଗବର୍ଣ୍ଣମେଣ୍ଟରେ ରିପୋର୍ଟ ପ୍ରଦାନ କରିବାରୁ ମହାମାନ୍ୟ ଗବର୍ଣ୍ଣର ଜେନରଲ ତାହା ପାଠ ଓ ବିବେଚନା କରି ଗତମାସର ଇଣ୍ଡିଆଗେଜେଟରେ ଏକ ନିର୍ଦ୍ଧାରଣ ପ୍ରକାଶ କରିଅଛନ୍ତି । ତହିଁର ସାରମର୍ମ ଆମ୍ଭେମାନେ ନିମ୍ନେ ପ୍ରକାଶ କଲୁଁ । ସମସ୍ତ ଭାରତବର୍ଷରେ ମଧ୍ୟ ପ୍ରଧାନତଃ ବଙ୍ଗ ମଧ୍ୟପ୍ରଦେଶ ମାନ୍ଦ୍ରାଜ ବମ୍ବେଇ ଏବଂ ବେରାରରେ ଗଞ୍ଜେଇର ଚାଷ ହୁଏ । ଚାଷ ଭୂମିର ପରିମାଣ ୧୮ ହଜାର ଏକରରୁ ଅଧିକ ନୁହେ । ବଙ୍ଗଦେଶରେ ପ୍ରତିଶତହଜାର ଲୋକରେ ଜ ୬୦ ଣ ଗଞ୍ଜେଇ ଖାନ୍ତି ତହିଁମଧ୍ୟରେ ପ୍ରକୃତ ଗଞ୍ଜେଇଖୋର କେବଳ ଏକଜଣ । ମଧ୍ୟ ପ୍ରଦେଶରେ ପ୍ରତି ଜ ୧୬୦ ଣ ମାନ୍ଦ୍ରାଜରେ ପ୍ରତି ଜ ୫୦୦ ଣ ଏବଂ ବମ୍ବେଇରେ ପ୍ରତି ଜ ୨୫୦ ଣ ମଧ୍ୟରେ ଏକଜଣ ଗଞ୍ଜେଇ ଖାଏ । ସନ ୧୮୮୧ ସାଲଠାରୁ ବର୍ତ୍ତମାନକୁ ଗଞ୍ଜେଇଖୋରଙ୍କ ସଂଖ୍ୟା ଯାହା ବଢ଼ିଅଛି ତାହା କେବଳ ଲୋକ ସଂଖ୍ୟା ଅନୁପାତରେ ଘଟିଅଛି । ଗଞ୍ଜେଇ ଖୋରଙ୍କ ଅନୁପାତ ବଢ଼ି ନାହିଁ । କମିଶନଙ୍କ ଅନୁସନ୍ଧାନ ମତେ ଅନେକ ସ୍ଥଳରେ ଲୋକେ ଧର୍ମାନୁମୋଦିତ ବୋଲି ସିଦ୍ଧି ବ୍ୟବହାର କରନ୍ତି । ଗଞ୍ଜେଇ ଏପ୍ରକାର ବ୍ୟବହାର ଅଳ୍ପ ସ୍ଥଳରେ ହୁଏ । ଚରସ ଆଦୌ ଏରୂପେ ବ୍ୟବହାର ହୁଏ ନାହିଁ ଗବର୍ଣ୍ଣମେଣ୍ଟ ଏଥିରେ ଐକ୍ୟ ହୋଇ କହୁଅଛନ୍ତି ଏକଥା କେବଳ ହିନ୍ଦୁଙ୍କ ପ୍ରତି ଖାଟେ ମୁସଲମାନମାନେ ଏହାକୁ ଧର୍ମାନୁମୋଦିତ କହନ୍ତି ନାହିଁ ଏବଂ ସେମାନଙ୍କ ଧର୍ମ ମତେ ଏହା ନିନ୍ଦନୀୟ ।

କମିଶନ କହୁଅଛନ୍ତି ଯେ ସିଦ୍ଧି ବ୍ୟବହାରରେ କିଛି ଦୋଷ ନାହିଁ । ଗ୍ରୀଷ୍ମକାଳରେ ଭଦ୍ରଲୋକସୁଦ୍ଧା ଏହା ବ୍ୟବହାର କରନ୍ତି । କମିଶନର ଯେଉଁ ଦୁଇଜଣ ସଭ୍ୟ ଗଞ୍ଜେଇ ଉଠାଇଦେବାର ମତ ଦେଇ ଅଛନ୍ତି ସେମାନେ ସୁଦ୍ଧା ସିଦ୍ଧିରେ ହସ୍ତକ୍ଷେପ କରିବାର ପରାମର୍ଶ ଦେଇ ନାହାନ୍ତି । ଅଧିକାଂଶ ସାକ୍ଷୀ ଗଞ୍ଜେଇକୁ ମଧ୍ୟ ନିର୍ଦ୍ଦୋଷ କହୁଅଛନ୍ତି । ଚରସ ଏଦେଶରେ ପ୍ରସ୍ତୁତ ନ ହୋଇ ୟାରକନ୍ଦରୁ ଆମଦାନୀ ହୁଏ । ଅଧିକାଂଶ ସାକ୍ଷୀ ଏହାକୁ ଅନିଷ୍ଟଜନକ କହିଲେହେଁ କମିଶନ ଏହି ସିଦ୍ଧାନ୍ତ କରିଅଛନ୍ତି ଯେ ସିଦ୍ଧି ଗଞ୍ଜେଇ ବା ଚରସର ପରିମିତ ବ୍ୟବହାର ଅନିଷ୍ଟକର ନୁହେ । ବିଶେଷତଃ ମଦ ବା ଅଫିମର ଏସବୁ ଛାଡ଼ିବା କଠିନ ନୁହେ । ଗବର୍ଣ୍ଣର ଜେନରଲ ବାହାଦୁର ଏସିଦ୍ଧାନ୍ତର ଅନୁମୋଦନ କରିଅଛନ୍ତି । ସେ ଆହୁରି କହୁଅଛନ୍ତି ଯେ ସିଦ୍ଧି ଗଞ୍ଜେଇ ପ୍ରଭୃତିର ବ୍ୟବହାର ଦ୍ୱାରା ଲୋକେ ପାଗଳ ହେବାର ଯେପରି ବିଶ୍ୱାସ ଅଛି ପ୍ରକୃତପକ୍ଷେ ସେପରି ନୁହେ । ଗଞ୍ଜେଇ ଦ୍ୱାରା ପାଗଳହେବା ଲୋକଙ୍କ ସଂଖ୍ୟା ଅତ୍ୟନ୍ତ ଅଳ୍ପ ପୁଣି ସେପରି ପାଗଳ ହେବା ବ୍ୟକ୍ତି ଶୀଘ୍ର ଭଲ ହୁଅନ୍ତି । ଅନ୍ୟାନ୍ୟ କାରଣର ପାଗଳାମିପରି ଗଞ୍ଜେଇ ପାଗଳାମି ସ୍ଥାୟୀ ନୁହେ । ଅତଃପର ଅତ୍ୟଧିକ ଗଞ୍ଜେଇ ସିଦ୍ଧି ପ୍ରଭୃତି ଖାଇ କେହି୨ ଭୟାନକ ଅପରାଧ କରିବାର ଜଣାଯାଇ ଥିବା ଏବଂ କ୍ରମାଗତ ଅଧିକ ପରିମାଣରେ ଖାଇବାର ଅଭ୍ୟାସ କରି ଅସଦାଚରଣରେ ଲିପ୍ତ ହେବା କଥା କମିଶନ ଆପଣା ରିପୋର୍ଟରେ ଯାହା ଲେଖିଅଛନ୍ତି ତହିଁ ସମ୍ବନ୍ଧରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର କହୁଅଛନ୍ତି ଯେ ଗଞ୍ଜେଇ ସିଦ୍ଧି ପ୍ରଭୃତି ସେବା ଦ୍ୱାରା ଶରୀର

Digitized by srujanika@gmail.com

ମତ ଓ ମାଇ ଦୂଷିତ ହେବାର ଯେପରି ବିଶ୍ୱାସ କମିଶନ ବସିବା ପୂର୍ବେ ଥିଲା ପ୍ରକୃତରେ ସେପରି କିଛି ନୁହେ ।

ସିଦ୍ଧି ଗଞ୍ଜେଇ ପ୍ରଭୃତିରେ ହସ୍ତକ୍ଷେପ କରିବା ସମ୍ବନ୍ଧରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୂର ଏହି ମତ ପ୍ରକାଶ କରିଅଛନ୍ତି ଯେ ମାଦକ ଦ୍ରବ୍ୟପ୍ରଭୃତି ବଳାଇଲା ବ୍ୟାପାରରେ ପ୍ରଜାଙ୍କ ମନ ବୁଝି ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟ କରିବା ଉଚିତ । ଯେ ସ୍ଥଳେ ସାଧାରଣଙ୍କର କ୍ଷତି ବୃଦ୍ଧି ନାହିଁ ସେ ସ୍ଥଳେ ବ୍ୟକ୍ତି ବିଶେଷର ସ୍ୱାଧୀନତାରେ ହସ୍ତକ୍ଷେପ କରିବା ପ୍ରତି ଗବର୍ଣ୍ଣମେଣ୍ଟଙ୍କର ସାବଧାନ ହେବା ଉଚିତ । ଗଞ୍ଜେଇ ଖାଇ ଲୋକେ ପାଗଳ ହୁଅନ୍ତି କହି ଗଞ୍ଜେଇ ଉଠାଇଦେବା ଯୁକ୍ତି ଗବର୍ଣ୍ଣମେଣ୍ଟଙ୍କ ମନକୁ ଗଲା ନାହିଁ । ଯେହେତୁ ଲୋକସଂଖ୍ୟା ହିସାବରେ ବାଇଶ ଲକ୍ଷ ଲୋକମଧ୍ୟରେ ପାଗଳର ସଂଖ୍ୟା କେବଳ ଏକଜଣ । ଗଞ୍ଜେଇର ଗୁପ୍ତ ଏହାବେଲରେ ଉଠାଇଦେବା ସହଜ ନୁହେ ଏବଂ କମିଶନ ମଧ୍ୟ ସେ ପରାମର୍ଶ ଦେଇ ନାହାନ୍ତି । ଆଇନ ଦ୍ୱାରା ଗୁପ୍ତ ବନ୍ଦ କରିବା ଅସମ୍ଭବ ନହିଁ ଲେ କେବଳ ଏହି ଫଳ ହେବ ଯେ ବନ୍ୟଜାତ କଳୁଷ୍ଣ ଲେଖା ଗଞ୍ଜେଇ ଘରେ ଘରେ ପଶିବ ଅଥଚ ବନ୍ଦ କରିବାର ବ୍ୟୟ ଏବଂ ପ୍ରଜାପୀଡନ ଯଥେଷ୍ଟ ହେବ । ନ ୪୭୫ ଶ ସାକ୍ଷି ମଧ୍ୟରୁ କେବଳ ନ ୯୫ ଣ ଗଞ୍ଜେଇ ଉଠାଇଦେବାର ମତ ଦେଇ ଅଛନ୍ତି । ଗଞ୍ଜେଇ ଦ୍ୱାରା ଲକ୍ଷ ଲକ୍ଷ ଲୋକଙ୍କର ନିର୍ଦ୍ଦୋଷ ଆମୋଦ ହୁଏ ଏବଂ ଅନେକ ଔଷଧରେ ଏହା ବ୍ୟବହାର ହୁଏ । ଅତଏବ ଉଠାଇଦେବାର ଚେଷ୍ଟା ଲୋକଙ୍କ ଦୁର୍ଣ୍ଣୀତନ ଭିନ୍ନ ଆଉ କିଛି ନୁହେ । ଅତଏବ ଏହାକୁ ଉଠାଇ ନ ଦେଇ ଏହାର ବ୍ୟବହାର ସୀମାବଦ୍ଧ କରିବା ଉଚିତ ଏବଂ ଟିକସ ଆଦାୟ କରିବାକୁ ସର୍ବୋତ୍କୃଷ୍ଟ ଉପାୟ ଅଟେ । ଭିନ୍ନ ପ୍ରଦେଶରେ ଗୁପ୍ତ ଓ ଟିକସ ଆଦାୟର ଭିନ୍ନ ବିଧି ଅଛି । ତହିଁମଧ୍ୟରେ ବଙ୍ଗପ୍ରଦେଶର ବିଧିମାନ ସର୍ବାପେକ୍ଷା ଉତ୍ତମ ଅଟେ । ଅତଏବ ସେହି ବିଧିମାନ ଯଥାସମ୍ଭବ ସଂଶୋଧନ କରିବାର ଆଦେଶ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ପ୍ରଦାନ କରିଅଛନ୍ତି ।

## ସାପ୍ତାହିକ ସମ୍ବାଦ ।

ଏ ନଗରରେ ସମ୍ପ୍ରତି ଜ୍ୱରରୋଗ ବଡ ପ୍ରବଳ ହୋଇଅଛି ।

ଏ ସପ୍ତାହ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମୟେ ସମୟେ ମେଘ ବାହାରି ଥରେ ଥରେ ଧୂଳିଅପବନ ହୋଇଥିଲା । ମାତ୍ର ଏ ନଗରରେ ସାମାନ୍ୟ ବିନ୍ଦୁପାତ ଛଡ଼ା ବୃଷ୍ଟି ସର୍ବେ ଦେଖା ନାହିଁ । ଦକ୍ଷିଣ ଅଞ୍ଚଳର ପାଟେ ଭଲ ବୃଷ୍ଟି ହେବାର ସମ୍ବାଦ ଆସିଅଛି ।

ଏଠା ଷ୍ଟେସନଲେସ ଅଫିସର ବସନ୍ତ ସାହେବ ହୃଦ ରୋଗରେ ହଠାତ ପ୍ରାଣ ତ୍ୟାଗ କଲେ ।

ଏକଲା ଗାଉଣ ଏଲାକାର ଏକ ଗ୍ରାମରେ ଗୋଟିଏ ଗାଈ ଗୋଟିଏ ଅତ୍ଭୂତାକୃତିର ବ୍ରତସ ପ୍ରସବ କରିଅଛି ଏବଂ ତହିଁର ପୂରରେ ଜଣେ ସ୍ତ୍ରୀ ଗୋଟିଏ ଅଣ୍ଡା ପିଲା ଜନ୍ମ କରିଅଛି । ସୃଷ୍ଟିର କୌଶଳ କିଏ ବୁଝିବ ?

### କଲିକତା-ଗେଜେଟ ।

ମୌଲବୀଅବଦୁଲ କରିମ ପ୍ରେସିଡେନ୍ସି ଓ ଓଡ଼ିଶା ବିଭାଗର ମହମ୍ମଦୀୟ ଶିକ୍ଷାର ଅସିଷ୍ଟାଣ୍ଟ ଇନ୍ସପେକ୍ଟରର ପଦରେ ନିଯୁକ୍ତ ହେଲେ ।

ଅଃ ବନ୍ଦୋବସ୍ତ କର୍ମଚାରୀ ମିଃ ଏଚ,ଏ, କସ୍ତାଡ଼ ଅଲ୍ପଦିନ ନିମନ୍ତେ କଟକ ଓ ପୁରୀ ଜିଲ୍ଲାର ବନ୍ଦୋବସ୍ତ କର୍ମଚାରୀ ପଦରେ ନିଯୁକ୍ତ ହେଲେ ।

କଟକ ଓ ପୁରୀ ଜିଲ୍ଲାର ସର୍ଭେ କାର୍ଯ୍ୟ ସମାପନାର୍ଥେ ମିଃ ଜବଲିନ ମଡ଼ ସର୍ଭେ ଉପକାର ସୁପ୍ରଣ୍ଟ ପଦରେ ନିଯୁକ୍ତ ହେଲେ ।

କଟକ ଜେନେରଲ ହାସପାତାଲର ଅଃ ସର୍ଜନ ବାବୁ ଅନ୍ନଦାଲାଲ ଘୋଷ ଗତ ଫିବ୍ରୁୟାରି ତା ୯ ରିଖରୁ ତା ୨୫ ରିଖ ପର୍ଯ୍ୟନ୍ତ ଆଉର କାର୍ଯ୍ୟର ଅବସରରେ କଟକ ଦିଗର ଷ୍ଟେସନର ସ୍ଥାନ ଗ୍ରହଣ କରିଥିଲେ ।

---

କସବାଠାରୁ ସମ୍ବାଦ ମିଳିଲା ଯେ ଜଣେ ଜୁନିୟର ସୁପରିଣ୍ଟେଣ୍ଡେଣ୍ଟ ପ୍ରମଥ ସାହେବ ମୁସଲମାନଧର୍ମ ଗ୍ରହଣ କରି ଅଛନ୍ତି । ଏ ସାହେବଙ୍କର ଅନେକଦିନରୁ ପଠାଣ ଅର୍ଥାତ ଉପବାସୀ ଥିଲେ । ଏମାନେ ସାହେବଙ୍କ ମତ ମୁସଲମାନ ଧର୍ମଗ୍ରନ୍ଥ ଯେପରି ଅଛନ୍ତି ।

ତେବେ ଏଥିପାଇଁ ବିଦ୍ରୋହ ଉପସ୍ଥିତ ହୋଇ ବିଦ୍ରୋହୀମାନେ ସରକାରି ସେନାଙ୍କୁ ପରାଜିତ କରି ସେଠା ପ୍ରଧାନନଗରକୁ ଅଧିକାର କରିଅଛନ୍ତି । ସୁତରାଂ ସ୍ପେନବାଦୀଙ୍କୁ ଅଧିକ ସେନା ନିଯୁକ୍ତ କରିବାକୁ ହେବ ।

ଗତ ମାର୍ଚ୍ଚମାସ ତା ୨୩ ରିଖ ସନ୍ଧ୍ୟା ଓ ତା ୨୪ ରିଖ ଦିନ ବମ୍ବଇରେ ଭୟାନକ ତୋଫାନ ହୋଇଥିବାର ସମ୍ବାଦ ମିଳିଲା । ଅନେକ ଜାହାଜ ଦସ୍ତାବ ନଷ୍ଟ ହୋଇଅଛି ଏବଂ ଅନେକଲୋକେ ଘରଦ୍ୱାର ଓ ଖାଦ୍ୟ ସାମଗ୍ରୀ ପଡ଼ିବାକାର ଉଦ୍ଦେଶ୍ୟକୁ ବିଦାୟ ହୋଇ ଅଛନ୍ତି ।

ସମ୍ବଲପୁରଠାରେ ଅନେକଦିନରୁ ବୃଷ୍ଟି ହୋଇ ଅଛନ୍ତି । ଏବେ ବୁଡ଼ି ଏବାରେ ରୋଗର ହୋଇଥିବାର ପୂର୍ବେ ଶୁଣା ଯାଉ ନ ଥିଲା । ଯେ ୧୦ ଟା ଭାୟ୍ୟ କୁହର ଏପର୍ଯ୍ୟନ୍ତ ମରି ପଡ଼ି ଅଛନ୍ତି ।

ସୁରଥର କଲେକ୍ଟର ସାହେବଙ୍କୁ ଜଣେ ମୁସଲମାନ ବାଳ ଶ୍ୱର ଦଶହଜାର ଟଙ୍କା ଉତ୍କୋଚ ଦେଇଥିବାରୁ ସାହେବ ବାଦୀଙ୍କଙ୍କ ନାମରେ ମୋକଦମା ଚଳାଇବାକୁ ଅନୁମତି ପାଇଅଛନ୍ତି ।

ଭାରତର ସର୍ବତ୍ରେ ଅତ୍ୟନ୍ତ ବୃଷ୍ଟି ଯୋଗେ ଜଳମାନ ବୃଦ୍ଧି ହୋଇ ଅନେକ କ୍ଷତି କରିଥିବାର ସମ୍ବାଦ ମିଳିଲା ।—ଅଥଚ ଏ ଦେଶରେ ଏପର୍ଯ୍ୟନ୍ତ ବୃଷ୍ଟିର ଦେଖା ନାହିଁ ।

ଗାଜିପୁର ଓ ଚାପଡ଼ାଠାରେ ବସନ୍ତରୋଗର ପ୍ରାଦୁର୍ଭାବ ଅଧିକ ହୋଇଅଛି ।

ଚୀନ ସମ୍ରାଟ ଇଂରେଜଙ୍କୁ ସେହି ଜାପାନ ଯୋଗାଡ଼ କରାଇଥିବା ତାହାର ସାମରିକ ଅର୍ଥବଳ ବିନଷ୍ଟହୋଇଅଛି ।—ଉତ୍ତମ ।

ହରଦ୍ୱାରଠାରେ ଏହି ମହା ମେଳା କାଳରେ ସ୍ନାନ ପାଇଁ ଲକ୍ଷରେ ପ୍ରାୟ ଏକଲକ୍ଷ ଯାତ୍ରୀ ହୋଇଥିଲେ ।

ସୁବର୍ଣ୍ଣପୁରରେ ପୁଣି ନୂତନ ଭୀଷଣ ରୋଗର ଉପସ୍ଥିତ ହୋଇଅଛି । କାରଣଠାରେ ମଡ଼କ ହେତୁ ଅନେକ ଲୋକ ମରି ଯାଉଅଛନ୍ତି । ପୋର୍ଟ ଅର୍ଥରରେ ଜାପାନୀମାନଙ୍କ ମଧ୍ୟରେ ଓଲାଉଠା ରୋଗ ଉପସ୍ଥିତ ହେବାରୁ ଅନେକ ଲୋକ ମୃତ୍ୟୁ ମୁଖରେ ପତିତ ହୋଇଅଛନ୍ତି ।

### ଢେଙ୍କାନାଳ-ସମ୍ବାଦ ।

ବାର୍ଷିକ ଦୋଳ ମହୋତ୍ସବ ମଦନମୋହନ ଠାକୁରଙ୍କ ସୁସମ୍ପନ୍ନରୂପେ ନିର୍ବାହ ହୋଇ ଯାଇଅଛି । ଯାତ୍ରୀସଂଖ୍ୟା ପୂର୍ବ ବର୍ଷାପେକ୍ଷା କମ ନ ଥିଲା ।

ଯୋଗଶ୍ରେଣୀର ଅନେକ ଭଦ୍ରଲୋକ ପଣ୍ଡିତମଣ୍ଡଳୀରେ କର୍ତ୍ତୃକ ହୋଇ ରାଜ୍ୟସ୍ଥ ବାବୁ ଶ୍ରୀ ବଳିମଚନ୍ଦ୍ର ମଙ୍ଗରାଜ ମହାଶୟଙ୍କ ବୈଠକଖାନାରେ ବିଶ୍ରାମ କରି ଭଗବାନ ଓ ସ୍ୱଦେଶ ସେବକ କରି ରାତ୍ରି ଅବାସାଉଦ୍ଧ ହେଲେ ।

ଗ୍ରୀଷ୍ମର ଅତଶସ୍ୟ ହେତୁ ଅସ୍ମାମାନଙ୍କର ମେଡିକେଲ ମହୋଦୟଙ୍କ ଚର୍ମରୋଗ ଭାଇଜିତ ଦୁର ଏବଂ କାତର ହସ୍ପିଟାଲ କାର୍ଯ୍ୟମାନ ବନ୍ଦାଗ୍ରିଆ ହେଉଅଛି ।

ଉପରବର୍ଷ ଏ ଉଦ୍ଧାରେ ଅସ୍ତ୍ରସ୍ଥଳୀ ବସ୍ତୁ ପରିମାଣରେ ନାହିଁ ।

ଜ୍ୱର ଓ ବସନ୍ତର ପ୍ରକାରରେ ଅନେକଲୋକ ମରି ଯାଇଅଛନ୍ତି ।

ଅସ୍ମାମାନଙ୍କର ସୁଯୋଗ୍ୟ ସୁପରିଣ୍ଟେଣ୍ଡେଣ୍ଟ ମିଷ୍ଟର ଭାର ସାହେବ ମହୋଦୟ ଏଠାକୁ ଦସ୍ତଖତକ ଲୋକ ସହିତ ଗ୍ରାମରେ ନୂତନ ସ୍କୁଲ ବନ୍ଦୋବସ୍ତ ନ ୧୬ ଣ ଏବଂ ଡବଲପୁର ନ ୭ ଣ ଓ ଖାଇସିବା ସରକାରଙ୍କ ନିମନ୍ତେ ଏକଜଣ ଦୂରସ୍ଥ ସବଇନସପେକ୍ଟର-କାର୍ଯ୍ୟ ମଞ୍ଜୁର ବଡ଼ ଅନୁମୋଦ ହୋଇଥିବାରୁ ଆନନ୍ଦିତ ହେଲେ ।

ଶବର ସ୍ୱତନ୍ତ୍ରରେ କାର୍ଯ୍ୟର ସୁବିଧା ନିମନ୍ତେ ୫୦ଙ୍କ ମାନଖେଦ ସ୍ଥାନରେ ଏକ ବୃହତ ପାନ୍ଥ ଶାଳିତ ହୋଇଅଛି । ଏଣୁକରି ପଥ ଅନ୍ୟଥାଚ ହେଉନାହିଁ ।

କଟକ ଗ୍ରାହକମାନଙ୍କ ପରୀକ୍ଷା ଶେଷ ହୋଇଅଛି । ଉପର ବର୍ଷ ପାଠଶାଳା ସଂଖ୍ୟା କମ ଥିଲା ।

କଞ୍ଚାଳ ଉକ୍ତ ଧନ୍ୟ ଗ୍ରାହକମାନଙ୍କ ଅତଃ ଉକ୍ତଅଧିକ ଏକତ୍ରରେ ଅସୁସ୍ଥିତାରୁ ପାଇବାପରେ କଷ୍ଟ ଅନୁଭବ ହେଉଅଛି ।

ରୌପିକ ଶ୍ରୀ ବନମାଳୀ ସ୍ୱାମୀ ଏଠାକୁ ଦସ୍ତଖତ କରି ଅସ୍ମାମାନଙ୍କ ରାଜ୍ୟସ୍ଥ ବାବୁଙ୍କ ବୈଠକଖାନାରେ ଅବାସ କରି ଦର୍ଶକମାନଙ୍କୁ ଉପାୟ ଜ୍ଞାନ ଦାନ କରୁଅଛନ୍ତି । ଏ ମହୋଦୟ ବାସ୍ତବରେ ପୁଣ୍ୟାତ୍ମା ଅବଳ ବୋଧ ହେଉଅଛି । କାରଣ ବର୍ଣ୍ଣିତ ମାତ୍ରକେ ସାଧାରଣ ଲୋକର ଭକ୍ତି ଉଦ୍ରେକ ହେଉଅଛି । ଅଭ୍ୟାଗତଙ୍କ ଓ ନିର୍ଦ୍ଦେଶ୍ୟ ଅଟନ୍ତି । ଉଚ୍ଚିତମତର ବାବୁଙ୍କ ଉଦ୍ଧାରସ ଅଙ୍କିଅଛନ୍ତି ।

ଗଡ଼କୁ ପଶ୍ଚିମ ଦିଗ ଦେଇ ନଦୀଯାକୁ ଏକ ରାସ୍ତା ହୋଇଅଛି ଯାହା ରାସ୍ତା ମଧ୍ୟ ପଦସ୍ଥାପନକେ ଦିଆଇଛି । କାଳସିଂଭା ସରକାରଙ୍କ ମଣ୍ଡ଼ି ବଜେସବୁ ଦିବାକୁ କହିବା ରାସ୍ତାରୁ ଅଲଗା ଏକଠ ଦେଇ ଏବଂ ଗ୍ରାମ ସକଳ ପ୍ରସ୍ଥାଭାଗରେ ହୋଇଅଛି ଏବଂ ସୁବିଧା ନିମନ୍ତେ ସରକୁ ଗ୍ରାମମାନଙ୍କୁ ରାସ୍ତା ନ ଦବାରୁ ଏକ ପ୍ରଶସ୍ତ ନୂତନ ପଥ ନଦୀଯା ପର୍ଯ୍ୟନ୍ତ ନିର୍ମିତ ହୋଇଅଛି ।

ଅସ୍ମାମାନଙ୍କର ଅସିଷ୍ଟାଣ୍ଟ ମେନେଜର ବାବୁ ଶ୍ରୀ ଭରତ ଚନ୍ଦ୍ର ରାଉତ ମହାଶୟଙ୍କ କାର୍ଯ୍ୟକୁଶଳତାର ବସ୍ତାଲ ପ୍ରଜାଙ୍କର ସନ୍ତୋଷ ସ୍ୱାର ଦେଖା ଯାଉଅଛି ।

Digitized by srujanika@gmail.com

Split by PDF Splitter



ବାଇର୍ଗଡ଼ା ସବଡିଭିଜନର ଅସିଷ୍ଟାଣ୍ଟ ମେଜେଷ୍ଟର ବାବୁ ଶ୍ରୀ ପଦ୍ମନାଭ ସପ୍ରୁଙ୍କ କାର୍ଯ୍ୟପ୍ରଣାଳୀଦ୍ୱାରା ଉକ୍ତ ଡିଭିଜନର ପ୍ରଜାବର୍ଗ ସନ୍ତୋଷ ଥିବାର ଜଣାଯାଏ ।

ଭଦ୍ରକରେ ଗୋଟିଏ ଅପର ପ୍ରାଇମେରି ସ୍କୁଲ ବସାଇବାର ଚେଷ୍ଟା ଏଥିପୂର୍ବେ ବିଫଳ ହୋଇଥିଲା । ପଦ୍ମନାଭ ବାବୁ ମେଜେଷ୍ଟର ହୋଇ ସମସ୍ତ ପ୍ରଜା ଓ ମହାଜନମାନଙ୍କୁ ଡକାଇ ବୁଝାଇବାରେ ସେମାନେ ଚାନ୍ଦା ଦେଇ ସ୍କୁଲ କରିବାକୁ ସ୍ୱୀକୃତ ହେଲେ । ବର୍ତ୍ତମାନ ନୂତନ ସ୍କୁଲ ଗୃହ ନିର୍ମାଣର ଆରମ୍ଭ ହେଉଅଛି ।

ସ୍କୁଲ ଭଗୀରଥ ଖୋଲର ଛାତ୍ର ଜନାର୍ଦ୍ଦନ ୬ଷ୍ଠ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଥିବାରୁ ପଣ୍ଡିତଙ୍କ ସହ ୫ ୨୦୯ ଙ୍କା ପୁରସ୍କୃତ ହୋଇଅଛନ୍ତି ।

ବାଇର୍ଗଡ଼ା ସବଡ଼ିଭିଜନର ସ୍ଥାନ ସ୍ଥାନରେ ହଠାତ୍ ଜଳସ୍ରୋତ ମୁଷଳଧାର ପୂର୍ବକ ୨୦ ଓ ୩୦ ଘଣ୍ଟା ବର୍ଷଇ ବାଲେଶ୍ୱରକୁ ପ୍ରେରଣ କରି ଅନୁଚିତ ହୋଇ ଅଛନ୍ତି ।

ଅନ୍ତରୀତ ବାବୁ ଶ୍ରୀ ରାଧାମୋହନ ଦାସ ମହାଶୟ ଏଠ ଅଞ୍ଚଳ କାର୍ଯ୍ୟ ଶେଷ କରି ଭାଲେଟିରକୁ ଗମନ କରିଅଛନ୍ତି

## ପୁରୀ ସମ୍ବାଦ ।

ଏଠା ମିଉନିସିପାଲଟୀର ନୂତନ ବନ୍ଦୋବସ୍ତରେ କର-ଦାତାମାନଙ୍କ ଉପରେ ଯେଉଁ ପରିମାଣ ଟିକସ ଧାର୍ଯ୍ୟ ହୋଇଅଛି ତେତେଦିନ ହେଲା ତାହାର ନୋଟିସ ଜାରି ହୋଇଅଛି । ଏ ବନ୍ଦୋବସ୍ତରେ ଅଧିକାଂଶ ଲୋକଙ୍କ ଟିକସ ବୃଦ୍ଧି ହୋଇଥିବାରୁ ଅନେକ ଅପତ୍ତି ଦରଖାସ୍ତ ଦାଖଲ ହୋଇଅଛି ଏବଂ ସ୍ୱତ୍ୱାଧିକାରୀଙ୍କଠାରୁ ଅପତ୍ତି ଦରଖାସ୍ତ ସ୍ୱାକ୍ଷରିତ ହୋଇ ଗବର୍ଣ୍ଣମେଣ୍ଟଙ୍କ ସମୀପକୁ ପ୍ରେରିତ ହେବାର ଚେଷ୍ଟା ଘଟିଅଛି ।

ଏତ୍ତଣକାର ମୁନସଫ ଏଠାରେ ପଞ୍ଚମ କାର୍ଯ୍ୟଭାର ଗ୍ରହଣ କରି ଅଛନ୍ତି । ଏବଂ ବାବୁ ଛତ୍ରାନନ୍ଦ ଘୋଷ ଡ଼ି: ମାଜିଷ୍ଟ୍ରେଟ ଗତ ତା ୧ ରିଖେ ଉପସ୍ଥିତ ହେବାରୁ ବାବୁ ବ୍ରଜନାଥ ଦାସ ସ୍ୱଗ୍ରାମକୁ ପ୍ରସ୍ଥାନ କରିଅଛନ୍ତି ।

ଏବର୍ଷ ସ୍କୁଲଫାଇନାଲ ପରୀକ୍ଷାରେ ଯେଉଁ ଯେଉଁ ଛାତ୍ରମାନେ ଯେଉଁ ଯେଉଁ ବିଷୟରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ତହିଁର ତାଲିକା କମେଟିରେ ଦାଖଲ ହୋଇ ସରକାରୀ ଗେଜେଟକୁ ଯିବାର ପ୍ରସ୍ତାବ ହୋଇଅଛି ।

ଏକଜନ ଜଗନ୍ନାଥ ବଲ୍ଲଭର ପରମହଂସ ରଘୁନାଥ ମଠର ସମ୍ମୁଖ ଦାଣ୍ଡ ଉପରେ ବସିଥିବା ଜଣେ ବୈଷ୍ଣବକୁ କାରଣ ବଶତଃ ଉର୍ଦ୍ଧ୍ୱକାବଡ଼ ଘୋଷକୁ ପ୍ରହାର କରିବାର ପ୍ରମାଣ ହେବାରୁ ଉକ୍ତ ବୈଷ୍ଣବର ନାଲିଶରେ ପରମହଂସଙ୍କୁ ୫ ୩୦ ଙ୍କା ଅର୍ଥଦଣ୍ଡ ହୋଇଅଛି ।

ସମନକମିଶନରଙ୍କୁ ଏଠାରେ ଯେଉଁ ସାହି ଘାଟ ବାହାରେ ସେ ବେଳେ ତହିଁରେ ସର୍ବସ୍ୱାନ୍ତ ହୋଇ ସୁଦ୍ଧା ଚଳିତ ହୁଅନ୍ତି ନାହିଁ । ବନ୍ଦ ଯାହା କେତେବର୍ଷ ହେଲା ଲୋପ ହୋଇ ଯାଇ ଅଛି । କେବଳ ଜାଗାଯାଗାରେ ଶ୍ରୀ ଚଉକ ଘାଟ ଜମିବ ହେଉଅଛି ।

ଏଠା ରେଭିନ୍ୟୁ ଡେ: କୁର୍କ ବାବୁ ଗୋପୀନାଥ ନାଏକ ରଣପୁର ମେନେଜର ପଦରେ ନିଯୁକ୍ତ ହୋଇ ଏଠାରୁ ପ୍ରସ୍ଥାନ କରି ଅଛନ୍ତି ।

ଅନାବୃଷ୍ଟି ମଧ୍ୟରେ ଷ୍ଟାଣଷ୍ଟ ହେବାରୁ କେତେକ ସ୍ଥଳମାନ ସଙ୍କୀର୍ଣ୍ଣ ହେଉଅଛି । ମାତ୍ର ଗତ ତା ୯ ରିଖେ ଅପରାହ୍ନର ସମୟ ମେଘ ଉଠାଇ କେବଳ ଧୂଳିମୟ କରି ଯାଇରେ ନିବୃତ୍ତ ହୋଇଅଛି । ଇତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳ-ଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଆପଣାର ବିଦ୍ୟା ବୁଦ୍ଧି ବଳରେ ପ୍ରତିଷ୍ଠା ଲଭିବାକୁ, ସ୍ୱୀୟ ଶକ୍ତିର ସଦ୍ବ୍ୟବହାରଦ୍ୱାରା ସୁଫଳ ଉତ୍ପନ୍ନ କରିବାକୁ ଅଧିକାଂଶ ଲୋକ ଚାହାନ୍ତି ନାହିଁ । ଅନ୍ୟର ପରିଶ୍ରମପ୍ରସୂତ ସୁଫଳର ଅଂଶଭାଗୀ ହେବା ଅନେକର ବାସନା ସେଥି ସକାଶେ ଅମ୍ଭମାନଙ୍କର ଦେଶରେ ଅସଲ ବସ୍ତୁ ଅପେକ୍ଷା ନକଲର ସଂଖ୍ୟା କ୍ରମେ ବଢ଼ୁଅଛି । ଗତ ସପ୍ତାହର ଉତ୍କଳଦୀପିକାରେ ଶ୍ରୀମତୀ —ଙ୍କର "ମୋହର ଈଶ୍ୱର" ଶୀର୍ଷକ ଗୋଟିଏ କବିତା ପ୍ରକାଶିତ ହୋଇଅଛି । ରଚୟିତ୍ରୀ ଉକ୍ତ କବିତାଟି "ଗୋଟିଏ କବିତାର ଭାବ ନେଇ ରଚିତ ହୋଇଥିବାର ପରିଚୟ ଦେଇଅଛନ୍ତି କିନ୍ତୁ ପାଠକମାନେ ଟିକିଏ ଆୟାସ ସ୍ୱୀକାର ପୂର୍ବକ ସପ୍ତମ ଖଣ୍ଡ "ନବ୍ୟଭାରତର" ପ୍ରଥମ ସଂଖ୍ୟାରେ (୧୨୯୬ ସାଲ, ବୈଶାଖର ସଂଖ୍ୟା) ପ୍ରକାଶିତ ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ଦାସଙ୍କର ବିରଚିତ "ଈଶ୍ୱର" ଶୀର୍ଷକ କବିତାର ସହିତ ଶ୍ରୀମତୀଙ୍କର ଉକ୍ତ କବିତା ମିଳାଇ ଦେଖିଲେ ଜାଣି ପାରିବେ ଯେ, ଶେଷୋକ୍ତ କବିତାଟି ପୂର୍ବୋକ୍ତ କବିତାର ଭାବ ନେଇ ରଚିତ ନୁହେ, କିନ୍ତୁ ତାହାର ଅବିକଳ ଅନୁବାଦ ମାତ୍ର । ଶ୍ରୀମତୀଙ୍କର କବିତା ଯେବେ ଶ୍ରୀମାନଙ୍କର କବିତାର ଅବିକଳ ଅନୁବାଦ ହେଲା, ତେବେ ତାହାକୁ ଭାଷାନ୍ତରିତ ବୋଲି ପରିଚୟ ନ ଦେଇ "ଭାବ ନେଇ ରଚିତ" ବୋଲି ପରିଚୟ ଦେବାରେ ତଦ୍ଦ୍ୱାରା ରଚୟିତ୍ରୀଙ୍କର ଅନୁଚିତ ଅଭିପ୍ରାୟ ପ୍ରକାରାନ୍ତରେ ପ୍ରକାଶ ପାଉ ନାହିଁ କି ? ଏହା ଦେଖି ଶ୍ରୀମତୀଙ୍କର ଯେଉଁ ସବୁ କବିତା ଇତିପୂର୍ବେ "ଉତ୍କଳଦୀପିକାରେ" ପ୍ରକାଶିତ ହୋଇଅଛି, ତାହା ତାହାଙ୍କର ସ୍ୱମସ୍ତିଷ୍କପ୍ରସୂତ କି ନା, ତଦ୍ବିଷୟରେ ଅମ୍ଭମାନଙ୍କର ଗଭୀର ସନ୍ଦେହ ଜନ୍ମିଅଛି ।

କୌଣସି କବିତାର ଭାବ ନେଇ କବିତା ରଚନା କରିବା ଏବଂ ତାହାର ଅବିକଳ ଅନୁବାଦ କରିବା, ଦୁଇ କଦାପି ଏକ ବସ୍ତୁ ନୁହେ—ଏକଥା ସର୍ବବାଦୀ ସମ୍ମତ । "ଭାବ ନେଇ ରଚିତ" କବିତା ଏବଂ ମୂଳ କବିତା, ଏହି ଉଭୟ କବିତା ମଧ୍ୟରେ ଭାବର ସାମଞ୍ଜସ୍ୟ ଥାଇ ପାରେ—କିନ୍ତୁ ସେମାନଙ୍କର ଭାଷା ଯେ ସମ୍ପୂର୍ଣ୍ଣ ନୂତନ ହେବ, ତହିଁରେ ଆଉ କିଛି ସନ୍ଦେହ ନାହିଁ । ଭାବ ନେଇ କବିତା ରଚନା କରିବାରେ ଯଥେଷ୍ଟ ବାହାଦୁରୀ ଅଛି । ଏ-କାର୍ଯ୍ୟରେ ଯେଉଁମାନେ ସିଦ୍ଧହସ୍ତ, ସେମାନଙ୍କର ଅସାଧାରଣ ନୈସର୍ଗିକ ଶକ୍ତିକୁ ଅମ୍ଭେମାନେ ମୁକ୍ତକଣ୍ଠରେ ପ୍ରଶଂସା କରୁଁ । ହେମଚନ୍ଦ୍ର, ରାଜକୃଷ୍ଣ, ନବୀନଚନ୍ଦ୍ର ପ୍ରଭୃତି ବଙ୍ଗଦେଶର କ୍ଷଣଜନ୍ମା ପ୍ରାତଃସ୍ମରଣୀୟ କବିମାନେ ଅନେକ ବିଦେଶୀୟ କବିତାର ଭାବକୁ ସ୍ୱଦେଶୀୟ ଓ ସ୍ୱଜାତୀୟ ପରିଚ୍ଛଦରେ ବିଭୂଷିତ କରି ଅମ୍ଭମାନଙ୍କର ଆନ୍ତରିକ ଶ୍ରଦ୍ଧା ଓ ଭକ୍ତିର ପାତ୍ର ହୋଇ ଅଛନ୍ତି । ସେଦିନ ଜଷ୍ଟିସ ଶ୍ରୀଯୁକ୍ତ ଗୁରୁଦାସ ବନ୍ଦ୍ୟୋପାଧ୍ୟାୟ ମହାଶୟ ପରଲୋକଗତ ବଙ୍କିମଚନ୍ଦ୍ରଙ୍କର ସ୍ମରଣାର୍ଥ ସଭାରେ ସଭାପତିର ଆସନ ଗ୍ରହଣ କରି କହିଥିଲେ ଯେ, "ବଙ୍କିମ ବାବୁଙ୍କର "ଦୁର୍ଗେଶନନ୍ଦିନୀ" ସ୍କଟ ସାହେବଙ୍କର "ଆଇଭେନ୍‌ହୋ" ନାମକ ଗ୍ରନ୍ଥର ଛାୟା ନେଇ ରଚିତ ହୋଇଥିଲେହେଁ ପୂର୍ବୋକ୍ତ ଗ୍ରନ୍ଥ ଖଣ୍ଡି ଶେଷୋକ୍ତ ଗ୍ରନ୍ଥାପେକ୍ଷା ଉତ୍କୃଷ୍ଟ ହୋଇଅଛି ।"

ଯାହା ଯେପରି, ତାହାକୁ ସେହିପରି ଭାବରେ ପ୍ରଦର୍ଶନ କରିବା ଉଚିତ । କଭୁ ବା ପ୍ରକାରାନ୍ତରେ ଅସତ୍ୟର ଆଶ୍ରୟ ଗ୍ରହଣ କରିବାକୁ ନୁହେଁ । ଗୋବିନ୍ଦବାବୁଙ୍କର କବିତାକୁ ଭାଷାନ୍ତରିତ କରି ତାହା ସରଳଭାବରେ ସ୍ୱୀକାର କରିଥିଲେ ଅମ୍ଭମାନଙ୍କର ବିବେଚନାରେ ଭଲ ହୋଇ ଥା'ନ୍ତା । ରଚୟିତ୍ରୀ ଉତ୍କଳ ସାହିତ୍ୟାକାଶର ବାଳରବି—ସେହି ବାଳାରୁଣ କିରଣ ସମ୍ପାତରେ ଅଜ୍ଞାନ ତିମିରାବୃତା ଏତଦ୍ଦେଶୀୟ ନାରୀମାନଙ୍କର କାଳେ ଅଶେଷ ମଙ୍ଗଳ ସାଧିତ ହେବାର ସମ୍ଭାବନା ଆଶାରେ ଅମ୍ଭେମାନେ ଏହି ପ୍ରବନ୍ଧରେ ତାହାଙ୍କ ପ୍ରତି ଟିକିଏ ମିଠା-କଡ଼ା କଥା ପ୍ରୟୋଗ କରିବାକୁ ନିତାନ୍ତ ବାଧ୍ୟ ହେଲୁଁ । ସେ ରବି, ଅମ୍ଭେମାନେ ରାହୁ—ଉଦୟର ପଶ୍ଚାତରେ ରାହୁ ଅଛି ମନେ ରଖି ଏଥର ସେ ଯେତେବେଳେ ସାହିତ୍ୟକ୍ଷେତ୍ରରେ ଅବତୀର୍ଣ୍ଣ ହେବେ; ସେତେବେଳେ ରାହୁଗ୍ରାସରୁ ମୁକ୍ତ ହେବା ସକାଶେ ପ୍ରୟାସୀ ହେବେ । ଅମ୍ଭେମାନେ ଜାଣୁଁ, ତାହାଙ୍କର ନୈସର୍ଗିକ କ୍ଷମତା ଅଛି ଏବଂ ସେହି କ୍ଷମତାର ସଦ୍ବ୍ୟବ-

Digitized by srujanika@gmail.com

Split by PDF Splitter



ଦ୍ୱାର କରିବା ସକାଶେ ଯଥେଷ୍ଟ ଅବକାଶ ମଧ ଅଛି । ତାହାଙ୍କର ପ୍ରେମାମୃତପୂର୍ଣ୍ଣ ଲେଖନୀ-ପ୍ରସୂତ କବିତାରସ ପାନ କରିବା ସକାଶେ ଆମ୍ଭମାନଙ୍କର ହୃଦୟ ଉତ୍କଣ୍ଠିତ ଓ ପିପାସାରେ ଏଣିକି ବ୍ୟାକୁଳ ରହିଲା । କିମଧିକମିତି ।

ଶ୍ରୀ ଅନଙ୍ଗମୋହନ ଚକ୍ରବର୍ତ୍ତୀ
ବାଖରାବାଦ—କଟକ

---

ମହାଶୟ !

"ପିତୃଭକ୍ତି" ନାମକ କ୍ଷୁଦ୍ର ପୁସ୍ତିକା ଶ୍ରୀଯୁକ୍ତ ବାବୁ ଶଶିଭୂଷଣ ରାୟଙ୍କ ଦ୍ୱାରା ପ୍ରକାଶିତ । ୰ପଶ୍ଚିମେଶ୍ୱର ଶିବଙ୍କ ପବିତ୍ର ନାମରେ ଉତ୍ସୃଷ୍ଟ ଏବଂ ବିନାମୂଲ୍ୟ ବିତରଣ ।

ପୁସ୍ତିକା ଖଣ୍ଡି ପାଠକର ଉପାଦେୟ ହେବ । ଭାରତୀୟ ଆର୍ଯ୍ୟ ଜାତିଠାରୁ କୌଣସି ମହତ୍ତ୍ୱର ଭାବ ଅନ୍ୟ ପୃଥିବୀ ପୃଷ୍ଠରେ ଦୃଷ୍ଟି ଗୋଚର ହୁଏ ନାହିଁ । ଏହା ନିର୍ବିବାଦ ସତ୍ୟ । ଏ ଜାତି ଏପରି ମହତ୍ତ୍ୱ କେଉଁଠୁ ଲାଭ କରିଥିଲେ, ତାହାର ମୂଳ କାରଣ ଭକ୍ତି ଓ ପ୍ରେମ । ପିତା-ମାତା ଜନ୍ମଦାତା--ସାକ୍ଷାତ ସୃଷ୍ଟି କର୍ତ୍ତା--ଦେବତା । ସନ୍ତାନ ଜ୍ଞାନ ଲାଭକରି ଏହି ସାକ୍ଷାତ୍ ଦେବତାର ପୂଜାକରୁ । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳରେ ଦେବତା ଖୋଜି ବୁଲିବାର ପ୍ରୟୋଜନ କି ? ଗୃହରେ ସ୍ୱର୍ଗ, ଗୃହରେ ଧର୍ମ, ଗୃହରେ ପରମତପ ସାଧନର ଉପକରଣ ବିଦ୍ୟମାନ ।

ପିତା ସ୍ୱର୍ଗଃ ପିତା ଧର୍ମଃ ପିତା ହି ପରମନ୍ତପଃ ।
ପିତରି ପ୍ରୀତିମାପନ୍ନେ ପ୍ରୀୟନ୍ତେ ସର୍ବଦେବତାଃ ।

ଏ ମହାନ୍ ବୈଦିକ-ହିନ୍ଦୁସ୍ଥାନ, ସମାଜ ଓ ଧର୍ମର ପବିତ୍ର ଭୂମି । ଏହି କ୍ଷୁଦ୍ର ଗ୍ରନ୍ଥଟି ପବିତ୍ର-ଆର୍ଯ୍ୟ-ହିନ୍ଦୁ ସମାଜରୂପ ମହା କଳ୍ପବୃକ୍ଷର ଉତ୍ପତ୍ତି । କଳ୍ପସ୍ଥାୟୀ ହୃକ୍ତ କଣ୍ଟକାକୀର୍ଣ୍ଣ, କାଳରେ ପାଶ୍ଚାତ୍ୟ ଶିକ୍ଷାର ପ୍ରବଳ ବାତ୍ୟା-ଘାତରେ ଭଗ୍ନ-ଶାଖ ଓ ଜର୍ଜ୍ଜରିତ ପ୍ରାୟ ହୋଇ ଅଛି । ସାଧୁ ସେହି ଆର୍ଯ୍ୟ ସନ୍ତାନ । ଯେ ଜ ଏହାର ଦଶା ଚକ୍ଷୁରେ ଦେଖି ପାରିବେ ଏବଂ ପ୍ରତିବିଧାନର ଚେଷ୍ଟା କରିବେ । ସାଧୁ ଶ୍ରୀମାନ ଶଶିଭୂଷଣ-ଶଶି-ଶେଖର, ;୰ପଶ୍ଚିମେଶ୍ୱର ଶିବ-ଭୂମିର ସମ୍ବାଦ ଓ ମନର ଶିବ ସାଧନ କରନ୍ତୁ ଏବଂ ତୁମ୍ଭଙ୍କୁ ଆଶୀର୍ଷ ପ୍ରଦାନ କରନ୍ତୁ । ତୁମ୍ଭେ ତାହାଙ୍କର ଯଥା ଭକ୍ତି-ସିଦ୍ଧ ମାତୃ ଚରଣ ପୂଜା-କର, ( ଯାଦୃଶୀ ଭାବନା ଯସ୍ୟ-ସିଦ୍ଧିର୍ଭବତି ତାଦୃଶୀ) ଏବଂ ତୁମ୍ଭ ପ୍ରକାଶିତ ପୂର୍ବୋକ୍ତ ଭକ୍ତି-

ମହା ମନ୍ତ୍ର-ବୀଜ ଉତ୍କଳର ଗୃହେ୨ ବୁଣିଦିଅ ଇତି ।

ମଞ୍ଚଶାଦଳ
୩୦।୩।୯୫ } ଶ୍ରୀ ଭୋଳାନାଥ ସାମନ୍ତରାୟ

—✻—

To the Editor, Utcal Dipika,
Cuttack.

Sir,

Kindly allow me a space in your well-esteemed journal for the following few lines.

The annual distribution of prizes to the students of the Kendrapara Girls' school came off on Sunday last. At the instance of the several gentlemen present on the occasion, Babu Annada Prasad Bagchi was voted to the chair. The Asstt. Secretary Babu Bimbadhar Das then read out the report of the previous year from which it was found that a girl had successfully passed the Lower Primary Examination last year. He then thanked the Local Zemindars &c. for their kind liberality towards the maintenance of the school since its establishment by Mrs. A. Frazer. Babu T. P. Acharya then read out a list of the donors who had subscribed for the present occasion prominent among whom were Babu Tara Prasana Acharya, Babu Annada Prasad Bagchy, Babu Balram Bhramarbar Rai, Babu Syamsunder Narendra, Babu Srikrishna Chatterji, Maulvi Waris Ali, Babu Bimbadhar Das, Babu Jogendranath Mukherji and Babu Gobind Prasad Das.

The president then having thanked the assembly, the meeting broke up.

Kendrapara, } *An interested spectator.*
6—4—95. }

---

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ସଦାନନ୍ଦ ଦାସ ବି.ଏ | ଟ ୧୲ |
| ,, ରଘୁନାଥ ବୋଷ ,, | ଟ ୩୲ |
| ,, କାଶୀନାଥ ସାହୁ ଅଧ୍ୟାପକ | ଟ ୩୲ |
| ,, ଗୋବିନ୍ଦଚନ୍ଦ୍ର ବର ଜାଲକୁଦା | ଟ ୩୲ |
| ,, କମଲଲୋଚନ ମିଶ୍ର ବି.ଏ | ଟ ୨୲ |
| ,, ସଦାନନ୍ଦ ବେହେରା ,, | ଟ ୩୲ |
| ,, ବୈକୁଣ୍ଠନାଥ ଦତ୍ତ ,, | ଟ ୧୲ |
| ,, ଦିବାକର ମିଶ୍ର ଗୌଡ | ଟ ୨୲ |
| ,, କାଶୀନାଥ ଦାସ ମାଲୁଦ | ଟ ୩୲ |
| ,, ହରିଚରଣ ବାନାର୍ଜୀ | ଟ ୩୲ |
| ,, ମାର୍ଣ୍ଣିକରଜ ଘଲ | ଟ ୧୲ |
| ,, ଲକ୍ଷ୍ମୀଧର ଶତ୍ରଙ୍ଗି ପଟ୍ଟନାଇକ | ଟ ୨୲ |
| ,, ପରମାନନ୍ଦ ଦାସ ଗୁଞ୍ଜବର୍ଦ୍ଧନ | ଟ ୩୲ |
| ,, ସ୍ୱପନ ପଣ୍ଡିତଙ୍କ ପୋଷ୍ଟ ଅଫିସ | ଟ ୧୲ |
| ,, ବେନେଲ ବେଳା | ଟ ୩୲ |
| ,, ଘଣ୍ଟାଶ୍ୟାମ ସାହୁ କଲେକ୍ଟର | ଟ ୩୲ |

---

# ବିଜ୍ଞାପନ ।

## ଶ୍ରୀମଦ୍ଭାଗବତ !

### ଏକାଦଶସ୍କନ୍ଧ ।

ଜଗନ୍ନାଥଦାସଙ୍କ ବିରଚିତ ଯେଉଁ ଏକାଦଶ-ସ୍କନ୍ଧ ଏହି ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ଉତ୍କଳଖଣ୍ଡର ସର୍ବତ୍ର ପ୍ରଚଳିତ ହୋଇ ଅଛିଥିଲା, ବର୍ତ୍ତମାନ ସେହି ଏକାଦଶସ୍କନ୍ଧର ନୂତନସଂସ୍କରଣ ବାହାରିଅଛି । ଯେଉଁ ସ୍ଥଳମାନ ପ୍ରକୃତ ସହିତ ବିଶେଷ ଅମେଳ ଥିଲା ତାହା ସଂଶୋଧିତ ହୋଇଅଛି । ପ୍ରତି ଅଧ୍ୟାୟର ଏବଂ ପ୍ରତି ପ୍ରଶ୍ନର ପ୍ରାରମ୍ଭରେ ସଂସ୍କୃତ ଶ୍ଳୋକମାନ ସନ୍ନିବିଷ୍ଟ ହୋଇଅଛି । ଅଉ ଶୁକଦେବଙ୍କଠାରୁ ଋଷିମାନେ ନୈମିଷାରଣ୍ୟରେ, ପରୀକ୍ଷିତ ମହା ରାଜା ଗଙ୍ଗାତୀରରେ ଭାଗବତ ଶ୍ରବଣ କରୁଥିବା-ଭାସ୍ୱରବର ଶ୍ରୀ କୃଷ୍ଣଙ୍କର ପାଦପଦ୍ମରେ ଶରଣ ହେବା ଓ ବୈକୁଣ୍ଠଧାମରେ ଲକ୍ଷ୍ମୀନାରାୟଣ ବିଜେ କରିଥିବା ବିଷୟର ସୁନ୍ଦର୨ ଚିତ୍ରମାନ ପ୍ରଦତ୍ତ ହୋଇଅଛି । ମୂଲ୍ୟପୂର୍ବେ ଟ ୦୩ ଥିଲା ଗ୍ରାହକମାନଙ୍କ ସୁବିଧା ନିମନ୍ତେ ଏ ସଂସ୍କରଣର ଚିତ୍ରମ ବଢାଇ ପୁସ୍ତକର ଅଭ୍ୟନ୍ତର ମୂଲ୍ୟ ଟ ୦ ୫ ଧାର୍ଯ୍ୟ ହୋଇଅଛି ।

---

## ବିଜ୍ଞାପନ ।

ଅମ୍ଭେ ଅନାଦିଧର୍ମ ପ୍ରଚାର କରିବା କାର୍ଯ୍ୟରେ ଚଳିତ ଏପ୍ରେଲମାସ ତା ୯ ଋଖରେ ଏହି କଟକ ମଙ୍ଗଳାବାଗ ଅନାଦିଧର୍ମ ପୁସ୍ତକାଳୟଠାରୁ ଯାତ୍ରା କରି ଯାଜପୁର, ଭଦ୍ରଖ, ବାଲେଶ୍ୱର ଏବଂ କୋଣ୍ଟାଇ, ସୋରୋ, ଇତ୍ୟାଦି ସ୍ଥାନମାନଙ୍କରେ ଉକ୍ତ ଧର୍ମପ୍ରଚାର କରି ବୈଶାଖ-ପୂର୍ଣ୍ଣିମାଦିନ କାଲେଶ୍ୱରଠାରେ ଧର୍ମପ୍ରଚାରକ ଉତ୍ସବ କାର୍ଯ୍ୟ ସମାଧାକରି ମେଦିନୀପୁର ଅଞ୍ଚଳକୁ ଯାତ୍ରା କରିବୁଁ ଇତି ।

ପ୍ରକାଶ ଥାଉକି ଅମ୍ଭେ ଉକ୍ତ ଭ୍ରମଣ କାର୍ଯ୍ୟରୁ ଫେରି ଆସିବା ପର୍ଯ୍ୟନ୍ତ ଏହି ପୁସ୍ତକାଳୟ ବନ୍ଦ ରହିବ ।

ଶ୍ରୀ ଗଙ୍ଗାଧର ବ୍ରାହ୍ମ ଅବଧୂତ ମହାରାଜ ।

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ନୂତନ ନୂତନ ନୂତନ

କବି କର୍ଣ୍ଣ ବିରଚିତ

ସତ୍ୟଭାମାସ୍ବୟମ୍ବର କଳ୍ପଲତା ମୂଲ୍ୟ ଟ ୦/ ଏକଅଣା
ପଦ୍ମଲୋଚନ ଚାଳ ମୂଲ୍ୟ ଟ ୦/
ମର୍ଦ୍ଦରାଜ କଳ୍ପଲତା ମୂଲ୍ୟ ଟ ୦⁄

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଅଳ୍ପାଳ୍ପ ମାତ୍ର ସମସ୍ତ ଅଛି

---

## NOTICE

THE

# DWIBHASI.

*SECOD EDITION IS OUT AND AVAILABLE FOR SALE.*

To be had of the Printing Company Cuttack.

*Price four annas.*

## ଦ୍ୱିଭାଷୀ ।

ଦ୍ୱିତୀୟ ସଂସ୍କରଣ ଛପା ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମୂଲ୍ୟ ଚାରିଅଣା ।

---

## NOTICE.

Wanted a 2nd Grade Civil Court Amin for the District of Cuttack. Salary Rs. 50 fixed.

A thorough knowledge of Surveying, Levelling and Estimating is ndispensably neccessary. None need apply who has not passed the Public Works Department Overseer's Examination in one of the Engineering Colleges, or a Government Survey school final examination with credit, and can draw maps and plans accurately and neatly.

Preference will be given to one who understands Uriya in addion to the above qualifications.

Applications with testimonials in original and specimens of drawings will be received by the undersigned upto the first May 1895.

Cuttack Judge's office } F. G. Pargiter,
The 16th March 1895. } *District Judge.*

---

## NOTICE.

Wanted a Permanent Work's Sirkar for Kendrapara Local Board, with a thorough knowledge of Surveying and Road making. Salary Rs. 20. per month. Preference will be given to English speaking candidates. Application by post, ( with copies of testimonials ) will be received by the undersigned up to 15th. April 1895.

A. C. Weight,
*Vice-Chairman.*
LOCAL BOARD.

---

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ଦାର୍ଢ୍ୟତାଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୭୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲଜନଙ୍କେ ଡାକମାସୁଲ ଟ ୦/

---

CHEAP ! CHEAP ! CHEAP !

## SCHOOL BOOKS.

Prescribed for the Collegiate school and H. E. schools.

## JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଅମଦାନୀ ହୋଇ ଆସିଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ପ୍ରାପ୍ତବ୍ୟ ।

---

# ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ତେଇଶତ ।

ଅ ତ ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଚୂନେଡ଼ ପ୍ରଭୃତି ସୁମଧୁର-ସ୍ୱରର ଅତ୍ୟୁତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ବଙ୍ଗୀତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

---

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ କମ୍ପାଲ୍‌ଏକେଣ୍ଟ ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ଉଷାବତୀହରଣ ମୂଲ୍ୟ ଟ ୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି

---

## NOTICE.

Wanted a second teacher for the Cuttack Roman Catholic Middle English School. Preference will be given to an experienced teacher of active habits. Applications will be received up to 15th Inst.

Cuttack, } Piary Mohan Shen,
The 3rd April, } *Dy. Inspector of schools*
1895, } Cuttack,

---

## ବିଜ୍ଞାପନ ।

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ, ଓୟାଲ୍‌ମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଲେଶରେ ପାଇପାରିବେ ।

---

ହଜାରେ ଟଙ୍କା ପୁରସ୍କାର ।

# BISHAHARI.

# ବିଷହରି ।

## ହତାଶ ହୁଅ ନାହିଁ ।

ଡାକ୍ତର ଶ୍ରୀ ଶଶିଭୂଷଣ ଚମ୍ପାପ ମହାଶୟଙ୍କ ଉପଦଂଶ ଓ ପାରଦଜନିତ ଘାର ଅବ୍ୟର୍ଥମହୌଷଧ ସେବନ କର । ଏତଦ୍ଦ୍ୱାରା ସକଳ ପ୍ରକାର ପାରଦ ଓ ଉପଦଂଶ ଜନିତରୋଗ ୨ ୧୫ ଦିନ ଓ ପ୍ରମେହ ୨ ୩ ଦିନ ନିଶ୍ଚୟ ଆରୋଗ୍ୟ ହୁଅନ୍ତି । ଏଥିରେ କୁଷ୍ଠ ଆରୋଗ୍ୟ ହେଉଅଛି, ଏହା ଦେଶୀୟ ବୃକ୍ଷରୁ ରସାୟନିକ ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ଖାଦ୍ୟବର୍ଜ୍ଜିତ । ଯାହା ଦ୍ୱାରା ବଲେ ହଜାରେ ଟଙ୍କା ପୁରସ୍କାର ଦେବୁଁ । ମୂଲ୍ୟ—ସେବନୀୟଔଷଧର ଟ ୧ ଙ୍କା, ଲେପନଙ୍କର ଟ ୧ ଙ୍କା, କୁଷ୍ଠରୋଗର ଦାମ ଟ ୪ ଙ୍କା, ଖାଦ୍ୟ ଓ ଡାକ ଟ ୦ ।୵ ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ପୋଷ୍ଟରେ ପଠାଯିବ ।

Digitized by srujanika@gmail.com

Split by PDF Splitter



"ପ୍ରଧାନ ଏଜେଣ୍ଟ ମେସାର୍ସ ବଟକୃଷ୍ଣ ପାଲ ଏଣ୍ଡ କୋଂ, ଶୋଂଖାପଟ୍ଟୀ, ଚନାବଜାର କଲିକତା"

କଟକର ଏଜେଣ୍ଟ
ଡାକ୍ତର ଏଲ୍, ଏନ୍, ଜାସ୍ପର
ଇଷ୍ଟିଉସନ୍ସ ମେଡିକାଲହଲ ।
କଟକ ଓଡିଶା

# ବିଜ୍ଞାପନ ।

## ଶୂଳାପହଚୂର୍ଣ୍ଣ ।

ନୂତନ ଓ ସମ୍ପୂର୍ଣ୍ଣ ପାକ୍ତବର୍ଜିତ
ପରୀକ୍ଷିତ—ପରୀକ୍ଷିତ—ପରୀକ୍ଷିତ ।

ଏହି ଔଷଧ ବ୍ୟବହାରରେ ବାତଜ, ପିତ୍ତଜ, ଶ୍ଳେଷ୍ମଜ, ଅନ୍ନଜ ଓ ପରିଣାମଶୂଳ ଇତ୍ୟାଦି ସର୍ବପ୍ରକାର ଶୂଳ ଓ ଅଗ୍ନିମାନ୍ଦ୍ୟ, ଅଜୀର୍ଣ୍ଣ, କୋଷ୍ଠବଦ୍ଧ, ଅମ୍ଳପିତ୍ତ ଉଦ୍ଗାର ଇତ୍ୟାଦି ସର୍ବପ୍ରକାର ଉଦରର ଯାତନା ଅଚିରାତ୍ ଆରୋଗ୍ୟ ହୁଏ । ଏହା ଆମ୍ଭର ବିଶେଷରୂପେ ପରୀକ୍ଷିତ ଔଷଧ ସପ୍ତାହ ସେବନ କଲେ ଯନ୍ତ୍ରଣାରୋଗାରୁ ଉଦ୍ଧାର ପାଇ ପାରିବେ ବିଶେଷ ଅତ୍ୟୁତ୍କୃଷ୍ଟ ବିଜ୍ଞାପନ ଲେଖିବା ନିଷ୍ପ୍ରୟୋଜନ (ଫଳେନ ପରିଚୀୟତେ) ଯେଉଁମାନେ ଶୂଳରୋଗାକ୍ରାନ୍ତ ହୋଇ ନାନାପ୍ରକାର ଔଷଧାଦିର ବ୍ୟବହାର କରି ପୁଣି ତିଳମାତ୍ର ଉପକାର ପାଇ ନାହାନ୍ତି ସେମାନେ ଅମ୍ଭ ଅବଶ୍ୟ ଏହି ନୂତନ ଔଷଧ ବ୍ୟବହାର କଲେ, ଅବଶ୍ୟ ସୁଫଳ ପାଇବେ ଏହା ଆମ୍ଭେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛୁଁ । ସାଧାରଣଙ୍କୁ ଅନୁରୋଧ ଯେ ଏହା ବ୍ୟବହାର କରି ରୋଗମୁକ୍ତ ହୁଅନ୍ତୁ ।

ଏଥିର ପ୍ରତି କୌଟାର ମୂଲ୍ୟ ଟ ୧ ଙ୍କା
ମୋଫସଲ ପାଇଁ ଡାକମାସୁଲ ଟ ୦ ।

ଏହି ଔଷଧ କଟକସ୍ଥ ଶ୍ରୀଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ଓ ଆମ୍ଭନିକଟରେ ପ୍ରାପ୍ତହେବ ଔଷଧସହିତ ବ୍ୟବସ୍ଥାପତ୍ର ଦିଆଯିବ ।

ଭୁବନପୁର
ସହର କଟକ
ବାବୁରାଧାଶ୍ୟାମ-
ସରକାରଙ୍କ ବସାରେ । } କବିରାଜ ଶ୍ରୀ କାଳକୃଷ୍ଣ ଦାସ ।

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କରଙ୍କ ସମ୍ମୁଖ ବସା ଗଳିଗୃହରେ ଆମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ବିଳାତ, ରେଶମୀ ଓ ମେର ଲୁଗା ଓ ଅନ୍ୟାନ୍ୟ ଷ୍ଟେସନେରି ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ଭଦ୍ର ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ମୂନଫା କରି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର କାହାଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରୀମ ପଠାଇଲେ ଭେଲୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ଷ୍ଟେସନରି ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଷ୍ଟମେଷ୍ଟ ପେନସିଲ | ଗୋ ୧ ଟ ୦ ।୵ |
| ଲାଲ ଓ ନୀଳ ପେନସିଲ୍ | ଗୋ ୧ ଟ ୦ ୵୧ |
| ଓଡ଼ିଆ ପେନସିଲ | ଦ ୧ ଟ ୦ ୵ |
| ନକସା କାଗଜ | ଦ ୧ ଟ ୦ ୵ |
| ଫୁଲସ୍କେପ୍ କାଗଜ ସରୁଆ | ଦ ୧ ଟ ୦ ୵ |
| ଏଜଲ ଗୁଲିବାଲ | ଦ ୧ ଟ ୦ ୵ |
| ଏଜଲ ନରୁଆ | ଦ ୧ ଟ ୦ ୵ |
| ଫାଉସୀନୋଟପେପର ଓ ଲଫାଫା | ଦ ୧ ଟ ୵ ୵ |
| ଡାକକାଗଜ ସରୁଆ | ଦ ୧ ଟ ୦ ୵ |
| ଏଜଲ ମଧ୍ୟମ | ଦ ୧ ଟ ୦ ୵ |
| ଲଫାଫା ସରୁଆ ସ୍ୱ୧୦୦ ଟ୦୵ | ଗୋ ୨୫ ଟ୦୵ |
| ଏଜଲ ମଧ୍ୟମ ସ୍ୱ୧୦୦ ଟ ୦ ।୵ | ଗୋ ୨୫ ଟ୦ ୧୯ |
| କାଲିକାଗଜ ୧୨ ପଣ | ଦ ୧ ଟ ୦ ୵ |
| ସୀବାଇ | ଗୋ ୧ ଟ ୦ ୵ |
| ଏଜଲ ଗୁଣ୍ଡି ଏହାକୁ ଅଧ-ଘୋଡାଏ ଜଳରେ ଘଷାଇ ଦୁଇଦିନ ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ଦ ୧ ଗୁଲ ଟ ୦ ୵ |
| ସ୍ଲେଟ ପେନସିଲ | ଦ ୧ ଟ ୦ ୵ |
| ରବର | ଖ ୧ ଟ ୦ ୵ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।୵ |
| ଲିଖା କଲମ (ନବ) ସରୁଆ | ଡ଼ ୧ ଟ ୦ ୵ |

| | |
|---|---|
| ଏଜନ ଛତା | ଡ଼ ୧ ଟ ୦ ୧୯ |
| ଏଜଲ୍ କଡ଼ିମାଗଜକୋନମ | ଗୋ ୧ ଟ ୦ ୧୨ |
| ହାତଦୁଆର ଘାଞ୍ଚି ସହିତ (ଜଇଷାବାଡ଼) | ଗୋ ୧ ଟ ୦ । |
| ଏଜଲ ସାଧାରଣ | ଗୋ ୧ ଟ ୦ ୵୨ |
| ଢଳାପିଡା ସରୁଆ | ଗୋ ୧ ଟ ୦ ୵ |
| ଦୋଉଆର ବେଗ ଗୃହସହିତ | ଗୋ ୧ ଟ ୦ ୵ |
| ମନିବେଗ | ଗୋ ୧ ଟ ୦ ୵ |
| ମୁଗୁନିପଥରର ଫଷ୍ଟିବିତ୍ତୁକା ଓ | |
| ରୁପେଇନକଷାବାଲ | ଗୋ ୧ ଟ ୨ |
| ଲେଟରବକ୍ସ | ଗୋ ୧ ଟ ୧ |
| ମେକସର ଅଏଲ | ଗୋ ୧ ଟ ୦ ୧ |
| ସାବୁନ ସରୁଆ | ଖ ୧ ଟ ୦ ୵୧ |
| ଫଲଦାନ | ଗୋ ୧ ଟ ୧ ୵ |
| ଦେବାଲଗିର ୨ଡାଲିଆ | ଗୋ ୨ ଟ ୪ |
| ଏଜଲ ଏକଡାଲିଆ | ଗୋ ୧ ଟ ୨ |
| ଟେବଲ | ଗୋ ୧ ଟ ୨ |
| ଥରମୋମିଟର | ଗୋ ୧ ଟ ୵ ୨ |
| ଛାତି | ଡ ୧ ଟ ୦ ୵ |
| ସାକପଘଡ଼ି | ଗୋ ୧ ଟ ୫ ୧ |
| ବନାତରୀ ସତ୍ତ୍ ଡୁସ | ଖ ୧ |
| ସିଡାଇବାକୁ ହୋଇଥିବା ଧାରରେ ଲକ୍ଷି କାନ୍ଧରେ ଝୁଲାଇ ଦେଖାଯିବା ପାଣ୍ଟରେ ଲଗାଇ ଦେଲେ ଧାଣି ପଡ଼ିବାର ବନ୍ଦ ହେବ ଶେ | ୧ ଟ ୦ । |

କଟକ
ଚୌଧୁରୀ ବଜାର } ଅସିତବରଣ ଦାସ କମ୍ପାନୀ

ଉତ୍କଳଦୀପିକାର, ବିଜ୍ଞାପନ ଛପାଇବାର ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ପ୍ରକାଶେ

| | |
|---|---|
| ଧାଡିପ୍ରତି | ଟ ୦ ୵ |
| ଅଧସ୍ତମ୍ଭ | ଟ ୪ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୯ |

ମାତ୍ର କୌଣସି ବିଜ୍ଞାପନ ଯେତେ ଅଳ୍ପ ହେଲେ ତହିଁର ଖର୍ଚ୍ଚା ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଖର୍ଚ୍ଚା ପ୍ରଥମଥର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ପ୍ରକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର, କଟକ ପ୍ରିଣ୍ଟିଙ୍ଗ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com